

ଦୀପ୍ତି ଶର୍ମା ସବୁଠୁ ଦାମୀ

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ♦ISSUE-152 ♦FRIDAY ♦28 NOVEMBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୫୨ ♦ଶୁକ୍ରବାର ♦୨୮ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ବିଧାନସଭାରେ ଜନପ୍ରତିନିଧିଙ୍କୁ ରାଷ୍ଟ୍ରପତିଙ୍କ ଗୁରୁମନ୍ତ୍ର

# ଉଚ୍ଚାରଣ, ଆଚରଣରେ ସଂଯମ ରହୁ

**ଗୃହରେ କ'ଣ କହୁଛନ୍ତି, କିପରି କହୁଛନ୍ତି ତାହା ସମସ୍ତେ ଜାଣି ପାରୁଛନ୍ତି**

**ଏଠାକାର ଆତ୍ମୀୟ ପରିବେଶ ମୋତେ ଭାବପ୍ରବଣ କରିଦେଇଛି**

**ଓଡ଼ିଶାରେ ନାରୀ ସଶକ୍ତିକରଣର ଏକ ପ୍ରାଚୀନ ପରମ୍ପରା ରହି ଆସିଛି**

**ଓଡ଼ିଶା କୋଳରେ ପ୍ରକୃତି ସବୁ ପ୍ରକାରର ପ୍ରାଚୁର୍ଯ୍ୟ ଅଜାଡ଼ି ଦେଇଛି**

**ଏହାର ସଦୁପଯୋଗ ଓଡ଼ିଶାକୁ ଅଗ୍ରଣୀ ପ୍ରଦେଶରେ ପରିଣତ କରିପାରିବ**

■ ଭୁବନେଶ୍ୱର, ୨୭।୧୧ (ସମିସ): ବର୍ତ୍ତମାନ ଟେକ୍ନୋଲୋଜିର ସମୟ, ଜନ ପ୍ରତିନିଧି ଭାବେ ଆପଣମାନେ ସାରା ରାଜ୍ୟରେ ଚିହ୍ନାମୁହଁ। ଆପଣମାନଙ୍କର ବହୁ ପ୍ରଶଂସକ ଏବଂ ଅନୁଗାମୀ ମଧ୍ୟ ରହିଛନ୍ତି। ଆପଣମାନେ କଣ କରୁଛନ୍ତି, କହୁଛନ୍ତି ତାହା ଜାଣିବା ପାଇଁ ସେମାନେ ଉତ୍ସୁକ ଥାଆନ୍ତି। ତେଣୁ ଆପଣମାନଙ୍କର ଉଚ୍ଚାରଣ ଓ ଆଚରଣ ଉଭୟ ମୂଲ୍ୟବାନ। ନେତା ଯାହା କରିବେ ଜନତା ତାହାକୁ ଅନୁସରଣ କରିବେ। ତେଣୁ ଆପଣମାନେ ନିଜ ଆଚରଣ ଏବଂ ଉଚ୍ଚାରଣକୁ ସଂଯମ ରଖିବାର ଆବଶ୍ୟକତା ରହିଛି ବୋଲି ପରାମର୍ଶ ଦେଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ।

ବୁଧବାର ଅପରାହ୍ନରେ ବିଧାନସଭାକୁ ସମ୍ବୋଧନ କରି ରାଷ୍ଟ୍ରପତି କହିଛନ୍ତି ଯେ ଆଜି ଘରକୁ ଆସିଲା ପରି ଲାଗୁଛି। ଦେଶର ଏକାଧିକ ରାଜ୍ୟ, ରାଜ୍ୟ ବିଧାନସଭା, ବିଶ୍ୱର କେତେକ ଦେଶର ସଂସଦକୁ ସମ୍ବୋଧନ କରିବାର ସୁଯୋଗ ଲାଭ କରିଛି। ମାତ୍ର ଓଡ଼ିଶା ବିଧାନସଭାକୁ ସମ୍ବୋଧନ କରିବା ମୋ ପାଇଁ ଖୁସିର ବିଷୟ। ମୁଁ ଗାଁରୁ ଏକ ସାଧାରଣ ଝିଅ ହୋଇ ଆସିଥିଲି। ଏହି ଗୃହ ମୋତେ କଥା କୁହା ଶିଖାଇଛି। ଆଜି ମୁଁ ଯେଉଁଠି ଅଛି ତାହାର ସମସ୍ତ ଶ୍ରେୟ ଏହି ଗୃହର। ଯଦି ଓଡ଼ିଶାର ଜନସାଧାରଣ, ଜଗନ୍ନାଥଙ୍କର ଆଶୀର୍ବାଦ ନଥାନ୍ତା, ତାହେଲେ ମୁଁ ଆଜି ଯେଉଁଠି ଅଛି ସେଇଠି ପହଞ୍ଚି ପାରିନଥାନ୍ତି ବୋଲି ରାଷ୍ଟ୍ରପତି କହିଛନ୍ତି। ସେ ପୁଣି କହିଛନ୍ତି ଯେ ଏହି ଗୃହରେ ମୁଁ ବିଧାୟକ ଭାବେ ପ୍ରଶ୍ନ ପଚାରିଛି। ମନ୍ତ୍ରୀ ଭାବେ ବିଭିନ୍ନ ପ୍ରଶ୍ନର ଉତ୍ତର ମଧ୍ୟ ଦେଇଛି। ବିଭିନ୍ନ ସ୍ଥାୟୀ



କମିଟିର ଅଧ୍ୟକ୍ଷ ତଥା ସଦସ୍ୟ ଭାବେ ମୁଁ ମୋର ଚିନ୍ତା ପ୍ରକଟ କରିବାର ସୁଯୋଗ ପାଇଛି।

ରାଷ୍ଟ୍ରପତି କହିଛନ୍ତି, ଓଡ଼ିଶା କେବଳ ଏକ ପ୍ରାଚୀନ ଭୂଖଣ୍ଡ କିମ୍ବା ଆଧୁନିକ ପ୍ରଦେଶ ନୁହେଁ। ଏହା ଏକ ମହତ୍ତ୍ୱପୂର୍ଣ୍ଣ ସାଂସ୍କୃତିକ ପ୍ରବାହ। ଭାଷା ଭିତ୍ତିରେ ଗଠିତ ପ୍ରଥମ ରାଜ୍ୟ ଓଡ଼ିଶା ▶ପୃଷ୍ଠା-୧୦


## ରାଷ୍ଟ୍ରପତିଙ୍କ ସାମଗ୍ରିକ ଜୀବନ ଅନୁକରଣୀୟ



ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆମ ବିଧାନସଭାରୁ ତାଙ୍କର ସକ୍ରିୟ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ସେ ନିଜର କଠୋର ଅଧ୍ୟବସାୟ ଓ ତ୍ୟାଗ ଫଳରେ ଦେଶର ସର୍ବୋଚ୍ଚ ସ୍ଥାନ ଅଳଙ୍କୃତ କରିଛନ୍ତି। ବିଧାୟକ, ମନ୍ତ୍ରୀ, ରାଜ୍ୟପାଳ ଏବଂ ରାଷ୍ଟ୍ରପତି ଭାବେ ସେ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି। ତାଙ୍କ ସାର୍ବଜନୀନ ଏବଂ ରାଜନୈତିକ ଜୀବନ ସମସ୍ତଙ୍କ ପାଇଁ ଅନୁକରଣୀୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ବିଧାନସଭାରେ ରାଷ୍ଟ୍ରପତିଙ୍କ ସମ୍ବୋଧନ ପ୍ରରିପେକ୍ଷୀରେ ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣ ରଖି କହିଥିଲେ ଯେ ଦୀର୍ଘ ୭୫ ବର୍ଷର ଓଡ଼ିଶା ବିଧାନ ସଭା ଇତିହାସରେ ପ୍ରଥମ ଥର ପାଇଁ ଦେଶର ପ୍ରଥମ ନାଗରିକ ବିଧାନସଭାକୁ ସମ୍ବୋଧନ ଓ ମାର୍ଗଦର୍ଶନ ସମସ୍ତଙ୍କ ପାଇଁ ଶିକ୍ଷଣୀୟ। ପ୍ରାୟ ଏକ ଚତୁର୍ଥାଂଶ ଜନଜାତି ସଂପ୍ରଦାୟ ଥିବା ରାଜ୍ୟ ଓଡ଼ିଶାର ସେହି ସଂପ୍ରଦାୟରୁ ଦେଶର ରାଷ୍ଟ୍ରପତି ▶ପୃଷ୍ଠା-୧୦

## ରାଷ୍ଟ୍ରପତି ଏ ମାଟିର ଗୌରବ ବୃଦ୍ଧି କରିଛନ୍ତି



ଏ ମାଟିର ଝିଅ ଆଜି ଦେଶର ରାଷ୍ଟ୍ରପତି, ଏଥିପାଇଁ ଏ ମାଟି ଗୌରବାନ୍ୱିତ। ଆହୁରି ଗର୍ବର କଥା ଯେ ସେ ତାଙ୍କର ରାଜନୈତିକ ଜୀବନ ୨୫ ବର୍ଷ ତଳେ ଓଡ଼ିଶା ବିଧାନସଭାରୁ ଆରମ୍ଭ କରିଥିଲେ। ଆଜି ସେ ଦେଶର ରାଷ୍ଟ୍ରପତି ହୋଇ ଏ ମାଟିର ଗୌରବ ବୃଦ୍ଧି କରିଛନ୍ତି ବୋଲି କହିଛନ୍ତି ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ବିଧାନସଭାରେ ରାଷ୍ଟ୍ରପତିଙ୍କ ଉଦ୍‌ବୋଧନ ପୂର୍ବରୁ ନିଜ ଅଭିଭାଷଣରେ କହିଛନ୍ତି ଯେ ଓଡ଼ିଶା ଓ ଓଡ଼ିଶାବାସୀଙ୍କ ପାଇଁ ଏହା ଏକ ଗୌରବର ମୁହୂର୍ତ୍ତ। ଆମ ରାଜ୍ୟରୁ ଆସିଥିବା ଭାରତର ରାଷ୍ଟ୍ରପତି ଆଜି ଓଡ଼ିଶା ବିଧାନସଭାକୁ ସମ୍ବୋଧିତ କରୁଛନ୍ତି। ରାଷ୍ଟ୍ରପତିଙ୍କ ଅଭିଭାଷଣ, ଆମ ଦେଶ ବର୍ତ୍ତମାନ ସମ୍ମୁଖୀନ ହେଉଥିବା ଆହ୍ୱାନ ପରିପ୍ରେକ୍ଷୀରେ ବିଶେଷ ଗୁରୁତ୍ୱ ବହନ କରୁଛି। ବିବିଧତା ମଧ୍ୟରେ ଏକତା ହେଉଛି ଆମ ରାଷ୍ଟ୍ରର ସୌନ୍ଦର୍ଯ୍ୟ। ଭାରତୀୟ ରାଜନୀତିକୁ ▶ପୃଷ୍ଠା-୧୦

## ସାମାଜିକ ଗଣମାଧ୍ୟମରେ ଅଶ୍ଳୀଳତାକୁ ନେଇ ସୁପ୍ରିମକୋର୍ଟ ଚିନ୍ତିତ

# ୪ ସପ୍ତାହ ମଧ୍ୟରେ କଠୋର ନିୟମ ଆଣିବାକୁ ନିର୍ଦ୍ଦେଶ

■ନୂଆଦିଲ୍ଲୀ, ୨୭।୧୧ (ଏଜେନ୍ସି): ସାମାଜିକ ଗଣମାଧ୍ୟମରେ ଅଶ୍ଳୀଳ ବିଷୟବସ୍ତୁ (କଣ୍ଟେଣ୍ଟ)କୁ ନେଇ ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି। ଏ ସମ୍ବନ୍ଧିତ ଦୁଇଟି ମାମଲାର ଶୁଣାଣି କରି ଗୁରୁବାର ବଡ଼ ନିର୍ଦ୍ଦେଶ ଦେଇଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରାଯାଉଥିବା ଫଟୋ, ଭିଡିଓ ଏବଂ ଅନ୍ୟ ସବୁ ବିଷୟବସ୍ତୁ ପାଇଁ କାହାକୁ ନା କାହାକୁ ଉତ୍ତରଦାୟୀ କରିବାକୁ ହେବ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। ଏ ସମ୍ବନ୍ଧରେ ୪ ସପ୍ତାହ ମଧ୍ୟରେ ନୂଆ ଆଇନ ଆଣିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ଏସ୍‌ସି/ଏସ୍‌ଟି



**ନିଜ ଦାୟିତ୍ୱ ପ୍ରତି ସଚେତନ ରୁହନ୍ତୁ ୟୁଟ୍ୟୁବର୍**

ଆଇନ ଭଳି କଠୋର କରିବାକୁ କୋର୍ଟ ପରାମର୍ଶ ଦେଇଛନ୍ତି। ସେହିପରି ଦିବ୍ୟାଙ୍ଗଙ୍କୁ ଅପମାନିତ କରିବା ମାମଲାରେ 'ଇଣ୍ଡିଆଜ ଗଟ୍ ଲାଟେଣ୍ଟ'ର ଉପସ୍ଥାପକ ତଥା ୟୁଟ୍ୟୁବର ସମୟ ରୈନାଙ୍କୁ ନିଜ ଦାୟିତ୍ୱ ପ୍ରତି ସଚେତନ କରାଇଛନ୍ତି। ନିଜ ଶୋ'ରେ ଦିବ୍ୟାଙ୍ଗ ଲୋକଙ୍କ ସଫଳତାର କାହାଣୀ ଦେଖାଇବାକୁ ଏବଂ ଦିବ୍ୟାଙ୍ଗଙ୍କ ପାଇଁ ପାଣ୍ଠି ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରୈନାଙ୍କୁ ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ କହିଥିଲେ ଯେ ଆଗାମୀ ଶୁଣାଣି ପୂର୍ବରୁ କିଛି ଭଲ କାର୍ଯ୍ୟ କରି ଏଠାକୁ ଆସିବେ ବୋଲି ▶ପୃଷ୍ଠା-୧୦

# ରେକର୍ଡ ଭାଙ୍ଗିଲା ନଭେମ୍ବର ଶୀତ

■ ଭୁବନେଶ୍ୱର, ୨୭ ।୧୧ (ସମିସ): ରାଜ୍ୟକୁ ପୁଣି ଫେରିଛି ଶୀତ। ଦୁଇ ତିନି ଦିନ ହେବ ତାପମାତ୍ରାରେ କ୍ରମାଗତ ହ୍ରାସ ଫଳରେ ଥଣ୍ଡାର ପ୍ରଭାବ ବୃଦ୍ଧି ପାଇଛି।ଅନେକ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳକୁ ଖସିଛି। ଗତ ୨୪ ଘଣ୍ଟାରେ ରାଜ୍ୟର ଝାରସୁଗୁଡ଼ାରେ ତାପମାତ୍ରା ସର୍ବନିମ୍ନ ତାପମାତ୍ରା ୮.୧ ଡିଗ୍ରୀକୁ ହ୍ରାସ ହୋଇଛି। ଗତ ୭୧ ବର୍ଷ ପରେ ନଭେମ୍ବର ମାସରେ ଝାରସୁଗୁଡ଼ାରେ ଶୀତ ରେକର୍ଡ ସ୍ତରକୁ ଖସିଛି। ସେହିପରି ଜି. ଉଦୟଗିରିରେ ତାପମାତ୍ରା ୭.୪ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ରାଉରକେଲା ୭.୭, ସେମିଳିଗୁଡ଼ା ୮.୬, କିରେଇ ୯.୩, ▶ପୃଷ୍ଠା-୧୦

**୭୧ ବର୍ଷ ପରେ ଝାରସୁଗୁଡ଼ାରେ ପାରଦ ସର୍ବନିମ୍ନ ସ୍ତରରେ**

**ଦୁଇ ଦିନ ମଧ୍ୟରେ ଆହୁରି ୩ ଡ଼ିଗ୍ରୀ ଖସିବ ତାପମାତ୍ରା**

**ବଙ୍ଗୋପସାଗରରେ ସୃଷ୍ଟି ହେଲା ଆଉ ଏକ ବାତ୍ୟା 'ଡିଟୱା'**

**ଓଡ଼ିଶା ଉପରେ ପ୍ରଭାବହୀନ, ରାଜ୍ୟକୁ ବହିବ ଥଣ୍ଡା ପବନ**





10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE | 72198 21111 | HDFC BANK | SHRIRAM Finance | IDFC FIRST Bank ALWAYS YOU FIRST | BAJAJ AUTO CREDIT | L&T Finance | TATA CAPITAL Two Wheeler Loans

*ସର୍ତ୍ତ ଓ ନିୟମାବଳୀ ଲାଗିବ । ହ୍ୟାଟ୍-ଟ୍ରିକ୍ ସଞ୍ଚୟ 25 ନଭେମ୍ବର 2025 ଠାରୁ 25 ଡିସେମ୍ବର 2025 ପର୍ଯ୍ୟନ୍ତ ପ୍ରଯୁଜ୍ୟ । ଉଦ୍ଧୃତ ମୋଟ ସଞ୍ଚୟ ହେଉଛି 100% ଜିଏସ୍‌ଟି ବେନିଫିଟ୍ ରୁ ସଞ୍ଚୟ (ଏକ୍ସ ଶୋ-ରୁମ୍ ମୂଲ୍ୟ ଓ ତଦ୍‌ଜନିତ ଆର୍‌ଟିଓ ଟ୍ୟାକ୍ସ ରେ), ଶୂନ୍ୟ ପ୍ରୋସେସିଙ୍ଗ ଫୀ ଓ 1 ବର୍ଷର ଓନ୍ ଡ୍ୟାମେଜ୍ ବୀମା (ଓଡି), ଶୂନ୍ୟ ପିଏଫ୍ ଏବଂ ଓଡି ରେ ସଞ୍ଚୟ ହୁଏତ ଫାଇନାନ୍ସର୍/ଇନ୍‌ସ୍ୟୋରର୍ ଉପରେ ନିର୍ଭର କରି ବିଭିନ୍ନ ଅଞ୍ଚଳରେ ଅଲଗା ହୋଇପାରେ । ଫାଇନାନ୍ସର୍ ଙ୍କ ନିଜସ୍ୱ ବିବେଚନା ଆଧାରରେ ଫାଇନାନ୍ସ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସେଫ୍‌ଟୀ ନିୟମଗୁଡ଼ିକ ପାଳନ କରନ୍ତୁ ।

**Authorised Dealers for BAJAJ Auto Ltd.: Bhubaneswar: Lewis Road** MSB BAJAJ 7381088720 • **Nayapalli** BHARAT BAJAJ 7064406721 • **Patia** BHARAT BAJAJ 7381099444 • **Rasulgarh** BHARAT BAJAJ 9124717803 • **Phulnakhara** BHARAT BAJAJ 9124717805 • **Charichak** MSB BAJAJ 8018881850 • **Banki** MSB BAJAJ 9348819293 • **Balugaon BHARAT BAJAJ 73810 99441** • **Puri** MSB BAJAJ 7077735752 • **Pipili** MSB BAJAJ 7077735755 • **Cuttack: Badambadi SURAJ BAJAJ 8093066603** • **Shikharpur RASHMI BAJAJ 9237379210** • **Satichaura RASHMI BAJAJ 9237379211** • **Rahama** MAITREE BAJAJ 9668801781 • **Chandikhole** TARINI BAJAJ 9937310800 • **Pattamundai MAITREE BAJAJ 7064987720/9668801781**, • **Kendrapara** TARINI BAJAJ 8338944471 • RAJNAGAR MAITREE BAJAJ 7064987720/9668801781 • **Rajnagar** MAITREE BAJAJ 7064987720/9668801781 • **Nayagarh MSB BAJAJ 7790048130** • **Rajsunakhala** MSB BAJAJ 9668820967 • **Daspalla** MSB BAJAJ 7873925390 • **Phulbani** MSB BAJAJ 8917341979.

● ଦିଲ୍ଲୀ ପ୍ରଦୂଷଣକୁ ନେଇ ସୁପ୍ରିମକୋର୍ଟ ଅସହାୟ

# ବିଷବାୟୁରୁ ମୁକ୍ତି ଦେବା ପାଇଁ ଆମ ପାଖରେ ଯାଦୁର ଛଡ଼ି ନାହିଁ

ନୂଆଦିଲ୍ଲୀ, ୨୭।୧୧ (ଏଜେନ୍ସି): ଦିଲ୍ଲୀ-ଏନ୍‌ସିଆରରେ ପ୍ରଦୂଷଣରୁ ଜନତାଙ୍କୁ ତ୍ରାହି ମିଳୁନାହିଁ। ଲୋକେ ପ୍ରଦୂଷଣରେ ଅତିଷ୍ଠ ହୋଇ ଚାଲିଥିବାବେଳେ ସୁପ୍ରିମକୋର୍ଟ ଗୁରୁବାର ଏହି ମାମଲା ଉପରେ ଶୁଣାଣି କରି ସ୍ଥିତିକୁ ନେଇ ଅସହାୟତା ପ୍ରକାଶ କରିଛନ୍ତି। ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ କହିଛନ୍ତି ଯେ ଦିଲ୍ଲୀ-ଏନସିଆରକୁ ବିଷ ବାୟୁରୁ ମୁକ୍ତି ଦେବା ଭଳି କୌଣସି ଯାଦୁର ଛଡ଼ି ସୁପ୍ରିମକୋର୍ଟଙ୍କ ପାଖରେ ନାହିଁ। ଏହା ଦିଲ୍ଲୀ ବାସୀଙ୍କ ପାଇଁ ବିପଜ୍ଜନକ ବୋଲି ଆମେ ଜାଣିଛୁ। ଏପରି କି ନିର୍ଦ୍ଦେଶ ଦେଲେ ବାୟୁ ତୁରନ୍ତ ସଫା ହୋଇଯିବ ତାହା ଜଣାନ୍ତୁ ବୋଲି ବରିଷ୍ଠ ଓକିଲ ଅପରାଜିତା ସିଂହଙ୍କୁ ଖଣ୍ଡପୀଠ ପଚାରିଛନ୍ତି। ସିଜେଆଇ କହିଥିଲେ ଯେ ଆମେ ବି ଦିଲ୍ଲୀ-ଏନସିଆରର ବାସିନ୍ଦା। ବିଚାରପତି ମଧ୍ୟ ଏହି ସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଦିଲ୍ଲୀର ବାୟୁ ମାନ ସୂଚକାଙ୍କ (ଏକ୍ୟୁଆଇ) ବିଗିଡ଼ିବା ପଛରେ ଅନେକ କାରଣ ରହିଛି। କେବଳ ଗୋଟିଏ କାରଣକୁ କାରକ ଧରିବା ବହୁତ ବଡ଼ ଭୁଲ ହେବ। ସମସ୍ୟା କ'ଣ ତାହା ସମସ୍ତେ ଜାଣନ୍ତି। ପ୍ରଦୂଷଣର ସବୁ କାରଣ ସନ୍ଧାନ କରି ଏହାର ସମାଧାନ ଖୋଜିବା ଜରୁରୀ। ଡିସେମ୍ବର ୧ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ବରିଷ୍ଠ ଓକିଲ ଅପରାଜିତା ସିଂହ କହିଥିଲେ ଯେ ଦିଲ୍ଲୀ ପ୍ରଦୂଷଣ ସ୍ୱାସ୍ଥ୍ୟ ଜନିତ ଜରୁରୀ ପରିସ୍ଥିତି ସୃଷ୍ଟି କରୁଛି। ଏହାର ସମାଧାନ କେବଳ କାଗଜପତ୍ରରେ ସୀମିତ ରହୁଛନ୍ତି। ତୃଣମୂଳସ୍ତରରେ କିଛି କାରାଯା ନାହିଁ। ଖଣ୍ଡପୀଠ କହିଥିଲେ ଯେ ଏହି ମାମଲା ଉପରେ କ'ଣ କରାଯାଇପାରିବ ତାହା ସୋମବାର ଦେଖାଯିବ। କେବଳ ଦୀପାବଳି ଭଳି ସ୍ୱତନ୍ତ୍ର ଦିନରେ ଏହି ମାମଲା ଉଠାଇଲେ ସମାଧାନ ବାହାରି ପାରିବ ନାହିଁ। ଶୀତ ପରେ ଏହି ମାମଲା ଶୀଥିଳ ହୋଇଯାଏ। ତେଣୁ ଏହାର ନିୟମିତ ଶୁଣାଣି ହେବା ଉଚିତ।

ଏହା ପୂର୍ବରୁ ବୁଧବାର ହୋଇଥିବା ଶୁଣାଣିରେ ସିଜେଆଇ ଦିଲ୍ଲୀ ପ୍ରଦୂଷଣକୁ ନେଇ ଚିନ୍ତା ପ୍ରକଟ କରିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଘଣ୍ଟାଏ ବାହାରେ ବୁଲିବାରୁ ଅସୁସ୍ଥ ହୋଇ ପଡ଼ିଥିବା କହିଥିଲେ। ଅନ୍ୟପଟେ ଦିଲ୍ଲୀ ସ୍ଥିତିରେ ସାମାନ୍ୟ ସୁଧାର ଆସିଛି। ଏଥିଯୋଗୁଁ ବୁଧବାର ଗ୍ରାପ-୩ କଟକଣାକୁ ହଟାଇ ଦିଆଯାଇଥିଲା। କର୍ମଚାରୀଙ୍କ ପାଇଁ ୱାର୍କ ଫ୍ରମ ହୋମ (ଡବ୍ଲ୍ୟୁଏଫଏଚ) ସୁବିଧାକୁ ହଟାଇ ଦିଆଯାଇଛି। ଭର୍ଚୁଆଲ ମୋଡରେ ସ୍କୁଲ୍‌ରେ ହେଉଥିବା କ୍ଲାସ ବନ୍ଦ କରିଦିଆଯାଇଛି। ତେବେ ପ୍ରଦୂଷଣକୁ ନେଇ ଦିଲ୍ଲୀ ସରକାର ଗମ୍ଭୀର ନାହାନ୍ତି। ପ୍ରତି ବର୍ଷ ଏଭଳି ସ୍ଥିତି ସୃଷ୍ଟି ହେଉଥିବାରୁ ସରକାରୀ ସ୍ତରରେ ଅବହେଳା ସ୍ପଷ୍ଟ ବାରି ହୋଇପଡୁଛି। ସରକାର କୌଣସି ଠୋସ ପଦକ୍ଷେପ ନେଉନାହାନ୍ତି। ପୂର୍ବରୁ କୃତ୍ରିମ ବର୍ଷା ଯୋଜନା ମଧ୍ୟ ଫେଲ୍ ମାରିଥିଲା। ବର୍ଷା ହେଉ ନ ଥିବାରୁ ସ୍ଥିତି ମଧ୍ୟ ଗମ୍ଭୀର ରହିଛି। ଲୋକେ ଘରୁ ବାହାରକୁ ବାହାରିବାକୁ ଡରୁଛନ୍ତି।



## ଦେଶର ପ୍ରଥମ ଘରୋଇ ଅର୍ବିଟାଲ ରକେଟ ଉନ୍ମୋଚନ କଲେ ମୋଦୀ



ନୂଆଦିଲ୍ଲୀ, ୨୭ ।୧୧(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ଭିଡିଓ କନଫରେନ୍ସିଂ ମାଧ୍ୟମରେ ଦେଶର ପ୍ରଥମ ଘରୋଇ ଅର୍ବିଟାଲ ରକେଟ୍ ଉନ୍ମୋଚନ କରିଛନ୍ତି। ଏହି ରକେଟର ନାମ ବିକ୍ରମ-୧ ରଖାଯାଇଛି। ଏହାର ଉଚ୍ଚତା ୭ ମହଲା କୋଠା ସହିତ ସମାନ। ଅର୍ଥାତ ରକେଟର ଉଚ୍ଚତା ଅର୍ଥାତ ୨୭ମିଟର। ଏହି ରକେଟକୁ ଏକ ଘରୋଇ ସ୍ପେସ୍ କମ୍ପାନୀ 'ସ୍କାଏରୁଟ୍ ଏରୋସ୍ପେଶ୍' ନିର୍ମାଣ କରିଛି। ଏହାକୁ ୨୦୨୭ରେ ଲଞ୍ଚ୍ କରାଯିବ। ଏହି ରକେଟ ନିଜ ସହିତ ୩୦୦ କେଜି ଓଜନର ଉପଗ୍ରହ ଅନ୍ତରୀକ୍ଷ ନେବାକୁ ସକ୍ଷମ ବୋଲି କୁହାଯାଇଛି। ରକେଟକୁ ବାଦ୍ ଦେଲେ ପ୍ରଧାନମନ୍ତ୍ରୀ କମ୍ପାନୀର ଇନ୍‌ଫିନିଟି କ୍ୟାମ୍ପସର ମଧ୍ୟ ଉଦ୍‌ଘାଟନ କରିଛନ୍ତି। ଏହି କ୍ୟାମ୍ପସରେ ଏକାଧିକ ଲଞ୍ଚ୍ ଭେଇକଲର ଡିଜାଇନ୍, ଡେଭଲପମେଣ୍ଟ, ଇଣ୍ଟିଗ୍ରେସନ ଓ ଟେଷ୍ଟିଂର କାର୍ଯ୍ୟ କରାଯିବ। ଏହି କ୍ୟାମ୍ପସ ହାଇଦରାବାଦ୍‌ରେ ରହିଛି। ସ୍କାଇରୁଟ ଏରୋସ୍ପେଶ କମ୍ପାନୀକୁ ୨୦୧୮ ରେ ପବନ ଚନ୍ଦନା ଓ ଭାରତ ଢାକ ସ୍ଥାପନ କରିଥିଲେ। ଏହି ଦୁଇଜଣ ଆଇଆଇଟି ପାସ୍‌ଆଉଟ୍ ଓ ପୂର୍ବତନ ଇସ୍ରୋ ବୈଜ୍ଞାନିକ।

## ଏକାଧିକ ବିବାହ କଲେ ୧୦ ବର୍ଷ ଜେଲ୍

ଗୌହାଟୀ, ୨୭ ।୧୧(ଏଜେନ୍ସି): ଆସାମ ବିଧାନସଭାରେ ବହୁ ବିବାହକୁ ରୋକିବା ପାଇଁ 'ପଲିଗାମୀ ବିଲ୍' ପାସ୍ ହୋଇଛି। ଏହି 'ଆସାମ ପ୍ରୋହିବିସନ ଅଫ୍ ପଲିଗାମୀ ବିଲ୍' ଅନୁସାରେ ଜଣେ ବ୍ୟକ୍ତି ଏକରୁ ଅଧିକ ବିବାହ କରିପାରିବେ ନାହିଁ। ତେବେ ଏହି ଆଇନ୍ ଷଷ୍ଠ ସିଡ୍ୟୁଲ ଅଞ୍ଚଳ ଓ ସିଡ୍ୟୁଲ ଟ୍ରାଇବ୍ ବର୍ଗ ଉପରେ ଲାଗୁ ହେବ ନାହିଁ। ଏହି କ୍ଷେତ୍ରରେ ଆଞ୍ଚଳିକ ପ୍ରଥାକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଛି ବୋଲି କୁହାଯାଇଛି। ଗୁରୁବାର ଏହି ବିଲ୍ ପାସ୍ ହୋଇଛି। ଏହା ଅନୁସାରେ ଯଦି ଜୀବନସାଥି ଜୀବିତ ଅଛନ୍ତି ଓ ତାଙ୍କଠାରୁ ଆଇନଗତ ଭାବେ ଛାଡ଼ପତ୍ର ନିଆଯାଇନାହିଁ, ତେବେ ଅନ୍ୟ କାହା ସହ ବିବାହ କଲେ ତାହକୁ ଅପରାଧ ବୋଲି ବିବେଚନା କରାଯିବ। ଏଭଳି କ୍ଷେତ୍ରରେ ଜଣେ ବ୍ୟକ୍ତିଙ୍କୁ ୭ ବର୍ଷ ଜେଲ ଓ ଜୋରିମାନାରେ ଦଣ୍ଡିତ କରାଯିବ। ଏଥିସହ ପୀଡିତାଙ୍କୁ ୧.୪୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ଭାବେ ଦେବାକୁ ହେବ। ପୁଣି ଯଦି କୌଣସି ବ୍ୟକ୍ତି ନିଜର ପ୍ରଥମ ବିବାହକୁ ଲୁଚାଇ ଦ୍ୱିତୀୟ ବିବାହ କରିଛନ୍ତି, ତେବେ ତାଙ୍କୁ ୧୦ ବର୍ଷ ଜେଲଦଣ୍ଡ ହେବ।

## ହ୍ୱାଇଟ୍ ହାଉସ୍ ନିକଟରେ ଗୁଳିମାଡ଼; ୨ ଆହତ

ୱାଶିଂଟନ, ୨୭ ।୧୧(ଏଜେନ୍ସି): ଆମେରିକାରେ ବୁଧବାର ହ୍ୱାଇଟ୍ ହାଉସ୍ ନିକଟରେ ଗୁଳିକାଣ୍ଡ ଘଟିଛି। ଏଥିରେ ଦୁଇଜଣ ନ୍ୟାସନାଲ ଗାର୍ଡ ଆହତ ହୋଇଛନ୍ତି। ଏହି ଘଟଣାରେ ଆଫଗାନିସ୍ତାନର ଜଣେ ଶରଣାର୍ଥୀଙ୍କୁ ଗିରଫ କରାଯାଇଛି। ସୂଚନା ଅନୁସାରେ ଆକ୍ରମଣରେ ସାମିଲ ସଂଦୀଗ୍ଧର ହେଉଛି ୨୯ ବର୍ଷୀୟ ରହମାନୁଲା ଲାକନବାଲ। ସେ ୨୦୨୧ ଅଗଷ୍ଟରେ ଆଫଗାନିସ୍ତାନରୁ ଆମେରିକା ଆସିଥିଲା। ୨୦୨୫ରେ ତାକୁ ନାଗରିକତା ମିଳିଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହାକୁ ଆତଙ୍କବାଦୀ ଆକ୍ରମଣ ବୋଲି କହି ଆଫଗାନ ଶରଣାର୍ଥୀଙ୍କ ପ୍ରବେଶକୁ ନିଷିଦ୍ଧ ଘୋଷଣା କରିଛନ୍ତି।

**ଚାପ ବଢ଼ାଉଛି ଏସ୍‌ଆଇଆର୍**

# ୨୨ ଦିନରେ ୭ ରାଜ୍ୟରେ ୨୫ ବିଏଲ୍‌ଓଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୨୭।୧୧ (ଏଜେନ୍ସି): ଦେଶରେ ୧୨ଟି ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ଯାଞ୍ଚ ତଥା ଏସଆଇଆର ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ବୁଥ୍ ଲେଭ୍ଲୁଲ ଅଫିସର (ବିଏଲଓ)ଙ୍କୁ ଦିନରାତି କାମ କରିବାକୁ ପଡୁଛି। ୧୨ ରାଜ୍ୟର ୫୧ କୋଟିରୁ ଅଧିକ ଭୋଟରଙ୍କ ପାଖରେ ପହଞ୍ଚୁଥିବା ବିଏଲଓଙ୍କ ଉପରେ ପ୍ରବଳ ଚାପର ସମ୍ମୁଖୀନ ହେଉଛନ୍ତି। ଦିନକୁ ୧୬ରୁ ୧୭ ଘଣ୍ଟା କାମ କରୁଛନ୍ତି। ଆଉ ଏହି କାର୍ଯ୍ୟଚାପ ଯୋଗୁଁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଉଛି ଏବଂ କେହି କେହି ଅବସାଦଗ୍ରସ୍ତ ହୋଇ ଜୀବନ ହାରୁଛନ୍ତି। ଏସ୍‌ଆଇଆର ପ୍ରକ୍ରିୟା ଆରମ୍ଭ ହେବାର ୨୨ ଦିନ ମଧ୍ୟରେ ୭ ରାଜ୍ୟରେ

**■ ପଶ୍ଚିମବଙ୍ଗରେ ୩୪ ଜଣ ଜୀବନ ହାରିଥିବା ଟିଏମସିର ଦାବି**
**■ ମଧ୍ୟପ୍ରଦେଶରେ ୯ , ୟୁପି-ଗୁଜରାଟରେ ୪ ଜଣ ଲେଖାଏଁ ମୃତ**



୨୫ ବିଏଲଓ ପ୍ରାଣ ହରାଇଲେଣି। ତେବେ ପଶ୍ଚିମବଙ୍ଗରେ କେବଳ ୩୪ ବିଏଲଓଙ୍କ ମୃତ୍ୟୁ ହୋଇଥିବା କ୍ଷମତାସୀନ ଟିଏମ୍‌ସି ପକ୍ଷରୁ ଦାବି କରାଯାଇଛି। ଏହି ସବୁ ମୃତ୍ୟୁକୁ ନେଇ ପଶ୍ଚିମବଙ୍ଗ, ମଧ୍ୟପ୍ରଦେଷ ରାଜସ୍ଥାନ, ଉତ୍ତର ପ୍ରଦେଶରେ ରାଜନୀତି ଜୋର୍ ଧରିଛି। ଏହି ପ୍ରକ୍ରିୟାକୁ ବନ୍ଦ କରିବା ପାଇଁ ବିରୋଧୀ ଦାବି କରୁଛନ୍ତି। ସେହିପରି ନିର୍ବାଚନ କମିଶନ (ଇସି)ଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏ ପର୍ଯ୍ୟନ୍ତ କାର୍ଯ୍ୟଚାପରେ କାହାର ମୃତ୍ୟୁ ହୋଇ ନ ଥିବା କୁହାଯାଇଛି।

ପଶ୍ଚିମବଙ୍ଗ ମନ୍ତ୍ରୀ ଅରୁପ ବିଶ୍ୱାସ କହିଛନ୍ତି ଯେ ଏସଆଇଆର ଯୋଗୁଁ ୩୪ ଲୋକ ଜୀବନ ହାରିଲେଣି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି ଯେ ଗଳାବାଟ ଦେଇ ଏନ୍‌ଆରସି ଲାଗୁ କରିବାକୁ ଏବଂ ଭୟର ସ୍ଥିତି ସୃଷ୍ଟି ପାଇଁ ଏସଆଇଆର କରାଯାଉଛି। ସେହିପରି ଟିଏମସି ଚାପରେ ଜାଲ୍ ଏବଂ ସନ୍ଦେହଜନକ ବ୍ୟକ୍ତିଙ୍କ ନାମ ତାଲିକାରେ ସାମିଲ କରାଯାଉଛି ବୋଲି ବିଜେପି ଆଇଟି ସେଲ୍ ମୁଖ୍ୟ ଅମିଲ ମାଲବୀୟ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ ଏ ପର୍ଯ୍ୟନ୍ତ ମଧ୍ୟପ୍ରଦେଶରେ ସର୍ବାଧିକ ୯ ଜଣ, ଉତ୍ତର ପ୍ରଦେଶ ଓ ଗୁଜରାଟରେ ୪ ଜଣ ଲେଖାଏଁ, ପଶ୍ଚିମବଙ୍ଗ ଓ ରାଜସ୍ଥାନରେ ୩ ଜଣ ଲେଖାଏଁ ଏବଂ ତାମିଲନାଡୁ, କେରଳରେ ଜଣେ ଲେଖାଏଁ ବିଏଲଓ ପ୍ରାଣ ହରାଇଲେଣି।

ଉତ୍ତରପ୍ରଦେଶ ଗୋଣ୍ଡାର ବିଏଲଓ ତଥା ଶିକ୍ଷକ ବିପିନ ଯାଦବ ସୋମବାର ବିଷ ଖାଇ ଆତ୍ମହତ୍ୟା କରିଥିଲେ। ତାଙ୍କ ବାପା ପ୍ରଶାସନ ବିରୋଧରେ ଗୁରୁତର ଅଭିଯୋଗ ଲଗାଇ କହିଛନ୍ତି ଯେ ଓବିସି ଭୋଟରଙ୍କ ନାମ ହଟାଇବା ଏବଂ ସାଧାରଣ ବର୍ଗର ନାମ ବଢ଼ାଇବାକୁ ବିଡିଓ ପୁଅ ଉପରେ ଚାପ ପକାଇ ଥିଲେ। ଏପରି ମନା କରିବାରୁ ନିଲମ୍ବନ ଏବଂ ଗିରଫ ଧମକ ଦିଆଯାଇଥିଲା। ସେହିପରି ବୁଧବାର ବରେଲିର ବିଏଲଓ ସର୍ବେଶ ଗଙ୍ଗୱାର ପ୍ରାଣ ହରାଇ ଥିଲେ। ତାଙ୍କ ଭାଇ ଯୋଗେଶ କହିଥିଲେ ଯେ ଏସଆଇଆର ଚାପ ଯୋଗୁ ବେଶୀ ରାତି ପର୍ଯ୍ୟନ୍ତ କାମ କରିବାକୁ ପଡୁଥିଲା। ଫଳରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ସେ ଛିଡ଼ା ହୋଇଥିବାବେଳେ ଅଚାନକ ଖସି ପଡ଼ି ପ୍ରାଣ ହରାଇ ଥିଲେ।

## ଏସ୍‌ଆଇଆର୍ ଆଳରେ ଭଉଣୀଙ୍କ ଜମିକୁ ନିଜ ନାମରେ କରିନେଲେ

ଲକ୍ଷ୍ନୌ, ୨୭।୧୧ (ଏଜେନ୍ସି): ଉତ୍ତର ପ୍ରଦେଶ ଫିରୋଜାବାଦରେ ଏସ୍‌ଆଇଆରକୁ ନେଇ ବଡ଼ ଠକେଇ ମାମଲା ସାମ୍‌ନାକୁ ଆସିଛି। ଏସଆଇଆର ବାହାନାରେ ଭଉଣୀର ଜମିକୁ ଭାଇ ନିଜ ନାମରେ କରାଇ ନେଇଛି। ଅଭିଯୁକ୍ତର ଭଉଣୀ ପାଠ ପଢ଼ାଲେଖା ଜାଣିନାହାନ୍ତି। ତେଣୁ ଭାଇର ଏହାର ସୁଯୋଗ ଉଠାଇ ଥିଲା। ଭଉଣୀକୁ ହରିୟାଣାର ଗୁରୁଗ୍ରାମକୁ ଡାକି ଏସଆଇଆର କାମ ପାଇଁ ତହସିଲ ଯାଇ ଦସ୍ତଖତ କରିବାକୁ କହିଥିଲା। ଏପରି ନ କଲେ ସରକାର ଦେଶରୁ ବାହାର କରିଦେବେ ବୋଲି ଧମକ ଦେଇଥିଲା। ତହସିଲରେ କୋଠା ଏବଂ ଦୋକାନକୁ ଭାଇକୁ ଗିଫ୍ଟରେ ଦେଉଛନ୍ତି କି ବୋଲି ମହିଳାଙ୍କୁ ପଚରା ଯାଇଥିଲା। ଗିଫ୍ଟର ଅର୍ଥ ବୁଝି ନ ପାରି ମହିଳା ହଁ କରି ଦସ୍ତଖତ କରିଦେଇଥିଲେ। ଏବେ ପୀଡ଼ିତା ସରତାଜ ଖାନମ ଏସଏସପି ଏବଂ କୋର୍ଟରେ ଅଭିଯୋଗ ଦାଏର କରିଛନ୍ତି। ରେଜେଷ୍ଟ୍ରି ରଦ୍ଦ କରିବାକୁ ନିବେଦନ କରିଛନ୍ତି।

ଅନ୍ୟପଟେ ଏସ୍‌ପି ମୁଖ୍ୟ ଅଖିଳେଶ ଯାଦବ ଗୁରୁବାର ଏସଆଇଆର ଫର୍ମ ପୂରଣ କରିଛନ୍ତି। କିଛି ତ୍ରୁଟି ଥିଲେ ଜଣାଇବାକୁ ସେ ଲୋକଙ୍କୁ ନିବେଦନ କରିଛନ୍ତି। ଏହା ମଧ୍ୟରେ ଗାଜିଆବାଦରେ ବିଏଲଓ ଡ୍ୟୁଟିରେ ମୁତୟନ ୨୧ ଜଣଙ୍କ ବିରୋଧରେ ଜିଲ୍ଲା ପ୍ରଶାସନ ଏତଲା ରୁଜୁ କରିଛି। ଏମାନଙ୍କ ମଧ୍ୟରେ ୪ ଶିକ୍ଷକ ସାମିଲ ଅଛନ୍ତି। ଗୋଣ୍ଡାରେ ବିଏଲଓ ବିପିନ ଯାଦବଙ୍କ ଆତ୍ମହତ୍ୟାକୁ ନେଇ ରାହୁଲ ସରକାରଙ୍କୁ ନିଶାଣ କରିଛନ୍ତି। ସେ କହିଛନ୍ତି ଯେ ଏସଆଇଆର ନାମରେ ପଛୁଆ, ଦଳିତ, ବଞ୍ଚିତ ବର୍ଗଙ୍କୁ ଭୋଟର ତାଲିକାରୁ ହଟାଯାଇ ବିଜେପି ନିଜ ମନଇଛା ତାଲିକା ପ୍ରସ୍ତୁତ କରୁଛି। ଗଣତନ୍ତ୍ରର ହତ୍ୟା ପାଇଁ ନିର୍ବାଚନ କମିଶନ ଦାୟୀ।

**ସାମାଜିକ ଗଣମାଧ୍ୟମକୁ ବ୍ୟାପିଲା କର୍ଣ୍ଣାଟକ କଂଗ୍ରେସ କଳି**

# ମୁଖ୍ୟମନ୍ତ୍ରୀ ସିଦ୍ଧରମୋୟା-ଉପମୁଖ୍ୟମନ୍ତ୍ରୀ ଡିକେ ମୁହାଁମୁହିଁ

ବେଙ୍ଗାଲୁରୁ, ୨୭।୧୧ (ଏଜେନ୍ସି): କର୍ଣ୍ଣାଟକ କଂଗ୍ରେସ କଳି ତୁଟିବାର ନା ଧରୁନି। ମୁଖ୍ୟମନ୍ତ୍ରୀ ପଦକୁ ନେଇ ଜାରି ଶୀତଳ ଯୁଦ୍ଧ ଖୋଲାଖୋଲି ଭାବେ ସାମ୍‌ନାକୁ ଆସିଛି। ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଏବଂ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଜାରି ଶୀତଳ ଯୁଦ୍ଧ ଆଜି ସର୍ବସମ୍ମୁଖକୁ ଆସିଯାଇଛି। ଦୁଇ ନେତାଙ୍କ ମଧ୍ୟରେ ସାମାଜିକ ଗଣମାଧ୍ୟମରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଯାଇଛି। ଶିବକୁମାର ଗୁରୁବାର ସକାଳେ ପୋଷ୍ଟ କରି ଲେଖି ଥିଲେ ଯେ ଆମ ଶବ୍ଦ ଦୁନିଆର ସବୁଠାରୁ ବଡ଼ ଶକ୍ତି। ବିଚାରପତି ହୁଅନ୍ତୁ ଅବା ରାଷ୍ଟ୍ରପତି କିମ୍ବା ମୁଁ ସମସ୍ତେ ନିଜ




ପ୍ରତିଶ୍ରୁତି ପାଳନ କରିବା ଉଚିତ। ଅନ୍ୟପଟେ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ପୋଷ୍ଟ କରି ଲେଖିଥିଲେ ଯେ ଶକ୍ତି କେବଳ ଶବ୍ଦରେ ନୁହେଁ, ବରଂ କାମ ଏବଂ ଜନତାଙ୍କ ପାଇଁ କରାଯାଇଥିବା ପ୍ରୟାସରେ ଥାଏ। ଲୋକଙ୍କ ପାଇଁ ବିଶ୍ୱକୁ ଉତ୍ତମ ବନାଇଲେ ଶବ୍ଦ ଶକ୍ତି ପାଲଟି ଯାଇଥାଏ। କର୍ଣ୍ଣାଟକ ଲୋକ ଯେଉଁ ଜନାଦେଶ ଦେଇଛନ୍ତି ତାହା କିଛି କ୍ଷଣ ଲାଗି ନୁହେଁ, ବରଂ ସମ୍ପୂର୍ଣ୍ଣ ୫ ବର୍ଷର ଦାୟିତ୍ୱ। କର୍ଣ୍ଣାଟକ ପାଇଁ ଆମର ପ୍ରତିଶ୍ରୁତି କୌଣସି ସ୍ଲୋଗାନ ନୁହେଁ, ବରଂ ସାରା ବିଶ୍ୱ ବୋଲି ସିଦ୍ଧରମୋୟା ଲେଖିଛନ୍ତି। ଏହାକୁ ଶିବକୁମାରଙ୍କ ପୋଷ୍ଟର ଜବାବ ଭାବେ ଦେଖାଯାଉଛି।

ଡିକେଙ୍କ ସମର୍ଥକ ବିଧାୟକଙ୍କ ଅନୁଯାୟୀ ୨୦୨୩ରେ ସରକାର ଗଠନ ହୋଇଥିବାବେଳେ ମୁଖ୍ୟମନ୍ତ୍ରୀ ପଦ ପାଇଁ ଅଢ଼େଇ ବର୍ଷର ଡିଲ୍ ହୋଇଥିଲା। କିନ୍ତୁ ସିଦ୍ଧରମୋୟାଙ୍କ ସମର୍ଥକ ଏହାକୁ ମାନୁନାହାନ୍ତି। ଗତ ୨୦ ତାରିଖରେ ଅଢ଼େଇ ବର୍ଷର ଅବଧି ଶେଷ ହେବା ପରେ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ ଚର୍ଚ୍ଚା ଜୋର ଧରିଥିଲା। ଏବେ କ୍ଷମତା ସନ୍ତୁଳନ ପାଇଁ ବୟାନବାଜି ଜାରି ରହିଛି। ଡିକେଙ୍କ ସମର୍ଥନରେ କିଛି ବିଧାୟକ ଦିଲ୍ଲୀ ଯାଇ ହାଇକମାଣ୍ଡଙ୍କୁ ଭେଟିଥିଲେ। କିନ୍ତୁ ମୁଖ୍ୟମନ୍ତ୍ରୀ ସିଦ୍ଧରମୋୟା ପଦ ଛାଡ଼ିବାକୁ ଚାହୁଁନାହାନ୍ତି। ସେ କ୍ୟାବିନେଟ ଅଦଳବଦଳ ଚାହୁଁଛନ୍ତି। କିନ୍ତୁ ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ବଦଳା ଯାଉ ବୋଲି ଡିକେ ଦାବି କରୁଛନ୍ତି। ଏହାକୁ ନେଇ ଡିକେ କଂଗ୍ରେସ ନେତୃତ୍ୱଙ୍କୁ ସଙ୍କେତ ଦେଇ ପ୍ରତିଶ୍ରୁତି ପାଳନ କରିବାକୁ କହିଥିଲେ।

**ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶ**

# କ୍ରିକେଟ ବେଟିଂରୁ ଲାଭ ଉପାର୍ଜନ ଅପରାଧ

ନୂଆଦିଲ୍ଲୀ, ୨୭।୧୧ (ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟ ବେଟିଂ ର୍ୟାକେଟ ସମ୍ବନ୍ଧିତ ୬ ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଏହି ନେଟୱର୍କ ଅପରାଧ ଉପରେ ଛିଡ଼ା ହୋଇଥିଲା। ତେଣୁ ଏଥିରୁ ଉପାର୍ଜିତ ପ୍ରତ୍ୟେକ ଲାଭ ଅପରାଧ ବୋଲି ହାଇକୋର୍ଟ କହିଛନ୍ତି। କ୍ରିକେଟ ବେଟିଂ ସହ ଜଡ଼ିତ ମୁକେଶ କୁମାର, ଉମେଶ ଚୌଟାଲିଆ, ନରେଶ ବଂଶଲ, ଘନଶ୍ୟାମ ଭାଇ ପଟେଲ ଏବଂ ଅନ୍ୟମାନେ ଏହି ଆବେଦନ ଉପରେ ଆସିଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଜାରି କରିଥିବା ଅସ୍ଥାୟୀ ସମ୍ପତ୍ତି ଜବତ ଏବଂ ନୋଟିସକୁ ରଦ୍ଦ କରିବାକୁ ଦାବି କରାଯାଇଥିଲା। କ୍ରିକେଟ ବେଟିଂ ପିଏମଏଲଏରେ ଅପରାଧ ନୁହେଁ। ତେଣୁ ସମ୍ପତ୍ତିକୁ ବେଆଇନ ଧରାଯାଇପାରିବ ନାହିଁ ବୋଲି କୁହାଯାଇଥିଲା। ରାୟ



ଦେଇ ହାଇକୋର୍ଟ କହିଥିଲେ ଯେ ଆବେଦନକୁ ଖାରଜ କରାଯାଉଛି। ଏହି ର୍ୟାକେଟ ଅପରାଧ ଉପରେ ତିଷ୍ଠି ଥିଲା। ଡିଜିଟାଲ ଠକେଇ, ଜାଲ୍ କେୱାଇସି, ହାୱାଲା ଚେନ୍ ଏବଂ ବିନା କାଗଜପତ୍ରରେ ସୁପର ମାଷ୍ଟର ଲଗ୍‌ଇନ ଆଇଡି ମୁଖ୍ୟ ଅପରାଧର ମୂଳଦୁଆ ଥିଲା। ଏହି ସବୁ ବିଷାକ୍ତ ଗଛ ଭଳି। ଗଛ ବିଷ ହୋଇଥିଲେ, ଫଳ କେମିତି ବୈଧ ହୋଇଯିବ। ତେବେ କୋର୍ଟ ବେଟିଂକୁ ବିଷାକ୍ତ ଗଛ କହିନାହାନ୍ତି। ପିଏମଏଲଏ ଅଧିନରେ ଏହା ଅପରାଧ ନୁହେଁ। ଠକେଇ, ଜାଲ୍ ପରିଚୟ ପତ୍ର, ହାୱାଲା, ଜାଲ୍ ସିମ ଆଧାରିତ ଡିଜିଟାଲ ନେଟୱର୍କ ବିଷାକ୍ତ ବିଷ ଭଳି। ଏହା ମାଧ୍ୟମରେ ସୁପର ମାଷ୍ଟର ଆଇଡି କ୍ରୟ ଏବଂ ର୍ୟାକେଟ ପରିଚାଳନା କରାଯାଉଥିଲା। ଏହା ମାଧ୍ୟମରେ ମାରୁତି ଅହମଦାବାଦ ନେଟୱର୍କ ୨୦୧୪ ଡିସେମ୍ବରରୁ ୨୦୧୫ ମାର୍ଚ୍ଚ ମଧ୍ୟରେ ୨୪୬୯ କୋଟି ଟଙ୍କା ଆୟ କରିଥିଲା। ଏଥିରୁ ୬୦ କୋଟି ଆବେଦନକାରୀଙ୍କ ପାଖରେ ପହଞ୍ଚି ଥିଲା। ତେଣୁ ଇଡି ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

## ୧୫ ବର୍ଷ ପରେ ଚୀନ୍‌ରେ ରେଳ ଦୁର୍ଘଟଣା; ୧୧ ମୃତ

ବେଜିଂ, ୨୭ ।୧୧(ଏଜେନ୍ସି): ଚୀନର ଦାକ୍ଷିଣାତ୍ୟ ରାଜ୍ୟ ୟୁନାନ୍‌ରେ ଗୁରୁବାର ସକାଳେ ଏକ ଟ୍ରେନ୍ ଦୁର୍ଘଟଣାରେ ୧୧ ଜଣ ରେଳବାଇ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ଏଥିରେ ୨ଜଣ ଆହତ ମଧ୍ୟ ହୋଇଛନ୍ତି। ଭୂକମ୍ପ ସହିତ ଜଡିତ କ୍ଷତିର ଯାଞ୍ଚ କରାଯାଉଥିବା ବେଳେ ଟ୍ରେନ୍ ରେଳ କର୍ମଚାରୀଙ୍କ ଉପରେ ମାଡ଼ି ଯାଇଥିଲା। ଏହି ଦୁର୍ଘଟଣା କୁନମିଙ୍ଗ ସହରର ଲୁଓୟାଙ୍ଗଜେନ୍ ରେଳ ଷ୍ଟେସନରେ ଘଟିଥିଲା। ରେଳ କର୍ମଚାରୀମାନେ ଏକ ଟର୍ଣ୍ଣିଂ ଟ୍ରାକ୍‌ର ଅଂଶରେ କାର୍ଯ୍ୟ କରୁଥିଲେ। ଏତିକି ବେଳେ ଅଚାନକ ଟ୍ରେନ ଆସି ସେମାନଙ୍କୁ ଧକ୍କା ଦେଇଥିଲା। ୧୫ ବର୍ଷ ପରେ ଏହାକୁ ଚୀନ୍‌ର ପ୍ରଥମ ରେଳ ଦୁର୍ଘଟଣା ବୋଲି କୁହାଯାଉଛି। ଏହାପୂର୍ବରୁ ୨୦୧୧ରେ ଘଟିଥିବା ଟ୍ରେନ ଦୁର୍ଘଟଣାରେ ୪୦ ଲୋକ ମୃତ୍ୟୁବରଣ କରିଥିଲେ।

## ହାସିନାଙ୍କୁ ପୁଣି ୨୧ ବର୍ଷ ଜେଲ୍

ଢାକା, ୨୭ ।୧୧(ଏଜେନ୍ସି): ବାଂଲାଦେଶର ବିତାଡିତ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ବାଂଲାଦେଶର ଏକ କୋର୍ଟ ଗୁରୁବାର ତାଙ୍କୁ ୩ଟି ଦୁର୍ନୀତି ମାମଲାରେ ୨୧ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏହାପୂର୍ବରୁ କୋର୍ଟ ତାଙ୍କୁ ଫାଶୀ ଦଣ୍ଡାଦେଶ ଦେଇଥିଲେ। କିନ୍ତୁ ଏଥର କୋର୍ଟ ତାଙ୍କୁ ସରକାରୀ ହାଉସିଂ ପ୍ରୋଜେକ୍ଟ ଓ ପୂର୍ବାଚଳ ପ୍ଲଟ୍ ଦୁର୍ନୀତିର ୩ଟି ମାମଲାରେ ଦଣ୍ଡିତ କରିଛନ୍ତି। ହସିନାଙ୍କ ପୁଅ ସଜିବ ୱାଜେଦ ଓ ଝିଅ ସାଇମା ୱାଜେଦଙ୍କୁ ମଧ୍ୟ ୫ ବର୍ଷ ଲେଖାଏ ଜେଲ ଦଣ୍ଡ ଶୁଣାଯାଇଛି। ଏହି ମାମଲାରେ ବାକି ଅନ୍ୟ ୨୦ ଅଭିଯୁକ୍ତଙ୍କ ମଧ୍ୟରୁ ୧୯ ଜଣଙ୍କୁ ଭିନ୍ନ ଭିନ୍ନ ଦଣ୍ଡାଦେଶ ହୋଇଛି। ଜଣେ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ ମଧ୍ୟ କରାଯାଇଛି। ହସିନାଙ୍କ ଉପରେ ଏକ ଲକ୍ଷ ଟଙ୍କାର ଜରିମାନା ଲାଗୁ କରାଯାଇଛି। ଯଦି ସେ ଏହି ଜରିମାନ ଭରିବାରେ ସକ୍ଷମ ନ ହୁଅନ୍ତି ତେବେ ତାଙ୍କୁ ଅତିରିକ୍ତ ୧୮ ମାସ ଜେଲ ରହିବାକୁ ହେବ ବୋଲି କୋର୍ଟ କହିଛନ୍ତି। ତେବେ ହସିନା ଏହି ସବୁ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଏହି ସବୁ ଅଭିଯୋଗ ଭିତ୍ତିହୀନ, ଅମୂଳକ ଓ ରାଜନୈତିକ ଉଦ୍ଦ୍ୟେଶ ପ୍ରଣୋଦିତ ବୋଲି ହସିନା କହିଛନ୍ତି।

# ଇଣ୍ଡୋନେସିଆରେ ୩୦ ଦିନରେ ୧, ୪୦୦ ଭୂକମ୍ପ

ଜାକର୍ତ୍ତା, ୨୭ ।୧୧(ଏଜେନ୍ସି): ଇଣ୍ଡୋନେସିଆରେ ଗୁରୁବାର ଆସେ ରାଜ୍ୟ ନିକଟରେ ସୁମାତ୍ରା ଦୀପରେ ୬.୩ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ଭୂକମ୍ପର କେନ୍ଦ୍ର ଭୂପୃଷ୍ଠର ୧୦ କିମି ତଳେ ଥିଲା। ଭୂକମ୍ପ ଦୃଷ୍ଟିକୋଣରୁ ସକ୍ରିୟ ଥିବା ଏହି ସମ୍ପୂର୍ଣ୍ଣ ଅଞ୍ଚଳ ଥରି ଉଠିଥିଲା। ସିନାବାଗର ପଶ୍ଚିମରୁ ୬୩ କିମି ଦୂରରେ ଭୂକମ୍ପର କେନ୍ଦ୍ର ଥିଲା। ଫଳରେ ଏହି ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଥିଲା। ତେବେ ଏପର୍ଯ୍ୟନ୍ତ କୌଣସି କ୍ଷୟକ୍ଷତିର ସୂଚନା ମିଳିନାହିଁ। ଏଥିସହ ଇଣ୍ଡୋନେସିଆରେ ଗତ ୩୦ ଦିନ ମଧ୍ୟରେ ୬.୪ ତୀବ୍ରତା ପର୍ଯ୍ୟନ୍ତ ୧, ୪୦୦ଟି ଭୂକମ୍ପର ରେକର୍ଡ ହୋଇଛି ବୋଲି ୟୁନାଇଟେଡ ଷ୍ଟେଟ୍ସ ଜିଓଲୋଜିକାଲ ସର୍ଭେ (ୟୁଏସ୍‌ଜିଏସ୍) ଓ ଭଲକାନୋ ଡିସ୍‌କଭରୀ ଡାଟା ତରଫରୁ କୁହାଯାଇଛି। ଇଣ୍ଡୋନେସିଆ ପ୍ରଶାନ୍ତ ମହାସାଗରର ଚାରିପଟେ ଥିବା 'ରିଙ୍ଗ ଅଫ୍ ଫାୟାର' ଉପରେ ଅବସ୍ଥିତ। ଏହା ବିଶ୍ୱର ସବୁଠାରୁ ବିପଜ୍ଜନକ ଭୂକମ୍ପ ହେଉଥିବା ସ୍ଥାନ ଉପରେ ସ୍ଥିତ। ଏହି ଅଞ୍ଚଳରେ ଥିବା ୧୫ଟି ବଡ଼-ବଡ଼ ଟେକ୍ଟୋନିକ ପ୍ଲେଟ ପରସ୍ପରକୁ ଧକ୍କା ଦେବା ସହ ଦୂରେଇ ମଧ୍ୟ ଯାଇଥାନ୍ତି। ବିଶ୍ୱର ୯୦ ପ୍ରତିଶତ ଭୂକମ୍ପ ଏହି ଅଞ୍ଚଳରେ ହିଁ ଆସିଥାଏ। ପ୍ରତିବର୍ଷ ଇଣ୍ଡୋନେସିଆରେ ଛୋଟବଡ଼ ଭୂକମ୍ପ ଆସିଥାଏ ଓ ଏହା କୌଣସି ବଡ଼ କଥା ନୁହେଁ। ସୁମାତ୍ରା ଦୀପ ତଳେ ଥିବା ଇଣ୍ଡୋ- ଅଷ୍ଟ୍ରେଲିଆନ ପ୍ଲେଟ ଧୀରେ-ଧୀରେ ଅର୍ଥାତ ପ୍ରତିବର୍ଷ ୫-୭ ସେଣ୍ଟିମିଟର ୟୁରେସିଆନ ପ୍ଲେଟ୍ ତଳକୁ ଧସିଯାଉଛି।



ଏହା ଦ୍ୱାରା ବହୁତ ଚାପ ସୃଷ୍ଟି ହୋଇଥାଏ। ଯେତେବେଳେ ଏହି ଚାପ ଏକଦମ ଆସିଛି ସେତେବେଳେ ଭୂକମ୍ପ ଆସିଥାଏ। ପୁଣି ସୁମାତ୍ରାରେ ଗ୍ରେଟ୍ ସୁମାତ୍ରା ଫଲ୍ଟ ନାମକ ଏକ ବଡ଼ ଫାଟ ମଧ୍ୟ ରହିଛି। ଏହା ଫଳରେ ପ୍ରାୟ ଭୂକମ୍ପର ଝଟ୍‌କା ଆସିଥାଏ। ଗତ କିଛିଦିନ ମଧ୍ୟରେ ଆସିଥିବା ୬.୬ ଓ ୬.୩ ତୀବ୍ରତାର ଭୂକମ୍ପ ଏହି କାରଣରୁ ହିଁ ଆସିଥିଲା। ପୂର୍ବରୁ ୨୦୦୪ରେ ସୁମାତ୍ରା ନିକଟରେ ୯.୧ ତୀବ୍ରତାର ଏକ ବଡ଼ ଭୂକମ୍ପ ଆସିଥିଲା ଓ ଏଥିରେ ୨ ଲକ୍ଷ ୩୦ ହଜାର ଲୋକ ମୃତ୍ୟୁବରଣ କରିଥିଲେ। ଏଥର କିନ୍ତୁ ୧୦ କିମି ଗଭୀରରେ ଭୂକମ୍ପର କେନ୍ଦ୍ର ଥିଲା। ଏଥିପାଇଁ ଭୂମି ଜୋରରେ ଥରି ଉଠିଥିଲା। କିନ୍ତୁ ସୁନାମୀର କୌଣସି ବିପଦ ନ ଥିଲା। କିଛିଦିନ ତଳେ ଆସିଥିବା ଘୂର୍ଣ୍ଣିବାତ୍ୟା ଓ ବନ୍ୟାରେ ଇଣ୍ଡୋନେସିଆରେ ବହୁତ କ୍ଷୟକ୍ଷତି ହୋଇଛି। ୮ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଏହାପରେ ଭୂକମ୍ପର ଝଟ୍‌କା ବାରମ୍ବାର ଆସୁଥିବାରୁ ଲୋକେ ବହୁତ ଭୟଭୀତ ଅବସ୍ଥାରେ ଅଛନ୍ତି। ଆଗକୁ ଆହୁରି ମଧ୍ୟ ଭୂକମ୍ପ ଝଟ୍‌କାର ଆଶଙ୍କା ରହିଛି ବୋଲି ବୈଜ୍ଞାନିକମାନ କହିଛନ୍ତି। ଇଣ୍ଡୋନେସିଆରେ ଭୂକମ୍ପ ଓ ବନ୍ୟା ପ୍ରତିବର୍ଷ ଆସିଥାଏ। ଏବେ ଜଳବାୟୁ ପରିବର୍ତ୍ତନ କାରଣରୁ ଅଧିକ ବର୍ଷା ଓ ଭୂକମ୍ପର ପ୍ରଭାବ ବଢ଼ିବାରେ ଲାଗିଛି ବୋଲି କୁହାଯାଉଛି।

# ଇମ୍ରାନ୍‌ଙ୍କୁ ନେଇ ଥମୁନି ଚର୍ଚ୍ଚା



ଇସଲାମାବାଦ୍, ୨୭ ।୧୧(ଏଜେନ୍ସି): ପାକିସ୍ତାନ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ମୃତ୍ୟୁ ନେଇ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଥମୁନାହିଁ। ୨୦୨୩ ଅଗଷ୍ଟରେ ତାଙ୍କୁ ରାୱଲପିଣ୍ଡିର ଅଡିଆଲ ଜେଲ୍‌ରେ ରଖାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ଅଛି ବୋଲି କେତେକ ଗଣମାଧ୍ୟମ ସେମାନଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଗତ ୩ ସପ୍ତାହ ହେବ ଇମ୍ରାନଙ୍କ ୩ ଭଉଣୀ ତାଙ୍କୁ ଭେଟିବାକୁ ପ୍ରୟାସ କରୁଛନ୍ତି। କିନ୍ତୁ ଜେଲ ପ୍ରଶାସନ ସେମାନଙ୍କୁ ଅନୁମତି ଦେଉନାହିଁ। ଫଳରେ ଇମ୍ରାନଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନାହିଁ ବୋଲି ଅନୁମାନ କରାଯିବା ସହ ଗୁଜବ ପ୍ରସାରିତ ହୋଇଛି। ଇମ୍ରାନଙ୍କ ଭଉଣୀମାନେ ସତ କହିବାକୁ ଦାବି କରିଛନ୍ତି। ଏ ନେଇ ଦ୍ୱନ୍ଦ୍ୱ ବୃଦ୍ଧି ପାଇବା ଫଳରେ ଜେଲ ପ୍ରଶାସନ ତାଙ୍କ ସ୍ୱାସ୍ଥ୍ୟ ନେଇ ସ୍ପଷ୍ଟୀକରଣ ଦେଇଛନ୍ତି। ଇମ୍ରାନ ପୂରା ଠିକ୍ ଅଛନ୍ତି ବୋଲି ଜେଲ ପ୍ରଶାସନ କହିଛି। ଇମ୍ରାନଙ୍କ ପାର୍ଟି ପାକିସ୍ତାନ ତେହେରିକ-ଇ-ଇନ୍‌ସାଫ୍ (ପିଟିଆଇ) ତାଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ପ୍ରଚାରିତ ହେଉଥିବା ଗୁଜବ ବିଷୟରେ ସ୍ପଷ୍ଟୀକରଣ ମାଗିଛି। ସେହିପରି ପରିବାରର ଲୋକଙ୍କ ସହ ଇମ୍ରାନଙ୍କୁ ସକ୍ଷାତ କରାଇବାର ବ୍ୟବସ୍ଥା କରିବାକୁ ମଧ୍ୟ ପାର୍ଟି ଦାବି କରିଛି। ଯଦି ଇମ୍ରାନଙ୍କର କିଛି ହୁଏ ତେବେ ତାକୁ ବରଦାସ୍ତ କରାଯିବ ନାହିଁ ବୋଲି ପାର୍ଟି ତରଫରୁ କୁହାଯାଇଛି। ପୂର୍ବରୁ ଜେଲ୍ ବାହାରେ ଧାରଣାରେ ବସିଥିବା ଇମ୍ରାନଙ୍କ ଭଉଣୀମାନଙ୍କ ଉପରେ ଲାଠିଚାର୍ଜ କରାଯାଇଥିଲା। ଗତ ଦୁଇବର୍ଷ ହେବ ସେ ଜେଲ୍‌ରେ ବନ୍ଦ ଅଛନ୍ତି। ଇସଲାମାବାଦ ହାଇକୋର୍ଟ ମଧ୍ୟ ଇମ୍ରାନଙ୍କୁ ତାଙ୍କ ପରିବାର ସହ ସାକ୍ଷାତ କରିବାକୁ ଅନୁମତି ଦେଇଛନ୍ତି। ଏହା ସତ୍ତ୍ୱେ ଜେଲ ପ୍ରଶାସନ ଅନୁମତି ଦେଉନାହିଁ ବୋଲି ଅଭିଯୋଗ ହେଉଛି।


ବିଧାନସଭାରେ ଅଭିଭାଷଣ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସ୍ୱାଗତ କରୁଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ


ଏକ ବିଶେଷ ମୁହୂର୍ତ୍ତରେ ନବୀନ ପଟ୍ଟନାୟକଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

### ଆଜିଠୁ ଖୋଲିବ ମଣ୍ଡି

# ଏଯାଏ ମିଳିନି ଟୋକନ୍

ଭୁବନେଶ୍ୱର/ବରଗଡ଼, ୨୭ ।୧୧(ସମିସ): ଚଳିତ ଖରିଫ୍ ଋତୁର ଧାନକିଣା ପ୍ରକ୍ରିୟା ଆସନ୍ତାକାଲି ଅର୍ଥାତ୍ ଶୁକ୍ରବାରଠାରୁ ଆରମ୍ଭ ହେବ। ପ୍ରଥମ ଦିନରେ ବରଗଡ଼ ସମେତ ସମ୍ବଲପୁର ଜିଲ୍ଲାରୁ ଧାନ କିଣା ହେବ। ମାତ୍ର, ଏଯାଏ ଚାଷୀଙ୍କୁ ଟୋକନ୍ ମିଳିନାହିଁ। ତେଣୁ, ଆସନ୍ତାକାଲିଠାରୁ ଧାନକିଣା ଆରମ୍ଭ ହେବ ନା ନାହିଁ, ସେ ସମ୍ପର୍କରେ କୌଣସି ସ୍ୱଷ୍ଟତା ନ ଥିବାରୁ ସରକାରଙ୍କଠାରୁ ସ୍ୱଷ୍ଟୀକରଣ ଦାବି କରି ସଂଯୁକ୍ତ କୃଷକ ସଂଗଠନ ବରଗଡ଼ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛି।

ଓଡ଼ିଶାର ଭାତହାଣ୍ଡି କୁହାଯାଉଥିବା ବରଗଡ଼ ଜିଲ୍ଲାରୁ ଶୁକ୍ରବାରଠାରୁ ଧାନ କିଣା ପାଇଁ ଡିଏଲ୍‌ପିସି ବୈଠକରେ ନିଷ୍ପତ୍ତି ହୋଇଛି। ହେଲେ ଧାନ ବିକିବା ପାଇଁ ଚାଷୀଙ୍କୁ ଟୋକନ୍ ଦିଆଯାଇନାହିଁ। ଚାଷୀମାନେ ବିଭିନ୍ନ ମଣ୍ଡିରେ ହଜାରହଜାର କ୍ୱିଣ୍ଟାଲ୍ ଧାନ ଗଦା କଲେଣି। ମାତ୍ର କେବେ ସୁଦ୍ଧା ଚାଷୀଙ୍କୁ ଟୋକନ୍ ଦେଇ ଧାନ କିଣା ଆରମ୍ଭ କରିବେ, ସେନେଇ ସରକାର କୌଣସି ସ୍ୱଷ୍ଟ ସୂଚନା ଦେଉ ନାହାନ୍ତି। ଯାହାର ସୁଯୋଗ ନେଇ ଜିଲ୍ଲାରେ ଧାନ ମାଫିଆ ମାତିଲେଣି। ଚାଷୀଙ୍କ


ବରଗଡ଼ ଜିଲ୍ଲାପାଳଙ୍କୁ ଚାଷୀଙ୍କ ଦାବିପତ୍ର

ଆବଶ୍ୟକତା ଥିବାରୁ ସେମାନେ ବାଧ୍ୟ ହୋଇ ଦଲାଲମାନଙ୍କୁ କ୍ୱିଣ୍ଟାଲ ପିଛା ମାତ୍ର ୧୫ରୁ ୧୬ଶହ ମଧ୍ୟରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଅନୁରୂପ ଭାବେ ତ୍ରୁଟିପୂର୍ଣ୍ଣ ପଞ୍ଜୀକରଣ ନୀତି ପାଇଁ ବହୁ ଚାଷୀ ପଞ୍ଜୀକରଣ କରିପାରିନାହାନ୍ତି। ସାର ଏବଂ ଉନ୍ନତ ବିହନ ଏବଂ ଆଧୁନିକ ଜ୍ଞାନକୌଶଳ ଉପଯୋଗ କରି ଅଧିକ ଅମଳ ହେଉଥିଲେ ମଧ୍ୟ ବଳକା ଧାନ କିଣିବାକୁ ସରକାର ବ୍ୟବସ୍ଥା କରି ନଥିବାରୁ ଚାଷୀମାନେ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଏଣୁ, ବଳକା ଧାନକିଣା ବ୍ୟବସ୍ଥା କରିବା ସହ ଧାନକିଣା ସମ୍ପର୍କରେ ସ୍ୱଷ୍ଟୀକରଣ ରଖିବାକୁ ସଂଯୁକ୍ତ କୃଷକ ସଂଗଠନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଅନ୍ୟଥା ବଡ଼ଧରଣର ଚାଷୀ ଆନ୍ଦୋଳନ କରିବା ପାଇଁ ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

ଅନୁରୂପ ଭାବେ ସମ୍ବଲପୁର ଜିଲ୍ଲାରେ ମଧ୍ୟ ସମାନ ଅବ୍ୟବସ୍ଥା ଲାଗି ରହିଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଆସନ୍ତାକାଲିଠାରୁ ଧାନକିଣା ସ୍ୱାଭାବିକ ନ ହେଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ବିଭିନ୍ନ କୃଷକ ସଂଗଠନ ଚେତାବନୀ ଦେଇଛନ୍ତି।

### ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ଝଟ୍‌କା

# ବିଧାୟକ, ସାଂସଦଙ୍କ ସୁପାରିସରେ ଶିକ୍ଷକ ବଦଳି ନିଷ୍ପତ୍ତି ରଦ୍ଦ

କଟକ, ୨୭।୧୧(ସମିସ): ବିଧାୟକ ଓ ସାଂସଦମାନଙ୍କ ସୁପାରିସ ଭିତ୍ତିରେ ଶିକ୍ଷକ ବଦଳି ନେଇ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ଲାଗିଛି ହାଇକୋର୍ଟଙ୍କ ଝଟ୍‌କା। ନିଜ ନିର୍ବାଚନମଣ୍ଡଳୀର ୧୫ଜଣ ଶିକ୍ଷକଙ୍କ ବଦଳି ପାଇଁ ବିଧାୟକ ଓ ସାଂସଦ ସୁପାରିସ୍ କରିବା ସମ୍ପର୍କିତ ନିଷ୍ପତ୍ତି ତଥା ଗତ ମେ’ ୧୩ରେ ବିଭାଗୀୟ ଯୁଗ୍ମ ସଚିବଙ୍କ ପକ୍ଷରୁ ଜାରି ହୋଇଥିବା ଚିଠିକୁ ହାଇକୋର୍ଟ ଆଜି ରଦ୍ଦ କରିଦେଇଛନ୍ତି। ଫକିର ମହାନନ୍ଦ, ରାହୁଲ ତ୍ରିପାଠୀ ଓ ଅନ୍ୟ ଶିକ୍ଷକମାନଙ୍କ ତରଫରୁ ରୁଜୁ ଆବେଦନଗୁଡ଼ିକର ଏକତ୍ର ଶୁଣାଣି କରି ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏପରି ରାୟ ପ୍ରକାଶ କରିଛନ୍ତି। ରାଷ୍ଟ୍ର ଗଠନ କ୍ଷେତ୍ରରେ ଶିକ୍ଷକମାନଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଣୁ, ସେମାନଙ୍କ ବଦଳି କ୍ଷେତ୍ରରେ ରାଜନୈତିକ ହସ୍ତକ୍ଷେପକୁ ହାଇକୋର୍ଟ ନାପସନ୍ଦ କରିଛନ୍ତି। ବିଶେଷକରି ବିଧାୟକ ଓ ସାଂସଦଙ୍କ ସୁପାରିସ କ୍ଷମତା ଦ୍ୱାରା ଶିକ୍ଷକ ଗୋଷ୍ଠୀ ସହ ରାଜନୈତିକ ଦଳ ଓ ବ୍ୟକ୍ତିଙ୍କ ମଧ୍ୟରେ ଏକ ମେଣ୍ଟ ସୃଷ୍ଟି ହେବ, ଯାହା ବ୍ୟବସ୍ଥା ପାଇଁ ଶୁଭଙ୍କର ନୁହେଁ ବୋଲି ହାଇକୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି।

ଯେଉଁ ଆବେଦନକାରୀ ଶିକ୍ଷକମାନେ ଅନ୍ତରୀଣ ରହିତାଦେଶ ବଳରେ ପୂର୍ବ ସ୍ଥାନରେ କାର୍ଯ୍ୟ କରୁଛନ୍ତି, ସେମାନେ ଏବେ ସେହିଠାରେ କାର୍ଯ୍ୟ କରିବେ। ତେବେ ଉକ୍ତ ସୁପାରିସ ଆଧାରରେ ଯେଉଁମାନଙ୍କ ବଦଳି ହୋଇଛି ଓ ସେମାନେ ନୂତନ ସ୍ଥାନରେ ଯୋଗ ଦେଇସାରିଛନ୍ତି, ସେମାନେ ୨୦୨୫-୨୬ ଶିକ୍ଷା ବର୍ଷ ଶେଷ ପର୍ଯ୍ୟନ୍ତ ସେଠାରେ କାର୍ଯ୍ୟ କରିବେ। ଏହାର ଏକ ସପ୍ତାହ ମଧ୍ୟରେ ସେହି ଶିକ୍ଷକମାନଙ୍କୁ ମୂଳ ସ୍ଥାନକୁ ଫେରାଇ ଅଣାଯିବ ବୋଲି ହାଇକୋର୍ଟ ସ୍ୱଷ୍ଟ କରିଛନ୍ତି। ମାମଲାର ଶୁଣାଣି ବେଳେ ଆବେଦନକାରୀଙ୍କ ପକ୍ଷରୁ ସୁପ୍ରିମକୋର୍ଟଙ୍କ ଟି. ସୁବ୍ରମଣ୍ୟମ ବନାମ କର୍ଣ୍ଣାଟକ ସରକାରଙ୍କ ରାୟକୁ ଉପସ୍ଥାପନ କରାଯାଇଥିଲା। ଏହି ରାୟଅନୁସାରେ, କେବଳ ମୁଖ୍ୟମନ୍ତ୍ରୀଙ୍କୁ ଛାଡ଼ିଲେ ମନ୍ତ୍ରୀମାନେ ମଧ୍ୟ ଏଭଳି ବଦଳି କରିବାର କ୍ଷମତା ଧାରଣ କରିନାହାନ୍ତି ବୋଲି ସ୍ୱଷ୍ଟ ହୋଇଥିଲା।

ମାମଲାରୁ ପ୍ରକାଶ, ବିଧାୟକ ଓ ସାଂସଦମାନେ ନିଜ ନିର୍ବାଚନମଣ୍ଡଳୀର ୧୫ଜଣ ପର୍ଯ୍ୟନ୍ତ ଶିକ୍ଷକଙ୍କ ବଦଳି ପାଇଁ ସୁପାରିସ କରିପାରିବେ ବୋଲି ସରକାର ନେଇଥିବା ନିଷ୍ପତ୍ତିକୁ ବିଭାଗୀୟ ଯୁଗ୍ମ ସଚିବଙ୍କ ପକ୍ଷରୁ ଗତ ମେ’ ୧୩ ତାରିଖରେ ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ପତ୍ର ଦିଆଯାଇଥିଲା। ବଦଳି ସୁପାରିସ ଜିଲ୍ଲା ସ୍ତରୀୟ ବଦଳି କମିଟି (ଡିଏଲଟିସି)କୁ ମେ’ ୧୫ରୁ ଜୁନ୍ ୫ମଧ୍ୟରେ ପଠାଯିବା ପରେ କମିଟି କାର୍ଯ୍ୟକାରୀ କରିବ ବୋଲି ଉଲ୍ଲେଖ ଥିଲା। ଆବେଦନକାରୀ ଶିକ୍ଷକମାନଙ୍କୁ ମଧ୍ୟ ଅନୁରୂପ ଭାବ ସ୍ଥାନୀୟ ବିଧାୟକ ଓ ସାଂସଦଙ୍କ ସୁପାରିସକ୍ରମେ ବଦଳି କରାଯାଇଥିଲା। ଏପରିକି, ଆବେଦନକାରୀଙ୍କୁ ୧୦୦କି.ମି ଦୂରକୁ ବଦଳି ପାଇଁ ଆଦେଶ ଜାରି ହୋଇଥିଲା। ଏଭଳି ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ ବଦଳି ନିଷ୍ପତ୍ତି ପାଇଁ କୌଣସି କ୍ଷମତା କିମ୍ବା ଯଥାର୍ଥତା ନଥିବା ବେଳେ ବଦଳି ଆଦେଶକୁ ବେଆଇନ ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି କରି ହାଇକୋର୍ଟ ଅନ୍ତରୀଣ ରହିତାଦେଶ ଜାରି କରିବା ସହ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ପୁରୁଷୋତ୍ତମ ଚୁଳି, ରାମଦାସ ଆଚାରି, ସୁକାନ୍ତ ଦଳାଇ ଓ ଅନ୍ୟମାନେ ମାମଲା ପରିଚାଳନା କରୁଥିଲେ।

### ମାଧ୍ୟମିକ ଶିକ୍ଷକ ଦମ୍ପତି ବଦଳିରେ ବିଳମ୍ବ

# ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରଉ ଧମକ

ଭୁବନେଶ୍ୱର, ୨୭ ।୧୧(ସମିସ): ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଦମ୍ପତିଙ୍କ ବଦଳିରେ ଚଳିତ ବର୍ଷ ଅହେତୁକ ବିଳମ୍ବ ହୋଇଛି। ପ୍ରାୟ ୬ ମାସରୁ ଅଧିକ ସମୟ ହେଲା ଆଶାୟୀମାନେ ଆବେଦନ କରିଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବା ସହ ଜାଣିଶୁଣି ବିଳମ୍ବ କରାଯାଉଥିବା ଅଭିଯୋଗ କରିଛନ୍ତି। ଆସନ୍ତା ୧୦ ଦିନ ମଧ୍ୟରେ ବଦଳି ନିର୍ଦ୍ଦେଶନାମା ପ୍ରକାଶ କରା ନ ଗଲେ ଗଣଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଅହୋରାତ୍ର ଧାରଣାରେ ବସିବେ ବୋଲି ଏନ୍‌ପିଏସ୍ ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ମାଧ୍ୟମିକ ଶିକ୍ଷକଙ୍କ ବଦଳି କ୍ଷେତ୍ରରେ ଦମ୍ପତି ଶିକ୍ଷକଶିକ୍ଷୟିତ୍ରୀଙ୍କୁ ପ୍ରାଥମିକତା ଭିତ୍ତିରେ ବଦଳି ପ୍ରକ୍ରିୟା କରିବାର ପ୍ରାବଧାନ ରହିଛି। ହେଲେ, ଚଳିତବର୍ଷ ସେମାନଙ୍କୁ ଅଣଦେଖା କରି ଅନ୍ୟ ଶିକ୍ଷକଙ୍କର ବଦଳି ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ଏପରିକି, ଆବେଦନକୁ ଦୀର୍ଘ ୬ମାସ ଅତିକ୍ରମ କରିଥିଲେ ମଧ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ବଦଳି ନିୟମର ଏହା ଖୋଲା ଉଲ୍ଲଂଘନ। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବିଭିନ୍ନ ଆଳ ଦେଖାଇ ସେମାନଙ୍କର ବଦଳି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁ ନଥିବା ସଂଘ ଅଭିଯୋଗ କରିଛି। ବାରମ୍ବାର ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଗଣଶିକ୍ଷା ମନ୍ତ୍ରୀ, ଗଣଶିକ୍ଷା ସଚିବଙ୍କୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ପ୍ରାଥମିକ ଦମ୍ପତି ଶିକ୍ଷକଙ୍କ ବଦଳି ହୋଇସାରିଥିବା ବେଳେ ମାଧ୍ୟମିକ ଶିକ୍ଷକଙ୍କ କ୍ଷେତ୍ରରେ କାହିଁକି ବିଳମ୍ବ କରାଯାଉଛି ବୋଲି ଶିକ୍ଷକମାନେ ପ୍ରଶ୍ନ କରିବା ସହ ୧୦ ଦିନ ମଧ୍ୟରେ ବଦଳି ପ୍ରକ୍ରିୟା ସାରିବାକୁ ଦାବି କରିଛନ୍ତି। ଅନ୍ୟଥା ଆବେଦନ କରିଥିବା ପ୍ରାୟ ୨ଶହରୁ ଅଧିକ ଦମ୍ପତି ଶିକ୍ଷକ ଶିକ୍ଷୟିତ୍ରୀ ସପରିବାର ଗଣଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଦିବାରାତ୍ର ଧାରଣାରେ ବସିବେ ବୋଲି ଏନ୍‌ପିଏସ୍ ମାଧ୍ୟମିକ ଶିକ୍ଷକ ସଂଘର ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ କହିଛନ୍ତି।

### ଏସ୍‌ଆଇ ଚାକିରି ବିକ୍ରି ମାମଲା

# ୩ ଦିନିଆ ସିବିଆଇ ରିମାଣ୍ଡରେ ୪ ମଧ୍ୟସ୍ଥ

ଭୁବନେଶ୍ୱର,୨୭।୧୧(ସମିସ): ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ୪ଜଣ ମଧ୍ୟସ୍ଥଙ୍କୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଗୁରୁବାର ୩ଦିନିଆ ରିମାଣ୍ଡରେ ନେଇଛି। ଏହି ମଧ୍ୟସ୍ଥମାନେ ହେଲେ, ବିଶ୍ୱରଞ୍ଜନ ବେହେରା, ଲୋକନାଥ ସାହୁ, ଫଲିମ୍ ଅହମ୍ମଦ ଖାନ୍ ଏବଂ ବିଶ୍ୱରଞ୍ଜନ ହରିଶ୍ଚନ୍ଦନ। ଏମାନଙ୍କୁ ରିମାଣ୍ଡରେ ନେବା ପାଇଁ ସକାଳୁ ସିବିଆଇ ଟିମ୍ ଝାରପଡ଼ା ଜେଲରେ ପହଞ୍ଚିଥିଲା। ସବୁ ଔପଚାରିକତା ଶେଷ କରିବା ପରେ ୪ ଜଣଙ୍କୁ କଡ଼ା ସୁରକ୍ଷା ମଧ୍ୟରେ ସିବିଆଇ କାର୍ଯ୍ୟାଳୟକୁ ନିଆଯାଇଥିଲା। ଏମାନଙ୍କୁ ସିବିଆଇର ସ୍ୱତନ୍ତ୍ର ଟିମ୍ ଦିନତମାମ ଜେରା କରିଥିଲା। ଚାକିରି ବିକ୍ରି ସିଣ୍ଡିକେଟ୍ ସମ୍ପର୍କରେ ଏମାନଙ୍କଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା ଜଣାଯାଇଛି।

ମିଳିଥିବା ସୂଚନା ମୁତାବକ, ସିବିଆଇ ପରୀକ୍ଷା ଚାକିରି ବିକ୍ରି କରୁଥିବା କ୍ରାଇମ୍ ସିଣ୍ଡିକେଟ୍‌ର ପ୍ରତ୍ୟେକ ସଦସ୍ୟମାନଙ୍କୁ ଧରିବାକୁ ଏକ ଫୁଲ୍‌ପ୍ରୁଫ୍ ଯୋଜନା ପ୍ରସ୍ତୁତ କରିଛି। ଅଭିଯୁକ୍ତମାନଙ୍କୁ ୩ଟି ଶ୍ରେଣୀରେ ବିଭକ୍ତ କରାଯାଇଛି। ପ୍ରଥମ ଶ୍ରେଣୀରେ ରହିଛନ୍ତି ଚାକିରି ଆଶାୟୀ, ଯେଉଁମାନେ ଟଙ୍କା ଖର୍ଚ୍ଚ କରି ଚାକିରି ପାଇବାକୁ ଯୋଜନା କରିଥିଲେ। ୬ଦିନ ଧରି ଏମାନଙ୍କୁ ଜେରା କରାଗଲା। ଏହାପରେ ଏମାନଙ୍କଠାରୁ ଯାହା କିଛି ତଥ୍ୟ ମିଳିଲା, ତାହାକୁ ଆଧାର କରି ଦ୍ୱିତୀୟ ଶ୍ରେଣୀରେ ଥିବା ମଧ୍ୟସ୍ଥଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରାଯାଉଛି। ଏମାନଙ୍କଠାରୁ କ୍ରାଇମ୍ ସିଣ୍ଡିକେଟ୍ ସଦସ୍ୟଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯିବ। ଏହାପରେ ସିବିଆଇ କାର୍ଯ୍ୟାଳୟରେ ହାଜର ହେବେ ସିଣ୍ଡିକେଟ୍ ଜଣେ ଜଣେ ସଦସ୍ୟ। ଏଣୁ ସିବିଆଇ ତଦନ୍ତ ପ୍ରକ୍ରିୟା ତଳୁ ଉପର ଆଡ଼କୁ ଯାଉଛି ବୋଲି ନାମ ଗୋପନ ରଖିବା ସର୍ତ୍ତରେ ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ, ରିମାଣ୍ଡରେ ଆସିଥିବା ଅଭିଯୁକ୍ତମାନେ ସିବିଆଇ କାର୍ଯ୍ୟାଳୟରେ ହାଜର ହେବା ପରେ ସେମାନଙ୍କୁ ଜେରା ପାଇଁ ସ୍ୱତନ୍ତ୍ର ଗୃହକୁ ନିଆଯାଇଥିଲା। ହେଲେ ଏହି ଗୃହରେ ୬ଘଣ୍ଟା ପର୍ଯ୍ୟନ୍ତ ସେମାନଙ୍କୁ ସମ୍ପୂର୍ଣ୍ଣ ଏକଲା ଛାଡ଼ି ଦିଆଯାଇଥିଲା। ଗୋଟିଏ ବି ପ୍ରଶ୍ନ ନ ପଚାରି ଦୂରରୁ ସେମାନଙ୍କ ହାବଭାବକୁ ଯାଞ୍ଚ କରୁଥିଲେ ସିବିଆଇ ଅଧିକାରୀ। ଏକୁଟିଆ ଘଣ୍ଟାଘଣ୍ଟା ଧରି ବସିବା ପରେ ଅଭିଯୁକ୍ତମାନେ ଛାନିଆ ହୋଇଯାଇଥିଲେ। ଯିଏ ମାନସିକସ୍ତରରେ ଭାଙ୍ଗି ପଡୁଥିଲା ଏବଂ ସିବିଆଇ ଆଗରେ ସବୁ କିଛି ମାନିଯିବ ବୋଲି ବିଶ୍ୱାସ ହୋଇଥିଲା, ସେମାନଙ୍କୁ ହିଁ ଜେରା ଆରମ୍ଭ କରାଯାଉଥିଲା। ସେମାନଙ୍କୁ ଆରମ୍ଭ ହେଉଥିଲା ପ୍ରକୃତ ଜେରା। ଗୋଟିଏ ପରେ ଗୋଟିଏ ପଶ୍ନ ପଚରାଯାଉଥିଲା।

ସିବିଆଇର ପ୍ରଶ୍ନବାଣରେ ଘାଇଲା ହୋଇଯାଇଥିଲେ ରିମାଣ୍ଡରେ ଥିବା ଅଭିଯୁକ୍ତମାନେ। କେତେବେଳେ କାହାକୁ ଏକୁଟିଆ ଜେରା କରାଯାଉଥିଲା ତ ପୁଣି କେତେବେଳେ କଥା ନମିଶିବାରୁ କେତେବେଳେ ଏମାନଙ୍କୁ ଏକତ୍ର ଜେରା କରାଯାଉଥିଲା। ସିବିଆଇର ଗୋଟିଏ ଉଦ୍ଦେଶ୍ୟ ଥିଲା କ୍ରାଇମ୍ ସିଣ୍ଡିକେଟ୍ ସଦସ୍ୟଙ୍କ ନାଁ ସାମ୍ନାକୁ ଆଣିବା ଏବଂ ଏମାନଙ୍କ ବିରୋଧରେ ପ୍ରମାଣ ଯୋଗାଡ଼ କରିବା।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ବିଶ୍ୱରଞ୍ଜନ ବେହେରା ଏବଂ ଲୋକନାଥ ସାହୁଙ୍କୁ ଜେରା କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଏହି ରାକେଟ୍‌ର ଟଙ୍କା କାରବାର ଉପରୁ ପରଦା ହଟାଇବା। ନିଲମ୍ବିତ କନ୍‌ଷ୍ଟେବଲ ବିଶ୍ୱରଞ୍ଜନ ଜେରା ବେଳେ ବହୁ ଗୁରୁତ୍ୱପୂର୍ଣ୍ଣ କଥା ସିବିଆଇକୁ କହିଛନ୍ତି ବୋଲି ଜଣାପଡ଼ିଛି। ସେ ସିବିଆଇ ଆଗରେ ବହୁ ଗୁମର ଖୋଲିଛନ୍ତି। ତାଙ୍କ ଘର ବାରଙ୍ଗ ଥାନା ଅଞ୍ଚଳରେ। ଚାକିରି କରିବାର କିଛି ବର୍ଷ ପରେ ସେ ଚାକିରି ବିକ୍ରି କ୍ରାଇମ୍ ସିଣ୍ଡିକେଟ୍ ସଂସ୍ପର୍ଶରେ ଆସିଥିଲେ। ବିଶ୍ୱରଞ୍ଜନ ବହୁ ମଧ୍ୟସ୍ଥଙ୍କ ସହ ଯୋଗାଯୋଗରେ ଥିଲେ। ସେ ୧୧୪ ଆଶାୟୀଙ୍କଠାରୁ ସାର୍ଟିଫିକେଟ୍ ଏବଂ ଚେକ୍ ସଂଗ୍ରହ କରିଥିଲେ। ଏହା ବଦଳରେ ସେ ପ୍ରଶ୍ନପତ୍ର ପ୍ରଦାନ କରିଥିଲେ।

# ଟ୍ରେଡିଂ ଆଳରେ ୫୦ କୋଟି ଠକେଇ

ସମ୍ବଲପୁର, ୨୭।୧୧(ସମିସ): ‘ମୁଁ ଆଇଟି ଏକ୍ସପର୍ଟ। ଟ୍ରେଡିଂ କ୍ଷେତ୍ରରେ ବହୁବର୍ଷ ହେଲାଣି କାମ କରୁଛି। ମୋତେ ଟଙ୍କା ଦିଅ, ପ୍ରଥମ ମାସରେ ମୂଳଧନର ୧୦ ପ୍ରତିଶତ ଦେଇଦେବି। ୬ମାସ ପରେ ବଡ଼ ଆକାରରେ ଟଙ୍କା ଫେରାଇଦେବି। ବ୍ୟାଙ୍କ କିମ୍ବା ଅନ୍ୟ କୌଣସି କ୍ଷେତ୍ରରେ ବିନିଯୋଗ କଲେ, ଏତେ ଲାଭ ପାଇବେନି। ମୋତେ ଟଙ୍କା ଦେଲେ କୋଟିପତି ହେବେ।’ ଏପରି ଲୋଭ ଦେଖାଇ ୫୦ କୋଟି ଟଙ୍କା ଠକି ନେଇଥିବା ଜଣେ ଧୂର୍ତ୍ତକୁ ସମ୍ବଲପୁର ସଦର ଥାନା ପୁଲିସ ଗିରଫ କରିଛି। ସେ ହେଲା, କ୍ଷେତରାଜପୁର ଥାନା ଚନ୍ଦନ ନଗରର ମଧୁସୂଦନ ବରାଇ(୩୬)କୁ ଗିରଫ କରିଛି। ମଧୁସୂଦନ ସଦର ଥାନା ଏନ୍‌ଏସ୍‌ସିବି କଲେଜ ଛକରେ ‘ଏ ଆଣ୍ଡ ଏ’ ଇଣ୍ଟରପ୍ରାଇଜେସ୍ ଇନ୍‌ଭେଷ୍ଟମେଣ୍ଟ ରିଟର୍ନ୍ସ ନାମକ ଏକ ସଂସ୍ଥା ଖୋଲି ଏପରି କାରବାର ଚଳାଇଥିଲା ବୋଲି ସମ୍ବଲପୁର ଏସପି ମୁକେଶ ଭାମୁ ସୂଚନା ଦେଇଛନ୍ତି। ପ୍ରାୟ ୪୭ଜଣ ଲୋକଙ୍କ ପାଖରୁ ଲକ୍ଷାଧିକ ମୋଟ ୫୦କୋଟି ଟଙ୍କା ଠକେଇ ହୋଇଥିବା ପୁଲିସ ଅନୁମାନ କରିଛି। ପୁଲିସ ତା’ ନିକଟରୁ ଗୋଟିଏ ମୋବାଇଲ, ୬ଟି ସିପିୟୁ, ୬ଟି ମନିଟର୍, ଗୋଟିଏ ପ୍ରିଣ୍ଟର୍, ୫ଟି କି-ବୋର୍ଡ ସହ ୫ଟି ମାଉସ ଜବତ କରିଛି।

ଏସ୍‌ପି ଶ୍ରୀ ଭାମୁ କହିଛନ୍ତି ଯେ ଏ ପର୍ଯ୍ୟନ୍ତ ୨୦କୋଟିର ବ୍ୟାଙ୍କ ଟ୍ରାଞ୍ଜାକ୍ସନ୍ ବାବଦରେ ପୁଲିସ ସୂଚନା ପାଇଛି। ଅଭିଯୁକ୍ତ ପୂର୍ବରୁ ଓଡ଼ିଶା ବାହାରେ ଏକ କମ୍ପାନୀର ଆଇଟି ସେକ୍ଟରରେ କାମ କରୁଥିଲା। ପରେ ଚାକିରି ଛାଡ଼ି ଟ୍ରେଡିଂ କ୍ଷେତ୍ରରେ ପ୍ରବେଶ କରିଥିଲା। ନିଜର ଡିମାଟ୍ ଆକାଉଣ୍ଟରେ ଲୋକଙ୍କ ଟଙ୍କା ଆଣି ବିନିଯୋଗ କରୁଥିଲା। ଗ୍ରାହକ ଦେଉଥିବା ଟଙ୍କାକୁ ରଖିବା ପରେ ସେମାନଙ୍କୁ ବଣ୍ଡ ପେପର୍ ମଧ୍ୟ ଦେଉଥିଲା। କିଛି ଲୋକଙ୍କୁ ପ୍ରାଥମିକ ପର୍ଯ୍ୟାୟରେ ଟଙ୍କା ଫେରାଇଥିବା ମଧ୍ୟ ସୂଚନା ରହିଛି। ଏଥିରେ ତାକୁ ଆଉ କିଛି ଯୁବକ ସହଯୋଗ କରୁଥିଲେ। ସେମାନଙ୍କୁ ଧରିବା ପାଇଁ ତନାଘନା ଚାଲିଛି। ସେହିଭଳି, କେଉଁ ପରିସ୍ଥିତିରେ ଲୋକମାନେ ଲକ୍ଷାଧିକ ଟଙ୍କା ବିନିଯୋଗ କରିବା ପାଇଁ ଦେଉଥିଲେ, ତାହା ଅଭିଯୁକ୍ତ ମଧୁସୂଦନକୁ ରିମାଣ୍ଡରେ ଆଣିଲେ ଜଣାପଡ଼ିବ ବୋଲି ଏସ୍‌ପି ଶ୍ରୀ ଭାମୁ କହିଛନ୍ତି।

### ପ୍ରେମ ପାଇଁ ସାତଦରିଆ ପାରି

# ଓଡ଼ିଆ ବୋହୂ ହେଲେ ସ୍ଲୋଭାକିଆ ଯୁବତୀ



ପାରଳାଖେମୁଣ୍ଡି, ୨୭ ।୧୧ (ସମିସ): ପ୍ରେମ ମାନେନାହିଁ ସୀମା ସରହଦ, ବନ୍ଧବାଡ଼। ଏହି ଉକ୍ତିକୁ ପ୍ରମାଣିତ କରି ଦେଖାଇଛନ୍ତି ସ୍ଲୋଭାକିଆର ଜଣେ ଯୁବତୀ। ପ୍ରେମ ପାଇଁ ସେ ସାତଦରିଆ ପାର ହୋଇ ଓଡ଼ିଶାରେ ପାଦ ଥାପିଛନ୍ତି। ହିନ୍ଦୁ ରୀତିନୀତିରେ ଜଣେ ଓଡ଼ିଆ ଯୁବକଙ୍କୁ ବିବାହ କରି ଓଡ଼ିଶାର ବୋହୂ ହୋଇଛନ୍ତି। ସେ ହେଲେ, ୟୁରୋପୀୟ ଦେଶ ସ୍ଲୋଭାକିଆର ଯୁବତୀ ଏନା। ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସହର ଉପକଣ୍ଠ ରାମଲିଙ୍ଗେଶ୍ୱର ମନ୍ଦିରରେ ସେ ପାରଳାଖେମୁଣ୍ଡିର ରାଜୀବ ମିଶାଲଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି।

ରାଜୀବ ସିଙ୍ଗାପୁରରେ କାମ କରନ୍ତି। ଏକ ହସ୍ପିଟାଲରେ ଏନାଙ୍କ ସହ ତାଙ୍କର ଦେଖା ହୋଇଥିଲା। ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଦୀର୍ଘ ବର୍ଷ ଧରି ରାଜୀବଙ୍କ ସଂସ୍ପର୍ଶରେ ରହିବା ପରେ ଏନା ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ମଧ୍ୟ ଭଲ ପାଇ ବସିଥିଲେ। ଏ ସଂପର୍କରେ ଉଭୟ ନିଜ ନିଜ ପରିବାରଲୋକଙ୍କ ସହ ଆଲୋଚନା କରିବା ପରେ ହିନ୍ଦୁ ରୀତିନୀତି ଅନୁସାରେ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ନିଷ୍ପତ୍ତି ଅନୁଯାୟୀ ବୁଧବାର ରାତିରେ ରାମଲିଙ୍ଗେଶ୍ୱର ମନ୍ଦିରରେ ହିନ୍ଦୁ ରୀତିନୀତିରେ ଦୁହିଁଙ୍କ ବିବାହ ସଂପନ୍ନ ହୋଇଥିଲା। ରାଜୀବଙ୍କ ପରିବାରଲୋକ ଏନାଙ୍କ ନାମକୁ ଭାରତୀୟ ନାମ ଅନୁସାରେ ଅନନ୍ୟା ଦେଇଛନ୍ତି। ଏହି ବିବାହ ଉତ୍ସବରେ ଉଭୟ ପକ୍ଷର ସମସ୍ତ ବନ୍ଧୁବାନ୍ଧବ ଓ ପ୍ରିୟଜନ ଉପସ୍ଥିତ ଥିଲେ।

### ପାଟଣାରେ ମେଗା ଷ୍ଟିଲ୍ ପ୍ଲାଣ୍ଟକୁ ବିରୋଧ ଜାରି

# ରାତିଅଧରେ ପୁଲିସ-ଗ୍ରାମବାସୀ ହାତାହାତି

କେନ୍ଦୁଝର, ୨୭।୧୧ (ସମିସ): କେନ୍ଦୁଝର ଜିଲ୍ଲାର ପାଟଣା ଅଞ୍ଚଳରେ ମେଗା ଷ୍ଟିଲ୍ ପ୍ଲାଣ୍ଟ ସ୍ଥାପନକୁ ସ୍ଥାନୀୟ ଲୋକ ବିରୋଧ କରିଆସୁଛନ୍ତି। ଏହାକୁ ନେଇ ସ୍ଥିତି ଏବେ ଦିନକୁ ଦିନ ଉଗ୍ର ହେବାରେ ଲାଗିଛି। ଗତ ରାତିରେ କାରଖାନା ବିରୋଧୀ ମଞ୍ଚର ୬ନେତାଙ୍କୁ ଗିରଫ କରିବାକୁ ଯାଇଥିବା ପୁଲିସକୁ ଗ୍ରାମବାସୀଙ୍କ ଆକ୍ରୋଶର ସମ୍ମୁଖୀନ ହେବାକୁ ପଡ଼ିଛି। ଉତ୍ତ୍ୟକ୍ତ ଗ୍ରାମବାସୀମାନେ ଏହି ଗିରଫଦାରୀକୁ ବେଆଇନ ଦର୍ଶାଇ ପୁଲିସ୍‌କୁ ଗାଁ ଦାଣ୍ଡରେ ଅଟକ ରଖିଥିଲେ। ପୁଲିସ-ଗ୍ରାମବାସୀଙ୍କ ମଧ୍ୟରେ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ତେବେ ସ୍ଥିତି ଜଟିଳ ହେବାରୁ ପୁଲିସ ମୃଦୁ ଲାଠିଚାଳନା କରି ଗ୍ରାମବାସୀଙ୍କୁ ଘଉଡ଼ାଇଥିଲା। ଏଥିରେ ଜଣେ ମହିଳା ପୁଲିସ ଓ କିଛି ଗ୍ରାମବାସୀ ଆହତ ହୋଇଥିବା ଜଣାପଡ଼ିଛି। ପରେ ପୁଲିସ ୬ ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ନେଇଥିଲା। ତୁରୁମୁଙ୍ଗା ଥାନା ଯମୁନାପଶି ଗ୍ରାମରେ ଏହି ଘଟଣା ଘଟିଛି। ଗିରଫ ଅଭିଯୁକ୍ତମାନେ ହେଲେ, କାରଖାନା ପ୍ରତିରୋଧ ମଞ୍ଚର ସମ୍ପାଦକ ବେଣୁଧର ସର୍ଦ୍ଦାର, ତାଙ୍କ ଭାଇ ଭୁବନାନନ୍ଦ ସର୍ଦ୍ଦାର, ମଞ୍ଚର




ଉପସଭାପତି ସରୋଜ କୁମାର ସିଂ, ରବୀନ୍ଦ୍ର ମାହାନ୍ତ, ବରିଷ୍ଠ କର୍ମୀ ଅନାମ ନାୟକ, ବୀରେନ୍ଦ୍ର ମହାକୁଡ଼। ଆଜି ପୁଲିସ ସେମାନଙ୍କୁ କୋର୍ଟଚାଲାଣ କରିଛି।

ଅପରପକ୍ଷେ, ଏହି ୬ ଜଣଙ୍କ ଗିରଫଦାରୀ ପ୍ରତିବାଦରେ ଆଜି ସକାଳ ପ୍ରାୟ ୧୦ଟାରେ ପ୍ଲାଣ୍ଟ ପ୍ରଭାବିତ ୧୨ଟି ଗାଁର ପ୍ରାୟ ୨ ହଜାର ମହିଳା ପୁରୁଷ ଏକାଠି ହୋଇ ହାତୀବାରି ଛକ ନିକଟରୁ ଏକ ରାଲିରେ ବାହାରିଥିଲେ। ତୁରୁମୁଙ୍ଗା ଥାନାଠାରୁ ୫ଶହ ମିଟର ଦୂରରେ ପୁଲିସ ସେମାନଙ୍କୁ ଅଟକାଇବାରୁ ସେମାନେ ତୁରୁମୁଙ୍ଗା ସର୍ଭିସ୍ ରୋଡ୍‌ରେ ଧାରଣା ଦେଇଥିଲେ। ଚାଷଜମିରେ ପ୍ଲାଣ୍ଟ ନିର୍ମାଣ ବନ୍ଦ, ପୋସ୍କୋ ସହ ଏମଓୟୁ ବାତିଲ, ରକ୍ତ ଦେବୁ ପଛେ ଭିଟା ମାଟି ଛାଡ଼ିବୁ ନାହିଁ ଆଦି ଲେଖାଥିବା ପ୍ଲା’-କାର୍ଡ ଧରି ଧାରଣାରେ ବସିଥିଲେ। ଅପରାହ୍ଣ ପ୍ରାୟ ସାଢ଼େ ୪ଟାରେ ଆନ୍ଦୋଳନକାରୀମାନେ ଧାରଣରୁ ଉଠିଥିଲେ।

ସୂଚନାନୁଯାୟୀ, ପାଟଣା ବ୍ଲକ୍ ଚେମେଣା ଓ ଯମୁନାପଶି ପଞ୍ଚାୟତ ଅଞ୍ଚଳରେ ଦୁଇଟି କମ୍ପାନୀ ମିଳିତ ଭାବେ ଷ୍ଟିଲ୍ ପ୍ଲାଣ୍ଟ ସ୍ଥାପନ କରିବାକୁ ଯାଉଛନ୍ତି। ଏହାକୁ କାରଖାନା ପ୍ରତିରୋଧ

- ଲାଠିଚାର୍ଜ କରି ମୁକୁଳିଲା ପୁଲିସ
- ଗିରଫଦାରୀ ପ୍ରତିବାଦରେ ରାସ୍ତାରେ ଧାରଣା
- ପ୍ଲାଣ୍ଟ ବିରୋଧୀ ନେତାଙ୍କୁ ନିସର୍ତ୍ତ ଖଲାସ ଦାବି

ମଞ୍ଚ ବିରୋଧ କରିଆସୁଛି। ବେଣୁଧର ମଞ୍ଚର ସଂପାଦକ। କିଛି ଦିନ ତଳେ ଚେମଣା ଗ୍ରାମର ପ୍ରତାପ ଦାସ ସହ ୨ଜଣଙ୍କୁ ଅତର୍କିତ ଆକ୍ରମଣ ସହ ତାଙ୍କଠାରୁ ଜୋରଜବରଦସ୍ତ ଟଙ୍କା ଛଡ଼ାଇ ନେଇଯିବା, ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ ତୁରୁମୁଙ୍ଗା ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଏନେଇ ନମ୍ବର ୨୬୫/୨୦୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ମାମଲାରେ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପୁଲିସ ଗତ ରାତିରେ ଯମୁନାପଶି ଗାଁକୁ ଯାଇଥିଲା। କିନ୍ତୁ, କାରଖାନା ପ୍ରତିରୋଧ ମଞ୍ଚର ସ୍ୱରକୁ ଦବାଇବା ପାଇଁ ପୁଲିସ ଏଭଳି ମିଛ ମାମଲା କରି ଏହାର ସଦସ୍ୟଙ୍କୁ ଗିରଫ କରୁଥିବା ଅଭିଯୋଗ କରି ଗ୍ରାମବାସୀମାନେ ପୁଲିସର ବାଟ ଉଗାରିଥିଲେ। ଏହାକୁ ନେଇ ପୁଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ ହାତାହାତି ହୋଇଥିଲା।

ଅପରପକ୍ଷେ, ମଞ୍ଚର ଉପଦେଷ୍ଟା ତଥା ଏଆଇକେକେଏମଏସ୍ ରାଜ୍ୟ ସମ୍ପାଦକ କମ୍ରେଡ ରଘୁନାଥ ଦାସ ଓ ପ୍ରତିରୋଧ ମଞ୍ଚର ସଭାପତି ଘନଶ୍ୟାମ ମହାନ୍ତ ପୁଲିସର ଏଭଳି ଦମନକାରୀ ନୀତିକୁ ତୀବ୍ର ନିନ୍ଦା କରିଛନ୍ତି। ଅବିଳମ୍ବେ ବିନା ସର୍ତ୍ତରେ ପ୍ରତିରୋଧ ମଞ୍ଚର ସଦସ୍ୟମାନଙ୍କୁ ଖଲାସ କରିବାକୁ ସେମାନେ ଦାବି କରିନ୍ତି। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଘଟଣାକୁ ନେଇ କାରଖାନା ପ୍ରସ୍ତାବିତ ଅଞ୍ଚଳରେ ଉତ୍ତେଜନା ଲାଗି ରହିଥିବାରୁ ପୁଲିସ୍ ତୀକ୍ଷ୍ଣ ନଜର ରଖିଛି।

# ୭୭ତମ ସମ୍ବିଧାନ ଦିବସ ପାଳିତ

ଅନୁଗୋଳ,୨୭ ।୧୧(ସମିସ):

ଜିଲ୍ଲାର ସମସ୍ତ ଆମ୍ବେଦକରବାଦୀ ସଂଗଠନ ସହଭାଗିତାରେ ଅନୁଗୋଳ ବାବାସାହେବ ଆମ୍ବେଦକର ଫାଉଣ୍ଡେସନ ଦ୍ୱାରା ୭୭ତମ ସମ୍ବିଧାନ ଦିବସ ପାଳିତ ହୋଇଛି। ଜିଲ୍ଲାର ବିଭିନ୍ନ ଗ୍ରାମ ତଥା ସଂଗଠନରୁ ଆସିଥିବା ଶତାଧିକ ଯୁବକ-ଯୁବତୀ, ମହିଳା ଓ ସଦସ୍ୟମାନେ 'ଜୟଭୀମ' ନାରାଦେଇ ଶୋଭାଯାତ୍ରାରେ ସହର ପରିକ୍ରମା କରି ଆମ୍ବେଦକର ଭବନରେ ଅନୁଷ୍ଠିତ ସମାରୋହରେ ଯୋଗଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଶତ୍ରୁଘ୍ନ ନାଏକଙ୍କ ଅଧ୍ୟକ୍ଷତା ଏବଂ ସାଧାରଣ ସମ୍ପାଦକ ପ୍ରଭାତ କୁମାର ଶ୍ରବଣଙ୍କ ସଞ୍ଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ ତଥା ପ୍ରଥମ ଅଧ୍ୟକ୍ଷ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତରଣୀସେନ ନାଏକ ଯୋଗଦେଇ ଭାରତ ସମ୍ବିଧାନର ପ୍ରଣେତା ଡ. ଭୀମରାଓ ଆମ୍ବେଦକର ୧୯୪୯ ନଭେମ୍ବର ୨୬ରେ ଭାରତକୁ ପୃଥିବୀର




ସର୍ବବୃହତ ଓ ସର୍ବୋତ୍ତମ ସମ୍ବିଧାନ ଅର୍ପଣ କରି ଭାରତବାସୀଙ୍କୁ ନୂତନ ଦିଗ ଦେଇଥିଲେ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଧୀମତୀ ରୂପାଲି ମହାନନ୍ଦ ଯୋଗଦେଇ ସମ୍ବିଧାନ ପ୍ରସ୍ତୁତିରେ ଆମ୍ବେଦକରଙ୍କ ଅତୁଳନୀୟ ଅବଦାନ ସମ୍ପର୍କରେ କହିଥିଲେ। ସମ୍ମାନିତ ଅତିଥି ଭାବେ ଆମ୍ବେଦକରବାଦୀ ନାରାୟଣ ସେଠୀ, ଅନୁସୁଚିତ ଜାତି ଓ ଜନଜାତି କର୍ମଚାରୀ ସଂଘ ଜିଲ୍ଲା ସଭାପତି ଲଳିତ ମୋହନ ବେହେରା, ବରିଷ୍ଠ ଆଇନଜୀବୀ ପବିତ୍ର ପ୍ରଜ୍ଞାଶୀଳ, ପୂର୍ବତନ ଶିକ୍ଷକ ଗୋବର୍ଦ୍ଧନ ନାଏକ, ପୂର୍ବତନ ଅଧ୍ୟକ୍ଷ ପ୍ରହଲ୍ଲାଦ ନାଏକ, ଜିଲ୍ଲା ପରିଷଦ ସଭ୍ୟ ଗୋପାଳ ଚନ୍ଦ୍ର ନାଏକ, ଧନେଶ୍ୱର ବେହେରା, ବାପି ନାଏକ ପ୍ରମୁଖ ଯୋଗଦେଇ ସମ୍ବିଧାନ ସୁରକ୍ଷା, ସଚେତନତା ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ପୂର୍ବତନ ଅଧ୍ୟକ୍ଷ ପ୍ରହଲ୍ଲାଦ ନାୟକ ଓ ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ନାଏକ ଓ ପ୍ରତିଷ୍ଠାତା ସଦସ୍ୟଙ୍କୁ ଫାଉଣ୍ଡେସନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲାର ଆମ୍ବେଦକରବାଦୀ ବିଭିନ୍ନ ସଂଗଠନର କର୍ମକର୍ତ୍ତା ତାପସ ରଞ୍ଜନ ନାଏକ, ପ୍ରଫୁଲ୍ଲ ନାଏକ, ଲକ୍ଷ୍ମଣ ନାଏକ, ଚିତ୍ତରଞ୍ଜନ ଗୌତମ, ମହେଶ୍ୱର ବେହେରା, ବିକଳ ନାଏକ, କୁଞ୍ଜବିହାରୀ ବେହେରା, ଟୁଟୁ ନାଏକ, ସୁବାସ ଗଡ଼ନାଏକ, ଅଜିତ ନାଏକ, ଚୌଧୁରୀ ନାଏକ, ଗୋପାଳ ନାଏକ, ରାହସବିହାରୀ ନାଏକ, ସରୋଜ ନାଏକ, ସୁବାସ ନାଏକ, ଅଶୋକ ନାଏକ, ଦୀପାଞ୍ଜଳି ବେହେରା, ଅନନ୍ତ ନାଏକ, ଚତୁରାନନ୍ଦ ନାଏକ, ଟଙ୍କଧର ବେହେରା ଯୋଗଦେଇଥିଲେ। ଆଇନଜୀବୀ ନୀଳକଣ୍ଠ ନାଏକ, ପ୍ରଦ୍ୟୁମ୍ନ ନାଏକ, ମହେଶ୍ୱର ବେହେରା, କ୍ଷୀରୋଦ ବେହେରା, ଗୌରଚନ୍ଦ୍ର ନାଏକ, ଅକ୍ଷୟ ବେହେରା, କୁମୁଦ ଚନ୍ଦ୍ର ନାଏକ, ଗୋବିନ୍ଦ ନାଏକ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

## ପୂର୍ବତନ ସରପଞ୍ଚଙ୍କୁ ଛୁରୀ ଭୁସି ହତ୍ୟା

ବଁଅରପାଳ,୨୭ ।୧୧(ସମିସ): ବଁଅରପାଳ ବ୍ଲକ ଫୁଲପଡ଼ା ପଞ୍ଚାୟତର ପୂର୍ବତନ ସରପଞ୍ଚ ବୀରେନ୍ ଦାସଙ୍କୁ ହତ୍ୟା କରାଯାଇଛି। ବୀରେନ୍‌ଙ୍କୁ ତାଙ୍କ ବଡ଼ଭାଇର ଜ୍ୱାଇଁ ପ୍ରବୀର ବେହେରା ଛୁରୀ ଭୁସି ହତ୍ୟା କରିଥିବା ଅଭିଯୋଗ ହୋଇଛି। ବୀରେନଙ୍କ ବଡ଼ଭାଇ ବାବୁଲା ଦାସଙ୍କ ଝିଅ ମାନିନୀଙ୍କର ୬ ବର୍ଷ ତଳେ ଆଠମଲ୍ଲିକ ବନମାଳୀପୁରର ପ୍ରବୀର ବେହେରାଙ୍କ ସହ ବିବାହ ହୋଇଥିଲା। ବିବାହ ପରେ ପ୍ରବୀର ମାନିନୀଙ୍କୁ ନିର୍ଯାତନା ଦେଉଥିଲେ। ବାବୁଲାଙ୍କ ମୃତ୍ୟୁ ପରେ ବୀରେନ୍ ମାନିନୀଙ୍କ ସମସ୍ତ ଦାୟିତ୍ୱ ନେଇଥିଲେ। କିନ୍ତୁ ପ୍ରବୀର ଅନେକ ସମୟରେ ମଦ୍ୟପାନ କରି ମାନିନୀଙ୍କୁ ମାରପିଟ କରୁଥିଲେ। ଏଥିରେ ଅତିଷ୍ଠ ହୋଇ ମାନିନୀ ଅନେକ ଥର ବାପଘରକୁ ପଳାଇ ଆସୁଥିଲେ। ପୁଣି ବୁଝାସୁଝା କରି ବୀରେନ ତାଙ୍କୁ ଶାଶୂଘରେ ଛାଡ଼ି ଆସୁଥିଲେ। ହେଲେ ନିର୍ଯାତନା ଅସହ୍ୟ ହେବାରୁ ମାନିନୀ ଗୁରୁବାର ଗାଁକୁ ଆସିଥିଲେ। ତାଙ୍କ ପଛେ ପଛେ ପ୍ରବୀର ମଧ୍ୟ ଆସି ଶଶୁର ଘରେ ପହଞ୍ଚିଥିଲେ। ଏହି ଘଟଣାକୁ ନେଇ ବୀରେନ ଓ ପ୍ରବୀରଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ପ୍ରବୀର ବୀରେନଙ୍କୁ ଗାଁ ଦାଣ୍ଡରେ ଛୁରୀ ଭୁସି ଦେଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଅନୁଗୋଳ ଡାକ୍ତରଖାନା ନେଉଥିବା ବେଳେ ବାଟରେ ବୀରେନଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟପଟେ ଗ୍ରାମବାସୀ ପ୍ରବୀରଙ୍କୁ କାବୁକରି ପୁଲିସକୁ ଖବର ଦେଇଥିଲେ। ମହୀଧରପୁର ଫାଣ୍ଡି ଅଧିକାରୀ ମାନସ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ପ୍ରବୀରଙ୍କୁ ଥାନାକୁ ନେଇଛନ୍ତି। ଏ ନେଇ ବଁଅରପାଳ ଥାନାରେ ଏକ ହତ୍ୟା ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

■ ଶିକ୍ଷକଙ୍କ ବଦଳିର ପ୍ରତିବାଦ

## ସ୍କୁଲ ଓ ବିଇଓ ଅଫିସରେ ତାଲା ପକାଇଲେ ଗ୍ରାମବାସୀ



କିଶୋରନଗର,୨୭ ।୧୧(ସମିସ): ମାଣିକପୁର ଗ୍ରାମରେ ଥିବା ନକଟିନାଳୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଚନ୍ଦ୍ରମଣି ପ୍ରଧାନଙ୍କର ଆଠମଲ୍ଲିକ ବ୍ଲକକୁ ବଦଳି ହୋଇଛି। ଏହାର ପ୍ରତିବାଦରେ ମାଣିକପୁର ଗ୍ରାମବାସୀ ମଙ୍ଗଳବାର ସ୍କୁଲରେ ତାଲା ପକାଇବା ସହ ବୁଧବାର ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଫିସରେ ତାଲା ପକାଇଥିଲେ। ଅଫିସ ଭିତରେ ୨ ଏବିଇଓ ଓ ସମସ୍ତ କର୍ମଚାରୀ ରହିଥିଲେ। କାହାରିକୁ ବି ଅଫିସ ବାହାରକୁ ଛାଡ଼ି ନ ଥିଲେ। ପୁଲିସ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲା। ନୂତନ ଶିକ୍ଷକ ନ ଦେବା ପର୍ଯ୍ୟନ୍ତ ଚନ୍ଦ୍ରମଣିଙ୍କ ବଦଳି ବାତିଲ କରାଗଲା ବୋଲି ବିଇଓ ଅଫିସ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ଅପରାହ୍ନ ସାଢ଼େ ୨ଟାରେ ଗ୍ରାମବାସୀ ତାଲା ଖୋଲି ଆନ୍ଦୋଳନରୁ ଓହରିଥିଲେ।

## ଖାଦ୍ୟ ନିରାପତ୍ତା ବିଭାଗର ଚଢ଼ଉ

ତାଳଚେର,୨୭ ।୧୧(ସମିସ): ତାଳଚେର ପୌରପିଷଦର ବିଭିନ୍ନ ଦୋକାନରେ ଗୁରୁବାର ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି। ବିଭାଗୀୟ ଅଧିକାରୀ ସୁମିତ ସୌରଭ ପରିଡ଼ା, ଶ୍ରୀବନ୍ତ ଖଣ୍ଡଗିରି, ବାନାମ୍ବର ପ୍ରଧାନ ଏବଂ ତାଳଚେର ପୁଲିସ ମିଳିତ ଭାବେ ଖୁଚୁରା ମିଠା ଦୋକାନ, ଫାଷ୍ଟଫୁଡ୍ ଇତ୍ୟାଦିରେ ଅତର୍କିତ ଚଢ଼ଉ କରିଥିଲେ। ତାଳଚେର ସହରରେ ଥିବା ଜଳଖିଆ ଦୋକନା, ଫାଷ୍ଟଫୁଡ୍, ହୋଟେଲ ଓ ଢାବାଗୁଡ଼ିକରେ ବ୍ୟାପକ ଖାଦ୍ୟ ଅପମିଶ୍ରଣ ସହ ବାସିଖାଦ୍ୟ, ରାସାୟନିକ ରଙ୍ଗ ଦିଆ ଖାଦ୍ୟ ବିକ୍ରି ଅଭିଯୋଗ ଆଧାରରେ ଏହି ଚଢ଼ଉ କରାଯାଇଥିଲା। ଉକ୍ତ ଦୋକାନଗୁଡ଼ିକରୁ ୬ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



## ଡିଏଭି ପବ୍ଲିକ୍ ସ୍କୁଲର ନୂତନ ଗୃହ ଭୂମିପୂଜନ



ଅନୁଗୋଳ,୨୭ ।୧୧(ସମିସ): ଅନୁଗୋଳସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲ୍‌ର ନୂତନ ଗୃହ ଭୂମିପୂଜନ ଡିଏଭି ଓଡ଼ିଶା ଶିକ୍ଷାନୁଷ୍ଠାନ ସମୂହ ଆଞ୍ଚଳିକ ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ଶତପଥୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଛି। ଡିଏଭି ଅନୁଗୋଳ ଅଧ୍ୟକ୍ଷ ଡ. ସମୀର କୁମାର କାନୁନଗୋଙ୍କ ତତ୍ତ୍ୱାବଧାନରେ ହୋମଯଜ୍ଞ ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଡିଏସବିଏମ୍ ଭୁବନେଶ୍ୱର ଅଧ୍ୟକ୍ଷ ଡ. ଡିଏନ ମିଶ୍ର, ସମ୍ମାନିତ ଅତିଥି ଭାବେ ଡିଏଭି ଜୋନ୍ ଡି ସହାୟକ ଆଞ୍ଚଳିକ ନିର୍ଦ୍ଦେଶକ ଡ. ପିକେ ପଣ୍ଡା, ଡିଏଭି ଜୋନ୍ ଜି ସହାୟକ ନିର୍ଦ୍ଦେଶିକା ଜ୍ୟୋତି ମିଶ୍ର, ଅବସରପ୍ରାପ୍ତ ସହାୟକ ଆଞ୍ଚଳିକ ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ଭୋଇଙ୍କ ସମେତ ଅନୁଗୋଳ ଜିଲ୍ଲା ଡିଏଭି ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ଓ ଅଧ୍ୟକ୍ଷାମାନେ ଉପସ୍ଥିତ ଥିଲେ।

## କ୍ରିଏଟିଭ ଟେକ୍ନୋ କଲେଜରେ ସ୍ୱାଗତ ଉତ୍ସବ





ଅନୁଗୋଳ,୨୭ ।୧୧(ସମିସ): ଅନୁଗୋଳ ବାଲୁଅକଟାସ୍ଥିତ କ୍ରିଏଟିଭ ଟେକ୍ନୋ କଲେଜର ନୂତନ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱାଗତ ସମାରୋହ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଅନୁଗୋଳ ଗାନ୍ଧୀମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଅଧ୍ୟକ୍ଷ ଡ. ସିଦ୍ଧନାଥ ସାହୁ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସୃଜନଶୀଳ ଶିକ୍ଷା ଏବଂ ଟେକ୍ନୋଲୋଜି କ୍ଷେତ୍ରରେ ନୂତନ ଉଦ୍ୟମ ଆରମ୍ଭ କରିବା ପାଇଁ ପ୍ରୋତ୍ସାହନ ଦେଇଥିଲେ। କଲେଜର ଚେୟାରମ୍ୟାନ ଜ୍ଞାନେନ୍ଦ୍ର କୁମାର ସାହୁ ଛାତ୍ରଛାତ୍ରୀଙ୍କ ନୈତିକ ମୂଲ୍ୟବୋଧ ଏବଂ ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ ରହିବା ପାଇଁ ବିଭିନ୍ନ ଦିଗରେ ଆଲୋଚନା କରିଥିଲେ। କଲେଜର ଡିନ୍ ଇ. ମନୋଜ କୁମାର ଦାସ ଛାତ୍ରଛାତ୍ରୀଙ୍କୁ ଅନୁଶାସନ ଓ ପ୍ରଶାସନ ବିଷୟରେ ଅବଗତ କରାଇଥିଲେ। କଲେଜ ଅଧ୍ୟକ୍ଷ କୃଷ୍ଣାଶିଷ ମିଶ୍ର ଛାତ୍ରଛାତ୍ରୀଙ୍କୁ ଏକତା ଏବଂ ସାମୂହିକ ସହଯୋଗ ସହ ଶିକ୍ଷା ଓ ଆଧୁନିକ କ୍ଷେତ୍ରରେ ପ୍ରତିଷ୍ଠିତ ହେବାର ଆଧାର ପ୍ରଦାନ କରିଥିଲେ। ସମାରୋହରେ କଲେଜ ପକ୍ଷରୁ ସାଂସ୍କୃତିକ ପ୍ରଦର୍ଶନୀ, ନୃତ୍ୟ, ଗୀତ ଓ ସଙ୍ଗୀତ ଆୟୋଜନ କରାଯାଇଥିଲା। ତୃତୀୟ ବର୍ଷ ଛାତ୍ରୀ ବିଦ୍ୟୁସ୍ମିତା ମିଶ୍ର ଏବଂ ଶୁଭସ୍ମିତା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାହୁଲ୍ ମୋସେସ୍‌ଙ୍କୁ "ମିଷ୍ଟର୍ ଫ୍ରେସର୍' ଏବଂ ତୁଳସୀ ମହାଭୋଇଙ୍କୁ "ମିସ୍ ଫ୍ରେଶର୍' ଭାବେ ଚୟନ କରାଯାଇଥିଲା। ଯସିତା ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।

## ସରିଗୀପାଲି କପ କ୍ରିକେଟ; ସରିଗୀପାଲି ଚାମ୍ପିଅନ




ବଇଣ୍ଡା,୨୭ ।୧୧(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ସରିଗୀପାଲି ନିକଟ ଖେଳପଡ଼ିଆରେ ଚାଲିଥିବା ସରିଗୀପାଲି ଜୟ ମେମୋରିଆଲ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦଯାପିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଅଏଡ଼ା ଓ ସରିଗୀପାଲି ଦଳ ମଧ୍ୟରେ ଖେଳାଯାଇଥିଲା। ସରିଗୀପାଲି ଦଳ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ଅଏଡ଼ା ପ୍ରଥମେ ବ୍ୟାଟିଂ କରି ୬୯ ରନ ସଂଗ୍ରହ କରିଥିଲା। ଜବାବରେ ସରିଗୀପାଲି ଦଳ ୭୦ ରନ କରି ଚାମ୍ପିଅନ ହୋଇଥିଲା। ସରୋଜ କୁମାର ପ୍ରଧାନ, ଅନିଲ ଦେହୁରି ମ୍ୟାଚ ପରିଚାଳନା କରିଥିଲେ। ଉଦଯାପନୀ ସଭାରେ ମୁଖ୍ୟଅତିଥି ଭାବେ ବିଜେପି ନେତା ଡ. ଅଲେଖ କୁମାର ପ୍ରଧାନ, ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ସତ୍ୟବ୍ରତ ସାହୁ ଯୋଗଦେଇ ଉଭୟ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ବଣ୍ଟି ସାହୁ, ଗୋଲଡି ସାହୁ ସହଯୋଗ କରିଥିଲେ।

## ପନିପରିବା ଚାଷ ଉପରେ ତାଲିମ ଶିବିର

ବଇଣ୍ଡା,୨୭ ।୧୧(ସମିସ): ଅନୁଗୋଳ ଜିଲ୍ଲା ଉଦ୍ୟାନ ବିଭାଗ ଓ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଆନୁକୂଲ୍ୟରେ ପରିଚାଳିତ କୃଷି ଉତ୍ପାଦନ ସମୂହ କାର୍ଯ୍ୟକ୍ରମ ସଂଯୁକ୍ତ ପ୍ରୟାସରେ ଦିନିକିଆ ପନିପରିବା ଚାଷ ତାଲିମ ଶିବିର ହଣ୍ଡପା କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଛି। ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଅମର ଲୁଗୁନ୍, ରଞ୍ଜିତ ଦାସ, ଆଠମଲ୍ଲିକ ସହକାରୀ ଉଦ୍ୟାନ ବିଭାଗ ଅଧିକାରିଣୀ ଡ. ବିଚ୍ଛିନ୍ନା ମୈତ୍ରୀ ରାଉତ, କିଶୋରନଗର ସହକାରୀ ଉଦ୍ୟାନ ବିଭାଗ ଅଧିକାରିଣୀ ନିଶିପ୍ରଭା ବେହେରା, ଓଭରସିଅର ବିସ୍ମୟ ମେହେର, ନିରଞ୍ଜନ ପ୍ରଧାନ ଏବଂ ଏପିସି କିଶୋରନଗର ପ୍ରୋଜେକ୍ଟ ପରିଚାଳକ ଆଶୁତୋଷ ପ୍ରସାଦ ଗଡ଼ନାୟକ ଯୋଗଦେଇ ବିଭିନ୍ନ ପନିପରିବା ଚାଷ ସମ୍ପର୍କରେ ତାଲିମ ଦେଇଥିଲେ। ଶିବିରରେ ଚାଷୀମାନଙ୍କୁ ପିଆଜ, ରସୁଣ ଏବଂ ଗାଜର ଚାଷ ବିଷୟରେ ତାଲିମ ଦିଆଯାଇଥିଲା। ରୋଗପୋକ ନିୟନ୍ତ୍ରଣ ଓ ବିଭିନ୍ନ ସାର ବ୍ୟବହାର ବିଷୟରେ ଆଲୋଚନା କରିଥିଲେ। ଆଳୁ ଚାଷର ବିଭିନ୍ନ କିସମ, ଚାଷ ପ୍ରଣାଳୀ ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରାଯାଇଥିଲା। ପ୍ରାକୃତିକ କୃଷିର ଲାଭ ଏବଂ ଏହାକୁ କିପରି ଫଳଦାୟୀ ଭାବେ ଚାଷ ଜମିରେ ପ୍ରୟୋଗ କରାଯାଇପାରେ ସେ ବିଷୟରେ ମଧ୍ୟ ବିସ୍ତୃତ ଭାବେ ବୁଝାଇଥିଲେ। ଏଥିସହ ମାଟି ସୁରକ୍ଷା ଏବଂ ମାଟି ପରୀକ୍ଷାର ଆବଶ୍ୟକତା ସମ୍ପର୍କରେ ସଚେତନ କରାଯାଇଥିଲା। ବିଷମୁକ୍ତ ଏବଂ ସୁସ୍ଥାୟୀ କୃଷି ପ୍ରଣାଳୀ ଅପଣାଇବା ପାଇଁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଶିବିରରେ ୬ ପଞ୍ଚାୟତର ୫୦ ଚାଷୀ ଯୋଗଦେଇଥିଲେ। ଲାବଣ୍ୟବତୀ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।



## କଂଗ୍ରେସ ପକ୍ଷରୁ ସମ୍ବିଧାନ ବଞ୍ଚାଅ ଦିବସ ପାଳିତ

ଅନୁଗୋଳ,୨୭ ।୧୧(ସମିସ): ସ୍ଥାନୀୟ କଂଗ୍ରେସ ଭବନରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା ସଭାପତି ସୁନୀଲ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ସମ୍ବିଧାନ ଦିବସ ଅବସରରେ ସମ୍ବିଧାନ ବଞ୍ଚାଅ ଦିବସ ପାଳିତ ହୋଇଛି। ସମ୍ବିଧାନ ପ୍ରଣେତା ଭାରତରତ୍ନ ବାବାସାହେବ ଡ. ଭୀମରାଓ ଆମ୍ବେଦକରଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ ପରେ ସଭା ଆରମ୍ଭ ହୋଇଥିଲା। ଭାରତର ଗଣତନ୍ତ୍ର ବର୍ତ୍ତମାନ ବିପନ୍ନ। ଭାରତୀୟ ଗଣତନ୍ତ୍ରକୁ ମଜଭୁତ କରିଛି ଭାରତର ସମ୍ବିଧାନ। ଦେଶର ବଛା ବଛା ଜ୍ଞାନୀ, ଗୁଣୀମାନଙ୍କୁ ନେଇ ଭାରତରତ୍ନ ଡ. ଆମ୍ବେଦକର ବିଶ୍ୱର ସର୍ବଶ୍ରେଷ୍ଠ ସମ୍ବିଧାନ ପ୍ରଦାନ କରିଥିଲେ। ଆଜି ଏହି ସମ୍ବିଧାନ ବିପଦରେ ରହିଛି ବୋଲି ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ଫକୀର ସାମଲ, ଗୋପାଳ ଚନ୍ଦ୍ର ନାଥ, ତପନ ପ୍ରଧାନ, ରୂପାଦୀପ୍ତା ମହାପାତ୍ର, ଚିତ୍ତରଞ୍ଜନ ନାଏକ, ବଳବୀର ସିଂହ, ସହଦେବ ବେହେରା, ରାଜୁ ସାହୁ, ସନ୍ତୋଷ ପଟ୍ଟନାୟକ, ଅମୂଲ୍ୟ ବେହେରା, ବିନୋଦ ମାଝୀ, ସୁଶାନ୍ତ ଶଶିକାନ୍ତ ସାମଲ, ସୁଦୀପ ମିଶ୍ର, ସଞ୍ଜୀବ ମାଣ୍ଡୋଠିଆ, ରାକେଶ ମିଶ୍ର, ଅଳକା ମହାପାତ୍ର, କସିଦା ଖାନ, ସ୍ୱାଗତିକା ସାହୁ, ପ୍ରଦ୍ୟୁମ୍ନ ସାହୁ, ଲୁଲୁ ପାଣିଗ୍ରାହୀ, ଅଲେଖ ବେହେରା, ସୁବାସ ସାହୁ, ହେମନ୍ତ ମହାଳିକ, ଅରୁଣ ଦାସ, ରଶ୍ମିରଞ୍ଜନ ସାହୁ, ସଂଗ୍ରାମ ବେହେରା ପ୍ରମୁଖ ଶତାଧିକ ନେତା ଓ କର୍ମୀ ଉପସ୍ଥିତ ଥିଲେ।

### ରାମକୃଷ୍ଣ ଶିକ୍ଷାନୁଷ୍ଠାନରେ ସମ୍ବିଧାନ ଦିବସ



କିଶୋରନଗର,୨୭ ।୧୧(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ତେନ୍ତୁଳିପଥରସ୍ଥିତ ରାମକୃଷ୍ଣ ଶିକ୍ଷାନୁଷ୍ଠାନରେ ସମ୍ବିଧାନ ଦିବସ ପାଳିତ ହୋଇଛି। ଶ୍ରୀରାମଦେବ କଲେଜ କଳା ବିଭାଗ ଅଧ୍ୟକ୍ଷ ସତ୍ୟଜିତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଜ୍ଞାନ ବିଭାଗ ଅଧ୍ୟକ୍ଷ ଅରଣ୍ୟ କୋମଳ ସାହୁ, ସମ୍ମାନିତ ଅତିଥିଭାବେ ଓଡ଼ିଆ ଅଧ୍ୟାପକ ପପୁନ ସାହୁ, ସୁଧାକର ସାହୁ ଯୋଗଦେଇ ସମ୍ବିଧାନରେ ଥିବା ମୌଳିକ ଅଧିକାର, ମୌଳିକ କର୍ତ୍ତବ୍ୟ ସମ୍ପର୍କରେ ଅବଗତ କରିଥିଲେ। ଅଧ୍ୟକ୍ଷ ସତ୍ୟଜିତ ସାହୁ ମଞ୍ଚ ପରିଚାଳନା କରିଥିଲା ବେଳେ ରାମକୃଷ୍ଣ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଓକିଲ ସଂଘ ପକ୍ଷରୁ ୭୬ତମ ସମ୍ବିଧାନ ଦିବସ ପାଳିତ

## ଡ. ପରମାନନ୍ଦଙ୍କ ରଚିତ 'ଭଏସ ଫ୍ରମ ଦି ଚାମ୍ବର' ଉନ୍ମୋଚିତ

ଅନୁଗୋଳ,୨୭ ।୧୧(ସମିସ):

ଅନୁଗୋଳ ଓକିଲ ସଂଘ ପକ୍ଷରୁ ୭୬ତମ ସମ୍ବିଧାନ ଦିବସ ଓ ଆଇନ ଦିବସ ସ୍ଥାନୀୟ ସଭାଗୃହରେ ପାଳିତ ହୋଇଛି। ଏହି ପରିପ୍ରେକ୍ଷୀରେ ସଂଘ ପକ୍ଷରୁ ଏକ ବର୍ଣ୍ଣାଢ୍ୟ ସଭା ଆୟୋଜନ ହୋଇଥିଲା। ଅନୁଗୋଳ ଓକିଲ ସଂଘ ସଭାପତି ହିମାଂଶୁ ଭୂଷଣ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଯୋଗଦେଇ କହିଲେ, ଗଣତନ୍ତ୍ରର ଆତ୍ମା ହେଉଛି ସମ୍ବିଧାନ। ସମ୍ବିଧାନିକ ବିଧି ବ୍ୟବସ୍ଥା ଅନୁପାଳନ କଲେ ଦେଶର ନାଗରିକ ସୁରକ୍ଷିତ ରହିପାରିବ ଓ ଆଇନ ବ୍ୟବସ୍ଥା ଠିକ ରାସ୍ତାରେ ଚାଲିବ ବୋଲି ମତ ପ୍ରକାଶ କରିଥିଲେ। ଏଥିସହ ଓକିଲ ସଂଘର ବିଭିନ୍ନ



ସମସ୍ୟା ସମାଧାନ ଓ ଉନ୍ନୟନ କାର୍ଯ୍ୟରେ ସର୍ବଦା ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରାରମ୍ଭରେ ବରିଷ୍ଠ ଆଇନଜୀବୀ ପରମାନନ୍ଦ ମିଶ୍ର, ଭାସ୍କର ବେହେରା, ଦିଲୀପ ମହାନ୍ତି, ଭୂପେଶ ଚନ୍ଦ୍ର ପ୍ରଧାନ, ଦିଲୀପ ଦାସ ପ୍ରମୁଖ ଅଭିଭାଷଣ ରଖି ସମ୍ବିଧାନର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ନାଗରିକଙ୍କ ମୌଳିକ ଅଧିକାର ଓ କର୍ତ୍ତବ୍ୟ, ବିଶେଷ କରି ଯୁବ ଆଇନଜୀବୀମାନେ ପେସାରେ କିପରି ସଫଳ ହୋଇପାରିବେ ସେ ସମ୍ପର୍କରେ ଅବଗତ କରାଇଥିଲେ। ବରିଷ୍ଠ ଆଇନଜୀବୀ ଡ. ପରମାନନ୍ଦ ମିଶ୍ରଙ୍କ ଲିଖିତ ତୃତୀୟ ଆଇନ ପୁସ୍ତକ "ଭଏସ ଫ୍ରମ ଦି ଚାମ୍ବର'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଅନୁଗୋଳ କୋର୍ଟରେ ନୂତନ ଭାବେ ଯୋଗଦେଇଥିବା ୧୦୦ ଜଣ ଯୁବ ଆଇନଜୀବୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଆଇନଜୀବୀ ସଞ୍ଜୟ କୁମାର ସାହୁ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେଇଥିଲେ। ସଂଘ ଉପସଭାପତି ପ୍ରତାପ ନାଏକ, ଯୁଗ୍ମ ସମ୍ପାଦକ ପୁରୁଷୋତ୍ତମ ନାୟକ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ସେଠୀ, ସାଂସ୍କୃତିକ ସମ୍ପାଦକ ଜ୍ୟୋସ୍ନାମୟୀ ସାହୁ ପ୍ରମୁଖ ସହଯୋଗ କରିଥିଲେ। ସଂଘ ସାଧାରଣ ସମ୍ପାଦକ ଧ୍ରୁବ ଚରଣ ସାହୁ ଧନ୍ୟବାଦ ଦେଇଥିଲେ। ଆଇନଜୀବୀ ସଞ୍ଜୟ କୁମାର ସାହୁ ଓ ବିନୋଦ କୁମାର ସାମଲ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

● ଅବକାରୀ ବିଭାଗ ଚଢ଼ଉ

# ବିପୁଳ ଚୋରାମଦ ଜବତ; ୯ ଗିରଫ

**କେନ୍ଦ୍ରାପଡ଼ା,୨୭ ।୧୧(ସମିସ):** ଜିଲ୍ଲାପାଳ ରଘୁରାମ ଆର ଆୟରଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ଜମ୍ବୁ ସାମୁଦ୍ରିକ ଓ ରାଜକନିକା ଥାନା ଅଧୀନ ବିଭିନ୍ନ ସ୍ଥାନରେ ଚଢ଼ଉ ହୋଇଛି । ଚଢ଼ଉ ବେଳେ ମୋଟ ୩୧୨୪ ଲିଟର ବିଦେଶୀ, ଦେଶୀ ଓ ଗୁଡ଼ପୋଚ ଜବତ କରାଯାଇଛି । ବେଆଇନ ମଦ ପ୍ରସ୍ତୁତି ଓ କାରବାର ଅଭିଯୋଗରେ ୯ ଜଣଙ୍କୁ ଗିରଫ କରାଯାଇଛି । ପ୍ରଭାକରପୁର ଗ୍ରାମର ବଚନ ଖିଲାର (୩୭), ବିଭୂତି ଖିଲାର (୨୯), ଟୁନି ଖିଲାର (୨୭)ଙ୍କଠାରୁ ୭୦ ଲିଟର ଦେଶୀ ମଦ ଓ ୨୯୦୦ ଲିଟର ଗୁଡ଼ପୋଚ ଜବତ ହୋଇଛି । ସେହିପରି କେନେଙ୍ଗା ଗ୍ରାମର ଆଦିକାନ୍ତ ମଲିକ (୩୬)ଙ୍କଠାରୁ ୧୮ ଲିଟର ବିଦେଶୀ ମଦ ଜବତ ହୋଇଛି । ଅଚ୍ଛୁତପୁର ଗ୍ରାମର ଶଶଧର ମଲିକ (୩୯)ଙ୍କଠାରୁ ୨୧ ଲିଟର ବିଦେଶୀ ମଦ ଜବତ, ବରକୋଳି ଖୋଳାର ସୁନୀଲ ମଣ୍ଡଳ (୩୧)ଙ୍କଠାରୁ ୩୫ ଲିଟର ବିଦେଶୀ ମଦ, ହିମାଂଶୁ ମାଇତି (୨୪)ଙ୍କଠାରୁ ୨୯ ଲିଟର ଦେଶୀ ମଦ, ହାଡୁ ଗିରି (୨୯)ଙ୍କଠାରୁ ୩୯ ଲିଟର ବିଦେଶୀ ମଦ, କଜଳପାତିଆ ବତୀଘର ଗ୍ରାମର ଭିଗୁରାମ ଦାସ (୨୫)ଙ୍କଠାରୁ ୨୨ ଲିଟର ଦେଶୀ ମଦ ଜବତ କରାଯାଇଛି । ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି । ଚଢ଼ଉରେ ଅବକାରୀ ନିରୀକ୍ଷକ ହିତାଂଶୁ ଶେଖର ମଲିକ, ଉପନିରୀକ୍ଷକ କଳ୍ପନା ରାଉତ, ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ର, ରତ୍ନପ୍ରଭା ସ୍ୱାଇଁ, ସହକାରୀ ଉପନିରୀକ୍ଷକ ଜଗନ୍ନାଥ ବେଶ୍ରା, ସୁନୀଲ କୁମାର ମିଶ୍ର, ପ୍ରଦୀପ କୁମାର ମଲିକ ପ୍ରମୁଖ ସାମିଲ ଥିଲେ ।

## ଦଳିତ ସଂଘ କାର୍ଯ୍ୟାଳୟରେ ସମ୍ବିଧାନ ଦିବସ

**ପଟ୍ଟାମୁଣ୍ଡାଇ,୨୭ ।୧୧(ସମିସ):** ପଟ୍ଟାମୁଣ୍ଡାଇ ଦଳିତ ଜାତିସଂଘ କାର୍ଯ୍ୟାଳୟରେ ୭୬ତମ ସମ୍ବିଧାନ ଦିବସ ପାଳିତ ହୋଇଛି । ସଂଘ ସଭାପତି କଳ୍ପତରୁ ମଲିକଙ୍କ ପୌରୋହିତ୍ୟ ଓ ବରିଷ୍ଠ ଦଳିତ ନେତା ସର୍ବେଶ୍ୱର ସେଠୀଙ୍କ ସଞ୍ଚାଳନରେ ଅନୁଷ୍ଠିତ ଉତ୍ସବରେ ବରିଷ୍ଠ ଆଇନଜୀବୀ ରାମକୃଷ୍ଣ ଦାଶ ମୁଖ୍ୟଅତିଥି, ବରିଷ୍ଠ ସାମ୍ବାଦିକ ଅନୀଲ ଚୌଧୁରୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମ୍ବିଧାନ ଦିବସର ତାତ୍ପର୍ଯ୍ୟ ଓ ସମ୍ବିଧାନ ପ୍ରଣେତା ବାବାସାହେବ ଡ. ଆମ୍ବେଦକରଙ୍କ ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ । ଦଳିତ ନେତା କୁଞ୍ଜବିହାରୀ ମଲିକ, ସମାଜସେବୀ ସର୍ବେଶ୍ୱର ସେଠୀ, ଯଦୁମଣି ମଲିକ, ବିକାଶ ମଲିକ, ଗୋଲେଖ ମଲିକ, କରୁଣାକର ମଲିକ ପ୍ରମୁଖ ସମ୍ବିଧାନ ଦିବସ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଦଳିତ ନେତା ଦିଲୀପ କୁମାର ମଲିକ ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । କୈଳାସ ମଲିକ, ଆର୍ତ୍ତତ୍ରାଣ ମଲିକ, ପ୍ରଶାନ୍ତ ମଲିକ, ଆଦିକନ୍ଦ ମଲିକ, ବିଷ୍ଣୁଚରଣ ମଲିକ, ମନୋଜ ଜେନା, ଅନନ୍ତ ମଲିକ, ନିରଞ୍ଜନ ମଲିକ, ଉପେନ୍ଦ୍ର ମଲିକ ପ୍ରମୁଖ ସହଯୋଗ କରିଥିଲେ ।

## ପ୍ରଧାନଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା



**ରାଜନଗର,୨୭ ।୧୧(ସମିସ):** ରାଜନଗର ବ୍ଲକ ବନ୍ଧପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦାମୋଦର ସ୍ୱାଇଁଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଶିକ୍ଷକ ନେତା ଦୟାନିଧି ସ୍ୱାଇଁଙ୍କ ସଭାପତିତ୍ୱ ଏବଂ ଶିକ୍ଷକ ଅଲେଖ କୁମାର ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷକ ଗୌରାଙ୍ଗ ଚରଣ ନାୟକ, ବିଜୟକୁମାର ପରିଡ଼ା, ବୀରକିଶୋର ଜେନା, ସାମ୍ବାଦିକ ଭାସ୍କର ରାଉତରାୟ, ମଧପଡ଼ା ହାଇସ୍କୁଲ ପ୍ରଧାନଶିକ୍ଷକ କେଶବ ଚନ୍ଦ୍ର ନାୟକ, ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବଳ, ସରୋଜ ନାଥ, ବଟକୃଷ୍ଣ ସେଠୀ, ଘନଶ୍ୟାମ ରାଉତ, ସଚ୍ଚିନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗଦେଇ ବିଦାୟୀ ପ୍ରଧାନଶିକ୍ଷକଙ୍କ କର୍ମମୟ ଜୀବନ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ପ୍ରଧାନଶିକ୍ଷକ ହେମନ୍ତ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ପ୍ରସନ୍ନ କୁମାର ପଡ଼ିହାରୀ, ପୁଷ୍ପାଞ୍ଜଳି ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଟାଟା ମୋଟର୍ସ ପକ୍ଷରୁ ଚିଙ୍ଗୁଡ଼ି ଚାଷୀ ସମ୍ମିଳନୀ

**ରାଜକନିକା,୨୭ ।୧୧(ସମିସ):** ବ୍ୟବସାୟିକ ଭିତ୍ତିରେ ଲୁଣିପାଣି ଚିଙ୍ଗୁଡ଼ି ଚାଷ ପାଇଁ ବିଜୁଳି ବ୍ୟବହାରକୁ ବ୍ୟବସ୍ଥିତ କରିବା ଲକ୍ଷ୍ୟରେ ଟାଟା ମୋଟର୍ସ ତରଫରୁ ବୁଧବାର ସ୍ଥାନୀୟ ଜୟନଗରରେ ଚିଙ୍ଗୁଡ଼ି ଚାଷୀମାନଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଟାଟା ମୋଟର୍ସ ଓଡ଼ିଶା ମୁଖ୍ୟ ବିଶ୍ୱଜିତ ପୃଷ୍ଟି, ସର୍ଭିସ ହେଡ୍ ରଶ୍ମିରଞ୍ଜନ ସେଠୀ ପ୍ରମୁଖ ଚିଙ୍ଗୁଡ଼ି ଚାଷ ପାଇଁ ବିଶେଷ ଭାବେ ଫଳପ୍ରଦ ହେଉଥିବା ଟାଟା ମୋଟର୍ସର ଜେନସେଟ (ଡିଜି) ବ୍ୟବହାର କରିବାକୁ ପରାମର୍ଶ ଦେଇ ଆବଶ୍ୟକ ଫିଚର୍ସ ବାବଦରେ ଚାଷୀଙ୍କୁ ଅବଗତ କରାଇଥିଲେ । ଓଡ଼ିଶା ବଜାରରେ ଟାଟା ମୋଟର୍ସର ଏହି ଉନ୍ନତ ଫିଚର ଜେନସେଟ ବିଜୁଳିର ବିକଳ୍ପ ଭାବେ ଭରସାଯୋଗ୍ୟ ଥିବାରୁ ଏହାକୁ ଚାଷୀ ସ୍ୱାର୍ଥରେ ଉପଯୋଗୀ ହେବ ବୋଲି ବିବେଚନା କରାଯାଇଛି ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ



**ପଟ୍ଟାମୁଣ୍ଡାଇ,୨୭ ।୧୧(ସମିସ):** ପଟ୍ଟାମୁଣ୍ଡାଇ ଅଞ୍ଚଳର ଜଣାଶୁଣା ସମାଜସେବୀ ବିଜୟ କୁମାର ବର୍ମାଙ୍କ ଧର୍ମପତ୍ନୀ କ୍ଷୀରୋଦବାଳା ବର୍ମାଙ୍କର ସ୍ଥାନୀୟ ବାସଭବନରେ ପରଲୋକ ହୋଇଛି । ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା । ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ବିଜୟ ବର୍ମା, ସତ୍ୟପ୍ରିୟ ଦାସ, ପୁଅ ରାଜେନ୍ଦ୍ର, ବ୍ରଜେନ୍ଦ୍ର, ରଞ୍ଜନ, ସଞ୍ଜୟ, ଜିତେନ୍ଦ୍ର, ଜ୍ଞାନେନ୍ଦ୍ର, ସରୋଜ, ଅଭିଳାଷଙ୍କ ସମେତ ପରିବାର ଲୋକ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । କ୍ଷୀରୋଦବାଳା ଜଣେ ଧର୍ମପ୍ରାଣା ପରୋପକାରୀ ମହିଳା ଥିଲେ । ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳ, ବରିଷ୍ଠ ରାଜନେତା ଡା. ବାସୁଦେବେ ପାତ୍ର, ଇଓ ତପନ କୁମାର ପାତ୍ର, କାଉନସିଲର ବିଦ୍ୟାଧର ସେଠୀ, ଆଇନଜୀବୀ ସଞ୍ଜୟ କୁମାର ସାହୁ, ମିଟୁ ମନୋଜ ନାୟକ ପ୍ରମୁଖ ତାଙ୍କ ଶବଧାରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ବାଲିପଡ଼ା ସ୍ମାର୍ଟ ଶ୍ମଶାନରେ ତାଙ୍କ ଶେଷକୃତ ସମ୍ପନ୍ନ କରାଯାଇଛି । ପୁଅ ବ୍ରଜେନ୍ଦ୍ର ମୁଖାଗ୍ନି ଦେଇଥିଲେ ।

ବସ୍‌ରେ ଚାଲିଗଲା **ଜୀବନ**

# ରାସ୍ତାରେ ମୃତଦେହ ଛାଡ଼ି ପଳାଇଲା ବସ୍





**କେନ୍ଦ୍ରାପଡ଼ା,୨୭ ।୧୧(ସମିସ):** ଦୁହୁରିଆ ଛକରେ ଗୁରୁବାର ଦେଖିବାକୁ ମିଳିଛି ଏକ ମାନବିକତାବିହୀନ ଦୃଶ୍ୟ । ବସରେ ଆସୁଥିବାବେଳେ ବାରିପଦାର ଶ୍ରମିକ ବାଘରାଏ ମାରଡ଼ିଙ୍କ ହୃଦଘାତରେ ମୃତ୍ୟୁ ଘଟିଥିଲା । ତେବେ ବସ ଚାଳକ ଓ କର୍ମଚାରୀ ରାସ୍ତା କଡ଼ରେ ମୃତଦେହ ଓହ୍ଲାଇ ଦେଇ ଚାଲିଯାଇଥିଲେ । ବାଘରାଏଙ୍କ

**ମାନବିକତାବିହୀନ ଚାଳକ ଓ କର୍ମଚାରୀ**

ସ୍ତ୍ରୀ ଦୁଲାରୀ ସ୍ୱାମୀଙ୍କ ନିର୍ଜୀବ ଦେହକୁ ଘୋଡ଼ାଇ ପାଖରେ ବସି କାନ୍ଦୁଥିବା ଦୃଶ୍ୟ ଲୋକଙ୍କ ହୃଦୟକୁ ଦୋହଲାଇ ଦେଇଥିଲା । ସେଠାରେ ଉପସ୍ଥିତ କେତେଜଣ ସ୍ଥାନୀୟ ବ୍ୟବସାୟୀ ଓ ସାମ୍ବାଦିକ ମାନବିକତାର ପରମ ଦାୟିତ୍ୱ ବୁଝି ନିଜ ପକେଟରୁ ଟଙ୍କା ସଂଗ୍ରହ କରି ତୁରନ୍ତ ମୃତଦେହ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲେ । ଅନ୍ୟପଟେ ଏହି ଖବର କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିକଟରେ ପହଞ୍ଚିବା ପରେ ସେ ତୁରନ୍ତ ଏହି ଘଟଣାରେ ହସ୍ତକ୍ଷେପ କରିଥିଲେ । ତାଙ୍କ ହସ୍ତକ୍ଷେପ ଯୋଗୁଁ ମୃତଦେହ ତୁରନ୍ତ ବ୍ୟବଚ୍ଛେଦ କରାଯାଇ "ମହାପ୍ରୟାଣ' ଗାଡ଼ିରେ ବାରିପଦା ପଠାଇବା ବ୍ୟବସ୍ଥା କରାଯାଇଥିଲା । ଏଥିସହ ବାଘରାଏଙ୍କ ସ୍ତ୍ରୀଙ୍କୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଜିଲ୍ଲାପାଳ ଆୟର ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ସହ ଯୋଗାଯୋଗ କରି ବାଘରାଏଙ୍କ ପୁଅ ଓ ଝିଅ ପାଇଁ ପରବର୍ତ୍ତୀ ସହାୟତା, ସୁରକ୍ଷା ଏବଂ ସରକାରୀ ଯୋଜନାର ସୁବିଧା ଯୋଗାଇ ଦେବାକୁ ନିଶ୍ଚିତ କରିଛନ୍ତି ।

## ୭୬ତମ ସମ୍ବିଧାନ ଦିବସ ପାଳିତ




**ରାଜନଗର,୨୭ ।୧୧(ସମିସ):** ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗ ତରଫରୁ ୭୬ତମ ସମ୍ବିଧାନ ଦିବସ ପାଳିତ ହୋଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ସମ୍ବିଧାନର ଗରିମା ଏବଂ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଭାରତୀୟ ସମ୍ବିଧାନର ପ୍ରସ୍ତାବନା ସହ ମୌଳିକ କର୍ତ୍ତବ୍ୟ ପାଠ କରାଯାଇଥିଲା । ଅଧ୍ୟାପକ ବିଚିତ୍ରାନନ୍ଦ ପାଣି ଶିକ୍ଷାଗତ ଅଧିକାରର ବୈଶିଷ୍ଟ୍ୟ ଉପରେ ଆଲୋଚନା କରିଥିଲେ । ରାଜନୀତି ବିଜ୍ଞାନର ବିଭାଗ ମୁଖ୍ୟ ଡ. ପ୍ରଣତି ନାୟକ ମୌଳିକ ଅଧିକାର ଏବଂ କର୍ତ୍ତବ୍ୟର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ । ଅଧ୍ୟାପକ ପ୍ରତାପ କୁମାର ସ୍ୱାଇଁ, ଡ. ଆଲୋକ ବେହେରା ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଭାରତୀୟ ରାଜନୀତି ଓ ସରକାର ଶୀର୍ଷକ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା । ଇଂରାଜୀ ରଚନା ପ୍ରତିଯୋଗିତାରେ ସ୍ୱର୍ଣ୍ଣଲତା ଦାସ ପ୍ରଥମ, ଆୟୁଷୀ ଦାସ ଦ୍ୱିତୀୟ, ଅଙ୍କନ୍ ନାୟକ ତୃତୀୟ ହୋଇଥିଲେ । ଇଂରାଜୀ ତର୍କ ପ୍ରତିଯୋଗିତାରେ ସୁଧାଂଶୁବାଳା ରାଉତ ପ୍ରଥମ, ସ୍ୱର୍ଣ୍ଣଲତା ଦାସ ଦ୍ୱିତୀୟ ଓ ସ୍ମୃତିରେଖା ନାଥଶର୍ମା ତୃତୀୟ ହୋଇଥିଲେ । ସାଧାରଣ ଜ୍ଞାନରେ ଶଶିରେଖା ପ୍ରଧାନ ପ୍ରଥମ, ସ୍ୱର୍ଣ୍ଣପ୍ରଭା ନଥାଶର୍ମା ଦ୍ୱିତୀୟ ଓ କରିଶ୍ମା ନାୟକ ତୃତୀୟ ହୋଇଥିଲେ । କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଛାତ୍ର ପବିତ୍ର କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ରାଜନଗରସ୍ଥିତ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟରେ ଆଧ୍ୟାପିକା ତନୁଶ୍ରୀ ମିଶ୍ରଙ୍କ ପୌରୋହିତ୍ୟରେ ସମ୍ବିଧାନ ଦିବସ ପାଳନ କରାଯାଇଛି ।

**୧୦ ଶ୍ରେଣୀକୁ ୨୨ ଶିକ୍ଷକ**


## ଜଣେ ଡେପୁଟେସନରେ ଗଲେ ବୋଲି ସ୍କୁଲରେ ତାଲା

**ରାଜନଗର,୨୭ ।୧୧(ସମିସ):** ରାଜନଗର ବ୍ଲକ ଡେରା ପଞ୍ଚାୟତ ନୂଆଗାଁ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ରହିଛି । ୮ ଶ୍ରେଣୀରେ ୧୧୧ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ବିଦ୍ୟାଳୟରେ ଦୁଇ ଶିକ୍ଷକରେ ପାଠପଢ଼ା ହେଉଛି । ଶିକ୍ଷକ ଅଭାବ ନେଇ ଗ୍ରାମବାସୀ ବ୍ଲକ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଜଣାଇଥିଲେ । ଶିକ୍ଷକ ନିଯୁକ୍ତି ନ ହେବାରୁ ବୁଧବାର ବିଦ୍ୟାଳୟ ଖୋଲିବା ପୂର୍ବରୁ ଅଭିଭାବକମାନେ ଫାଟକରେ ତାଲା ପକାଇବା ସହ ପିଲାଙ୍କୁ ବିଦ୍ୟାଳୟ ଛାଡ଼ି ନ ଥିଲେ । ବିଦ୍ୟାଳୟରେ ଶିକ୍ଷକ ଅଭାବ ଥିବାରୁ ବିଇଓ ହାତିନାସ୍ଥିତ ଲକ୍ଷ୍ମୀବରାହ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ନିରଞ୍ଜନ ପଲେଇଙ୍କୁ ନୂଆଗାଁ ବିଦ୍ୟାଳୟରେ ଯୋଗଦେବା ପାଇଁ ନିର୍ଦ୍ଦେଶ କରିଥିଲେ । ଅନ୍ୟପଟେ ଗୁରୁବାର ସକାଳ ୯ଟାରେ ରାଜନଗର-ଗୁପ୍ତି ମୁଖ୍ୟ ରାସ୍ତାରେ ଛାତ୍ରଛାତ୍ରୀ ଧାରଣାରେ ବସିଥିବା ଦେଖିବାକୁ ମିଳିଥିଲା । ରାସ୍ତା କଡ଼ରେ ଥିବା ହାତିନାସ୍ଥିତ ଲକ୍ଷ୍ମୀବରାହ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ଝୁଲୁଥିଲା । ଶତାଧିକ ଛାତ୍ରଛାତ୍ରୀ ସ୍କୁଲ ସମ୍ମୁଖରେ ବସିଥିବା ବେଳେ ଶତାଧିକ ଛାତ୍ରଛାତ୍ରୀ ଠିଆହୋଇ ସ୍ଲୋଗାନ ଦେଉଥିଲେ । ଶିକ୍ଷକମାନେ ନିକଟରେ ଠିଆ ହୋଇ ଛାତ୍ରଛାତ୍ରୀଙ୍କୁ ସ୍ଲୋଗାନ ଦେବାକୁ ପ୍ରବର୍ତ୍ତାଉଥିଲେ । ସାରଙ୍କ ବଦଳି ବାତିଲ କର, ଆମର ଦାବି ପୂରଣ ହେଉ, ସାରଙ୍କୁ ଫେରାଇ ଆଣ ଆଦି ସ୍ଲୋଗାନ କୋମଳମତି ଛାତ୍ରଛାତ୍ରୀମାନେ ଦେଉଥିଲେ । ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ମଧ୍ୟରେ ୩୫୫ ଜଣ ଓ ୯ମ, ୧୦ମରେ ୩୬୦ ଜଣ ମୋଟ ୭୧୫ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ୧୦ଟି ଶ୍ରେଣୀ ପାଇଁ ୧୯ ଶିକ୍ଷକ ଥିଲେ । ବୁଧବାର ହାଇସ୍କୁଲ ପାଇଁ ୩ ଶିକ୍ଷକ ନିଯୁକ୍ତି ପାଇଛନ୍ତି । ଫଳରେ ବିଦ୍ୟାଳୟରେ ଶିକ୍ଷକ ସଂଖ୍ୟା ୨୨ରେ ପହଞ୍ଚିଛି । ତଥାପି ଶିକ୍ଷକ ନିରଞ୍ଜନ ପଲେଇଙ୍କୁ ନୂଆଗାଁ ବିଦ୍ୟାଳୟକୁ ଡେପୁଟେସନ ନିର୍ଦ୍ଦେଶକୁ ବିରୋଧ କରାଯାଇଛି । ଅନ୍ୟପଟେ ନିରଞ୍ଜନ ଗୁରୁବାର ନୂତନ ବିଦ୍ୟାଳୟକୁ ଯାଇ ନ ଥିବା ବେଳେ ଛାତ୍ରଛାତ୍ରୀ ରାସ୍ତାରେ ବସିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି । ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀଙ୍କୁ ପଚାରିବାରୁ କହିଲେ, ଗତକାଲି ହାତିନା ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସହ କଥାହୋଇ ଜଣେ ଶିକ୍ଷକଙ୍କୁ ଡେପୁଟେସନରେ ପଠାଇଥିଲି । ଆଜି ଛାତ୍ରଛାତ୍ରୀମାନେ ରାସ୍ତାରେ ବସିଥିଲେ ବୋଲି କହିଛନ୍ତି । ଏ ସମ୍ପର୍କରେ ଲକ୍ଷ୍ମୀବରାହ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ପଣ୍ଡାଙ୍କୁ ପଚାରିବାରୁ, ମୁଁ ସାଢ଼େ ୯ଟାରେ ପହଞ୍ଚିବା ବେଳକୁ ଛାତ୍ରଛାତ୍ରୀ ସ୍କୁଲ ଆଗରେ ଧାରଣାରେ ବସି ସାରିଥିଲେ ବୋଲି କହିଛନ୍ତି ।



● ବେଣୀପୁର-ଛୋଟି ବିରୂପା ନଦୀବନ୍ଧ ରାସ୍ତା ଶୋଚନୀୟ

## ମରାମତିକୁ ଦୁଇମାସ ପୂରିନି; ଗୋଡ଼ି ମେଣ୍ଟାଲ ଉଠିଗଲା



**ପଞ୍ଚୁପାଣ୍ଡବ,୨୭ ।୧୧(ସମିସ):** ଡେରାବିଶ ବ୍ଲକ ବେଣୀପୁର-ଛୋଟି ବିରୂପା ନଦୀବନ୍ଧ ରାସ୍ତା ମରାମତିକୁ ଦୁଇ ମାସ ପୂରି ନ ଥିବା ବେଳେ ଗୋଡ଼ିଗୁଡ଼ିକ ଉଠି ଏଣେ ତେଣେ ପଡ଼ିଥିବା ଦେଖିବାକୁ ମିଳୁଛି । ଏହି ରାସ୍ତା ଦୀର୍ଘଦିନ ଧରି ମରଣଯନ୍ତା ପାଲଟିଥିଲା । ଏ ବିଷୟରେ ସ୍ଥାନୀୟ ଲୋକେ ଅଭିଯୋଗ କରିଥିବା ବେଳେ 'ସକାଳ'ରେ ବାରମ୍ବାର ଖବର ପ୍ରସାରିତ ହେବା ପରେ ପ୍ରଶାସନ ପକ୍ଷରୁ ଦୁଇମାସ ତଳେ ରାସ୍ତା ମରାମତି କରାଯାଇଥିଲା । ବେଣୀପୁର ଲକ୍ ପୋଲଠାରୁ ଇନ୍ଦୁପୁର ପର୍ଯ୍ୟନ୍ତ ଏହି ରାସ୍ତା ଆରଡି ବିଭାଗ ପକ୍ଷରୁ ମରାମତି ହୋଇଥିଲା । ମାତ୍ର ଦୁଇମାସ ପରେ ରାସ୍ତା ପୁଣି ମରଣଯନ୍ତା ପାଲଟିଥିବା ଅଭିଯୋଗ ହେଉଛି । ରାସ୍ତାରୁ ମେଣ୍ଟାଲ ଉଠିଗଲାଣି । କେତେବେଳେ ଗାଡ଼ି ଟାୟାର ପଙ୍କଚର ହେଉଥିବା ବେଳେ କେତେବେଳେ ଚାଳକ ପଡ଼ି ଖଣ୍ଡିଆଖାବରା ହେଉଛନ୍ତି । ଏହି ରାସ୍ତାରେ ଚାରିଚକିଆ ଗାଡ଼ି ସହ କଟକ ଓ ଭୁବନେଶ୍ୱରକୁ ବସ୍ ଯାତାୟାତ କରୁଛି । କେନ୍ଦ୍ରାପଡ଼ାକୁ ସ୍କୁଲ, କଲେଜ, ଡାକ୍ତରଖାନାକୁ ଲୋକେ ଯିବାଆସିବା କରୁଛନ୍ତି । ରାସ୍ତାଟି ଜଳସମ୍ପଦ ବିଭାଗ ଅଧୀନରେ ଥିବାରୁ ଆର୍ ଆଣ୍ଡ ବି ପକ୍ଷରୁ କାମ ହେବାର ଜଣାପଡ଼ିଛି । କିନ୍ତୁ ଏହି ବିଭାଗ କାମ ବିଳମ୍ବ କରୁଥିବାରୁ ଲୋକେ ବିଭିନ୍ନ ସମସ୍ୟାରେ ପଡ଼ିଛନ୍ତି । ଏହାର ତଦନ୍ତ କରାଯାଇ ତୁରନ୍ତ ରାସ୍ତା ନିର୍ମାଣ କରିବାକୁ ଛୋଟି ପଞ୍ଚାୟତ ସରପଞ୍ଚ ରଜନୀ ମଳିକଙ୍କ ସହ ବେଣୀପୁର, ଛୋଟି ଏବଂ ମଙ୍ଗଳପୁର ପଞ୍ଚାୟତର ଲୋକେ ଦାବି କରିଛନ୍ତି ।

## ବୁଢ଼ୀ ଧାନଧାୟୀ ପୀଠରେ ବାର୍ଷିକ ଉତ୍ସବ



**ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି,୨୭ ।୧୧(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ତରଡ଼ିପାଳ ପଞ୍ଚାୟତ ତୁଳସୀଡିଆ ଗ୍ରାମର ବୁଢ଼ୀ ଧାନଧାୟୀ ପୀଠରେ ନବମ ବାର୍ଷିକ ଉତ୍ସବ ଓ ଯଜ୍ଞ ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଛି । ଗ୍ରାମର ମହିଳା ଓ ପୁରୁଷମାନଙ୍କୁ ନେଇ ଭବ୍ୟ କଳସଯାତ୍ରା କରାଯାଇଥିଲା । ବ୍ରାହ୍ମଣଙ୍କ ମନ୍ତ୍ର ଉଚ୍ଚାରଣ, ଭକ୍ତଙ୍କ ହରିବୋଲ ଓ ହୁଳହୁଳି ଶବ୍ଦରେ ମନ୍ଦିର ପ୍ରାଙ୍ଗଣରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ଗ୍ରାମର ସମସ୍ତ ଜନସାଧାରଣ ମା'ଙ୍କ ଆଶୀର୍ବାଦ ନେବା ସହ ଆନନ୍ଦ ବଜାରରେ ପ୍ରସାଦ ସେବନ କରିଥିଲେ । ସୁନା ଦେଉଳ ଭଜନ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । କବୀନ୍ଦ୍ର ଦାଶଙ୍କ ସଂଯୋଜନାରେ ଜିତେନ୍ଦ୍ର ନାରାୟଣ ମହାପାତ୍ର, ରାକେଶ ବିଶ୍ୱାଳ, ମନୋରଞ୍ଜନ ସାମଲ, ସୁମନ୍ତ ବିଶ୍ୱାଳ, ପ୍ରଶାନ୍ତ ବିଶ୍ୱାଳ, ସନ୍ତୋଷ ବିଶ୍ୱାଳ, ସୁବାସ ବିଶ୍ୱାଳ, ଜ୍ୟୋତିରଞ୍ଜନ ବିଶ୍ୱାଳ, ମାନସ ବିଶ୍ୱାଳ, ରଶ୍ମିରଞ୍ଜନ ବିଶ୍ୱାଳ, କନୌଜ ବିଶ୍ୱାଳ ଓ ପ୍ରୀତୀଶ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା ।

## ବାପନା ସିଡ୍ସ୍ ପକ୍ଷରୁ ଅଧିକୃତ ବିକ୍ରେତାଙ୍କ କର୍ମଶାଳା

**ଡେରାବିଶ,୨୭ ।୧୧(ସମିସ):** ଡେରାବିଶ ବ୍ଲକ ହରିଅଁଙ୍କ ପଞ୍ଚାୟତ ପାଣିଓଳା ବିଲ୍ୱମାଳ ମଠ ପରିସରରେ ଚାନ୍ଦୋଳସ୍ଥିତ ବାପନା ସିଡ୍ସ୍ ପକ୍ଷରୁ ବୁଧବାର ଅଧିକୃତ ବିକ୍ରେତାଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି । ବାପନା ସିଡ୍ସ୍‌ର ଅଧିକୃତ ବିକ୍ରେତା ରୁଦ୍ରାଣୀ ଟ୍ରେଡର୍ସ ଆନୁକୂଲ୍ୟରେ ଆୟୋଜିତ ଏହି କର୍ମଶାଳାରେ କେନ୍ଦ୍ରାପଡ଼ା, ଜଗତସିଂହପୁର ଓ ଯାଜପୁର ଜିଲ୍ଲାର ୭୦ ଜଣ ବିକ୍ରେତା ଯୋଗଦେଇଥିଲେ । ବାପନାର ମୁଖ୍ୟ ଆଞ୍ଚଳିକ ପରିଚାଳକ ପ୍ରମୋଦ କୁମାର ବଘାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଞ୍ଚଳିକ ପରିଚାଳକ ମହେନ୍ଦ୍ର କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ରୁଦ୍ରାଣୀ ଟ୍ରେଡର୍ସର ମୁଖ୍ୟ ସତ୍ୟରଞ୍ଜନ ଦାସ ଓ ସହଯୋଗୀ ପରିଚାଳକ ବିଭୂତିଭୂଷଣ ଭୂୟାଁ ପ୍ରମୁଖ ଯୋଗଦେଇଥିଲେ । ଚଳିତ ବର୍ଷ ଏହି ସିଡ୍ସ୍ କମ୍ପାନୀର ଧାନ ବିହନ ବ୍ୟବହାର କରି ଚାଷ ହୋଇଥିବା ବିଭିନ୍ନ ଚାଷଜମିକୁ ଉପସ୍ଥିତ ଶିବିରାର୍ଥୀ ଓ କମ୍ପାନୀ ଅଧିକାରୀମାନେ ପରିଦର୍ଶନ କରିଥିଲେ । ମୁଖ୍ୟଅତିଥି ସ୍ୱାଇଁ ସ୍ଥାନୀୟ ଅଞ୍ଚଳର ଜଳବାୟୁ, ଜଳସେଚନ ସୁବିଧା ଓ ଉଚ୍ଚ ତଥା ଖାଲଜମି ପାଇଁ କମ୍ପାନୀର ବିଭିନ୍ନ ଉନ୍ନତ ମାନର ଅଧିକ ଅମଳକ୍ଷମ ଧାନ ବିହନ ସମ୍ପର୍କରେ ସୂଚନା ଦେଇଥିଲେ । ମୁଖ୍ୟ ପରିଚାଳକ ବଘାର ବାପନା ସିଡ୍ସ୍ ୨୦୦୭ରୁ ଦେଶର ୧୭ ରାଜ୍ୟରେ ତା'ର ବ୍ୟବସାୟ ଆରମ୍ଭ କରିଥିବା ବେଳେ ଓଡ଼ିଶାରେ ୨୦୧୭ରୁ ଆରମ୍ଭ କରି ରେକର୍ଡ ସୃଷ୍ଟି କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଶେଷରେ ବିଜୟକୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଶୈଳେନ୍ଦ୍ର ମହାନ୍ତି ଓ ହିମାଂଶୁ ଶେଖର ସିହ୍ନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ପଟ୍ଟାମୁଣ୍ଡାଇ କଲେଜରେ ସମ୍ବିଧାନ ଦିବସ ପାଳିତ

**ପଟ୍ଟାମୁଣ୍ଡାଇ,୨୭ ।୧୧(ସମିସ):** ପଟ୍ଟାମୁଣ୍ଡାଇ କଲେଜ ଇତିହାସ ଓ ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ୭୬ତମ ସମ୍ବିଧାନ ଦିବସ ପାଳିତ ହୋଇଛି । ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ସର୍ବେଶ୍ୱର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଇତିହାସ ବିଭାଗ ମୁଖ୍ୟ ଅଧ୍ୟାପକ ରଞ୍ଜନ କୁମାର ବେହୁରା, ଅଧ୍ୟାପକ ଶୁଭାଶିଷ ମିଶ୍ର, ଡ. ନିର୍ମଳ ସାହୁ, ଆଲୋକ ସାହୁ, ରଞ୍ଜନ ବେହେରା, ରୋହିତ ବଗର୍ତି, ଅଧ୍ୟାପିକା ଶୁଭଲକ୍ଷ୍ମୀ ପ୍ରଧାନ, ପ୍ରାଧ୍ୟାପକ ଡ. ସୁନୀଲ ପ୍ରଧାନ ଯୋଗଦେଇ ସମ୍ବିଧାନ ପ୍ରସ୍ତୁତିରେ ଡ. ଭୀମରାଓ ଆମ୍ବେଦକରଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଅଧ୍ୟାପକ ପୃଥ୍ୱୀରାଜ ବିଶ୍ୱାଳଙ୍କ ସଂଯୋଜନାରେ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ସମ୍ବିଧାନର ମୁଖବନ୍ଧ ପାଠ କରିଥିଲେ । ଅଧ୍ୟାପିକା ଶୁଭଶ୍ରୀ ପୋଥାଳ ଧନ୍ୟବାଦ ଦେଇଥିଲେ । ଅଧ୍ୟାପକ ପ୍ରଦ୍ୟୁମ୍ନ ପ୍ରଧାନ ଓ ଅଧ୍ୟାପିକା ସୀମାଙ୍ଗିନୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବାତ୍ୟା ଆଶ୍ରୟସ୍ଥଳୀ ଚାବି କାହା ପାଖରେ ?



**ଡେରାବିଶ,୨୭ ।୧୧(ସମିସ):** ଡେରାବିଶ ବ୍ଲକ ଇନ୍ଦାଲୋ ପଞ୍ଚାୟତ ଛକନାସ୍ଥିତ ସାରଦା ଏକାଡେମୀ ନିକଟରେ ଥିବା ବାତ୍ୟା ଆଶ୍ରୟସ୍ଥଳୀର ଚାବି କାହା ପାଖରେ ଅଛି ସେ ଖବର ପ୍ରଶାସକ କିମ୍ବା ଶାସକଙ୍କ ପାଖରେ ନ ଥିବା ଲୋକଙ୍କୁ ଆଶ୍ଚର୍ଯ୍ୟ କରିଛି । ଛକନା ବାତ୍ୟା ଆଶ୍ରୟସ୍ଥଳୀ କାର୍ଯ୍ୟ ୨୦୨୧ରେ ଆରମ୍ଭ ହୋଇ ୨୦୨୩ରେ ସମ୍ପୂର୍ଣ୍ଣ ହୋଇଥିବା ସୂଚନା ଫଳକରେ ଲେଖାଯାଇଛି । ସାଧାରଣତ ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକ କେବଳ ବନ୍ୟା ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଅଳ୍ପ କିଛିଦିନ ପାଇଁ ବ୍ୟବହାର ହୋଇଥାଏ । ଅନ୍ୟ ସମୟରେ ବିଦ୍ୟାଳୟ କିମ୍ବା ମହାବିଦ୍ୟାଳୟ ଦାୟିତ୍ୱରେ ରହିଥାଏ । ଅନ୍ୟ କେତେକ ସ୍ଥାନରେ ସରକାରଙ୍କ ହେପାଜତରେ ରହିଥାଏ । ହେଲେ ଛକନାସ୍ଥିତ ବାତ୍ୟା ଆଶ୍ରୟସ୍ଥଳୀ ନିକଟସ୍ଥ ସାରଦା ଏକାଡେମୀ କିମ୍ବା ସରପଞ୍ଚଙ୍କ ଦାୟିତ୍ୱରେ ନ ଥିବା ଜଣାପଡ଼ିଛି । ମୁରବୀବିହୀନ ଏହି ଆଶ୍ରୟସ୍ଥଳୟୀ ଅସାମାଜିକ ନିଶାସକ୍ତଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ଏ ସମ୍ପର୍କରେ ପୂର୍ବରୁ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଛି । ସାରଦା ଏକାଡେମୀ ପାଚେରିକୁ ଲାଗି ରହିଥିବା ଏହି ଆଶ୍ରୟସ୍ଥଳୀରେ ବୁଧବାର କୌଣସି ଏକ ସଂଗଠନ ପକ୍ଷରୁ ସଭା କରାଯିବା ସହ ଉଚ୍ଚ ସ୍ୱରରେ ଡାକବାଜି ଯନ୍ତ୍ର ବ୍ୟବହାର କରୁଥିବାରୁ ସାରଦା ଏକାଡେମୀରେ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଥିଲା । ଏ ସମ୍ପର୍କରେ ସ୍ଥାନୀୟ ଜଣେ ଅଭିଭାବକ ଡେରାବିଶ ବିଡିଓଙ୍କୁ ଫୋନ୍ ମାଧ୍ୟମରେ ଅଭିଯୋଗ କରିବାରୁ ବିଡିଓ ସ୍ଥାନୀୟ ସରପଞ୍ଚଙ୍କୁ ଯୋଗାଯୋଗ କରିବାକୁ କହିଥିଲେ । ହେଲେ ସରପଞ୍ଚ ତାଙ୍କ ବ୍ୟକ୍ତିଗତ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ନିଜର ଅସମର୍ଥତା ପ୍ରକାଶ କରିବା ସହ ସେହି ଆଶ୍ରୟସ୍ଥଳୀ ପଞ୍ଚାୟତକୁ ହସ୍ତାନ୍ତର କରାଯାଇ ନାହିଁ ବୋଲି କହିଥିଲେ । ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀଙ୍କୁ ଯୋଗାଯୋଗ କରିବାରୁ ସେ ଛୁଟିରେ ଥିବା ସହ ବାତ୍ୟା ଆଶ୍ରୟସ୍ଥଳୀରେ ସଭା ହେଉଥିବା ବିଷୟରେ ଜାଣି ନ ଥିବା କହିଥିଲେ । ଏଥିସହ ଏହି ବାତ୍ୟା ଆଶ୍ରୟସ୍ଥଳୀ ବିଦ୍ୟାଳୟକୁ ହସ୍ତାନ୍ତର କରାଯାଇ ନ ଥିବା କହିଥିଲେ । ଅପରପକ୍ଷରେ ପାଠପଢ଼ା ସମୟରେ ବିଦ୍ୟାଳୟ ନିକଟରେ ଡାକବାଜି ଯନ୍ତ୍ର ଲଗାଇ କୌଣସି ସଭାସମିତି ହୋଇପାରିବ ନାହିଁ ଓ ଯଦି ଏହା ହେବାର ଆବଶ୍ୟକତା ଥାଏ ତେବେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅନୁମତି ନେବା ଆବଶ୍ୟକ । ଗତବର୍ଷ ମଧ୍ୟ ବିନା ଅନୁମତିରେ ଏହି ବିଦ୍ୟାଳୟର ଖେଳପଡ଼ିଆରେ ଡାକବାଜି ଯନ୍ତ୍ର ବଜାଇ ପାଠପଢ଼ା ସମୟରେ ସଭା କରାଯାଇଥିଲା ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଉଛି ଆଶ୍ରୟସ୍ଥଳୀର ଚାବି ନ ଥାଇ ଗତ ଦୁଇଟି ସମ୍ଭାବ୍ୟା ବାତ୍ୟା ପାଇଁ ଏହି ଆଶ୍ରୟସ୍ଥଳୀରେ ଉଦ୍ଧାର କାର୍ଯ୍ୟ ଓ ଥଇଥାନ ପାଇଁ ସରକାରଙ୍କ ପକ୍ଷରୁ ମକ୍‌ଡ୍ରିଲ ମଧ୍ୟ କରାଯାଇଥିଲା । ସୌଭାଗ୍ୟବଶତଃ ଏହି ବାତ୍ୟା ଦୁଇଟିର ପ୍ରଭାବ ଏହି ଅଞ୍ଚଳରେ ହୋଇ ନ ଥିଲା । ଯଦି ହୋଇଥାନ୍ତା, ଏଠାରେ ମକ୍‌ଡ୍ରିଲର କରୁଥିବା ସ୍ୱେଚ୍ଛାସେବୀମାନେ ପ୍ରଭାବିତ ଲୋକଙ୍କୁ କେଉଁଠାରେ ଥଇଥାନ କରିଥାନ୍ତେ ବୋଲି ପ୍ରଶ୍ନ ଉଠୁଛି । ଏହି ଆଶ୍ରୟସ୍ଥଳୀ ନିର୍ମାଣ କରିଥିବା ଠିକାଦାର ଜଣକ ଉକ୍ତ କୋଠାକୁ ବିଦ୍ୟୁତ୍ ଓ ପାଣି ସଂଯୋଗ କରି ନ ଥିବା ଏବଂ ବାତ୍ୟା ସମୟରେ ବିଦ୍ୟୁତ୍‌ର ବିକଳ୍ପ ବ୍ୟବସ୍ଥା ପାଇଁ ଜେନେରେଟର ଠିକ୍ କରି ନ ଥିବାରୁ ଆଶ୍ରୟସ୍ଥଳର ଚାବି ହସ୍ତାନ୍ତର କରି ନ ଥିବା କୁହାଯାଉଛି । ସରକାର ଏହି ଅନିୟମିତତାର ସମାଧାନ କରି ଆଶ୍ରୟସ୍ଥଳୀର ଦାୟିତ୍ୱ ନିକଟସ୍ଥ ସ୍କୁଲ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କଲେ ବାତ୍ୟା ଆଶ୍ରୟସ୍ଥଳୀର ସଦୁପଯୋଗ ହୋଇପାରିବ ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି ।

## ବଟମହାପୁରୁଷ ବିଦ୍ୟାପୀଠରେ ପ୍ରତିଷ୍ଠାତାଙ୍କ ଶ୍ରାଦ୍ଧୋତ୍ସବ

**ଡେରାବିଶ,୨୭ ।୧୧(ସମିସ):** ଡେରାବିଶ ବ୍ଲକ ପବିତ୍ରପଡ଼ାସ୍ଥିତ ବଟମହାପୁରୁଷ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କିଶୋର ଚନ୍ଦ୍ର ମହାନ୍ତି ସ୍ମୃତି ସଂସଦ ଆନୁକୂଲ୍ୟରେ ବିଦ୍ୟାଳୟର ପ୍ରତିଷ୍ଠାତା କିଶୋର ଚନ୍ଦ୍ର ମହାନ୍ତିଙ୍କ ଶ୍ରାଦ୍ଧ ଉତ୍ସବ ପାଳିତ ହୋଇଛି । ସଂସଦର ମୁଖ୍ୟ ସଂଯୋଜକ ସ୍ମାରକ ମହାନ୍ତି ଦ୍ୱାରା ବିଦ୍ୟାଳୟ ପରିସରରେ ଥିବା ସ୍ୱର୍ଗତ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ଉପଢୌକନ ଓ ପୁଷ୍ପମାଲ୍ୟ ଅର୍ପଣ ସହିତ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ସଂସଦ ସଭାପତି ପ୍ରାକ୍ତନ ପ୍ରଧାନଶିକ୍ଷକ ବୈକୁଣ୍ଠନାଥ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଆର୍‌ସିସି ବିଶ୍ୱଜିତ ମୁଦୁଲି ମୁଖ୍ୟଅତିଥି, ପୂର୍ବତନ ଶିକ୍ଷକ ମନୋରଞ୍ଜନ ନାୟକ ମୁଖ୍ୟବକ୍ତା, ଭରତ ଚନ୍ଦ୍ର ଦାସ ଏବଂ ରଘୁନାଥ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଷ୍ଠାତା ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସ୍ମୃତି ସଂସଦ ସଭ୍ୟ ସମାଜସେବୀ ସୁଧୀର ରଞ୍ଜନ ମହାନ୍ତି ଅତିଥି ପରିଚୟ ଓ ପ୍ରଧାନଶିକ୍ଷକ ତଥା ସଂସଦର ସମ୍ପାଦକ ଚୌଧୁରୀ ସରୋଜକାନ୍ତ ପ୍ରହରାଜ ସ୍ୱାଗତ ଭାଷଣ ସହ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ପ୍ରତିଷ୍ଠାତାଙ୍କ ଘନିଷ୍ଠ ସହଯୋଗୀ ଅଜୟ କୁମାର ସାହୁ, ଦେବେନ୍ଦ୍ର ନାଥ ଦାସ, ଅନାମ ଚରଣ ଦାସ, ଅନନ୍ତ ଚରଣ ସାହୁ, ହୃଷୀକେଶ ସାହୁ ଉପସ୍ଥିତ ଥିଲେ । ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ମେଧାବୀ ଛାତ୍ର ଶୁଭମ୍ ବେହେରାଙ୍କୁ ପ୍ରମାଣପତ୍ର ସହ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା । ଶିକ୍ଷକ ଭାବଗ୍ରହୀ କର ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷୟିତ୍ରୀ ନିର୍ମଳା ହୋତା ଓ ପ୍ରଜ୍ଞାପାରମିତା ନାୟକ ଉତ୍ସବ ପରିଚାଳନା କରିଥିଲେ ।

# ସମ୍ପାଦକୀୟ



ଯଦି ଜନତାଙ୍କୁ ମତାଧିକାର ସାବ୍ୟସ୍ତ କରିବାର ପୂର୍ଣ୍ଣ କ୍ଷମତା ଦିଆଯାଏ, ତେବେ ଶାସନ ବ୍ୟବସ୍ଥା ଏକ ଉଚ୍ଚତର ସୋପାନରେ ପହଞ୍ଚିବ ।

-ମାର୍କ ଜୁକରବର୍ଗ

ସକାଳ
THE SAKALA

## ପ୍ରଭାବହୀନ କୋପ୍ ୩୦

ବ୍ରାଜିଲ୍‌ର ବେଲମ୍‌ଠାରେ ଗତସପ୍ତାହରେ ସମାପ୍ତ ଜଳବାୟୁ ଶିଖର ସମ୍ମିଳନୀର ୩୦ତମ ଅଧିବେଶନ(କୋପ୍‌୩୦) ପୁଣି ଥରେ ଚକ୍ଷୁକୁଟା ପ୍ରହସନରେ ପରିଣତ ହୋଇଛି । ଜୀବାଶ୍ମ ଇନ୍ଧନର ବ୍ୟବହାର ହ୍ରାସ, କ୍ରମବର୍ଦ୍ଧିଷ୍ଣୁ ବିଶ୍ୱ ତାପମାନ ନିୟନ୍ତ୍ରଣ ଲକ୍ଷ୍ୟ ପ୍ରାୟତଃ ଗୁରୁତ୍ୱ ହରାଇଥିବା ବେଳେ କେବଳ ଉପରଦେଖାଣିଆ ଭାବରେ ଜଳବାୟୁ ପାଣ୍ଠି ପରିମାଣ ବୃଦ୍ଧି ଉପରେ ସକାରାତ୍ମକ ମତୈକ ପ୍ରକାଶ ପାଇଛି । ପରିବେଶ ପ୍ରଦୂଷଣରେ ସର୍ବାଧିକ ପ୍ରଭାବିତ ବିକାଶଶୀଳ ଓ ଅନୁନ୍ନତ ଦେଶମାନଙ୍କ ପ୍ରତି ସର୍ବାଧିକ ପ୍ରଦୂଷଣ ସୃଷ୍ଟିକାରୀ ବିକଶିତ ଦେଶମାନଙ୍କର ଉତ୍ତରଦାୟିତ୍ୱ ବୃଦ୍ଧି ନେଇ କୋପ୍‌୩୦ରେ ଘୋଷଣା ହୋଇପାରେ ବୋଲି ଆଶା କରାଯାଉଥିବା ବେଳେ ସେଥିରେ ମଧ୍ୟ ନିରାଶ ହେବାକୁ ପଡ଼ିଛି । ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନର ମୁଖ୍ୟକାରଣ ଉପରେ ଧ୍ୟାନ କେନ୍ଦ୍ରିତ ନ କରି ସବୁଜ ଗୃହ ବାଷ୍ପ ସୃଷ୍ଟିକାରୀ ସାମଗ୍ରୀର ଆମଦାନୀ ଉପରେ ଅଧିକ ଶୁଳ୍କ ଲାଗୁ କରିବା ପାଇଁ କୋପ୍ ୩୦ରେ ସଂକଳ୍ପ ଆଗତ କରିବାକୁ ଯୋଜନା ଚୂଡ଼ାନ୍ତ ହୋଇଥିଲା । କିନ୍ତୁ ଭାରତ ଓ ଚୀନ୍ ସମେତ କେତେକ ବିକାଶଶୀଳ ରାଷ୍ଟ୍ର ଏଭଳି ପାତରଅନ୍ତର ନୀତିର ଘୋର ବିରୋଧ କରିବା ପରେ ତାହା ସ୍ଥଗିତ ରହିଲା । ଏଥିରୁ କୋପ୍‌୩୦ ଯେ ତାର ମୂଳ ଓ ମୌଳିକ ଲକ୍ଷ୍ୟରୁ ଦୂରେଇ ଯାଉଛି ଏହି ଅଭିଯୋଗ ନିରାଧାର ନୁହେଁ ।

କୋପ୍ ୩୦ର ଏକମାତ୍ର ସକାରାତ୍ମକ ବାର୍ତ୍ତା ହେଲା ବ୍ୟାପକ ଶିଳ୍ପାୟନ ଓ ଜଳବାୟୁ ପରିବର୍ତ୍ତନରେ ପ୍ରଭାବିତ ବିକାଶଶୀଳ ଦେଶମାନଙ୍କର କ୍ଷତିଭରଣା ପାଇଁ ୨୦୩୫ ମସିହା ପର୍ଯ୍ୟନ୍ତ ବାର୍ଷିକ ୧.୩ ଲକ୍ଷ କୋଟି ଡଲାରର ଅନୁଦାନ ଦେବା ପାଇଁ ସଦସ୍ୟ ଦେଶମାନେ ସହମତ ହୋଇଛନ୍ତି । ସେହିପରି କୋପ୍ ୨୮ ରେ ଜଳବାୟୁ ପରିବର୍ତ୍ତନ ଜନିତ କ୍ଷୟକ୍ଷତି ଭରଣା ପାଇଁ ପ୍ରସ୍ତାବିତ 'ଲସ୍ ଆଣ୍ଡ ଡ୍ୟାମେଜ୍ ଫଣ୍ଡ' ଆରମ୍ଭ କରିବା ଏବଂ ପ୍ରସ୍ତାବିତ ପାଣ୍ଠି ରାଶିକୁ ତିନିଗୁଣା ବୃଦ୍ଧି କରିବା ଲାଗି ମଧ୍ୟ ସଂକଳ୍ପ ପାରିତ ହୋଇଛି । କିନ୍ତୁ ୨୦୧୯ ରୁ ଜଳବାୟୁ ପାଣ୍ଠି ପ୍ରତି ବିକଶିତ ଦେଶମାନଙ୍କର ପ୍ରତିଶ୍ରୁତି ଓ ଅଙ୍ଗୀକାରବଦ୍ଧତାରେ ଥିବା ଆକାଶପାତାଳ ତଫାତ୍‌ର ଅନୁଭବ ଦୃଷ୍ଟିରୁ ଉପରୋକ୍ତ ସଂକଳ୍ପର ରୂପାୟନରେ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ । ସେହିପରି ଆମେରିକା ଜଳବାୟୁ ଶିଖର ସମ୍ମିଳନୀରୁ ଓହରି ଆସିଥିବାରୁ ଜଳବାୟୁ ପାଣ୍ଠିର ଆକାର ଓ କାର୍ଯ୍ୟାନ୍ୱୟନକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି ।

ଅପ୍ରିୟ ସତ୍ୟ ହେଉଛି, ବିକଶିତ ଦେଶମାନେ ଉତ୍ତରଦାୟିତ୍ୱ ନ ନେବା ପର୍ଯ୍ୟନ୍ତ ଜଳବାୟୁ ଶିଖର ସମ୍ମିଳନୀମାନ ଏଭଳି ଚକ୍ଷୁକୁଟା ପ୍ରହସନ ହୋଇଚାଲିଥିବ । କିନ୍ତୁ ଚେଇଁ ଶୋଇଥିବା ଲୋକକୁ ଉଠେଇବ କିଏ? ସାମ୍ପ୍ରତିକ ବିଶ୍ୱର ସର୍ବବୃହତ୍ ଆହ୍ୱାନ ହେଉଛି ଜନତାଙ୍କୁ ଜଳବାୟୁ ନ୍ୟାୟ ପ୍ରଦାନ । ସ୍ୱାର୍ଥସର୍ବସ୍ୱ ମାନସିକତାରେ ଏହି ଲକ୍ଷ୍ୟ ହାସଲ ସମ୍ଭବ ନୁହେଁ । ବୋଧହୁଏ ନିଜେ ପ୍ରଭାବିତ ଓ କ୍ଷତିଗ୍ରସ୍ତ ନ ହେବା ଯାଏଁ ବିକଶିତ ରାଷ୍ଟ୍ରମାନଙ୍କର ଚେତନା ଉଦୟ ହେବ ନାହିଁ । ସେପର୍ଯ୍ୟନ୍ତ ଅବଶିଷ୍ଟ ବିଶ୍ୱ ଜଳବାୟୁ ପରିବର୍ତ୍ତନର ବିଷ ପିଇବାକୁ ବାଧ୍ୟ । ବିଶେଷକରି ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ତଥା ଜଳବାୟୁ ପରିବର୍ତ୍ତନ ଜନିତ ସଙ୍କଟ ପ୍ରଭାବିତ ତାଲିକାରେ ନବମ ସ୍ଥାନରେ ଥିବା ଭାରତ ପାଇଁ ଏହି ଆହ୍ୱାନର ମୁକାବିଲା କରିବା ଆହୁରି ଅଧିକ କଠିନ ।

ଏବେ ସମୟ ଆସିଛି ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଭାବକୁ ହ୍ରାସ କରିବା ପାଇଁ ଜାତୀୟ ନୀତି ପ୍ରଣୟନ କରିବାର । ଭାରତକୁ ଖାଦ୍ୟାଭାବ, ବାତ୍ୟା, ବନ୍ୟା, ମରୁଡ଼ି, ସମୁଦ୍ର ପତ୍ତନ ବୃଦ୍ଧି, ଜଳାଭାବ, ଶସ୍ୟ ହାନି, ସ୍ୱାସ୍ଥ୍ୟସଙ୍କଟ, ଜୈବବିବିଧତା ହ୍ରାସ, ଅଂଶୁଘାତ, ଆଦି ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଜନିତ ଦୁଷ୍ପ୍ରଭାବରୁ ସୁରକ୍ଷା ଦେବାକୁ ହେଲେ ସଂକଳ୍ପ ନୁହେଁ, ଯୁଦ୍ଧକାଳୀନ ପଦକ୍ଷେପ ଆବଶ୍ୟକ । ଏଥିପାଇଁ ସରକାରୀ ଓ ରାଜନୈତିକ ନିଷ୍ଠା, ଗୋଷ୍ଠୀ ସହଭାଗିତା ଓ ପ୍ରଶାସନିକ ଆନ୍ତରିକତା ଅପରିହାର୍ଯ୍ୟ । ସେହିପରି ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟା ସମାଧାନରେ ବୈଷୟିକ ଜ୍ଞାନକୌଶଳ ସହ ପାରମ୍ପରିକ ମୌଳିକ ଜ୍ଞାନକୁ ସମ୍ମିଳିତ ଭାବେ ପ୍ରୟୋଗ କରିବା ପାଇଁ ମାନସିକତାରେ ସକାରାତ୍ମକ ପରିବର୍ତ୍ତନ ମଧ୍ୟ ଜରୁରୀ ।

## ଆପଣା ହସ୍ତେ ଜିହ୍ୱା ଛେଦି

ଯାନବାହନ ଓ ସେଗୁଡ଼ିକର ଚାଳିତ ଶକ୍ତି ଜୀବାଶ୍ମ ଇନ୍ଧନର ଉତ୍ପାଦନ ଓ ବିକ୍ରି ଉପରେ କଟକଣା ଜାରି କରିବା ଲାଗି ସରକାରଙ୍କୁ ଆବେଦନ କରିଛନ୍ତି କାରନିର୍ମାଣକାରୀ ସଂସ୍ଥାର ଜନୈକ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ । ଆବେଦନର କାରଣରେ ସେ ଦର୍ଶାଇଛନ୍ତି ଯେ କାର ମୋ ଜୀବିକାର୍ଜନର ମୁଖ୍ୟ ସହାୟକ ଏହା ନିଃସନ୍ଦେହ; କିନ୍ତୁ ତା'ଠାରୁ ଗୁରୁତ୍ୱପୂର୍ଣ୍ଣ ମୋ ପୂର୍ବ ଓ ଉତ୍ତର ପିଢ଼ିର ସ୍ୱାସ୍ଥ୍ୟ ଓ ଭବିଷ୍ୟତ । ଯାନବାହନ ଚଳାଚଳରେ କଟକଣା ନ ଲାଗିବା ପର୍ଯ୍ୟନ୍ତ ପରିବେଶ ପ୍ରଦୂଷଣରୁ ଯେ ମୁକ୍ତି ନାହିଁ ଏହି ଆପ୍ତବାକ୍ୟଟି ସମ୍ପୃକ୍ତ ସିଇଓଙ୍କ ଆବେଦନରୁ ସ୍ପଷ୍ଟ ଓ ନିର୍ଧାର୍ଯ୍ୟ ।

ଏହା ଅସ୍ୱୀକାର କରିବାର ନାହିଁ ଯେ ଦ୍ରୁତ ସହରୀକରଣ ସହିତ କର୍ମସ୍ଥଳୀ, ବିପଣନ ଓ ମନୋରଞ୍ଜନ ବିକ୍ଷିପ୍ତ ହୋଇଛି ଏବଂ ଗମନାଗମନରେ ଯାନବାହନ ଏକ ଜରୁରୀ ଆବଶ୍ୟକତା ହୋଇପଡ଼ିଛି । ସେହି ଆଧାରରେ ଆଶାତୀତ ଭାବେ ଯାନବାହନ ଉତ୍ପାଦନ ଓ ବିକ୍ରି ବଢ଼ିବାରେ ଲାଗିଛି । ବ୍ୟାଙ୍କ ଓ ବିଭିନ୍ନ ଦେଶୀବିଦେଶୀ ଅର୍ଥଲଗାଣକାରୀ ସଂସ୍ଥାଙ୍କ ପ୍ରାବଲ୍ୟ ଯୋଗୁଁ ସହଜରେ ଋଣ ମିଳିଯାଉଛି । ତା' ସହିତ ଲୋକମାନଙ୍କର ଉପାର୍ଜନ ମଧ୍ୟ ବଢ଼ିଛି । ଆୟ ଓ ଋଣ ସମ୍ପର୍କର ସିଧାସଳଖ ପ୍ରଭାବ ଯାନବାହନ ସଂଖ୍ୟା ବୃଦ୍ଧିରେ ପ୍ରତିଫଳିତ ହେଉଛି । ପରିଣାମ ସ୍ୱରୂପ ବାୟୁ ପ୍ରଦୂଷଣ ଉତ୍କଟ ହେବାରେ ଲାଗିଛି । ବିଷାକ୍ତ ଓ ପ୍ରଦୂଷିତ ବାୟୁ ସମସ୍ୟା ଓ ପରିବେଶ ସଙ୍କଟ ଏବେ କେବଳ ଆଉ ଦେଶର ରାଜଧାନୀ ଦିଲ୍ଲୀରେ ସୀମିତ ହୋଇ ରହିନାହିଁ । ଆମ ରାଜ୍ୟର ଅନୁଗୁଳ ସହର ପ୍ରଦୂଷିତ ବାୟୁ ମାନରେ ଦିଲ୍ଲୀକୁ ମଧ୍ୟ ଟପିଯାଇଛି । ଧୀରେ ଧୀରେ ଦେଶର ବିଭିନ୍ନ ଜନାକୀର୍ଣ୍ଣ ସହରାଞ୍ଚଳ ଏଭଳି ପ୍ରଦୂଷିତ ବାୟୁର ପଞ୍ଝା ମଧ୍ୟକୁ ଚାଲିଯାଉଛି ।

ଜଳବାୟୁ ପରିବର୍ତ୍ତନ, ପରିବେଶ ପ୍ରଦୂଷଣର କାରଣ ଓ ନିରାକରଣ ବିଷୟରେ ଜନତା ଆଉ ଅଜ୍ଞ ନୁହନ୍ତି । ତେଣୁ ସୂଚନା ଓ ସଚେତନତା ପ୍ରୟାସ ବୃଥା । କଥା କଥାକେ ଗାଡ଼ିଟିଏ ନ ହେଲେ ଘରୁ ଗୋଡ଼ ବାହାର କରିବାର କୁଣ୍ଠାକୁ ଆମେ ତ୍ୟାଗ କରିପାରୁନାହୁଁ । ସବୁଜାଣି ମଧ୍ୟ ଅଧିକ ସୁଖ, ସୁବିଧା ଲୋଡୁଥିବାର ପରିଣାମ ଆମକୁ ହିଁ ଭୋଗିବାକୁ ପଡୁଛି ଏବଂ ଆମର ଉତ୍ତରପିଢ଼ିଙ୍କୁ ମଧ୍ୟ ଭୋଗିବାକୁ ପଡ଼ିବ । ଓଡ଼ିଶାରେ ଏକ ପ୍ରବାଦ ଅଛି - ଆପଣାହସ୍ତେ ଜିହ୍ୱା ଛେଦି କେ ଅଛି ତା'ର ପ୍ରତିବାଦୀ । ବିଷବଳୟରୁ କେବଳ ଆମର ଆତ୍ମସଂଯମ ହିଁ ଉଦ୍ଧାର କରିପାରିବ । ନିଷ୍ପତ୍ତି ଆମମାନଙ୍କର ।

## ଓଡ଼ିଆ ଅସ୍ମିତା ଓ ସ୍ୱାବଲମ୍ବନ

ଡ. ପ୍ରମୋଦ କୁମାର ପଣ୍ଡା



ଆଜିକାଲି ଆମେ ସମସ୍ତେ ଓଡ଼ିଆ ଅସ୍ମିତା ବୃଦ୍ଧି ପାଇଁ ଉଦ୍ୟମ କରୁଛନ୍ତି । ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । କିନ୍ତୁ ଆମ ଅସ୍ମିତା ଦେଶ ଓ ବିଦେଶରେ ସେତେବେଳେ ବୃଦ୍ଧି ପାଇବ ଯେତେବେଳେ ପ୍ରତି ଓଡ଼ିଆ ମୁଣ୍ଡ ଟେକି ଆଖିରେ ଆଖି ମିଳାଇ ଅନ୍ୟ ରାଜ୍ୟ ଓ ବିଦେଶର ଲୋକଙ୍କ ସହିତ କଥା ହୋଇପାରିବ କିମ୍ବା ନିଜ ଅଧିକାର ଜାହିର କରିପାରିବ । ଅନ୍ୟମାନେ ଯେତେବେଳେ ଆମକୁ ଦେଖିବେ ତୁରନ୍ତ ସମ୍ମାନ ଦେବାର ମାନସିକତା ପ୍ରଦର୍ଶନ କରିବେ ସ୍ୱତଃପ୍ରବୃତ୍ତ ଭାବରେ । ଏହା ସେତେବେଳେ ସମ୍ଭବ ହେବ, ଯେତେବେଳେ ଆମେ ନିଜକୁ ଧନୀ କରିପାରିବା ।

ଇଂରାଜୀରେ ଏକ ପ୍ରବାଦ ଅଛି - 'ଭିକାରୀର ଇଚ୍ଛା ବାଛିବାର ଅଧିକାର ନାହିଁ, ଯିଏ ଯାହା ଦେଲା ସେଥିରେ ସନ୍ତୁଷ୍ଟ ହେବାକୁ ବାଧ୍ୟ ।' ଏ ଦୁନିଆରେ ଅର୍ଥ ହିଁ ସମ୍ମାନର ଅଧିକାରୀ । ଆପଣଙ୍କ ପାଖରେ ପଇସା ଥିଲେ ସବୁକିଛି ମିଳିଯାଇପାରିବ । ସେଥିପାଇଁ ତ କୁହାଯାଇଛି - 'ଆବେ ପରଶୁ, ଯାବେ ପରଶୁ, ବାବୁ ପରଶୁରାମ; ପଇସା କ୍ୟା ନ କରେ କାମ ।' ଏଠାରେ ପଇସା ଅର୍ଥ ନୁହେଁ କଳା ଟଙ୍କା ରୋଜଗାର କରିବା । ଏ ପୃଥିବୀରେ ସାଧୁ ଉପାୟରେ ପଇସା ରୋଜଗାର କରି ଧନୀ ହେବାର ଶହ ଶହ ରାସ୍ତା ଅଛି । କିନ୍ତୁ ଦୁଃଖ ଲାଗେ ଆମ ସ୍ଥିତି ଦେଖି । ବିକାଶର ସମସ୍ତ ଉପାଦାନ ଆମ ପାଖରେ ଥିବା ସତ୍ତ୍ୱେ ଆମେ ଏକ ଦରିଦ୍ର ଜାତି ହିସାବରେ ନିଜର ପରିଚୟ ସୃଷ୍ଟି କରିଛନ୍ତି ।

ଓଡ଼ିଶା ଦେଶର ଅଷ୍ଟମ ବୃହତ୍ତମ ରାଜ୍ୟ । ପ୍ରାକୃତିକ ସମ୍ପଦରେ ଭରପୂର । ସମଗ୍ର ଦେଶରେ ବାର୍ଷିକ ହରାହାରି ୧୨୦୦ ମିଲିମିଟର ବର୍ଷା ହେଉଥିବା ସ୍ଥଳେ ଆମର ୧୫୦୦ ମିଲିମିଟର । ଦେଶରେ ଆଠପ୍ରକାର ମୃତ୍ତିକା ଥିବା ବେଳେ ଆମର ମଧ୍ୟ ଆଠପ୍ରକାର ମୃତ୍ତିକା ଅଛି । ସମୁଦ୍ର ପତ୍ତନଠୁ ଦେଓମାଳିର ଶିଖର ପର୍ଯ୍ୟନ୍ତ ସମସ୍ତ ପ୍ରକାର ଭୂମିରୂପ ଓ ଜଳବାୟୁ ଆମ ପାଖରେ ମହଜୁଦ ଅଛି । ଏହା ବର୍ଷସାରା ବିଭିନ୍ନ ପ୍ରକାର କୃଷିଜାତ ସାମଗ୍ରୀ ଉତ୍ପାଦନ ପାଇଁ ଭରପୂର ସୁଯୋଗ ଦେଇଛି । ଆମ ପାଖରେ ସମଗ୍ର ଦେଶର ଶତକଡ଼ା ୨୮ ଭାଗ ଲୁହାପଥର, ଶତକଡ଼ା ୨୪ ଭାଗ କୋଇଲା, ଶତକଡ଼ା ୫୯ ଭାଗ ଆଲୁମିନିୟମ (ବକ୍‌ସାଇଟ) ଓ ଶତକଡ଼ା ୯୮ ଭାଗ କ୍ରୋମାଇଟ ମହଜୁଦ ଅଛି । ତା' ଛଡ଼ା ଅନ୍ୟାନ୍ୟ ଖଣିଜ ପଦାର୍ଥ ମଧ୍ୟ ଅଢ଼େବହୁତ ଅଛି । ପର୍ଯ୍ୟଟନ ବିକାଶ ପାଇଁ ମନ୍ଦିର, ନଦୀ, ହ୍ରଦ, ଘନ ଜଙ୍ଗଲ ଓ ୪୮୫ କିଲୋମିଟର ସୁଦୀର୍ଘ ସମୁଦ୍ର ବେଳାଭୂମି ଅଛି । ୬୨ ପ୍ରକାର ପରିଶ୍ରମୀ ଜନଜାତି ମଧ୍ୟ ଅଛନ୍ତି । ଆମ ରାଜ୍ୟର ଶ୍ରମିକ ଅନ୍ୟ ରାଜ୍ୟରେ ପରିଶ୍ରମୀ ବୋଲି ପରିଚୟ ସୃଷ୍ଟି କରିଛନ୍ତି ।

ଉପରୋକ୍ତ ବର୍ଣ୍ଣିତ ସମସ୍ତ ବିକାଶ ଉପାଦାନ ମହଜୁଦ୍ ଥିବା ସତ୍ତ୍ୱେ ଓଡ଼ିଶାର ମାସିକ କୃଷି ଆୟ (୫, ୧୧୨ଟଙ୍କା) ଦେଶର ରାଜ୍ୟମାନଙ୍କ ତୁଳନାରେ ତଳ ଆଡୁ ଦ୍ୱିତୀୟ, ଯାହା ଆଦୌ ଗ୍ରହଣୀୟ ନୁହେଁ । ସେହିପରି ବାର୍ଷିକ ମୁଣ୍ଡପିଛା ଆୟରେ ଆମ ରାଜ୍ୟ ଦେଶର ଅନ୍ୟ ରାଜ୍ୟମାନଙ୍କ ତାଲିକାରେ ୧୭ ତମ ସ୍ଥାନ (୧, ୬୩, ୧୦୧ଟଙ୍କା) ମଧ୍ୟ ଗ୍ରହଣୀୟ ନୁହେଁ । କିଛି କେନ୍ଦ୍ରଶାସିତ ଅଞ୍ଚଳକୁ ବିଚାର କଲେ ଆମ ସ୍ଥାନ ୨୨ରେ ଅଛି । ସିକିମର ମୁଣ୍ଡପିଛା ଆୟ ୫, ୪୭, ୭୪୦ ଟଙ୍କା ଦେଶର ସର୍ବୋଚ୍ଚ ହୋଇଥିବା ବେଳେ ତେଲଙ୍ଗାନା, କର୍ଣ୍ଣାଟକ, ତାମିଲନାଡୁ, ହରିୟାଣା ପ୍ରଭୃତି ରାଜ୍ୟର ବାର୍ଷିକ ମୁଣ୍ଡପିଛା ଆୟ ୩ ଲକ୍ଷ ଟଙ୍କାରୁ ଅଧିକ, ଯାହାକି ଆମଠୁ ଶତକଡ଼ା ୧୦୦ରୁ ଅଧିକ ।

କେବେ କୌଣସି ପଞ୍ଜାବୀ, ମାରୁଆଡ଼ି କିମ୍ବା ଗୁଜରାଟୀ ମୁଲିଆ ବା ଚାକିରିଆ ହେବା ପାଇଁ ସ୍ୱପ୍ନ ଦେଖେନି । ସବୁବେଳେ ଧନକୁ ମୁଲିଆ ସଦ ଉପଯୋଗପୂର୍ବକ ମାଲିକ ହୋଇ ଅଧିକ ଧନ ଉପାର୍ଜନ କରିବାକୁ ଚେଷ୍ଟା କରେ । ମୁଁ ଆମର ଯୁବପିଢ଼ିଙ୍କୁ ଆହ୍ୱାନ ଦେଉଛି - ଆପଣ ସମସ୍ତେ ଧନୀ ହେବାକୁ ଚେଷ୍ଟା କରନ୍ତୁ, ତାହା ପୁଣି ସତ୍ ଉପାୟରେ । କାରଣ ଅସତ ଧନ ବେଶି ଦିନ ରହିବ ନାହିଁ । ସେଥିପାଇଁ ଉତ୍କଳମଣି ଗୋପବନ୍ଧୁ କହିଥିଲେ, ବାଲ୍ୟ କାଳୁ ଧନ ଓ ଧର୍ମ ସଂଚିବା କଥା । ଆମ ଯୁବବର୍ଗଙ୍କୁ କହିରଖେ, ଆମ ପାଇଁ ସିନା ପର୍ଯ୍ୟାପ୍ତ ଚାକିରି ନାହିଁ, ମାତ୍ର ପର୍ଯ୍ୟାପ୍ତ ରୋଜଗାର ଅଛି । ମନେରଖନ୍ତୁ ଆପଣଙ୍କ ପାଖରେ ଅର୍ଥବଳ ରହିଲେ ସମସ୍ତେ ସମ୍ମାନ ଦେବେ । ଏଥିପାଇଁ ତ କୁହାଯାଏ ଟଙ୍କା ସବୁକିଛି ନୁହେଁ । ମାତ୍ର ଭଗବାନଙ୍କଠୁ ବି କମ୍ ନୁହେଁ ।

ପ୍ରତି ଓଡ଼ିଆ ଧନୀ ହେଲେ ଯାଇଁ ଓଡ଼ିଆ ଅସ୍ମିତା ପ୍ରତିଷ୍ଠା ହୋଇପାରିବ । ସେ କାହାପାଖରେ ହାତ ପାତିବ ନାହିଁ । ସେ ମଧ୍ୟ ଅନ୍ୟ ରାଜ୍ୟ ଲୋକଙ୍କୁ ନିଜ ଧନ୍ଦାରେ କାମ କରାଇବ । ଏଥିପାଇଁ ସରକାରଙ୍କ ଗୁରୁ ଦାୟିତ୍ୱବୋଧ ରହିଛି । ସବୁଯୁଗରେ ସବୁ ସରକାରଙ୍କର ବଡ଼ ଆହ୍ୱାନ ହେଉଛି ସମ୍ବଳ ସୀମିତତା । ମାତ୍ର ଯେଉଁ ସରକାର ସୀମିତ ସମ୍ବଳର ସଦୁପଯୋଗ କରିପାରେ ଉତ୍ପାଦକତା ବୃଦ୍ଧି ପାଇଁ, ସେ ରାଜ୍ୟ ବା ଦେଶ ପ୍ରଗତି କରେ । ମାତ୍ର ଓଡ଼ିଶାରେ ଦ୍ରବ୍ୟ ଓ ରୋଜଗାର ସୃଷ୍ଟି ଉଦ୍ଦେଶ୍ୟରେ ପୁଞ୍ଜି ନିବେଶ ନ ହୋଇ ଭୋଟ ପକ୍କା କରିବା ପାଇଁ ସରକାର ପରେ ସରକାର ପୁଞ୍ଜି ନିବେଶ କରି ଚାଲିଛନ୍ତି, ଯାହାର ଫଳସ୍ୱରୂପ ରାଜକୋଷରୁ ଅର୍ଥ ଯାଉଛି, ମାତ୍ର ବେରୋଜଗାରୀ ବଢ଼ୁଛି । କୃଷି ଆୟ କମୁଛି ଏବଂ ରାଜ୍ୟରେ ଫସଲ ସଘନତା ମାତ୍ରା ହ୍ରାସ ପାଉଛି । ଭୋଟ ରାଜନୀତିରେ ଟଙ୍କା ବାଣ୍ଟିଲେ ଭୋଟବ୍ୟାଙ୍କ ପକ୍କା ହୋଇଯିବ, ମାତ୍ର ଓଡ଼ିଆ ଧନୀ ହୋଇ ପାରିବ ନାହିଁ ।

ଅତୀତରେ ଆମେ ବିଦେଶ ଯାଉଥିଲୁ । ଅନ୍ୟମାନେ ଆମଠୁ ଧନ ନେବା ପାଇଁ ଆମକୁ ଜୟ କରିବାକୁ ଚାହୁଁଥିଲେ । ବର୍ତ୍ତମାନ ପଞ୍ଜାବୀ ଓ କେରଳୀ ବିଦେଶ ଯିବାର ସ୍ୱପ୍ନ ଦେଖୁଥିବା ବେଳେ ଅଧିକାଂଶ ଓଡ଼ିଆ ଯୁବବର୍ଗ ବିପିଏଲ ମଦ୍ୟ ପାନରେ ନିଜର ଭବିଷ୍ୟତ ଖୋଜୁଛନ୍ତି । ଅତ୍ୟନ୍ତ ଦୁର୍ଭାଗ୍ୟଜନକ ସ୍ଥିତି । ଆମ ସରକାର, ଶିକ୍ଷାନୁଷ୍ଠାନ, ଗଣମାଧ୍ୟମ, ବୁଦ୍ଧିଜୀବୀ ସମସ୍ତେ ମିଶି ଆମ ଯୁବବର୍ଗଙ୍କର ଚାକିରି କରିବା ମନୋବୃତ୍ତିକୁ ପରିବର୍ତ୍ତନ କରି ରୋଜଗାର କରିବାରେ ମନୋନିବେଶ ପାଇଁ ସେମାନଙ୍କୁ ପ୍ରବର୍ତ୍ତାଇବାକୁ ପଡ଼ିବ । ସେଥିପାଇଁ ଏକ ବଡ଼ ସାମାଜିକ ପରିବର୍ତ୍ତନର ଆବଶ୍ୟକତା ରହିଛି ।

ଭୁବନେଶ୍ୱର, ମୋ: ୮୯୧୭୪୨୬୪୪୦

## ପ୍ରଶ୍ୱାସରେ ବିଷ

ତୁଷାର ରଞ୍ଜନ ସାହୁ

ଶୀତରତୁ ଆରମ୍ଭ ହୋଇଗଲାଣି । ବିବାହ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ବାଣ ଓ ତତ୍‌ଜନିତ ବିଭିନ୍ନ ସାମଗ୍ରୀର ବ୍ୟବହାର ବାୟୁରେ ବିଷାକ୍ତ କଣିକା ସବୁ ଆଚ୍ଛାଦିତ କରିଦେଲାଣି । ଏହିପରି ଏକ ସମୟରେ ଆମ ସମସ୍ତଙ୍କ ପାଇଁ ବିଶୁଦ୍ଧ ପବନ ଟିକିଏ ପାଇବା କାଠିକର ପାଠ ହୋଇଗଲାଣି କହିଲେ ଅତ୍ୟୁକ୍ତି ହେବନାହିଁ । କଟକ-ଭୁବନେଶ୍ୱର ଦ୍ୱୈତନଗରୀ ପ୍ରଦୂଷଣର ପାରଦରେ ସବୁଠୁ ଶୀର୍ଷରେ ରହିଛି । ଆମେ ସବୁ ଯେଉଁ ବାଣ ବ୍ୟବହାର କରିଥାଉ, ସେଥିରେ କପର, କ୍ୟାଡମିୟମ, ଜିଙ୍କ, ଲିଡ, ମାଗ୍ନେସିୟମ, ସୋଡିୟମ ଆଦି ରାସାୟନିକ (କେମିକାଲ) ବ୍ୟବହାର ହେଉଛି । ଏହି ବାଣ ପୋଡ଼ିଲେ ସେଥିରୁ ବାହାରୁଛି ବିଷାକ୍ତ ଅଙ୍ଗାରକାମ୍ଳ (କାର୍ବନ ଡାଇଅକ୍ସାଇଡ), ସଲଫର ଡାଇଅକ୍ସାଇଡ, ନାଇଟ୍ରୋଜେନ ଡାଇଅକ୍ସାଇଡ, କାର୍ବନ ମନୋକ୍ସାଇଡ, ହାଇଡ୍ରୋ କାର୍ବନ, ଚାରକୋଲ ବାଷ୍ପ । ଆକାଶକୁ ରଙ୍ଗୀନ କରିବା ପାଇଁ ବାଣରେ ବ୍ୟବହୃତ ରାସାୟନିକ ପଦାର୍ଥରୁ ନିର୍ଗତ ଗ୍ୟାସ କ୍ୟାନସର ଭଳି ଭୟଙ୍କର ରୋଗକୁ ବଢ଼ାଇଥାଏ । ଏସବୁ ବାଷ୍ପ ଧୂଳିକଣା ସହ ମିଶି ବାୟୁମଣ୍ଡଳରେ ଏକ ଅସୁସ୍ଥକର ବାତାବରଣ ସୃଷ୍ଟି କରିଥାଏ ।

ଏହାର ପ୍ରଭାବ ଦ୍ୱାରା ଅଙ୍ଗାରକାମ୍ଳ ପରିମାଣ ବାୟୁମଣ୍ଡଳରେ ବଢ଼ିଲେ ମୁଣ୍ଡ ବ୍ୟଥା ସହ ଧଇଁସଇଁ, ମାନ୍ଦା ଲାଗିପାରେ । ବେଳେ ବେଳେ ଶରୀରରେ ଆକସ୍ମିକ ପୀଡ଼ା ଅନୁଭବ ହୁଏ । ଅଚାନକ ରକ୍ତଚାପ ବଢ଼ିଯାଏ । ଏମିତିକି କେବେ କେବେ କୋମା, ଆସଫିକ୍ସିଆ, କନଭୁଲସନ ହାତ, ଗୋଡ଼, ଆଙ୍ଗୁଠି ଯେମିତି ନିର୍ଦ୍ଦିଷ୍ଟ ଅବସ୍ଥାରେ ଅଟକିଯାଏ । କାର୍ବନ ମନୋକ୍ସାଇଡ ଗ୍ୟାସ ଉଭୟ ମଣିଷ, ପଶୁପକ୍ଷୀଙ୍କୁ ପ୍ରଭାବିତ କରେ । ଏହା ରକ୍ତରେ ଅମ୍ଳଜାନ ପ୍ରବାହର କ୍ଷମତାକୁ କମାଇଦିଏ । ଶରୀରର ବିଭିନ୍ନ କୋଷ, ହୃଦୟ, ମସ୍ତିଷ୍କ ସମେତ ବିଭିନ୍ନ ଅଙ୍ଗକୁ ଅମ୍ଳଜାନ ପ୍ରବାହ କମିଯାଏ । ଏଥିରେ ହୃଦରୋଗୀଙ୍କ ସ୍ଥିତି ସଙ୍କଟାପନ୍ନ ହୋଇପାରେ । ସଲଫର ଡାଇଅକ୍ସାଇଡ ଗ୍ୟାସ ସମ୍ପୂର୍ଣ୍ଣ ଶ୍ୱାସକ୍ରିୟାକୁ ପ୍ରଭାବିତ କରିଥାଏ । ବିଶେଷକରି ଫୁସଫୁସକୁ ଆକ୍ରାନ୍ତ କରେ । ଅଚାନକ କାଶ ବଢ଼ିପାରେ । ଛାତିରେ ଯନ୍ତ୍ରଣା ହୁଏ । ଆଜମା ଓ ଶ୍ୱାସଜନିତ ବିଭିନ୍ନ ରୋଗରେ ଆକ୍ରାନ୍ତଙ୍କ ସ୍ଥିତି ସଙ୍କଟାପନ୍ନ ହୋଇପାରେ । ବ୍ଲାକ ପାଉଡର ମଧ୍ୟ ବେଶ କ୍ଷତିକାରକ । ଛାତି ରୋଗ ସହ, ଆଜମା, ଫୁସଫୁସ କ୍ୟାନସର ରୋଗକୁ ଏହା ବଢ଼ାଏ । ପରିବେଶକୁ ବ୍ୟାପକ କ୍ଷତାକ୍ତ କରିଥାଏ ।

ଦେଶରେ ସଡ଼କ ଦୁର୍ଘଟଣା ଓ ହୃଦରୋଗ ପରେ ସର୍ବାଧିକ ମୃତ୍ୟୁ କ୍ରୋନିକ ଅବଷ୍ଟ୍ରକଟିଭ ପଲମୋନାରି ଯୋଗୁଁ ହେଉଛି । ଏହା ଏକ ଶ୍ୱାସଜନିତ ରୋଗ । ଏଥିରେ ଫୁସଫୁସ କ୍ଷତିଗ୍ରସ୍ତ ହୋଇ ସଙ୍କଟାପନ୍ନ ସ୍ଥିତି ସୃଷ୍ଟି କରେ । ଧୂମପାନ ଓ ବାୟୁ ପ୍ରଦୂଷଣ ଏହାର ପ୍ରମୁଖ କାରଣ । ଧୂଆଁ ଶ୍ୱାସ ରୋଗୀଙ୍କ ପାଇଁ ସବୁବେଳେ ଖରାପ । ଅତ୍ୟଧିକ ନିର୍ମାଣ କାର୍ଯ୍ୟରୁ ନିର୍ଗତ ଧୂଳି, ଗୋଡ଼ି ମୋଟର ଧୂଆଁକୁ ମଣିଷ ପ୍ରତିଦିନ ପ୍ରଶ୍ୱାସରେ ଗ୍ରହଣ କରୁଛି । ଏହା ସ୍ୱାସ୍ଥ୍ୟକୁ ଖରାପ କରୁଥିବା ବେଳେ ଦୀପାବଳିର ପ୍ରବଳ ଆତସବାଜିକୁ ନିର୍ଗତ ଧୂଆଁ ଆହୁରି ସ୍ୱାସ୍ଥ୍ୟ ବିଗାଡ଼ିବ । ଦୀପାବଳିରେ ସାପବାଣ, ଚାଇନା ଲଙ୍କା ବାଣରୁ ବେଶି ଧୂଆଁ ଓ ପ୍ରଦୂଷଣ ସୃଷ୍ଟି ହୋଇଥାଏ । ସମୟ ଆସିଛି, ଆମକୁ ଚେତିବାକୁ ପଡ଼ିବ ।

ସେହିପରି ଅନାବଶ୍ୟକ ଶବ୍ଦ ସୃଷ୍ଟି 'ଶବ୍ଦ ପ୍ରଦୂଷଣ'ର ବଡ଼ କାରଣ । ଏନଭାର୍ନମେଣ୍ଟ ପ୍ରୋଟେକ୍ସନ ରୁଲସ୍ - ୧୯୯୯ ଅନୁଯାୟୀ ଶବ୍ଦ ସ୍ତର ୧୨୫ ଡେସିବଲ ପର୍ଯ୍ୟନ୍ତ ଦୋଷାବହ ନୁହେଁ । ଅତି ଜୋରରେ ହେଉଥିବା ଶବ୍ଦ ପ୍ରଦୂଷଣ ଶିଶୁ, ବୃଦ୍ଧ, ରୁଗଣ ବ୍ୟକ୍ତିମାନଙ୍କର ବିଶେଷ କ୍ଷତି କରେ । ଉଚ୍ଚ ରକ୍ତଚାପ, ଅତ୍ୟଧିକ ମାନସିକ ଚାପ ବୃଦ୍ଧି ସହ ଏହା ନିଦ୍ରାହୀନତା, ଶ୍ରବଣଶକ୍ତି ହ୍ରାସ ବା ବଧିରତା ପରି ବହୁ ସମସ୍ୟା ସୃଷ୍ଟି କରିଥାଏ । ବଡ଼ ବଡ଼ ସହରରେ ଟ୍ରାଫିକ ବା ଯାନବାହନର ଶବ୍ଦ ଏଭଳି ପ୍ରଦୂଷଣର ଏକ ମୁଖ୍ୟ କାରଣ । ବିଭିନ୍ନ ଶିଳ୍ପସଂସ୍ଥା, କଳକାରଖାନା, ବସ୍, ଟ୍ରକ, ଟ୍ରାକ୍ଟର, ମୋଟର ସାଇକେଲର ଶବ୍ଦ, ଉଡ଼ାଜାହାଜ, ଘର ତିଆରି ଶବ୍ଦ, ବାଣ ଫୁଟାଇବା, ଡାକବାଜି ଯନ୍ତ୍ର ଇତ୍ୟାଦି ଏହି ପ୍ରଦୂଷଣ ସୃଷ୍ଟି କରିଥା'ନ୍ତି । ଘର ଭିତରେ ମଧ୍ୟ ରେଡିଓ, ଟିଭି, ମ୍ୟୁଜିକ ସିଷ୍ଟମ ଜୋରରେ ବଜାଇବା ଦ୍ୱାରା ଶବ୍ଦ ପ୍ରଦୂଷଣ ଘଟିଥାଏ । ଅବଶ୍ୟ ରାସ୍ତାଘାଟ, ଘର ତିଆରି ଶବ୍ଦ ନିର୍ଗମନ ସ୍ତର ଉପରେ ସରକାରୀ କଟକଣା ରହିଛି । କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବିଭିନ୍ନ ସ୍ଥାନ ପାଇଁ ନିର୍ଦ୍ଦିଷ୍ଟ ଶବ୍ଦ ସ୍ତର ଅନୁମୋଦନ କରିଛନ୍ତି ।

ସହରରେ ଗାଡ଼ିମୋଟର ଧୂଆଁ, ରାସ୍ତା ଖୋଳାତଡ଼ା, ନିର୍ମାଣ କାର୍ଯ୍ୟ ବୃଦ୍ଧି ଯୋଗୁଁ ବାୟୁ ପ୍ରଦୂଷଣ ଏବେ ବି ଚିନ୍ତାଜନକ ସ୍ଥିତିରେ ରହିଛି । ଦୀପାବଳି ଓ ବିବାହ କିମ୍ବା କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମରେ ମନଇଚ୍ଛା ବାଣ ଫୁଟାଇଲେ ସ୍ଥିତି ଆହୁରି ବିଗିଡ଼ି ଯାଇଥାଏ । ଏହା ଫୁସଫୁସକୁ ଗଭୀର ଭାବେ ପ୍ରଭାବିତ କରିଥାଏ, ଯାହାଦ୍ୱାରା ଆଜମା ରୋଗୀଙ୍କ ସମସ୍ୟା ବଢ଼ିଥାଏ । ବାରୁଦ ଗନ୍ଧ ଓ ଧୂଆଁ ଯୋଗୁଁ ଆଖି, କାନ, ଚର୍ମରେ ଯନ୍ତ୍ରଣା, ଅସ୍ୱସ୍ତିକର ଲାଗିପାରେ । ଏହା ଗୃହପାଳିତ ପଶୁ, ପକ୍ଷୀଙ୍କ ପାଇଁ ମଧ୍ୟ ବିପଦ । ଗାଈଗୋରୁ, ବୁଲା କୁକୁର ମଧ୍ୟ ଆମ ପାଇଁ ଯନ୍ତ୍ରଣା ଭୋଗିବେ, ଅସୁସ୍ଥ ହେବେ । ବିଭିନ୍ନ ବାଣର ପ୍ରଚଣ୍ଡ ଶବ୍ଦ ବି ହୃଦଘାତ, ମସ୍ତିଷ୍କାଘାତର କାରଣ ହୋଇପାରେ । ବିଷାକ୍ତ ବାଷ୍ପ ଓ ଧୂଆଁ ସହ ପ୍ରଚଣ୍ଡ ଶବ୍ଦ ଗର୍ଭବତୀଙ୍କ ବିପଦ । ନବଜାତ, ଶିଶୁ, ବୟସ୍କଙ୍କ ପାଇଁ ଏହା ଅତି ମାରାତ୍ମକ । ଦୀପାବଳି ବାଣଫୁଟା ପରବର୍ତ୍ତୀ ଆବର୍ଜନା ଆଉ ଏକ ବଡ଼ ସମସ୍ୟା ।

ତାପଜ ବିଦ୍ୟୁତକେନ୍ଦ୍ରଗୁଡ଼ିକରେ କୋଇଲା, ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ଆଦି ଜୀବାଶ୍ମ ଇନ୍ଧନକୁ ବ୍ୟବହାର କରି ତାପଶକ୍ତି ଉତ୍ପନ୍ନ କରାଯାଏ । ଜୀବାଶ୍ମ ଇନ୍ଧର ଦହନ ଯୋଗୁଁ ସେଥିରୁ ଅଙ୍ଗାରକାମ୍ଳ, କାର୍ବନ ମନୋକ୍ସାଇଡ, ନାଇଟ୍ରୋଜେନ ଅକସାଇଡ, ସଲଫର ଡାଇଅକସାଇଡ ଆଦି ଗ୍ୟାସ ଏବଂ ଅନେକ କ୍ଷୁଦ୍ରକଣିକା ନିର୍ଗତ ହୋଇଥାଏ । ଏସବୁ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ । ବାୟୁମଣ୍ଡଳରେ ଏହାକୁ ପରିମାଣ ବୃଦ୍ଧି ପାଇଲେ ଫୁସଫୁସରେ ସମସ୍ୟା, ଚର୍ମରୋଗ ଓ କର୍କଟ ରୋଗର କାରଣ ପାଲଟି ଥାଏ । ତାପଜ ବିଦ୍ୟୁତ କେନ୍ଦ୍ରରୁ ନିର୍ଗତ ପାଉଁଶ ଫୁସଫୁସକୁ ଆକ୍ରାନ୍ତ କରିଥାଏ । ପରିବେଶକୁ ପ୍ରଦୂଷିତ କରିଥାଏ । ଏକ ତଥ୍ୟ ମୁତାବକ ଆମ ଓଡ଼ିଶାରେ ଥିବା ସାତଟି ତାପଜ ବିଦ୍ୟୁତ କେନ୍ଦ୍ରରୁ ବାର୍ଷିକ ୨୫ ନିୟୁତ ମେଟ୍ରିକ ଟନ୍ ପାଉଁଶ ନିର୍ଗତ ହେଉଛି । ସେହିପରି ଅଙ୍ଗାରକାମ୍ଳ ହେଉଛି ଗ୍ଲୋବାଲ ୱାର୍ମିଂ ଏବଂ ତଜ୍ଜନିତ ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ । ତେବେ ଜଳ ବିଦ୍ୟୁତ, ଆଣବିକ ବିଦ୍ୟୁତ୍ ସୌର ଶକ୍ତି ଓ ପବନ ଶକ୍ତି ଆଦିର ଉପଯୋଗ ହୋଇପାରିଲେ ପ୍ରଦୂଷଣର ମାତ୍ରା ହ୍ରାସ ପାଇପାରନ୍ତା ।

ଏକଥା ନୁହେଁ ଯେ, ପ୍ରଦୂଷଣ ବାବଦରେ ଆମେ ଜାଣିନୁ । ଦିଲ୍ଲୀର ଭୟାନକ ପ୍ରଦୂଷଣ ସ୍ଥିତି ଜଳଜଳ ହୋଇ ଦିଶୁଛି । ତଥାପି ଆମର ଚିନ୍ତା ନାହିଁ । ଅନେକ ଭାବୁଛନ୍ତି, ଆମ ସ୍ଥିତି ଭଲ ଅଛି । ଆମର କିଛି ହେବନି । ଦିନକରେ କ'ଣ ପ୍ରଦୂଷଣ ମାଡ଼ିଯିବ ନା ଆକାଶ ଛିଣ୍ଡି ପଡ଼ିବ । ହେଲେ ମନେରଖିବା ଦରକାର ଆନନ୍ଦ ଦୁଃଖ ବା ବିପଦର କାରଣ ନ ହେଉ ।

କଟକ, ମୋ: ୯୮୬୧୦୪୭୫୭୫

## ରାହୁ ମନ୍ଦିର

### ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

ପୌରାଣିକ କଥାନୁସାରେ ସାଗର ମନ୍ଥନରୁ ବାହାରିଥିବା ଅମୃତ କଳସରୁ ଦେବତାମାନେ ଅମୃତ ପାନ କରିବା ସମୟରେ ଜଣେ ଦାନବ ଛଳପୂର୍ବକ ଦିବ୍ୟରୂପ ଧାରଣ କରି ଦେବତାଙ୍କ ନିକଟରେ ବସିଯାଇଥିଲା । ଶ୍ରୀବିଷ୍ଣୁ ମୋହିନୀ ରୂପରେ ଅମୃତ ପ୍ରଦାନ କରୁଥିବା ବେଳେ ଉକ୍ତ ଦାନବ ମଧ୍ୟ ଅମୃତ ପାନ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । କିନ୍ତୁ ଶ୍ରୀବିଷ୍ଣୁ ଏହା ଜାଣିପାରି ସୁଦର୍ଶନ ଚକ୍ରରେ ଉକ୍ତ ଦାନବର ମସ୍ତକ ଛିନ୍ନ କଲେ । ଅମୃତ ପାନ କରିଥିବାରୁ ଦାଦବର ମୃତ୍ୟୁ ହୋଇ ନଥିଲା । ତା'ର ମସ୍ତକ ରାହୁ ଓ ଶରୀର କେତୁ ନାମରେ ଗ୍ରହାକାରରେ ଆସୁରିକ ଶକ୍ତିର ପ୍ରତୀକ ଭାବେ ରହିଛି । ତେଣୁ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ନବଗ୍ରହଙ୍କ ସହିତ ରାହୁ ଓ କେତୁଙ୍କୁ ମଧ୍ୟ ମହତ୍ତ୍ୱ ପ୍ରଦାନ କରାଯାଇଛି । ଜ୍ୟୋତିଷଶାସ୍ତ୍ରରେ ରାହୁ ଓ କେତୁଙ୍କୁ ଦୁଷ୍ଟ ଗ୍ରହ ଭାବେ ବିଚାର କରି ବ୍ୟକ୍ତିର ଜୀବନରେ ତା'ର କୁପ୍ରଭାବକୁ ନିଷ୍ଫଳ କରିବା ପାଇଁ ଜ୍ୟୋତିଷମାନେ ବିଭିନ୍ନ ପ୍ରକାର ପୂଜାବିଧି ଏବଂ ଯଜ୍ଞାନୁଷ୍ଠାନ କରିବା ପାଇଁ ପରାମର୍ଶ ଦେଇଥା'ନ୍ତି । ରାହୁ ଗ୍ରହଙ୍କ ନକାରାତ୍ମକ ପ୍ରଭାବକୁ କମ୍ କରିବା ପାଇଁ ଭାରତର ଅନେକ ସ୍ଥାନରେ ରାହୁଙ୍କ ମନ୍ଦିର ମଧ୍ୟ ନିର୍ମାଣ କରାଯାଇଛି ।

ଭାରତରେ ଥିବା ସମସ୍ତ ରାହୁ ମନ୍ଦିର ମଧ୍ୟରୁ ଦେବଭୂମି ଉତ୍ତରାଖଣ୍ଡର ପାଉରି ଜିଲ୍ଲା ଅନ୍ତର୍ଗତ ପେଠାଣୀ ନାମକ ଗ୍ରାମର ମନ୍ଦିର ସର୍ବମାନ୍ୟ । ଏହି ମନ୍ଦିର ସ୍ୟୋଲିଗାଡ଼ ନଦୀ (ରଥବାହିନୀ) ଓ ନାଭାଲିକା (ପଶ୍ଚିମୀ ନୟାର୍) ନଦୀର ସଙ୍ଗମ ସ୍ଥଳରେ ଅବସ୍ଥିତ । ସ୍କନ୍ଦ ପୁରାଣର କେଦାରଖଣ୍ଡରେ ମଧ୍ୟ ଏହି ମନ୍ଦିର ସମ୍ପର୍କିତ ବର୍ଣ୍ଣନା ରହିଛି । ରାହୁଙ୍କର ଗୌତ୍ର 'ପେଠିନସୀ' ଅନୁସାରେ ଗ୍ରାମର ନାମ ପେଠାଣୀ ହୋଇଛି ବୋଲି ଅନେକ ପୌରାଣିକ କଥା ଓ ଲୋକକଥା ଶୁଣିବାକୁ ମିଳିଥାଏ । ଏହି ମନ୍ଦିର ସମ୍ପର୍କରେ ମାନ୍ୟତା ରହିଛି ଯେ, ଯଦି କୌଣସି କାରଣରୁ ରାହୁଙ୍କ ପୂଜା ଖଣ୍ଡିତ ହେଲା କିମ୍ବା କୌଣସି ଭକ୍ତ ରାହୁଙ୍କ ପୂଜା ଭକ୍ତି ଓ ଶ୍ରଦ୍ଧା ସହକାରେ ନକଲା, ତା'ହେଲେ ମହାଦେବଙ୍କ କୋପଦୃଷ୍ଟି ପଡ଼ିଥାଏ । ତେଣୁ ଏଠାରେ ପୂଜାରୀ ଓ ଭକ୍ତମାନେ ବିଧିବିଧାନର ସହିତ ରାହୁଙ୍କ ପୂଜାର୍ଚ୍ଚନା କରିଥା'ନ୍ତି । ପଶ୍ଚିମମୁଖୀ ଏହି ମନ୍ଦିର ଭିତରେ ଶିବଲିଙ୍ଗ ସହିତ ରାହୁଙ୍କ ମସ୍ତକ ପ୍ରତିମା ପୂଜା ପାଉଛନ୍ତି । ମନ୍ଦିରର ଭିତର କାନ୍ଥଗୁଡ଼ିକରେ ଶ୍ରୀବିଷ୍ଣୁଙ୍କ ଦ୍ୱାରା କିଭଳି ଭାବେ ରାହୁଙ୍କ ମସ୍ତକ ଛିନ୍ନ ହୋଇଥିଲା, ତାହାର ଚିତ୍ର ଖୋଦେଇ କରାଯାଇଛି । ଏଠାରେ ମୁଗ ଖେଚୁଡ଼ି ଭୋଗ ଲାଗି କରାଯାଇଥାଏ । ଦୈନିକ ଭୋଗ ଓ ଅନ୍ନଛତ୍ରରେ ଏହି ମୁଗ ଖେଚୁଡ଼ିକୁ ଭକ୍ତମାନେ ରାହୁଙ୍କ ପ୍ରସାଦ ଭାବେ ଶ୍ରଦ୍ଧାର ସହିତ ଗ୍ରହଣ କରିଥା'ନ୍ତି ।

ଏହି ମନ୍ଦିର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ନିର୍ମାଣ ପଛରେ ଗୋଟିଏ ପୌରାଣିକ କଥା ରହିଛି । ସୁଦର୍ଶନ ଚକ୍ର ଦ୍ୱାରା ଦାନବର ଶିର ଛେଦନ ପରେ ଶିର ଏହି ସ୍ଥାନରେ ପତିତ ହୋଇଥିଲା । ତେଣୁ ଏଠାରେ ମନ୍ଦିର ନିର୍ମାଣ କରାଯାଇଛି । ବିଶ୍ୱାସ କରାଯାଏ ଯେ, ଏହି ସ୍ଥାନରେ ଥିବା ବଡ଼ ବଡ଼ ପଥର ଖଣ୍ଡ ଭିତରେ ଆଜି ପର୍ଯ୍ୟନ୍ତ ରାହୁଙ୍କ ଛିନ୍ନ ମସ୍ତକ ପୋତି ହୋଇ ରହିଛି । ତେଣୁ ଏହି ସ୍ଥାନରେ ରାହୁଙ୍କର ପୂଜାର୍ଚ୍ଚନା କରିବା ଦ୍ୱାରା ଜାତକରେ ଥିବା ରାହୁଦୋଷ ଖଣ୍ଡନ ହୋଇଥାଏ । ଅନ୍ୟ ଏକ ପୌରାଣିକ କଥା ଅନୁସାରେ ଏହି ମନ୍ଦିରକୁ ପାଣ୍ଡବମାନେ ନିର୍ମାଣ କରିଥିଲେ । ପାଣ୍ଡବମାନେ ସ୍ୱର୍ଗାରୋହଣ ଯାତ୍ରା ସମୟରେ ରାହୁ ଦୋଷରୁ ମୁକ୍ତ ହେବା ପାଇଁ ଏହି ସ୍ଥାନରେ ମହାଦେବଙ୍କ ସହିତ ରାହୁଙ୍କ ପୂଜା କରିବା ପାଇଁ ଏହି ମନ୍ଦିର ନିର୍ମାଣ କରିଥିଲେ । ମନ୍ଦିର ନିର୍ମାଣ ସମ୍ପର୍କିତ ଅନ୍ୟ ଏକ ତଥ୍ୟ ମିଳେ ଯେ, ଆଦିଗୁରୁ ଶଙ୍କରାଚାର୍ଯ୍ୟ ଏହି ସ୍ଥାନ ଦେଇ ହିମାଳୟକୁ ଯାତ୍ରା କରୁଥିବା ସମୟରେ ତାଙ୍କୁ ଏଠାରେ ରାହୁଙ୍କର ପ୍ରକୋପ ଅଧିକ ଅନୁଭୂତ ହୋଇଥିଲା । ତେଣୁ ଆଦିଗୁରୁ ଶଙ୍କରାଚାର୍ଯ୍ୟ ରାହୁଙ୍କ ଦୁଃପ୍ରଭାବ ଶାନ୍ତ କରିବା ପାଇଁ ଏଠାରେ ମନ୍ଦିର ନିର୍ମାଣ କରି ବିଧିବିଧାନର ସହିତ ପୂଜା କରିଥିଲେ । ଆଉ କେତେକ ପୁରାଣ ମତାନୁସାରେ ଦୁଇନଦୀର ସଙ୍ଗମସ୍ଥଳରେ ହଜାର ହଜାର ବର୍ଷ ପର୍ଯ୍ୟନ୍ତ ରାହୁ ମହାଦେବଙ୍କ ତପସ୍ୟାରେ ଲୀନ ଥିଲେ । ତେଣୁ ମହାଦେବଙ୍କ ଆଶିଷ ଲାଭ କରିଥିବା ଏହି ପୁଣ୍ୟସ୍ଥଳରେ ରାହୁଙ୍କ ମନ୍ଦିର ନିର୍ମାଣ କରାଯାଇଥିଲା ।

ପେଠାଣୀରେ ଥିବା ରାହୁଙ୍କ ଏହି ମୁଖ୍ୟ ମନ୍ଦିର ବ୍ୟତୀତ ଭାରତର ଅନ୍ୟ ୧୪ଟି ମନ୍ଦିରରେ ରାହୁକେତୁଙ୍କର ପୂଜାର୍ଚ୍ଚନା କରାଯାଏ । ଯଥା - ଶ୍ରୀକାଳହସ୍ତିଶ୍ୱର ମନ୍ଦିର, ତିରୁନାଗେଶ୍ୱରମ୍ ନାଗନାଥର ମନ୍ଦିର, ଶ୍ରୀନାଗନାଥସ୍ୱାମୀ କେତୁ ମନ୍ଦିର, ରାହୁକେତୁ ମନ୍ଦିର, ଶ୍ରୀନୀଳକଣ୍ଠେଶ୍ୱର ମନ୍ଦିର, ରାହୁକେତୁ ମନ୍ଦିର ରାହୁରି, ଶ୍ରୀରାହୁମୁନେଶ୍ୱର ମନ୍ଦିର, ରାହୁକେତୁ ଆଥି ଈଶ୍ୱରନ୍ ମନ୍ଦିର, ରାହୁ ନବଗ୍ରହ ଦେବତା ମନ୍ଦିର, ପମ୍ପୁରନାଥ ମନ୍ଦିର, ନାଗେଶ୍ୱର ମନ୍ଦିର, କୁମ୍ଭାଥୁର ନାଗେଶ୍ୱର ମନ୍ଦିର ଓ ବିଶାରେଶ୍ୱର ମନ୍ଦିର ।ପାଉଛନ୍ତି ।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com


ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୯.୫୦
- ପାଉଣ୍ଡ ୧୧୬.୦୩
- ୟୁରୋ ୧୦୨.୯୪
- ୟେନ୍ ୦.୫୭

## ସୁନା, ରୁପା ଦର (ଟଙ୍କାରେ)




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୭,୧୦୦ (ନୂଆଦିଲ୍ଲୀ)
- ରୁପା : ୧,୭୭,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୫,୭୨୦.୦୦
- ନିଫ୍ଟି ୨୬,୨୧୫.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ୭ ଦିନରେ ଅପ୍‌ଡେଟ୍ ହେବ କ୍ରେଡିଟ୍ ସ୍କୋର

ନୂଆଦିଲ୍ଲୀ,୨୭।୧୧(ଏଜେନ୍ସି): ଯେତେବେଳେ କୌଣସି ବ୍ୟାଙ୍କରେ ଋଣ ପାଇଁ ଆବେଦନ କରାଯାଏ, ସେତେବେଳେ ବ୍ୟାଙ୍କ ପ୍ରଥମେ 'ସିବିଲ୍' ସ୍କୋର ଯାଞ୍ଚ କରେ। ଏକ ଭଲ 'ସିବିଲ୍' ସ୍କୋର ସୁଧ ହାର କମ୍ କରିଥାଏ। 'ସିବିଲ୍' ସ୍କୋର ୭୫୦ ରୁ ଅଧିକ ହେଲେ ଜଣେ ଉପଯୁକ୍ତ ସୁଧ ହାରରେ ଋଣ ପାଇବା ଆଶା କରିପାରିବେ। ବର୍ତ୍ତମାନ, ସିଆର୍‌ଆଇଏଫ୍ ହାଇ ମାର୍କ ଏବଂ ଇକ୍ୱିଫାକ୍ସ ଭଳି 'ସିବିଲ୍' ଅପଡେଟ୍କାରୀ କମ୍ପାନୀଗୁଡ଼ିକ ପ୍ରତି ୧୫ ଦିନରେ ଆପଣଙ୍କର 'ସିବିଲ୍' ସ୍କୋର ଅପଡେଟ୍ କରିଥାନ୍ତି। ତଥାପି, ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏବେ ଏହି ବିଷୟରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଗତ ସେପ୍ଟେମ୍ବର ୨୯ ରେ ଜାରି ହୋଇଥିବା ଚିଠା ନିର୍ଦ୍ଦେଶାବଳୀ ଅନୁଯାୟୀ, ଏଣିକି କ୍ରେଡିଟ୍ ସ୍କୋର ୨୦୨୬ ଏପ୍ରିଲରୁ ସପ୍ତାହକ ମଧ୍ୟରେ ଅପଡେଟ୍ ହେବ। ନୂତନ ନିୟମ ଅନୁଯାୟୀ, ଆର୍‌ବିଆଇ କମ୍ପାନୀଗୁଡ଼ିକ ପ୍ରତି ମାସର ୭,୧୪,୨୧ ଏବଂ ୨୮ ତାରିଖ ଏବଂ ଶେଷ ଦୁଇ ଦିନ (୩୦ କିମ୍ବା ୩୧ ତାରିଖ) ଆପଣଙ୍କର ସମ୍ପୂର୍ଣ୍ଣ କ୍ରେଡିଟ୍ ଡାଟା ଅପଡେଟ୍ କରିବେ। ଏହାର ଅର୍ଥ ହେଉଛି ଆପଣଙ୍କର ସ୍କୋର ମାସକୁ ଅତି କମ୍‌ରେ ପାଞ୍ଚ ଥର ଅପ୍‌ଡେଟ୍ ହେବ। ଯଦି ବ୍ୟାଙ୍କ ଏବଂ କ୍ରେଡିଟ୍ ଡାଟା ଅପଡେଟ୍ କମ୍ପାନୀ ପ୍ରତି ତିନି କିମ୍ବା ଚାରି ଦିନରେ ଆପଣଙ୍କର ସ୍କୋର ଅପଡେଟ୍ କରିପାରିବେ, ତେବେ ଏହା ସପ୍ତାହ ପୂର୍ବରୁ କରାଯାଇପାରିବ।




**ଆର୍‌ବିଆଇର ନିର୍ଦ୍ଦେଶ**

**ପ୍ରତି ମାସ ୭, ୧୪, ୨୧ ଓ ୨୮ ତାରିଖରେ କ୍ରେଡିଟ୍ ଡାଟା ଅପଡେଟ୍**

**ବର୍ତ୍ତମାନ ୧୫ ଦିନ ଲାଗୁଛି**

**୨୦୨୬ ଏପ୍ରିଲରୁ ହେବ ଲାଗୁ**

**ସ୍କୋର ଅପ୍‌ଡେଟ୍ ପାଇଁ ଲମ୍ବା ଅପେକ୍ଷାର ହେବ ଅନ୍ତ**

ଏଥିପାଇଁ ବ୍ୟାଙ୍କଗୁଡ଼ିକ ପ୍ରତ୍ୟେକ ମାସର ଶେଷ ଦିନ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ତଥ୍ୟ ପରବର୍ତ୍ତୀ ମାସର ୩ ତାରିଖ ସୁଦ୍ଧା 'ସିବିଲ୍' କମ୍ପାନୀଗୁଡ଼ିକୁ ଦାଖଲ କରିବାକୁ ପଡିବ। ଉଦାହରଣ ସ୍ୱରୂପ, ଅକ୍ଟୋବର ୩୧ ପାଇଁ ସମସ୍ତ ତଥ୍ୟ ନଭେମ୍ବର ୩, ସୁଦ୍ଧା ଦାଖଲ କରିବାକୁ ପଡିବ। ତଥାପି, ବାକି ସପ୍ତାହଗୁଡ଼ିକ ପାଇଁ (୭, ୧୪, ୨୧ ଏବଂ ୨୮), କେବଳ ନୂତନ କିମ୍ବା ପରିବର୍ତ୍ତିତ ତଥ୍ୟ ଦାଖଲ କରିବାକୁ ପଡିବ। ଏହାକୁ "ବର୍ଦ୍ଧିତ ତଥ୍ୟ" କୁହାଯାଏ। ଏଥିରେ ନୂତନ ଭାବରେ ଖୋଲାଯାଇଥିବା ଆକାଉଣ୍ଟ, ବନ୍ଦ ପୁରୁଣା ଋଣ/କାର୍ଡ, ଇଏମ୍‌ଆଇ ପେମେଣ୍ଟ, ଠିକଣା ପରିବର୍ତ୍ତନ ଏବଂ ଋଣ ସ୍ଥିତି ପରିବର୍ତ୍ତନ ସହିତ ଜଡିତ ତଥ୍ୟ ଅନ୍ତର୍ଭୁକ୍ତ। ଏହି ତଥ୍ୟ ମାତ୍ର ଦୁଇ ଦିନ ମଧ୍ୟରେ ଦାଖଲ କରିବାକୁ ପଡିବ। ଏହାର ଅର୍ଥ ହେଉଛି ୭ ତାରିଖ ପାଇଁ ତଥ୍ୟ ୯ ସୁଦ୍ଧା ଏବଂ ୧୪ ତାରିଖ ପାଇଁ ତଥ୍ୟ ୧୬ ସୁଦ୍ଧା ଦାଖଲ କରିବାକୁ ପଡିବ।

ଯଦି କୌଣସି ବ୍ୟାଙ୍କ ସମୟସୀମା ମଧ୍ୟରେ ତଥ୍ୟ ଦାଖଲ କରିବାରେ ବିଫଳ ହୁଅନ୍ତି, ତେବେ 'ସିବିଲ୍' କମ୍ପାନୀକୁ ପ୍ରତି ୬ ମାସରେ (ମାର୍ଚ୍ଚ ୩୧ ଏବଂ ସେପ୍ଟେମ୍ବର ୩୦ରେ)ଆର୍‌ବିଆଇର ଦକ୍ଷ ପୋର୍ଟାଲରେ ସେହି ବ୍ୟାଙ୍କ ବିରୁଦ୍ଧରେ ଅଭିଯୋଗ କରିବାକୁ ପଡିବ। ଏହାର ଅର୍ଥ ହେଉଛି ଯେ ବ୍ୟାଙ୍କ ଏବେ 'ସିବିଲ୍' ଡାଟା ଗୁରୁତ୍ୱଦେବ। ଏଥିରେ ଗୋଟିଏ ବଡ଼ ଲାଭ ହେଉଛି, ସମୟସୀମା ମଧ୍ୟରେ ଇଏମ୍‌ଆଇ ଦେବା ଦ୍ୱାରା ୭ଦିନ ମଧ୍ୟରେ ଜଣଙ୍କର ସ୍କୋର ବୃଦ୍ଧି ପାଇବ। ପୂର୍ବରୁ, ଏହାକୁ ଅପଡେଟ୍ କରିବାକୁ ୧୫-୩୦ ଦିନ ଲାଗୁଥିଲା। ପୁରୁଣା ଋଣ ବନ୍ଦ କରିବା ଦ୍ୱାରା ତୁରନ୍ତ ଲାଭ ମଧ୍ୟ ମିଳିବ, ଯାହା ଫଳରେ ନୂତନ ଋଣ ପାଇବା ସହଜ ହେବ। ଭୁଲ ଏଣ୍ଟ୍ରିଗୁଡ଼ିକ (ଯାହା ଆପଣଙ୍କର ନ ଥିଲା) ସଂଶୋଧନ କରିବା ଦ୍ୱାରା ଆପଣଙ୍କର ସ୍କୋର ଉନ୍ନତ ହେବ। ବ୍ୟାଙ୍କ ଜଣେ ଗ୍ରାହକଙ୍କ ସର୍ବଶେଷ ସ୍ଥିତି ଜାଣିବ, ପ୍ରତ୍ୟାଖ୍ୟାନର ସମ୍ଭାବନା ହ୍ରାସ ପାଇବ। ଠକେଇ କିମ୍ବା ଚୋରି ହୋଇଥିବା କାର୍ଡର ପ୍ରଭାବ ମଧ୍ୟ ଶୀଘ୍ର ଦୂର ହୋଇଯିବ।

ଏହି ବ୍ୟବସ୍ଥାରେ ବ୍ୟାଙ୍କଗୁଡ଼ିକ ପୂର୍ବରୁ ଜାଣିପାରିବେ ଯେଜଣେ ଗ୍ରାହକ ଅନ୍ୟତ୍ର ନୂତନ ଋଣ ନେଇଛନ୍ତି କିମ୍ବା ଡିଫଲ୍ଟ ହୋଇଛନ୍ତି। ଏହା ବିପଦ ହ୍ରାସ କରିବ ଏବଂ ସେମାନଙ୍କୁ ଉତ୍ତମ ଋଣ ନିଷ୍ପତ୍ତି ନେବାକୁ ଅନୁମତି ଦେବ। ସାମଗ୍ରିକ ଭାବରେ, ଋଣ ପ୍ରକ୍ରିୟାକରଣ ଦ୍ରୁତ ହେବ। ଆର୍‌ବିଆଇ ସମ୍ପ୍ରତି ନୂତନ ନିୟମର ଏକ ଚିଠା ପ୍ରକାଶ କରିଛି। ସମସ୍ତ ବ୍ୟାଙ୍କ, ଏନ୍‌ବିଏଫ୍‌ସି ଏବଂ ସିବିଲ୍ କମ୍ପାନୀଗୁଡ଼ିକଠାରୁ ମତାମତ ଲୋଡାଯାଇଛି। ନୂତନ ନିୟମଗୁଡ଼ିକ ଆସନ୍ତାବର୍ଷ ଏପ୍ରିଲରୁ କାର୍ଯ୍ୟକାରୀ ହେବାର ଆଶା କରାଯାଉଛି।

# ଓଡ଼ିଶାରେ ୧୦ ହଜାର କୋଟି ନିବେଶ କରିବ ଟାଟା ପାୱାର

## ପ୍ରତିଷ୍ଠା ହେବ ଇନ୍‌ଗଟ୍ ଓ ୱଫର ପ୍ଲାଣ୍ଟ

ଭୁବନେଶ୍ୱର, ୨୭।୧୧(ସମିସ): ଟାଟା ପାୱାର କମ୍ପାନୀ ଲିମିଟେଡ୍ ଓଡ଼ିଶାରେ ୧୦,୦୦୦ କୋଟି ନିବେଶ କରିବ। କମ୍ପାନୀ ରାଜ୍ୟରେ ଏକ ୧୦ ଗିଗାୱାଟ୍ କ୍ଷମତା ବିଶିଷ୍ଟ ଇନ୍‌ଗଟ୍ ଏବଂ ୱେଫର ଉତ୍ପାଦନ ପ୍ଲାଣ୍ଟ ସ୍ଥାପନ କରିବାକୁ ଯୋଜନା କରୁଛି। ଏ ନେଇ ସମ୍ପ୍ରତି କମ୍ପାନୀ ଓଡ଼ିଶା ସରକାରଙ୍କ ସହ ଆଲୋଚନା କରୁଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ଇଙ୍ଗଟ୍ସ ଏବଂ ୱଫରର୍ସ ହେଉଛି, ସେମିକଣ୍ଡକ୍ଟର ଚିପ୍ସ, ସୌର ସେଲ୍ ଏବଂ ମଡ୍ୟୁଲ୍ ଉତ୍ପାଦନରେ ବ୍ୟବହୃତ ପ୍ରମୁଖ କଞ୍ଚାମାଲ। ଟାଟା ପାୱାର ଏହି ଇଙ୍ଗଟ୍ସ ଏବଂ ୱଫର ପ୍ଲାଣ୍ଟ ଗୋପାଳପୁର ଏବଂ କଟକରେ ସ୍ଥାପନ କରିବାକୁ ବିଚାର କରୁଛି। କାରଣ ଉଭୟ ସ୍ଥାନ ବନ୍ଦର ନିକଟବର୍ତ୍ତୀ ହୋଇଥିବାରୁ କମ୍ପାନୀ ତାହା ଉପରେ ଗୁରୁତ୍ୱ ଦେଉଛି।

ବର୍ତ୍ତମାନ ଟାଟା ପାୱାରର ୪.୫୫ ଗିଗାୱାଟ୍ ସେଲ୍ ଏବଂ ମଡ୍ୟୁଲ୍ ଉତ୍ପାଦନ କ୍ଷମତା ରହିଛି। ଏହା ଘରୋଇ ବ୍ୟବହାର ଏବଂ ରପ୍ତାନି ବଜାର ଉଭୟ ପାଇଁ ଇନଗଟ୍ ଏବଂ ୱଫରକୁ ଏହାର ସୌର ସେଲ୍ ଏବଂ ପ୍ୟାନେଲ୍ ଉତ୍ପାଦନରେ ସଂଯୁକ୍ତ କରିବାକୁ ଲକ୍ଷ୍ୟ ରଖିଛି। ରିପୋର୍ଟ ଅନୁଯାୟୀ, ଟାଟା ପାୱାର ସୌର ମୂଲ୍ୟ ଶୃଙ୍ଖଳରେ କ୍ଷମତା ବିସ୍ତାର ଏବଂ ସମନ୍ୱୟକୁ ଗଭୀର କରିବା ପାଇଁ ଏହାର ଯୋଜନାର ଅଂଶ ସ୍ୱରୂପ, ଓଡ଼ିଶାରେ ଏକ ପ୍ରମୁଖ ଅପଷ୍ଟ୍ରିମ୍ ସୌର ଉତ୍ପାଦନ ପ୍ରକଳ୍ପର ମୂଲ୍ୟାଙ୍କନ କରୁଛି। ତେବେ ଏହି ପ୍ରସ୍ତାବିତ ପ୍ରକଳ୍ପ ଏ ପର୍ଯ୍ୟନ୍ତ ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଥିବାବେଳେ ଉଭୟ ସ୍ଥାନ ଲଜିଷ୍ଟିକ୍ସ ପାଇଁ ରଣନୈତିକ ପ୍ରବେଶ ସୁବିଧା ପ୍ରଦାନ କରୁଛି। ଗୋପାଳପୁର ବିକଳ୍ପ ଟାଟା ଷ୍ଟିଲ୍ ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍‌ର ଗୋପାଳପୁର ଶିଳ୍ପ ପାର୍କର ବିକାଶ କରୁଛି। ଏହା କମ୍ପାନୀ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ ରହିବ। ନିକଟରେ ଟାଟା ପାୱାରର ସିଇଓ ଏବଂ ପରିଚାଳନା ନିର୍ଦ୍ଦେଶକ ପ୍ରବୀର ସିହ୍ନା କହିଛନ୍ତି ଯେ କମ୍ପାନୀ ୧୦ ଗିଗାୱାଟ୍ ଇନଗଟ୍ ଏବଂ ୱେଫର ପ୍ଲାଣ୍ଟ ସ୍ଥାପନ କରିବାକୁ ଚାହୁଁଛି ଏବଂ ଏ ନେଇ ସ୍ଥାନ ଚୂଡ଼ାନ୍ତ କରୁଛି। ଟାଟା ପାୱାରର ୪.୫୫ ଗିଗାୱାଟ୍ ସେଲ୍ ଏବଂ ମଡ୍ୟୁଲ୍ କ୍ଷମତା ପରିଚାଳନା କରୁଛି, ଯେଉଁଥିରେ ତାମିଲନାଡୁର ତିରୁନେଲଭେଲିରେ ୪.୩ ଗିଗାୱାଟ୍ ଏବଂ ବେଙ୍ଗାଲୁରୁରେ ୨୫୦ ମେଗାୱାଟ୍ ଅନ୍ତର୍ଭୁକ୍ତ, ଯାହା ଏହାର ଘରୋଇ ଏବଂ ରପ୍ତାନି ମହତ୍ୱାକାଂକ୍ଷାକୁ ସମର୍ଥନ କରୁଛି।

# ଚୀନ୍‌କୁ ଟ୍ରମ୍ପ୍ ଆଶ୍ୱସ୍ତି: ୧୭୮ ଉତ୍ପାଦରେ ଶୁଳ୍କ ଛାଡ଼

ନୂଆଦିଲ୍ଲୀ,୨୭।୧୧(ଏଜେନ୍ସି): ଆମେରିକା ଚୀନ୍‌ରୁ ଆସୁଥିବା ୧୭୮ଟି ଶିଳ୍ପ ଏବଂ ଚିକିତ୍ସା ଉତ୍ପାଦ ଉପରେ ଲାଗୁ ହୋଇଥିବା ଶୁଳ୍କ ଛାଡ଼କୁ ପ୍ରାୟ ଆଉ ଗୋଟିଏ ବର୍ଷ ପାଇଁ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛି। ଏହି ଛାଡ଼ଗୁଡ଼ିକ ମୂଳତଃ ନଭେମ୍ବର ୨୯ରେ ଶେଷ ହେବାକୁ ସ୍ଥିର କରାଯାଇଥିଲା, କିନ୍ତୁ ବର୍ତ୍ତମାନ ଏହାକୁ ୨୦୨୬ ନଭେମ୍ବର ୧୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ବୁଧବାର ଆମେରିକା ବାଣିଜ୍ୟ ପ୍ରତିନିଧିଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ନଭେମ୍ବର ପ୍ରାରମ୍ଭରେ ଆମେରିକା ଏବଂ ଚୀନ୍ ବାଣିଜ୍ୟ ଏବଂ ଅର୍ଥନୈତିକ ପ୍ରସଙ୍ଗରେ ଏକ ଚୁକ୍ତିନାମାରେ ପହଞ୍ଚିବା ପରେ ଏହି ନିଷ୍ପତ୍ତି ଆସିଛି। ଏହି ଛାଡ଼ଗୁଡ଼ିକରେ ସୌର ପ୍ୟାନେଲ ନିର୍ମାଣ ଯନ୍ତ୍ରପାତି ସହିତ ଜଡିତ ୧୪ଟି ଉତ୍ପାଦ ଏବଂ ବୈଦ୍ୟୁତିକ ମୋଟର, ରକ୍ତଚାପମନିଟର, ପମ୍ପ ପାର୍ଟସ୍, ଅଟୋ ଏୟାର କମ୍ପ୍ରେସର ଏବଂ ପ୍ରିଣ୍ଟେଡ୍ ସର୍କିଟ୍ ବୋର୍ଡ ସମେତ ୧୬୪ଟି ଅନ୍ୟାନ୍ୟ ଶିଳ୍ପ ଏବଂ ଚିକିତ୍ସା ଉତ୍ପାଦ ଅନ୍ତର୍ଭୁକ୍ତ। ଏହି ଉତ୍ପାଦଗୁଡ଼ିକ ଏବେ ଆମଦାନୀ ଶୁଳ୍କରୁ ମୁକ୍ତ କିମ୍ବା ଯଥେଷ୍ଟ ହ୍ରାସ ପାଇବ, ଯାହା ଆମେରିକୀୟ କମ୍ପାନୀ ଏବଂ ଗ୍ରାହକମାନଙ୍କୁ ମୂଲ୍ୟ ଆଶ୍ୱସ୍ତି ପ୍ରଦାନ କରିବ। ଚୀନ୍ ପୂର୍ବରୁ ଧାରା ୩୦୧ ତଦନ୍ତକୁ ରାଜନୈତିକ ବୋଲି ସମାଲୋଚନା କରିଛି। ଚୀନର ବାଣିଜ୍ୟ ମନ୍ତ୍ରଣାଳୟର ଜଣେ ମୁଖପାତ୍ର କହିଛନ୍ତି ଯେ ଏହି ତଦନ୍ତ ମାଧ୍ୟମରେ ଆମେରିକା ସାଧାରଣ ବାଣିଜ୍ୟକୁ ରାଜନୀତିକରଣ କରୁଛି, ଯାହା ସମ୍ପୂର୍ଣ୍ଣ ଭୁଲ ଏବଂ ମନମୁଖୀ ନିଷ୍ପତ୍ତି। ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁଟିଓ) ପୂର୍ବରୁ ମଧ୍ୟ ରାୟ ଦେଇଛି ଯେ ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ଧାରା ୩୦୧ ଶୁଳ୍କ ଡବ୍ଲ୍ୟୁଟିଓ ନିୟମ ବିରୁଦ୍ଧରେ। ଆମେରିକାର ନିଷ୍ପତ୍ତି ସ୍ପଷ୍ଟ ଭାବରେ ସୂଚାଇ ଦିଏ ଯେ ଆମେରିକା ଏବଂ ଚୀନ୍ ମଧ୍ୟରେ ବାଣିଜ୍ୟ ଉତ୍ତେଜନା କିଛିଟା ହ୍ରାସ ପାଇଛି। ଆମେରିକୀୟ ଶିଳ୍ପଗୁଡ଼ିକ ଶସ୍ତା ଚୀନ୍ ଯନ୍ତ୍ରପାତି, ଚିକିତ୍ସା ଉପକରଣ ଏବଂ ପ୍ରଯୁକ୍ତିବିଦ୍ୟା ପାଇବା ଜାରି ରଖିବେ। ଏହି ପଦକ୍ଷେପ ସୌର ଶିଳ୍ପକୁ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ପ୍ରଦାନ କରିବ, କାରଣ ଉତ୍ପାଦନ ଖର୍ଚ୍ଚ କମ୍ ହେବ।

# ଏନବିବିଏଲର ବ୍ୟାଙ୍କିଙ୍ଗ କନେକ୍ଟ

ମୁମ୍ବଇ,୨୭।୧୧: ନ୍ୟାସନାଲ୍ ପେମେଣ୍ଟସ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନପିସିଆଇ)ର ସମ୍ପୂର୍ଣ୍ଣ ମାଲିକାନା ଥିବା ସହାୟକ କମ୍ପାନୀ ଏନପିସିଆଇ ଭାରତ ବିଲ୍ ପେ' ଲିମିଟେଡ୍ (ଏନବିବିଏଲ୍), ବ୍ୟାଙ୍କିଙ୍ଗ କନେକ୍ଟ ସହିତ ଏହାର ଡିଜିଟାଲ୍ ପେମେଣ୍ଟ ଦୃଷ୍ଟିକୋଣକୁ ଆଗକୁ ବଢାଇଛି, ଏହା ଏକ ନୂତନ ଅନ୍ତଃ-ପରିଚାଳିତ ପ୍ଲାଟଫର୍ମ ଯାହା ଇଣ୍ଟରନେଟ୍ ଏବଂ ମୋବାଇଲ୍ ବ୍ୟାଙ୍କିଙ୍ଗ ଅଭିଜ୍ଞତାକୁ ପୁନଃ ପରିଭାଷିତ କରିବାର ପ୍ରତିଶ୍ରୁତି ଦିଏ। ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ଉପସ୍ଥିତିରେ ଗ୍ଲୋବାଲ୍ ଫିନଟେକ୍ ଫେଷ୍ଟିଭାଲ୍ ୨୦୨୫ରେ ବ୍ୟାଙ୍କିଙ୍ଗ କନେକ୍ଟ ଆରମ୍ଭ କରାଯାଇଥିଲା। ଆଜିର ନେଟ୍ ବ୍ୟାଙ୍କିଙ୍ଗ କାର୍ଯ୍ୟପ୍ରଣାଳୀ ପାଇଁ ପ୍ରାୟତଃ ବହୁବିଧ ସମନ୍ୱୟ, ଜଟିଳ ଗ୍ରାହକ ପ୍ରମାଣପତ୍ର ଏବଂ ଅଣ-ମାନକିତ ସମାଧାନ ପ୍ରକ୍ରିୟା ଆବଶ୍ୟକ ହୁଏ।

# ଜାଲ୍ ପତାକାରେ ରୁଷରୁ ତେଲ ଆମଦାନୀ

ନୂଆଦିଲ୍ଲୀ,୨୭।୧୧(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ରୁଷରୁ ତେଲ ଆମଦାନୀକୁ ନେଇ ଭାରତ ଉପରେ ୨୫% ଟାରିଫ୍ ଲାଗୁ କରିଛନ୍ତି। ଟ୍ରମ୍ପ୍ ପ୍ରଶାସନର କ୍ରମାଗତ ଚାପ ଯୋଗୁ ଭାରତ ରୁଷରୁ ତେଲ ଆମଦାନୀ ହ୍ରାସ କରିବାରେ ଲାଗିଛି। ୟୁରୋପ ୟୁନିଅନ୍ (ଇୟୁ) ଥିଙ୍କ୍ ଟ୍ୟାଙ୍କ ସେଣ୍ଟର ଫର୍ ରିସର୍ଚ୍ଚ ଅନ୍ ଏନର୍ଜି ଆଣ୍ଡ କ୍ଲିନ୍ ଏୟାର (କ୍ରିଆ) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏହା ଦାବି କରିଛି। କ୍ରିଆର ରିପୋର୍ଟ ଅନୁଯାୟୀ, ଭାରତ ୩୦ଟି ମିଥ୍ୟା ଜାହାଜ ଜରିଆରେ ୫.୪ ନିୟୁତ ଟନ୍ ରୁଷୀୟ ଅଶୋଧିତ ତେଲ ଆମଦାନୀ କରିଛି। ଭାରତ ଚଳିତବର୍ଷ ଜାନୁଆରୀରୁ ସେପ୍ଟେମ୍ବର ମଧ୍ୟରେ ଏହି ତେଲ ଆମଦାନୀ କରିଛି। ଏହି ସମୟ ମଧ୍ୟରେ ଏପରି ମିଥ୍ୟା ଜାହାଜ ଭାରତ ପାଇଁ ତେଲ ପରିବହନ ନିମନ୍ତେ ସବୁଠାରୁ ବଡ଼ ଗନ୍ତବ୍ୟସ୍ଥଳ ପାଲଟିଛି।

**୩୦ ଜାହାଜରେ ଭାରତ ଆସିଛି ୫୪ ଲକ୍ଷ ଟନ୍**

ରିପୋର୍ଟରେ କୁହାଯାଇଛି ଯେ ୟୁକ୍ରେନ ଯୁଦ୍ଧ ପରେ ପାଶ୍ଚାତ୍ୟ ଦେଶମାନଙ୍କ ଦ୍ୱାରା ଲାଗୁ ହୋଇଥିବା ପ୍ରତିବନ୍ଧକ ଏଡାଇବା ପାଇଁ, ରୁଷ ତାର ଛାୟା ନୌବାହିନୀର ବ୍ୟବହାର ବୃଦ୍ଧି କରିଛି। ଚୀନ୍, ଭାରତ ଏବଂ ତୁର୍କୀ ସମେତ କିଛି କ୍ରେତାଙ୍କୁ ଅଶୋଧିତ ତେଲ ଯୋଗାଣ ପାଇଁ ରୁଷ ଅସ୍ପଷ୍ଟ ମାଲିକାନା, ଜାଲ୍ ପଞ୍ଜିକରଣ ଏବଂ ଅକ୍ଷମ ଟ୍ରାକିଂ ସିଷ୍ଟମ ସହିତ ପୁରୁଣା ଟ୍ୟାଙ୍କର୍ ବ୍ୟବହାର କରି ତୈଳ ଯୋଗଣ କରୁଥିବା ରିପୋର୍ଟରେ ଅଭିଯୋଗ ହୋଇଛି। ଏଥିରେ ୨୦୨୫ର ପ୍ରଥମ ୯ ମାସରେ, ମୋଟ ୧୧୩ଟି ରୁଷୀୟ ଜାହାଜ ମିଥ୍ୟା ପତାକା ଲଗାଇ ତୈଳ ଯୋଗାଣ କରିଥିଲା। ଏମିତି କରି ୨୧,୦୦୦ କୋଟି ଟଙ୍କା ମୂଲ୍ୟର ପ୍ରାୟ ୧୧ ନିୟୁତ ଟନ୍ ଅଶୋଧିତ ତେଲ ପରିବହନ କରାଯାଇଛି। ଏଥିମଧ୍ୟରୁ ପ୍ରାୟ ୧୦,୦୦୦ କୋଟି ଟଙ୍କା ମୂଲ୍ୟର ୫.୪ ନିୟୁତ ଟନ୍ ତେଲ କେବଳ ଭାରତରେ ପହଞ୍ଚିଥିଲା। ସୂଚନାଯୋଗ୍ୟ ଯେ, ୨୦୨୨ ମସିହାରେ ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରେ, ରୁଷ ଉପରେ କଟକଣା ଲଗାଯାଇଥିଲା। ରୁଷିଆ ତାଂର ତେଲ ବହୁତ ଶସ୍ତାରେ ବିକ୍ରି କରିବା ଆରମ୍ଭ କରିଥିଲା। ପୂର୍ବରୁ, ଭାରତ ରୁଷିଆଠାରୁ ତେଲ କିଣୁ ନ ଥିଲା, କିନ୍ତୁ ବର୍ତ୍ତମାନ ରୁଷିଆ ଅଶୋଧିତ ତୈଳ ପ୍ରତି ବ୍ୟାରେଲ ୨୦-୩୦ ଡଲାର ରିଆତିରେ ଉପଲବ୍ଧ।

# ଅରୁଣ ଆଇସକ୍ରିମ୍ ପକ୍ଷରୁ ଆଇସ୍‌କ୍ରିମ ଡୋନଟ୍ସର ଶୁଭାରମ୍ଭ

ଚେନ୍ନଇ, ୨୭।୧୧: ଅରୁଣ ଆଇସକ୍ରିମ, ପ୍ରକୃତ କ୍ଷୀର ଏବଂ କ୍ରିମ ସହିତ ପ୍ରସ୍ତୁତ ଆଇସକ୍ରିମର ପରିସର ପାଇଁ ବହୁଳ ଭାବରେ ଲୋକପ୍ରିୟ ଏବଂ କାସାଟା ସ୍ଲାଇସ୍, ଆଇକୋନ୍, ଆବାର, ସ୍ୱାଇରାଲ୍, ବାଇଟ୍ସ, ବଲ୍ ଆଇସ୍‌କ୍ରିମ, ଆଇସକ୍ରିମ ସାଣ୍ଡୱିଚ୍ ଏବଂ ପୁସଅପ୍ କଟନ୍ କ୍ୟାଣ୍ଡି ଭଳି ଆଇକନିକ ଉତ୍ପାଦ ଶୁଭାରମ୍ଭ କରିବା ପାଇଁ ଜଣାଶୁଣା ଏକ କାଟେଗୋରି ଲିଡର ଏହାର ପ୍ରିୟ ଟ୍ରିଟ୍ସ ରେଞ୍ଜ - ଅରୁଣ ଆଇସକ୍ରିମ ଡୋନଟ୍ - ରେ ନୂତନତମ ଉତ୍ପାଦର ଶୁଭାରମ୍ଭ କରିଛି। ଏହି ଉଦ୍ଭାବନ ଆଇସକ୍ରିମ ଜଗତରେ ଏକ ନୂତନ ମୋଡ଼ ଆଣିଛି। ଏହି ବାଇଟ୍- ଆକାରର ଆନନ୍ଦ ଏକ ମଜାଦାର ମିଶ୍ରଣ ଯାହା ଗ୍ରାହକମାନଙ୍କୁ ସତେଜ, ରୋମାଂଚକର ଏବଂ ସ୍ୱାଦ ପାଇଁ ଉପଯୁକ୍ତ କିଛି ଖୋଜୁଥିବା ଲୋକଙ୍କୁ ଆକର୍ଷିତ କରିବା ପାଇଁ ଡିଜାଇନ୍ କରାଯାଇଛି। ଅରୁଣ ଆଇସକ୍ରିମ୍‌ର ନୂତନ ଶୁଭାରମ୍ଭ ସମସ୍ତ ବୟସ ଗୋଷ୍ଠୀକୁ ଆକର୍ଷିତ କରୁଥିବା କ୍ଲାସିକ୍ ଟ୍ରିଟ୍ ପ୍ରସ୍ତୁତ କରିବା ସହିତ ଏକ ଅତୁଳନୀୟ ସ୍ୱାଦ ପ୍ରଦାନ କରେ।

# ଅଯୋଧ୍ୟାରେ ଜମି ମୂଲ୍ୟରେ ୫୦୦% ବୃଦ୍ଧି

ନୂଆଦିଲ୍ଲୀ,୨୭।୧୧(ଏଜେନ୍ସି): ଉତ୍ତର ପ୍ରଦେଶର ଅଯୋଧ୍ୟା ବିଶ୍ୱ ମାନଚିତ୍ରରେ ଆଧ୍ୟାତ୍ମିକତାର ଏକ ପ୍ରମୁଖ କେନ୍ଦ୍ର ଭାବରେ ଦ୍ରୁତ ଗତିରେ ଉଭା ହେଉଛି। ୨୦୨୪ରେ ରାମ ମନ୍ଦିର ପ୍ରତିଷ୍ଠା ହେବା ପରଠାରୁ ଏହି ସହରରେ ରିଅଲ୍ ଇଷ୍ଟେଟ୍ ବଜାର ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ଗତ ପାଞ୍ଚ ବର୍ଷ ମଧ୍ୟରେ ଅଯୋଧ୍ୟାରେ ଜମି ମୂଲ୍ୟ ୩୦୦ ରୁ ୫୦୦ ପ୍ରତିଶତର ଐତିହାସିକ ବୃଦ୍ଧି ରେକର୍ଡ କରାଯାଇଛି। ଏହାର ଅର୍ଥ ହେଉଛି ଅଯୋଧ୍ୟା ଏବେ ଆଧ୍ୟାତ୍ମିକତା, ଆଧୁନିକ ଭିତ୍ତିଭୂମି ଏବଂ ଦୃଢ଼ ଆର୍ଥିକ ବିସ୍ତାରର ସଙ୍ଗମସ୍ଥଳ ଭାବେ ଉଭା ହୋଇଛି। ତେଣୁ ଏଥିରେ ଅଯୋଧ୍ୟାରେ ପ୍ରପର୍ଟି ବଜାରର ଅଭିବୃଦ୍ଧି ଖୁବ୍ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି।

ଇନଭେଷ୍ଟୋଏକ୍ସପର୍ଟ ଆଡଭାଇଜର୍ସର ପ୍ରତିଷ୍ଠାତା ଏବଂ ପରିଚାଳନା ନିର୍ଦ୍ଦେଶକ ବିଶାଲ ରାହେଜା କହିଛନ୍ତି ଯେ ଅଯୋଧ୍ୟା ଆଜି ଦେଶର ଏଣ୍ଡ ବାୟର୍ସ ଓ ଲଙ୍ଗ ଟର୍ମ ଇନଭେଷ୍ଟରଙ୍କ ପାଇଁ ସବୁଠାରୁ ବିଶ୍ୱାସ ଯୋଗ୍ୟ ବଜାର ମଧ୍ୟରୁ ଗୋଟିଏ ପାଲଟିଛି। ଏହା କ୍ରେତାଙ୍କ ସୁରକ୍ଷା, ମୂଲ୍ୟ ବୃଦ୍ଧି ଏବଂ ଦୀର୍ଘକାଳୀନ ଲାଭ ଦୃଷ୍ଟିରୁ ଏକ ଅନନ୍ୟ ସୁଯୋଗ ପ୍ରଦାନ କରୁଛି। ଯାହା ବର୍ତ୍ତମାନର ସମୟକୁ ନିବେଶ ପାଇଁ ଅତ୍ୟନ୍ତ ରଣନୈତିକ ସ୍ଥିତିକୁ ଦର୍ଶାଉଛି। ବିଶାଲଙ୍କ ଅନୁସାରେ, ଅନ୍ତର୍ଜାତୀୟ ବିମାନବନ୍ଦର, ଉନ୍ନତ ରେଳ ଷ୍ଟେସନ, ଚାରି ଲେନ୍ ରାସ୍ତା, ନଦୀକୂଳ ବିକାଶ ଏବଂ ହସ୍ପିଟାଲିଟି ଭିତ୍ତିଭୂମିରେ ମୋଟ ୬ ବିଲିୟନ ଡଲାରରୁ ଅଧିକ ନିବେଶ ଜାରି ରହିଛି। ଏହି ପ୍ରୟାସଗୁଡ଼ିକ ଅଯୋଧ୍ୟାକୁ ବର୍ଷ ସାରା ବିଶ୍ୱ ଆଧ୍ୟାତ୍ମିକ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ କରୁଛି। ଏହି ନିବେଶ ପାଇଁ ଆଗାମୀ ବର୍ଷଗୁଡ଼ିକରେ ଅଯୋଧ୍ୟାର ସମ୍ପତ୍ତି ମୂଲ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇବା ସମ୍ଭାବନା ରହିଛି। ମନ୍ଦିର ପ୍ରତିଷ୍ଠା ପରେ ବିପୁଳ ଜନସମାଗମ ଯୋଗୁ ବ୍ୟବସାୟ, ବାସସ୍ଥାନ, ହୋଟେଲ ଏବଂ ଯାତ୍ରା ସୁବିଧାର ଚାହିଦା ଦ୍ରୁତ ଗତିରେ ବୃଦ୍ଧି ପାଇଛି।


**AFFIDAVIT**

By virtue of an affidavit sl. no.-6651, dtd.24.11.2025, in the court of the Executive Magistrate, Kendrapara, I, Pradipta Jena, S/o- Rabindranath Jena, R/o- Vill/Po- Harianka, Ps- Kendrapara Sadar, Dist.- Kendrapara, Odisha, Pin-754210 have changed my minor son's name from Pravat Jena to Pravas Jena. Henceforth he will be known as Pravas Jena instead of Pravat Jena for all purposes.

Sd/- Pradipta Jena

**AFFIDAVIT**

By virtue of an Affidavit before Notary Public, Malkangiri, **I, Ashis Kumar Bairagi,** aged about 26 years, S/o.: Rabin Bairagi resident of Village: Radhagabindapa Palli M.V. - 30, PO.: Kamwada, P.S.: Orkel, Dist.: Malkangiri, Odisha, declare by this Affidavit No.: 16008/2025, Dated: 27.11.2025 that I have changed my & my father name from **Asish Bairagi**, S/o.: Rabindra Bairagi to **Ashis kumar Bairagi, S/o.: Rabin Bairagi**. Henceforth I shall be known as **Ashis kumar Bairagi, S/o.: Rabin Bairagi** for all future purposes.

**AFFIDAVIT**

By virtue of an affidavit sworn before executive Magistrate Dhamnagar, dated 24/11/2025. I,Firdous Quadri Address At-Mustafapur, PO-Dobal, PS-Dhamnagar, Dist-Bhadrak, PIN-756117,State-Odisha declare that I have changed my name from Firdosh Kadri to Firdous Quadri. Henceforth, I shall be known as Firdous Quadri for all purposes.

(Firdous Quadri)

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated 26/11/2025, CF No.- 41/26.11.2025. I, Anirudha Nayak S/O Senapati Nayak, At- Tarini Nagar, Salia Sahi, Jaydev Vihar PO-R R L, PS- Maitri Vihar, Dist- Khordha, Pin-751013, declare that I have changed the name of my daughter from Nansi Nayak to Rincy Nayak. Henceforth, she shall be known as new name Rincy Nayak for all purposes.

Anirudha Nayak

**AFFIDAVIT**

By virtue of an affidavit CF No.50, sworn before Executive Magistrate, Bhubaneswar, dated 29.10.2025, I, Gati Prasad Rout, Plot No.Sd-3 Backside, VSS Nagar, Po-Rasulgarh, Ps.- Sahid Nagar, Bhubaneswar-751010, Dist.-Khordha, Odisha declare that I have changed the name of my daughter from Somya Priyadarsini to Soumya Priyadarshini Rout. Henceforth she shall be known as Soumya Priyadarshini Rout for all purposes.

Gati Prasad Rout

**AFFIDAVIT**

By virtue of an Affidavit Sworn before the Executive Magistrate, Nandapur, Dist.-Koraput vide no.-104 dtd.26/11/2025, I Smt. Purnimarani Das, W/o-Sri Milan Kumar Tikadar, resident of House no.-38, Main road, Banjalaput, Po.- Padwa, Dist.- Koraput, Odisha-764038 declare that, I have changed my name from **Purnima Tikadar** to **Purnimarani Das**. That, **Purnima Tikadar** and **Purnimarani Das** is one and the same person.

**ADMISSION NOTICE-2025-26**

**Manjari Devi College**

Affiliated to Utkal University, OUHS, PCI, OSBP & DMLT/RTEB

Campus:
262, Puranpadhan, Balakati, Bhubaneswar

Mob. 7019799641, 7978608747 9853801459
Email: mdscnbbsr@gmail.com

- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

**LOST**

**I Prabodha Kumar Sahani, Proprietor of Premium Chicken House,** S/o.: Late Purna Chandra Sahani of Mahanadi Vihar, Declared by this Affidavit No.: 343803, dated 24.11.2025, my original prior sale deed executed by Labangalata Nayak in Favour of Biswabanita aich Document No.: 4047 vide Khata No.: 111/344, Plot No.: 109/2824, Area: Ac.0.040 Decimal, Unit No.: 6, Uttar deulasahi, Mouza: Cuttack Sahar, P.S.: Bidanasi, Dist.: Cuttack has been lost while I was travelling from Cuttack to Pipili by Bus. If somebody found the same please inform- **Mob- 9937068851**

**AFFIDAVIT**

I, **Tabasum Jahan Begum** wife of Gulam Moinuddin Khan, resident of Ward No.-25, Plot No.- N-1/316, IRC Village, P.O.- IRC Village, P.S.- Nayapalli, Bhubaneswar, Dist.-Khordha, Odisha-751015 declare by this affidavit No.-11 dated 04.11.2025 that now onwards I shall be known as **TABASUM JAHAN** for all future purposes.

Sd/- Tabasum Jahan

**IN THE COURT OF THE CIVIL JUDGE (SENIOR DIVISION), ANANDAPUR.**

C.S. 115/2023

Kanthia Sethy .......Plaintiff

Vrs.

Nachhu Sethy and others ..Defendants

**NOTICE U/O 5, RULE 20 OF C.P.C To**

Def. 4, 1) Mayadhar Sethy, aged about 57 yrs, Son of late Suka Sethy, of village/P.O- Keshadurapal,P.S- Ghasipura, Dist. Keonjhar.
Def. 5, 2) Tilottama Sethy, aged about 47 years,Wife of Baya Sethy of village-Chhualia, P.O- Dhenka, P.S- Soso, Dist. Keonjhar.
Def. 6, 3) Pramila Sethy, aged about 54 years, Wife of Daitari Sethy Daughter of Sya Sethy of village-Khalagadia,P.O- Dhenka, P.S- Soso, Dist. Keonjhar.
Def. 15, 4) Babuli Sethy, aged about 52 years,Son of late Bali Sethy of village/P.O Atapur, P.S- Sadar,Dist. Keonjhar.
Def. 18, 5) Sanju Sethy, aged about 49 years,Wife of Purna Chandra Behera of village/P.O-Pandirisilli,P.S- Raruan, Dist. Keonjhar.
Def. 20, 6) Pritimaya Sethy, aged about 28 years,Son of late Kulamani Sethy, Village- Sankhapata (Sabarsahi) P.O/P.S- Baripada, Dist. Mayurbhanj.

Take notice that the above-named plaintiff has filed the C.S no. 115/2023 for partition and permanent injunction against the Defendants and the service of summons could not be served against the aforesaid defendants in spite of repeated summons issued by the Court in either ways and the defendants avoided to receive the Court Summons.
So you all are noticed to appear in my Court on 23rd Dec 2025 at about 10.30 A.M in person or through advocate to put forth your claims as to why reliefs prayed by the plaintiff should not be granted.
Take notice that in case of default the suit will be heard or determined in your absence.
Given under my hand and seal of this Court day **30.10.2025.**

**Civil Judge (Sr. Divn.), Anandapur.**

**NOTICE (FOR MINOR)**

By virtue of an affidavit sworn before the Notary Public, Bhubaneswar, dated 26.11.2025, I, Swami Sampurnananda Saraswati, At- Sitanath Nagar, Niladri Vihar, P.O. Sailashree Vihar, P.S. Chandrasekharpur, Bhubaneswar – 751021, Dist. Khordha declare that I have changed the name of my Adopted daughter from Jayashree Rath to Jayashree Saraswati Rath. Henceforth, she shall be known as Jayashree Saraswati Rath for all purposes.

SWAMI SAMPURNANANDA SARASWATI

**NOTICE**

By virtue of an affidavit sworn before Executive Magistrate, Dhenkanal, dated 27/11/2025, I Urmila Pati, Address At/PO-Bainsia, Block/PS-Gondia, Dist-Dhenkanal, Odisha-759014, declare that I have changed my name from Urmila Dash to Urmila Pati. Henceforth, I shall be known as Urmila Pati for all purposes.

Urmila Pati

O-1558 e-mail : rwd_gajapati@yahoo.co.in

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISON GAJAPATI PARLAKHEMUNDI

**NATIONAL COMPETITIVE BIDDING THROUGH e-Procurement**

**Identification No. Online Tender- 09/GJP/2025-26**

| | | |
|---|---|---|
| 1. | Name of the work | : Building Works |
| 2. | Total No. Work | : 07 (Seven) No. of Building Works |
| 3. | Estimated Cost | : Rs. 4.20 lakhs to 43.58 lakhs |
| 4. | Class of Contractor | : 'C' & 'D' Class Contractor<br>'B' Class Contractor |
| 5. | Period of Completion | : Furnished in Annexure |
| 6. | Availability of Tender Online for bidding | : 28.11.2025 at 10.00 A.M to 08.12.2025 up to 5.00 PM. |
| 7. | Date and Time of Opening of Tender | : 09.12.2025 at 11.00 A.M |
| 8. | Place of Opening | : As per Annexure |

Further details can be seen from the Website www.tenderorissa.gov.in

OIPR-

Executive Engineer
R.W. Division, Gajapati

**AFFIDAVIT**

I, Prasanta Samantaray, aged about 59 years, S/o- Pitambar Samantaray, resident of At- Plot No- 44/1343, Pitambar Realm, Pokhariput, Bhubaneswar, Dist- Khurda, Pin-751020, Odisha declare by this affidavit No. 2407, dtd- 27/11/2025, that now onwards I shall be known as **PRASANTA KUMAR SAMANTARAY** for all future purposes.

# ବିରିଡ଼ି ଠିକାଦାର ମହାସଂଘର ବୈଠକ



ହାଜିପୁର,୨୭।୧୧(ସମିସ):ବିରିଡ଼ି ବ୍ଲକ୍ ଠିକାଦାର ମହାସଂଘର ସାଧାରଣ ବୈଠକ ଅଣାଖିଆସ୍ଥ ରେନବୋ ଫାର୍ମ ହାଉସରେ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ଦେବୀପ୍ରସାଦ ତ୍ରିପାଠୀଙ୍କ ପୌରୋହିତରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ଠିକାଦାର ମହାସଂଘ ସମ୍ପାଦକ ଅରବିନ୍ଦ ହୋତା ଯୋଗଦେଇ ଠିକାଦାରଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହ ବିରିଡି ଠିକାଦାର ମହାସଂଘ ଗଠନ ପାଇଁ ପ୍ରସ୍ତାବ ରଖିଥିଲେ। ପରେ ଗଠନ କରାଯାଇଥିବା ବିରିଡି ବ୍ଲକ ଠିକାଦାର ମହାସଂଘ ସଭାପତି ଭାବେ ପ୍ରଭାତ ବେହେରା, ସମ୍ପାଦକ ଭାବେ ସମୀର ସିଂହ, କୋଷାଧ୍ୟକ୍ଷ ଭାବେ ସାଗର ରଞ୍ଜନ ସାହୁଙ୍କୁ ଚୟନ କରାଯାଇଥିଲା। ଉପସଭାପତି ଭାବେ ଜ୍ଞାନରଞ୍ଜନ ସ୍ୱାଇଁ, ସୁଶାନ୍ତ ଜେନା, ହେମନ୍ତ ମଲ୍ଲିକ, ପ୍ରସନ୍ନ ବେହେରା, ଅଜୟ ଭୂୟାଁଙ୍କୁ ମନୋନୀତ କରାଯାଇଥିଲା। ଅକ୍ଷୟ ବ୍ରହ୍ମା, କେଦାରନାଥ ସାହୁ, ଅଶୋକ ବିଶ୍ୱାଳଙ୍କୁ ଉପଦେଷ୍ଟା ମଣ୍ଡଳୀ ଭାବେ ବଛାଯାଇଥିଲା। ସଭାପତି ଶ୍ରୀ ତ୍ରିପାଠୀ ନୂତନ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ନାଉଗାଁ ବଜାରରୁ ଜବରଦଖଲ ଉଚ୍ଛେଦ

ନାଉଗାଁ, ୨୭।୧୧(ସମିସ): ନାଉଗାଁ ବଜାରରେ ଦୀର୍ଘ ଦିନର ସମସ୍ୟା ଜବରଦଖଲ ଆଜି ଉଚ୍ଛେଦ ହୋଇଛି। ପ୍ରଶାସନର ପୂର୍ବ ସୂଚିତ ନୋଟିସ ଅନୁଯାୟୀ ନାଉଗାଁ ବଜାରସ୍ଥ ଗୋଚର ଜମିରୁ ନାଉଗାଁ ତହସିଲଦାର ଅକ୍ଷୟ ବଡୁଙ୍କ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଚାଲିଥିଲା। ଏହି ଅଭିଯାନରେ ୩୦ ବର୍ଷରୁ ଅଧିକ ସମୟ ଧରି ଥିବା



୭୬ଟି ଦୋକାନ ହଟାଯାଇଛି। ଏହି ଦୋକାନୀଙ୍କ ଜୀବନ ଜୀବିକା ଆଜି ମାଟିରେ ମିଶିଯାଇଛି। ଏହି ଦୋକାନ ଉପରେ ନିର୍ଭର କରି ଅନେକ ପରିବାର ପ୍ରତିପୋଷଣ କରୁଥିଲେ। ଉଚ୍ଛେଦ ପରେ ୭୬ ଦୋକାନୀ ପରିବାର ଏବେ ଜୀବିକା ନେଇ ଗୁରୁତର ସଙ୍କଟରେ। ଏଥିସହିତ ବଜାରରେ ଥିବା ଦୁଇଟି ତ୍ରିନାଥ ମନ୍ଦିର ମଧ୍ୟ ମାଟିରେ ମିଶିଛି। ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଦୋକାନୀ ପୁନର୍ବାସ କରାଯିବାକୁ ଦାବି କରିଛନ୍ତି। ଜମି ଶୁଦ୍ଧିକରଣ ପ୍ରଶାସନର ଅଧିକାର; କିନ୍ତୁ ଆମ ଜୀବନ ଓ ଜୀବିକାର ସୁରକ୍ଷା ମଧ୍ୟ ଆଇନ ଅନୁଯାୟୀ ହେବା ଆବଶ୍ୟକ ବୋଲି ଦୋକାନୀ କହିଛନ୍ତି।

# ଥାଇଲ ସପ୍ତାହିକ ହାଟ ଉଦ୍‌ଘାଟିତ



ବାଲିକୁଦା,୨୭।୧୧(ସମିସ): ବାଲିକୁଦା ବ୍ଲକ୍ ଥାଇଲ ପଞ୍ଚାୟତର ଥାଇଲଠାରେ ଏକ ସାପ୍ତାହିକ ହାଟର ଉଦଘାଟନ ବାଲିକୁଦା ବିଡିଓ ସାଗର କୁମାର ନନ୍ଦ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ସରୋଜିନୀ ଦେଠି, ସମିତିସଭ୍ୟା ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ ଉପସ୍ଥିତ ଥିଲେ। ଏହି ହାଟ ସପ୍ତାହରେ ସୋମବାର ଓ ଗୁରୁବାର ଖୋଲାଯିବ ବୋଲି ନିଷ୍ପତ୍ତି ହୋଇଛି। ଫଳରେ ସ୍ଥାନୀୟ ଚାଷୀଙ୍କ ସମେତ ବ୍ୟବସାୟୀ ଓ ୧୦ କିମି ଦୂରକୁ ଯାଇ ହାଟ କରୁଥିବା ଖାଉଟି ଉପକୃତ ହୋଇପାରିବେ ବୋଲି ହାଟ କମିଟି ମୁଖ୍ୟ ସିନ୍ଧୁନାଥ ପରିଡା କହିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଅମିନା ପଣ୍ଡା ପୂଜା କାର୍ଯ୍ୟ ସମ୍ପନ୍ନ କରିଥିବାବେଳେ ଯତୀନ ପରିଡା, ଶୁଭେନ୍ଦୁ ଦାସ, ପ୍ରମୋଦ ବଳ, ସୁରେନ୍ଦ୍ର ବାରିକ, ବିପିନ ବାରିକ, ପ୍ରମୋଦ ସ୍ୱାଇଁ, କ୍ଷୀରୋଦ ଦେଠି, ଗଜେନ୍ଦ୍ର ବାରିକ, ଲିପୁନା ଦାସ, ହେମନ୍ତ ବଳ, ଶଙ୍କର ରାଉତ, ଦୀପକ ଜେନା ପ୍ରମୁଖଙ୍କ ସମେତ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

# ବାଲିତୁଠ ଶିଶୁ ମନ୍ଦିରରେ ମାତୃ କର୍ମଶାଳା

କୁଜଙ୍ଗ,୨୭।୧୧(ସମିସ): କୁଜଙ୍ଗ ଥାନା ଅନ୍ତର୍ଗତ ବାଲିତୁଠ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପାରାଦୀପ ଶଙ୍କୁଳ ପ୍ରମୁଖ ଗୌରାଙ୍ଗ ଚରଣ ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଧାଂଶୁ ରାଉତରାୟ, ସମ୍ପାଦକ ଜିତେନ୍ଦ୍ର ମହାପାତ୍ରଙ୍କ ଉପସ୍ଥିତରେ ଅତିଥି ରୂପେ ନୂଆଗଡ଼ ଶିଶୁ ବାଟିକା ପ୍ରମୁଖ ତୃପ୍ତିମାୟୀ ପ୍ରଧାନ ଯୋଗଦେଇ ମାତୃ କର୍ମଶାଳାର ଉଦ୍ଦେଶ୍ୟ ଓ ଆବଶ୍ୟକତା ଉପରେ ନଜର ମତ ରଖିଥିଲେ। ପୁରାଣ ଯୁଗରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ପିଲାଙ୍କୁ ଉପଯୁକ୍ତ ଭାବେ ଗଢିବାକୁ ସବୁଠୁ ଅଧିକ ଭୂମିକା ମାଆ ଓ ପରିବାରର ପ୍ରମୁଖ ଭୂମିକା ରହିଛି। ଆମେ ଭଲ କରିବକୁ ଯାଇ ପିଲା ଭିତରେ ବିଭିନ୍ନ ମନ୍ଦ ଗୁଣ ଆମ ଅଜାଣତରେ ପୂରାଇ ଦେଉଛୁ। ଏ ସମ୍ପର୍କରେ ସଚେତନ ରହି ଶିକ୍ଷା ବିକାଶ ଯୋଜନାରେ ସହଯୋଗ କରିବା ଓ ପିଲାଙ୍କୁ ନୈତିକ ମୂଲ୍ୟଯୁକ୍ତ ଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରିଥଲେ। ପ୍ରଧାନ ଆଚାର୍ଯ୍ୟ ଆଳିଲ ବେହେରାଙ୍କ ସଂଯୋଜନାରେ ଶିଶୁ ବାଟିକା ପ୍ରମୁଖ ବିନୋଦିନୀ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଲିପିକା ଦାସ ଧନ୍ୟବାଦ ଦେଇଥିବାବେଳେ ସମସ୍ତ ଗୁରୁଜୀ ଗୁରୁମା କର୍ମଶାଳା ପରିଚାଳନାରେ ସହାଯୋଗ କରିଥଲେ।

**ରାଜ୍ୟ ଖାଦ୍ୟ କମିଶନ ଅଧ୍ୟକ୍ଷଙ୍କ ଦୁଇଦିନିଆ ଜଗତସିଂହପୁର ଗସ୍ତ**

# ଖାଦ୍ୟ ସୁରକ୍ଷା ଓ ଯୋଗାଣ କାର୍ଯ୍ୟକ୍ରମର ସମୀକ୍ଷା

ଜଗତସିଂହପୁର, ୨୭।୧୧(ସମିସ):



ରାଜ୍ୟ ଖାଦ୍ୟ କମିଶନ ଅଧ୍ୟକ୍ଷ ଅବନୀକାନ୍ତ ସାହୁ ଦୁଇଦିନିଆ ଜଗତସିଂହପୁର ଜିଲ୍ଲା ଗସ୍ତରେ ଆସି ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସଦଭାବନା ସଭାଗୃହରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଏକ ସମୀକ୍ଷା ବୈଠକ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ଅଧ୍ୟକ୍ଷ ଶ୍ରୀ ସାହୁ ଖାଦ୍ୟ ସୁରକ୍ଷା ଓ ଯୋଗାଣର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

ଜାତୀୟ ଖାଦ୍ୟ ନିରାପତ୍ତା ଆଇନ୍ ୨୦୧୩ ଆଧାରରେ ଜିଲ୍ଲାରେ ଥିବା ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର, ଆଶ୍ରମ ବିଦ୍ୟାଳୟ, ନ୍ୟୁଟ୍ରି ଗାର୍ଡେନ ଆଦିରେ ଖାଦ୍ୟ ଯୋଗାଣ ଓ ଗୁଣବତ୍ତା ବିଷୟରେ ସମ୍ପୃକ୍ତ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ନୂତନ ରାସନ୍ କାର୍ଡ ଯୋଗାଇବାରେ ସରକାରଙ୍କ ଆଭିମୁଖ୍ୟ ପାଇଁ ସରକାରଙ୍କୁ ଧନ୍ୟବାଦ ଜଣାଇବା ସହ ଅଯୋଗ୍ୟ ହିତାଧିକାରୀଙ୍କୁ ସଠିକ୍ ଯାଞ୍ଚ କରି ତାଲିକାରୁ ବାଦ ଦେବାକୁ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଆସନ୍ତା ଏକମାସ ମଧ୍ୟରେ ତୃଣମୂଳ ସ୍ତରରେ ଯାଞ୍ଚ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ କହିଥିଲେ। କାର୍ଡରେ ସଦସ୍ୟଙ୍କ ନାମ ଯୋଡିବା ନେଇ ଉପୁଜିଥିବା ସମସ୍ୟାର ସମାଧାନ ନିମନ୍ତେ ରାଜ୍ୟ ସରକାରଙ୍କ ସହ ଆଲୋଚନା କରିବେ ବୋଲି ସେ କହିଥିଲେ। କ୍ଷେତ୍ର ପରିଦର୍ଶନ ସମୟରେ ବିଭିନ୍ନ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରିଥିଲେ ଓ ସେଠାକାର ଖାଦ୍ୟର ମାନ ଯାଞ୍ଚ କରି ନିଜର ସନ୍ତୋଷ ପ୍ରକାଶ କରିଥିଲେ। ଏଥିସହ ପ୍ରତ୍ୟେକ ବିଦ୍ୟାଳୟରେ ଷ୍ଟକ୍ ରେଜିଷ୍ଟର ନିୟମିତ ଯାଞ୍ଚ କରିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଅଙ୍ଗନବାଡ଼ି ଓ ଏଠାରେ ପଢୁଥିବା ଶିଶୁଙ୍କୁ ଦେଶର ମେରୁଦଣ୍ଡ ବୋଲି ଅଭିହିତ କରି ନିର୍ମାଣାଧୀନ କେନ୍ଦ୍ରକୁ ତ୍ୱରିତ ସମ୍ପୂର୍ଣ୍ଣ କରିବା ସହ ଜରୁରୀ ସୁବିଧା ପାଇପ ଲାଇନ୍ ଜଳ, ଶୌଚାଳୟ, ରୋଷେଇ ଘର ଆଦି ଯୋଗାଇବାକୁ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

ସେହିପରି ଜିଲ୍ଲାରେ ଥିବା ଆଶ୍ରମ ବିଦ୍ୟାଳୟର ଭିତ୍ତି ନିର୍ମାଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧ୍ୟକ୍ଷ ଶ୍ରୀ ସାହୁ ସମସ୍ତ ବ୍ଲକ୍‌ର ବିଡିଓ, ମ୍ୟୁନିସପାଲିଟି ନିର୍ବାହୀ ଅଧିକାରୀଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ନିୟମିତ ଭାବେ କ୍ଷେତ୍ର ପରିଦର୍ଶନ କରି ଲୋକଙ୍କ ସୁବିଧା ଅସୁବିଧା କଥା ବୁଝି ସମାଧାନ ପାଇଁ ସେ ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ସମସ୍ତ ବିଡିଓ, ଦୁଇ ମ୍ୟୁନିସପାଲିଟି ନିର୍ବାହୀ ଅଧିକାରୀ, ଜିଲ୍ଲାସ୍ତରୀୟ ଅଧିକାରୀ, ସିଡିପିଓ, ଏମଆଇ ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ନରେ ଅଧ୍ୟକ୍ଷ ସର୍କିଟ ହାଉସରେ ଜିଲ୍ଲାପାଳ ଜେ ସୋନାଲଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

# ଯଶୋବନ୍ତ ସାହିତ୍ୟ ଓ ସଂସ୍କୃତି ସଂସଦର ସାରସ୍ୱତ ଉତ୍ସବ



ବିରିଡି,୨୭।୧୧(ସମିସ): ପଞ୍ଚସଖାଙ୍କ ମଧ୍ୟମଣୀ ମହାପୁରୁଷ ଗୋସ୍ୱାମୀ ଯଶୋବନ୍ତ ଦାସଙ୍କ ରାଜ୍ୟସ୍ତରୀୟ ମହାପ୍ରୟାଣ ଓଢଣ ଷଷ୍ଠୀ ତିଥିରେ ମହାପୁରୁଷଙ୍କ ସମାଧି ପୀଠ ଅଡଙ୍ଗ ନାଇଲୋଠାରେ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଯଶୋବନ୍ତ ସାହିତ୍ୟ ଓ ସଂସ୍କୃତି ସଂସଦ ଆନୁକୂଲ୍ୟରେ ସାହିତ୍ୟ ସଭାର ଆୟୋଜନ କରାଯାଇଥିଲା। ସଂସଦର ବରିଷ୍ଠ ଉପଦେଷ୍ଟା ଲିଙ୍ଗରାଜ ମଲ୍ଲଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ସଂସଦର ମୁଖପତ୍ର ତୀର୍ଥ ଉନ୍ମୋଚନ କରାଯିବା ସହ ବିଭିନ୍ନ କ୍ଷେତ୍ରରେ ସଫଳ ବ୍ୟକ୍ତିବିଶେଷ ଓ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସଦର ସ୍ଥାୟୀ ସଭାପତି ଦେବୀପ୍ରସାଦ ତ୍ରିପାଠୀଙ୍କ ପୌରୋହିତରେ ଅନୁଷ୍ଠିତ ସାହିତ୍ୟ ସଭାରେ ଉପଦେଷ୍ଟା ଲିଙ୍ଗରାଜ ମଲ୍ଲ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ସୁବ୍ରତ ମହାପାତ୍ର ବାର୍ଷିକ ବିବରଣୀ ରଖିଥିଲେ।

ଏହି ସାରସ୍ୱତ ଉତ୍ସବରେ ମୁଖ୍ୟଅତିଥି ଭାବେ ସାଂସଦ ଡ. ବିଭୂପ୍ରସାଦ ତରାଇ, ମୁଖ୍ୟବକ୍ତା ଭାବେ ସାହିତ୍ୟ ସାଧକ ଡକ୍ଟର ହରେକୃଷ୍ଣ ଶତପଥୀ, ବରେଣ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ ଭୋଇ, ଆଇନଜୀବୀ ରାଜକିଶୋର ବେହେରା, ଜିଲ୍ଲା ପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ସମ୍ମାନିତ ଅତିଥି ଭାବେ ବିରିଡି ବ୍ଲକ ଅଧ୍ୟକ୍ଷା ମମତା ପାତ୍ର, କଟକ ସଦର ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ ଯୋଗଦେଇ ପଞ୍ଚସଖାଙ୍କ ଆବିର୍ଭାବ ନ ଥିଲେ ଓଡ଼ିଶା ପ୍ରଦେଶ ନ'ଥାନ୍ତା ଓ ଓଡ଼ିଆ ଭାଷା ବଞ୍ଚି ନ ଥାନ୍ତା ବୋଲି କହିଥିଲେ। ଏ ଅବସରରେ ବାର୍ଷିକ ମୁଖପତ୍ର ଉନ୍ମୋଚନ ହୋଇଥିଲା। ପରେ ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଡକ୍ଟର ହରେକୃଷ୍ଣ ଶତପଥୀଙ୍କୁ ଯଶୋବନ୍ତ ପ୍ରତିଭା ସମ୍ମାନ, ଡକ୍ଟର ସୁରେନ୍ଦ୍ର ତ୍ରିପାଠୀଙ୍କୁ ସାହିତ୍ୟ ପ୍ରତିଭା ସମ୍ମାନ, ପ୍ରିୟତମା ସାହୁଙ୍କୁ ଆଦର୍ଶ ନାରୀ ସମ୍ମାନ, ଡାକ୍ତର ଶୁଭକୁମାର ଦାଶଙ୍କୁ ସଂସ୍କୃତି ସମ୍ମାନ, ଇଂ ପ୍ରଫୁଲ ଦାସଙ୍କୁ ସ୍ଥପତି ସମ୍ମାନ ଓ ବିଷ୍ଣୁପ୍ରିୟା ସେବା ସମିତିକୁ ସେବା ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସ୍ୱରାଜ ମିଶ୍ର, ସୁମନ ସୌରଭ ସିଂହ, ବୈଷ୍ଣବୀ ସେଠୀଙ୍କ ସମେତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ଚନ୍ଦ୍ରଶେଖର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ରମେଶ ମହାନ୍ତି, ନିକୁଞ୍ଜ ଭଞ୍ଜ, ଗୀତିକବି ବାମଦେବ ସ୍ୱାଇଁ, ସୀତାଂଶୁ ଶେଖର ରାୟ, ଅଧ୍ୟାପକ ସ୍ମୃତିରଞ୍ଜନ ପରିଡା, ଅଲେଖ ବାରିକ, ଗୁରୁଚରଣ ବାରିକ, ପ୍ରଦୀପ୍ତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଏବିଭିପି କାର୍ଯ୍ୟକର୍ତ୍ତା ନିର୍ମଳ ଷଡ଼ଙ୍ଗୀଙ୍କ ପରଲୋକ

ଜଗତସିଂହପୁର,୨୭।୧୧(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ବରିଷ୍ଠ କାର୍ଯ୍ୟକର୍ତ୍ତା ନିର୍ମଳ ଷଡ଼ଙ୍ଗୀଙ୍କ ୨୬ ତାରିଖରେ ପରଲୋକ ହୋଇଯାଇଛି। କର୍କଟ ରୋଗରେ ପୀଡ଼ିତ ହୋଇ ନିର୍ମଳ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ସେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର



ରାଜ୍ୟ ସଂଗଠନ ସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ଅକାଳ ବିୟୋଗରେ ପାରାଦୀପ ବିଧାୟକ ସମ୍ପଦ ସ୍ୱାଇଁ, ଏବିଭିପିର ପୂର୍ବତନ କଟକ ଜିଲ୍ଲା ସଭାପତି ସୌଭାଗ୍ୟ ମହାନ୍ତି, ଜଗତସିଂହପୁର ଜିଲ୍ଲା ଏବିଭିପିର ପୂର୍ବତନ ଉପସଭାପତି ଶଶାଙ୍କ ଶେଖର ପଣ୍ଡା ଓ ପୂର୍ବତନ ସମ୍ପାଦକ ସଂଗ୍ରାମ ସ୍ୱାଇଁ ପ୍ରମୁଖ ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

# ଶୁଖୁଆ ଓ ମାଛର ମୂଲ୍ୟଯୁକ୍ତ ପଦାର୍ଥ ପ୍ରସ୍ତୁତି ପାଇଁ ତାଲିମ

ଜଗତସିଂହପୁର,୨୭।୧୧(ସମିସ): ଜିଲ୍ଲା କୃଷି ବିଜ୍ଞାନ କେନ୍ଦ ପକ୍ଷରୁ ଶୁଖୁଆ ଓ ମାଛର ମୂଲ୍ୟଯୁକ୍ତ ପଦାର୍ଥ ପ୍ରସ୍ତୁତିକରଣ ସମ୍ବନ୍ଧୀୟ ଦୁଇଦିନିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ତାଲିମ କାର୍ଯ୍ୟକ୍ରମରେ ତିର୍ତ୍ତୋଲ ବ୍ଲକର ବିଭିନ୍ନ ଗ୍ରାମରୁ ୨୦ ଜଣ ଯୁବ ଉଦ୍ୟୋଗୀ ଅଂଶଗ୍ରହଣ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ ବୈଜ୍ଞାନିକଙ୍କ ଉପସ୍ଥିତିରେ କେନ୍ଦ୍ରର ମୁଖ୍ୟ ଡ. ଜୀବନଜିତ ସେନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମତ୍ସ୍ୟ ବିଶେଷଜ୍ଞ ଶ୍ରୀମତୀ ସରିତା ଦାସ ଭାଗ ନେଇଥିବା ଚାଷୀଙ୍କୁ ଉନ୍ନତ ବୈଜ୍ଞାନିକ ମାଛଚାଷ, ଶୁଖୁଆ ଓ ମୂଲ୍ୟଯୁକ୍ତ ଦ୍ରବ୍ୟ ପ୍ରସ୍ତୁତି ପ୍ରଣାଳୀ ବିଷୟରେ ଜ୍ଞାନ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଜ୍ଞାନିକ ଦେବାଶିଷ ପଣ୍ଡା, ଡ. ପ୍ରଦୀପ୍ତ ମାଝୀ, ଡ. ଦ୍ୱାରିକା ମୋହନ ଦାସ, ଡ. ତପନ ପଲେଇ, ସସ୍ମିତା ପୁରୋହିତ, ବଳିଆ ମାଝୀ ଓ ବିଜୟନୀ ସାହୁ ଯୋଗ ଦେଇଥିଲେ।

# ବରିଷ୍ଠ ନାଗରିକ ସଂଘ ସଭାପତିଙ୍କ ପରଲୋକ

ବାଲିକୁଦା,୨୭।୧୧(ସମିସ):ବାଲିକୁଦା ବରିଷ୍ଠ ନାଗରିକ ସଂଘ ସଭାପତି ଶରତ କିଶୋର କାନୁନଗୋଙ୍କ ୯୨ବର୍ଷ ବୟସରେ ଗତକାଲି ସନ୍ଧ୍ୟାରେ ଦେହାନ୍ତ ହୋଇଯାଇଛି। ସେ ଜଣେ ଅବସରପ୍ରାପ୍ତ ଗୋ ଚିକିତ୍ସକ, ବରିଷ୍ଠ ସାମ୍ବାଦିକ ଓ ବରିଷ୍ଠ ନାଗରିକଙ୍କୁ ସମାଜରେ ନ୍ୟାୟ ପ୍ରଦାନ ପାଇଁ ସଂଗ୍ରାମ କରିଆସୁଥିଲେ। ଗତକାଲି ହଠାତ୍ ରକ୍ତଚାପ ବୃଦ୍ଧି ହେବା କାରଣରୁ ଜ୍ୟେଷ୍ଠ ପୁତ୍ର ସୁପ୍ରିମକୋର୍ଟ ବରିଷ୍ଠ ଆଇନଜୀବୀ ଡଃ ସୁଶାନ୍ତ କୁମାର କାନୁନଗୋ କଟକର ଏକ ଘରୋଇ ହସ୍ପିଟାଲରେ



ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମରଶରୀରକୁ କଣିଆସ୍ଥ ବାସଭବନ ଅଣାଯାଇ ଅନ୍ତିମ ସଂସ୍କାର ପାଇଁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇଥିଲା। ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ସଂଗଠନ ମହାମନ୍ତ୍ରୀ ମାନସ ମହାନ୍ତି, ଯତୀନ ମହାନ୍ତି, କଟକ ବିଜେପି ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ, ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର, ବାଲିକୁଦା ଥାନା ଅଧିକାରୀ ସୁଶାନ୍ତ ସାହୁ, ବାଲିକୁଦା-ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା, ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ସାମ୍ବାଦିକ ପରେଶ ଦାସ, ତୀର୍ଥବାସୀ ଦାସ, ପ୍ରଣବ ପ୍ରଧାନ, ଅଜୟ ରାଉତ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ୧୭ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ପାରାଦୀପ,୨୭।୧୧(ସମିସ):ପାରାଦୀପ ଏବେ ନିଶା ବେପାରର ହବ ପାଲଟିଛି। ଏଠାରେ ସମସ୍ତ ପ୍ରକାର ନିଶା ଦ୍ରବ୍ୟର ଚୋରା କାରବାର ହେଉଛି। ପୁଲିସ ଆଖିରେ ଧୂଳି ଦେଇ ନିଶା ବେପାରୀ ଶିଳ୍ପାଞ୍ଚଳରେ କାରବାର କରୁଛନ୍ତି। ତେବେ ଆଜି ଭୂତମୁଣ୍ଡାଇ ନିକଟ ୧୫ ନମ୍ବରରୁ ଜଣେ ବ୍ୟକ୍ତିଙ୍କ ନିକଟରୁ ବିପୁଳ ପରିମାଣର ଗଞ୍ଜେଇ ଜବତ କରାଯାଇଛି। ଏତେ ପରିମାଣର ଗଞ୍ଜେଇ ପାରାଦୀପ ଅଞ୍ଚଳରୁ ପ୍ରଥମ ଥର ପାଇଁ ଜବତ ହୋଇଛି। ଜିଲ୍ଲାପାଳ ଜେ ସୋନାଲଙ୍କ ନିର୍ଦ୍ଦେଶରେ ସୁପରିଟେଣ୍ଡେଣ୍ଟ ଶ୍ରୀମତୀ ଅନିତା ପ୍ରଧାନଙ୍କ ତତ୍ତ୍ୱାବଧାନରେ ସକାଳେ ୧୫ ନମ୍ବରଠାରେ ରାସ୍ତାରେ ଜଣେ ବ୍ୟକ୍ତି ଜରି ଅଖା ମୁଣ୍ଡାଇ ଯାଉଥିବା ଅବକାରୀ ବିଭାଗ ପାଟ୍ରୋଲିଂ ଟିମ ନଜରକୁ ଆସିଥିଲା। ସେମାନେ ଉକ୍ତ ବ୍ୟକ୍ତିକୁ ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲେ। ଜରି ବସ୍ତାରେ ଥିବା ୧୭ କେଜି ୧୦୦ ଗ୍ରାମର ଗଞ୍ଜେଇ ଜବତ ହୋଇଥିଲା। ଯାହାର ଆନୁମାନିକ ମୂଲ୍ୟ ୧ ଲକ୍ଷ ୭୦ ହଜାର ଟଙ୍କା ହେବ। ସମ୍ପୃକ୍ତ ବ୍ୟକ୍ତି ତିରତୋଲ ଥାନା ପୋତାନଇ ଗ୍ରାମର ସାରଦା ପ୍ରସନ୍ନ ଦାସ (୩୧) ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। କୋରାପୁଟ ଓ ମାଲକାନଗିରି ଅଞ୍ଚଳରୁ ପାରାଦୀପକୁ ବିପୁଳ ପରିମାଣର ଗଞ୍ଜେଇ ଚୋରା ଚାଲାଣ ହେଉଥିବା ପାରାଦୀପ ଅବକାରୀ ବିଭାଗ ଇନ୍ସପେକ୍ଟର ପ୍ରଶାନ୍ତ ମହାନ୍ତି ସୂଚନା ଦେଇଛନ୍ତି।

# ସମ୍ବିଧାନ ଦିବସ ଉପଲକ୍ଷେ ପ୍ରସ୍ତାବନା ପାଠ



ଜଗତସିଂହପୁର, ୨୭।୧୧(ସମିସ): ସମ୍ବିଧାନ ଦିବସ ଉପଲକ୍ଷେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସଦ୍‌ଭାବନା ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ଙ୍କ ଅଧ୍ୟକ୍ଷତାରେ ସମ୍ବିଧାନର ପ୍ରସ୍ତାବନା ପାଠ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଜ୍ୟୋତି ଶଙ୍କର ରାୟ କହିଲେ, ସମ୍ବିଧାନ ହେଉଛି ଭାରତୀୟ ଗଣତନ୍ତ୍ରର ଆତ୍ମା। ସମ୍ବିଧାନ ପ୍ରଣେତା ଭାରତରତ୍ନ ଭୀମରାଓ ଆମ୍ବେଦକରଙ୍କ ଏହି କୃତୀ ଭାରତକୁ ସମାଜବାଦୀ, ଧର୍ମନିରପେକ୍ଷ, ଲୋକତନ୍ତ୍ର, ଗଣରାଜ୍ୟରେ ପରିଣତ କରାଇବା ସହ ସମସ୍ତ ନାଗରିକଙ୍କୁ ସାମାଜିକ, ଆର୍ଥିକ ଓ ରାଜନୈତିକ ନ୍ୟାୟ ତଥା ବିଚାର ପ୍ରଦାନ କରିବ। ଏ ଅବସରରେ ଶ୍ରୀ ରାୟ ସମ୍ବିଧାନ ସମ୍ବଳିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରି ସଠିକ ଉତ୍ତର ଦେଇଥିବା କର୍ମଚାରୀଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ପ୍ରଶାନ୍ତ ତରାଇ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ପ୍ରତିଚୀ ତନୟା ମହାନ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ ଜେନା ପ୍ରମୁଖଙ୍କ ଉପସ୍ଥିତିରେ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ସମ୍ବିଧାନର ପ୍ରସ୍ତାବନା ପାଠ କରିଥିଲେ। ଏଥିସହ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟାଳୟ, ସମସ୍ତ ବ୍ଲକ୍, ତହସିଲ, ଦୁଇ ମ୍ୟୁନିସପାଲିଟିରେ ପ୍ରସ୍ତାବନା ପାଠ କରାଯାଇଥିଲା।

**■ କେନ୍ଦ୍ର ସରକାରଙ୍କ ପ୍ରଣୀତ ୪ଟି ଶ୍ରମ କୋଡ୍‌କୁ ବିରୋଧ**

# ପାରାଦୀପ ବନ୍ଦର ପ୍ରଶାସନିକ ଭବନ ସମ୍ମୁଖରେ ବିକ୍ଷୋଭ

ପାରାଦୀପ,୨୭।୧୧(ସମିସ):




କୋ-ଅଡିନେସନ କମିଟି ଅଫ୍ ଲୋକାଲ ଟ୍ରେଡ ୟୁନିଅନ ପକ୍ଷରୁ ଗତକାଲି ସକାଳ ୯ଟାରେ ପାରାଦୀପ ବନ୍ଦର ପ୍ରଶାସନିକ ଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଗତ ୨୧ ତାରିଖରେ କେନ୍ଦ୍ର ସରକାର ଦେଶରେ ପ୍ରଚଳିତ ୨୯ଟି ଶ୍ରମ ଆଇନକୁ ଉଚ୍ଛେଦ କରି ଏହା ପରିବର୍ତ୍ତେ ୪ଟି ଶ୍ରମ କୋର୍ଡ ପ୍ରଚଳନ କରିଛନ୍ତି। ଏହି ନୂତନ ଶ୍ରମ ଆଇନ ଶ୍ରମିକ, କର୍ମଚାରୀଙ୍କ ସ୍ୱାର୍ଥ ବିରୋଧୀ ଓ ଦେଶର ବଡ଼ ବଡ଼ ପୁଞ୍ଜିପତି ତଥା କର୍ପୋରେଟଙ୍କ ସ୍ୱାର୍ଥ ରକ୍ଷା ପାଇଁ ଉଦ୍ଦିଷ୍ଟ। ତେଣୁ ଦେଶର ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏହାର ତୀବ୍ର ବିରୋଧ କରିବା ସହ ଦେଶର ସମସ୍ତ ଶିଳ୍ପ କାରଖାନାରେ କାର୍ଯ୍ୟରତ ଶ୍ରମିକ କର୍ମଚାରୀ ଏହ ଆଇନ ବିରୋଧରେ ପ୍ରତିବାଦ କରିବାକୁ ଆହ୍ୱାନ ଦେଇଛନ୍ତି। ଏ ପରିପ୍ରେକ୍ଷୀରେ ପାରାଦୀପ ବନ୍ଦରର ସମସ୍ତ ଶ୍ରମିକ ସଂଗଠନ ନୂତନ ଶ୍ରମ କୋର୍ଡକୁ ବିରୋଧ କରି ମିଳିତ କ୍ରିୟାନୁଷ୍ଠାନ କମିଟି ମାଧ୍ୟମରେ ଗତକାଲି ବନ୍ଦର ପ୍ରଶାସନିକ ଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ପ୍ରତିବାଦ ସଭାରେ ବିଭିନ୍ନ ୟୁନିଅନର ଶ୍ରମିକ ନେତା ସମୀର ବିଶ୍ୱାଳ, ନୃସିଂହ ଶତପଥୀ, ଅନନ୍ତ ଦାସ, ବ୍ରିଜେଶ ଲେଙ୍କା, ବିଭୂତି ମହାରଣା, କୁଶ ସୁତାର, ଉଲ୍ଲାସ ସ୍ୱାଇଁ, ନାରାୟଣ ଦାସ, ଜାତିକାନ୍ତ ବେହେରା ଓ ପ୍ରସନ୍ନ ଦାସଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ। ସଂସଦରେ ଏହି ଶ୍ରମିକ ଆଇନ ଉପରେ ଆଲୋଚନା ନ କରି ବିରୋଧିଙ୍କ ମତାମତ ଗ୍ରହଣ ନ କରି କେନ୍ଦ୍ର ସରକାର ଏହି ଆଇନ ତିଆରି କରିଛନ୍ତି। ୫ ବର୍ଷ ଧରି ଏହି ନୂତନ ଆଇନ ପ୍ରଣୟନ ହୋଇଥିଲେ ହେଁ ଏବେ ଏହାକୁ ଲାଗୁ କରୁଛନ୍ତି। ଏହି ଆଇନ ଲାଗୁ ହେଲେ ଶ୍ରମିକ କର୍ମଚାରୀଙ୍କ ଚାକିରିର ସ୍ଥାୟିତ୍ୱ ଓ ସୁରକ୍ଷା ରହିବ ନାହିଁ କି ଅଧିକାର ସୁରକ୍ଷିତ ରହିବ ନାହିଁ। ଏହି ଆଇନ ମ୍ୟାନେଜମେଣ୍ଟ ଦ୍ୱାରା ଶ୍ରମିକ କର୍ମଚାରୀଙ୍କ ପ୍ରତି କରୁଥିବା ବିଭିନ୍ନ ବେଆଇନ କାର୍ଯ୍ୟକୁ ସ୍ୱୀକୃତି ପ୍ରଦାନ କରିଛି। ଫଳରେ ସାରା ଦେଶର ଶ୍ରମିକ ଶ୍ରେଣୀଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହୋଇଯିବ। ମାଲିକମାନେ ଅଧିକ ମୁନାଫା ପାଇବା ବେଳେ ସାଧାରଣ ଶ୍ରମିକ ନିର୍ଯାତିତ ହେବେ। ଶ୍ରମିକ କର୍ମଚାରୀଙ୍କ ମଜୁରୀ ମାଲିକଙ୍କ ମର୍ଜି ଉପରେ ନିର୍ଭର କରିବ। ଦରମା ନିର୍ଦ୍ଧାରଣ ପାଇଁ ସାମୂହିକ ମୂଲଚାଲ ରହିବ ନାହିଁ। ଏହି ଶ୍ରମିକ ବିରୋଧୀ ଶ୍ରମ କୋଡକୁ କେନ୍ଦ୍ର ସରକାର ତୁରନ୍ତ ପ୍ରତ୍ୟାହାର କରିବାକୁ ଉପସ୍ଥିତ ଶ୍ରମିକ ନେତୃମଣ୍ଡଳୀ ଦାବି କରିବା ସହ କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବନ୍ଦର ଅଧ୍ୟକ୍ଷଙ୍କ ମାଧ୍ୟମରେ ପ୍ରଦାନ କରିଥିଲେ।

# ଜଗତସିଂହପୁର ଜିଲ୍ଲାର ୭ ଜଣଙ୍କୁ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର

ଜଗତସିଂହପୁର,୨୭।୧୧(ସମିସ): ୨୦୨୩, ୨୦୨୪ ଓ ୨୦୨୫ ବର୍ଷ ପାଇଁ ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ପକ୍ଷରୁ ସମ୍ମାନଜନକ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଛି। ଗତକାଲି ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉତ୍ସବରେ ଜଗତସିଂହପୁର ଜିଲ୍ଲାର ୭ ଜଣ କଳାକାରଙ୍କୁ ଏକାଡ଼େମୀ ସମ୍ମାନ ପ୍ରଦାନ କରାଯାଇଛି। ସଂଗୀତ ନିର୍ଦ୍ଦେଶକ ଓମ୍‌ପ୍ରକାଶ ମହାନ୍ତି ଓ ସଂଗୀତ ନିର୍ଦ୍ଦେଶକ କୃପାସିନ୍ଧୁ ବେହେରାଙ୍କୁ ଯଥାକ୍ରମେ ୨୦୨୩ ଓ ୨୦୨୫, ସୁଗମ ସଂଗୀତ ୨୦୨୪ ପାଇଁ ବିଷ୍ଣୁ ଚରଣ ନାୟକ, ହିନ୍ଦୁସ୍ଥାନୀ କଣ୍ଠ ସଂଗୀତ ୨୦୨୪ ପାଇଁ ଗୁରୁ କରୁଣାକର ନାୟକ, ଘୋଡାନାଚ ୨୦୨୫ ପାଇଁ ହେମନ୍ତ ରାଉତ ଓ ପାଇକ ଆଖଡା ୨୦୨୫ ପାଇଁ ଗୋଲେଖ ଜୟସିଂ ଓ ଓଡ଼ିଶୀ ନୃତ୍ୟ ୨୦୨୪ ପାଇଁ ପୁଷ୍ପିତା ମିଶ୍ରଙ୍କୁ ଏକାଡେମୀ ସମ୍ମାନରେ ସମ୍ମାନିତ କରାଯାଇଥିବା ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।















# ବାଇକ ଧକ୍କାରେ ସାଇକଲ ଆରୋହୀ ମୃତ

**କାମାକ୍ଷାନଗର, ୨୭ ।୧୧(ସମିସ):** ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା କଙ୍ଗେଇଲ ଛକରେ ଗୁରୁବାର ସକାଳେ ବାଇକ ଧକ୍କାରେ ଗଙ୍ଗେଇଲ ଗ୍ରାମର ଅଙ୍କୁର ଚରଣ ଖୁଣ୍ଟିଆ (୭୦ବର୍ଷ)ଙ୍କ ମୃତ୍ୟୁ ହୋଇଛି । ଅଙ୍କୁର ଧାନ କାଟିବା ପାଇଁ ମୂଲିଆ ବୁଝିବାକୁ ସାଇକଲ ଯୋଗେ ପିପଳା ଗ୍ରାମକୁ ଯାଉଥିବାବେଳେ ମହୁଲପାଳ ଜିରାଳ ରାସ୍ତାର କଙ୍ଗେଇଲ ଛକରେ ଏକ ବାଇକ ତାଙ୍କୁ ଧକ୍କା ଦେଇଥିଲା । ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# କ୍ରସର ଦୁର୍ଘଟଣାରେ ଶ୍ରମିକ ମୃତ

## ● ଘଟଣାକୁ ଅନ୍ୟରୂପ ଦେବାକୁ ଉଦ୍ୟମ

**ହିନ୍ଦୋଳ, ୨୭ ।୧୧(ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ଓଡ଼ାପଡ଼ା ବ୍ଲକ ମୋଟଙ୍ଗା ଥାନା ରାଣୀବଣିଆ ଗ୍ରାମ ନିକଟ ଏକ କ୍ରସରରେ ଦୁଇଦିନ ତଳେ ଦୁର୍ଘଟଣା ଘଟି ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା । ମୃତକ ହେଲେ କେନ୍ଦୁଝର ଜିଲ୍ଲା ବାଂଶପାଳ ଅଞ୍ଚଳର ଗଣେଶ ମୁଣ୍ଡା (୨୫) । ଗଣେଶ କ୍ରସରେ କାର୍ଯ୍ୟ କରୁଥିବା ସମୟରେ କ୍ରସର ବେଲଟରେ ହାତ ଚାପିହୋଇ ଟାଣି ନେଇ ଫୋପାଡ଼ି ଦେବାରୁ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଢେଙ୍କାନାଳ ଡାକ୍ତରଖାନା ନିଆଯାଇଛି । ତେବେ ଗଣେଶଙ୍କ ମୃତ୍ୟୁକୁ ଅନ୍ୟ ରୂପ ଦେବାକୁ ଉଦ୍ୟମ ହେଉଥିବା ଜଣାପଡ଼ିଛି । ଢେଙ୍କାନାଳ ଏସ୍‌ପି ତଦନ୍ତର ତଦାରଖ କଲେ ମୃତକଙ୍କ ପରିବାର ଲୋକେ ନ୍ୟାୟ ପାଇପାରିବ ବୋଲି ଆଲୋଚନା ହେଉଛି ।

# ବସନ୍ତପୁରରେ କୁରାଳ ପଞ୍ଚମୀ ପୂଜା



**କଙ୍କଡ଼ାହାଡ଼, ୨୭ ।୧୧(ସମିସ):** ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ବସନ୍ତପୁର କୋଠଘରେ କୁରାଳ ପଞ୍ଚମୀ ପୂଜା ମହୋତ୍ସବ ଅନୁଷ୍ଠିତ ହୋଇଛି । ପ୍ରାତଃରୁ କଳସ ପୂଜା, ମଣ୍ଡଳ ପୂଜା, ଅଖଣ୍ଡ ଦୀପ ସ୍ଥାପନ ସହ ଭଗବାନ ବିଷ୍ଣୁ ନାରାୟଣଙ୍କ ଷୋଡ଼ଶ ଉପଚାର ପୂଜା, ହୋମ ଓ ବିଭିନ୍ନ ଭୋଗ ଲାଗି କରାଯାଇଥିଲା । ସନ୍ଧ୍ୟାରେ ଭଜନକୀର୍ତ୍ତନ ଚାଲିଥିଲା । କାର୍ଯ୍ୟକ୍ରମରେ ସଭାପତି ହରିହର ବେହେରା, କର୍ତ୍ତା ପଞ୍ଚାନନ ରାଉଳ, ପୂଜକ ଉଦୟ ପାଣି, ସମ୍ପାଦକ ସନାତନ ରଣା, ମୋହନ ରଣା, ଦନାର୍ଦ୍ଦନ ବେହେରା, ପ୍ରଭାତ ବେହେରା, ନରହରି ବେହେରା, ରଞ୍ଜନ ବେହେରା, ବିପିନ ରାଉଳ, ପଞ୍ଚାନନ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

# ସିଦ୍ଧ ବଳରାମଜୀଉଙ୍କ ଓଢ଼ଣ ଷଷ୍ଠୀ ନୀତି

**ଢେଙ୍କାନାଳ, ୨୭ ।୧୧(ସମିସ):** ସ୍ଥାନୀୟ କୈବଲ୍ୟବଜାରସ୍ଥିତ ସିଦ୍ଧ ବଳରାମଜୀଉଙ୍କ ମନ୍ଦିରରେ ମାର୍ଗଶିର ମାସର ଓଢ଼ଣ ପାର୍ବଣ ଷଷ୍ଠୀ ନୀତି ଅନୁଷ୍ଠିତ



ହୋଇଛି । ବଳରାମ, ସୁଭଦ୍ରା, କୃଷ୍ଣ, ରୁକ୍ମଣୀ, ମଦନ ମୋହନଙ୍କ ସମେତ ସମସ୍ତ ଠାକୁରଙ୍କୁ ଘୋଡ଼ଲାଗି କରାଯାଇଥିଲା । ସନ୍ଧ୍ୟା ଆଳତି ଓ ରାତ୍ରଧୂପ ପରେ ଖମ୍ବଆଳୁରେ ଗୁଡ଼ ଲାଗି ଭୋଗ କରାଯାଇଥିଲା । ବସନ୍ତ ପଞ୍ଚମୀ ଦିନ ଆରିସା ପିଠା ଭୋଗ ଲାଗି ହୋଇ ଓଲାଗି ହେବ । ପୂଜକ ମଳୟ କର, ମନସୁମନ ମିଶ୍ର, ପାଳିଆ ସେବକ ଶମ୍ଭୁନାଥ ମହାପାତ୍ର, ବ୍ରଜମୋହନ ମହାପାତ୍ର, କାହାଳିଆ ଟିକନ ବେହେରା ଓ ମନ୍ଦିର ଜିମାଦାର ଶ୍ୟାମସୁନ୍ଦର ପାଣିଗ୍ରାହୀଙ୍କ ଉପସ୍ଥିତିରେ ସମସ୍ତ ନୀତି ହୋଇଥଲା ।

# ହାଇସ୍କୁଲ କ୍ରିକେଟର ଚୟନ ପ୍ରତିଯୋଗତା



**ଗଁଦିଆ, ୨୭ ।୧୧(ସମିସ):** ଢେଙ୍କାନାଳ ଶିକ୍ଷା ଜିଲ୍ଲା ଖଙ୍କିରା ଉଚ୍ଚବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ହାଇସ୍କୁଲ କ୍ରିକେଟର ଚୟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଏଥିରେ ୬ଟି ଉଚ୍ଚ ବିଦ୍ୟାଳୟରୁ ଛାତ୍ରମାନେ ଭାଗନେଇଥିଲେ । ଲାଉଲଇ ଉଚ୍ଚ ବିଦ୍ୟାଳୟ, ପିଙ୍ଗୁଆ ଉଚ୍ଚ ବିଦ୍ୟାଳୟ, ଖଙ୍କିରା ଉଚ୍ଚ ବିଦ୍ୟାଳୟ ଓ ନିହଲପ୍ରସାଦ ଉଚ୍ଚ ବିଦ୍ୟାଳୟରୁ ୧୧ଜଣ ପିଲାଙ୍କୁ ବ୍ଲକସ୍ତରୀୟ କ୍ରିକେଟ ଖେଳ ପାଇଁ ଚୟନ କରାଯାଇଛି ।

# ସଞ୍ଜୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

**ଢେଙ୍କାନାଳ, ୨୭ ।୧୧(ସମିସ)**



ସଞ୍ଜୁକ୍ତ କିଷାନ ମୋର୍ଚ୍ଚା ଓ ଶ୍ରମିକ ସଂଗଠନଗୁଡ଼ିକର ମିଳିତ ମଞ୍ଚ ତରଫରୁ ଗୁରୁବାର ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ୪ଟି ଶ୍ରମ କୋଡ୍ ରଦ୍ଦ କରିବା, ସର୍ବନିମ୍ନ ମଜୁରି ଅଧିକାରର ସୁରକ୍ଷା, ପ୍ରାକୃତିକ ସମ୍ପଦ ଉପରେ ଆଦିବାସୀଙ୍କ ଅଧିକାର ସୁରକ୍ଷା ପାଇଁ ଅଧିକାର ଆଇନ ଏଫଆରଏ, ପଞ୍ଚାୟତ ଅନୁସୂଚୀତ କ୍ଷେତ୍ର ପର୍ଯ୍ୟନ୍ତ ବିସ୍ତାର ଅଧିନିୟମ, ପିଇଏସଏସ ୧୯୯୬କୁ କଡ଼ାକଡ଼ି ଲାଗୁ କରିବା, ଜମି, ଜଙ୍ଗଲ, ଜଳ ଏବଂ ଖଣିଜ ପଦାର୍ଥର କୌଣସି କର୍ପୋରେଟ ଅଧିଗ୍ରହଣ ନ କରିବା, କର୍ପୋରେଟଙ୍କ ଦ୍ୱାରା ଖଣିଖନନ ଓ ତତ୍‌ସଂକ୍ରାନ୍ତ ବ୍ୟବସାୟକୁ ସମାପ୍ତ କରିବାକୁ ଆଇନ ପ୍ରଣୟନ, ଖଣିଖନନ ଓ ତତସଂକ୍ରାନ୍ତ ବ୍ୟବସାୟରୁ ମିଳୁଥିବା ଲାଭର ୬୦ ପ୍ରତିଶତ ଖଣି ଅଞ୍ଚଳର ସ୍ଥାନୀୟ ଲୋକଙ୍କ କଲ୍ୟାଣମୂଳକ କାର୍ଯ୍ୟରେ ଖର୍ଚ୍ଚ କରିବା, ଆଦିବାସୀ ପରିବାରଗୁଡ଼ିକୁ ଅଗ୍ରାଧିକାର ଦେବା, କର୍ପୋରେଟ ସପକ୍ଷବାଦୀ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଭଳି ବିଫଳ ଯୋଜନାକୁ ଉଚ୍ଛେଦ, ଏଲଆଇସିର ସଫଳ ମଡେଲ ପରି ରାଜ୍ୟ ସରକାରଙ୍କ ସହଯୋଗରେ ଫସଲ ଏବଂ ପଶୁସମ୍ପଦ ପାଇଁ ରାଷ୍ଟ୍ରାୟତ୍ତ କ୍ଷେତ୍ରରେ ବୀମା ନିଗମ ଗଠନ, କେନ୍ଦ୍ର ବଜେଟରୁ କାଟି ଦିଆଯାଇଥିବା ୮୭ ହଜାର କୋଟି ଟଙ୍କାର ସାର ସବସିଡିକୁ ପୁଣି କାର୍ଯ୍ୟକାରୀ କରିବା, ସାର କଳାବଜାରୀ ବନ୍ଦ ଏବଂ ସାର ଉତ୍ପାଦନରେ ଆତ୍ମନିର୍ଭରଶୀଳତା ସୁନିଶ୍ଚିତ କରିବା, ସମଗ୍ର ଚାଷଜମି ପାଇଁ ଜଳ ଅଧିକାର ସୁନିଶ୍ଚିତ କରିବା, କୃଷକ ଏବଂ କୃଷି ଶ୍ରମିକମାନଙ୍କୁ ମାସକୁ ୧୦, ୦୦୦ ଟଙ୍କା ପେନସନ ପ୍ରଦାନ, ରାଜ୍ୟ କୃଷି ବିଭାଗ ଅଧୀନରେ ଭାଗଚାଷୀଙ୍କୁ ପଞ୍ଜୀକୃତ କରିବା, ଋଣ ପ୍ରଦାନ, କୃଷି ସମ୍ପ୍ରସାରଣ ଏବଂ କ୍ଷତିପୂରଣ ସହିତ ସରକାରୀ ଯୋଜନାର ସମସ୍ତ ଲାଭ ଭାଗଚାଷୀଙ୍କୁ ପ୍ରଦାନ, ସମସ୍ତ ଭୂମିହୀନ ପରିବାରକୁ ଚାଷ ପାଇଁ ଜମି, ସମସ୍ତ ବାସହୀନ ପରିବାରକୁ ଘର ଯୋଗାଇଦେବା, ସେସ ଏବଂ ସରଚାର୍ଜ ସମେତ ବିଭାଜନକାରୀ ପୁଲର ୬୦ ପ୍ରତିଶତ ରାଜ୍ୟମାନଙ୍କୁ ଅଂଶଧନ ଭାବେ ଦେଇ ରାଜ୍ୟଗୁଡ଼ିକର ସଂଘୀୟ ଅଧିକାର ସୁରକ୍ଷା ସୁନିଶ୍ଚିତ କରିବା, ରାଜ୍ୟଗୁଡ଼ିକର ଟିକସ କ୍ଷମତାକୁ ପୁନଃ ସ୍ଥାପିତ କରିବା ପାଇଁ ଜିଏସଟି ଆଇନରେ ସଂଶୋଧନ, ସୋନମ ୱାଙ୍ଗଚୁକ ଏବଂ ଅନ୍ୟ ବିକ୍ଷୋଭକାରୀଙ୍କୁ ତୁରନ୍ତ ନିସର୍ତ୍ତରେ ଖଲାସ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଦାବିପତ୍ର ପ୍ରଦାନ ସମୟରେ ସିଆଇଟିୟୁର ସର୍ବଜ୍ଞ ସାହୁ, ଏଆଇଟିସିୟୁର ରବି ରଥ, ଏଆଇସିସିଟିୟୁର ଶ୍ରୀନିବାସ ସାହୁ, ସିପିଏଫର ସ୍ୱରୂପାନନ୍ଦ ଦାସ, ଏଚଏମଏସର ବାବୁଲି ସିଂ, ଟିୟୁସିସିର କମଳା ସାହୁ, ଆଇଏନଟିୟୁସିର ଛବିରାଜ ବିଶ୍ୱାଳ, ବିକେଏମୟୁର ପ୍ରଫୁଲ୍ଲ କୁମାର ନାୟକ, କିଷାନ କଂଗ୍ରେସର ବିପ୍ରବର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଏକଦିବସୀୟ ସଂସ୍କୃତ ଉନ୍ମୁଖୀ କାର୍ଯ୍ୟକ୍ରମ




**ଢେଙ୍କାନାଳ, ୨୭ ।୧୧(ସମିସ):** ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସର ପଠନ ସଭାଗୃହରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରୋତ୍ସାହନରେ ସଂସ୍କୃତ ଅଧ୍ୟୟନ କେନ୍ଦ୍ର ପକ୍ଷରୁ ଏକଦିବସୀୟ ସଂସ୍କୃତ ଉନ୍ମୁଖୀ କାର୍ଯ୍ୟକ୍ରମ ଉଦଯାପିତ ହୋଇଛି । ସଂସ୍କୃତ ବିଭାଗ ମୁଖ୍ୟ ବିକାଶ ରଞ୍ଜନ ରଣାଙ୍କ ଆବାହକତ୍ୱ ତଥା ସଂସ୍କୃତ ସମ୍ଭାଷଣ ଶିକ୍ଷକ ଅରିନ୍ଦମ ପାରୁଇଙ୍କ ତତ୍ତ୍ୱାବଧାନରେ ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳଙ୍କ ପୌରୋହିତ୍ୟରେ ଦେବସ୍ମିତା ପାଲୌରଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା । ପୁରୀ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଡ. ରମାକାନ୍ତ ସା ମୁଖ୍ୟଅତିଥି ଭାବେ ଯୋଗଦେଇ ଭାରତୀୟ ଜ୍ଞାନ ପରମ୍ପରାରେ ସଂସ୍କୃତ ଭାଷାର ମହତ୍ତ୍ୱ ପ୍ରସଙ୍ଗରେ ଆଲୋଚନା କରିଥିଲେ । ନିଯୁକ୍ତି କ୍ଷେତ୍ରରେ ସଂସ୍କୃତ ଭାଷା ପ୍ରମୁଖ ଭୂମିକା ନିର୍ବାହ କରୁଛି ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ମୁଖ୍ୟବକ୍ତା ଭାବେ ସଂସ୍କୃତ ଭାରତୀ ପୂର୍ବ ଉତ୍କଳ ମନ୍ତ୍ରୀ ପଣ୍ଡିତ ନୃସିଂହ ଚରଣ ପଣ୍ଡା ଯୋଗଦେଇ ସଂସ୍କୃତ ଭାଷା ସମସ୍ତ ଜ୍ଞାନ ବିଜ୍ଞାନର ଭିତ୍ତିଭୂମି ଓ ଏହାର ପରିବ୍ୟାପ୍ତତା ସୁଦୂରପ୍ରସାରୀ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଡ. ସୁରେନ୍ଦ୍ର ନାଥ ଷଡ଼ଙ୍ଗୀ, ପ୍ରାଧ୍ୟାପକ ଡ. ନିର୍ମଳ ସୁନ୍ଦର ମିଶ୍ର, ପ୍ରଶାସନିକ ଅଧିକାରୀ ଡ. ବିଭୁଦତ୍ତ ଦାଶ, ପରୀକ୍ଷା ନିୟନ୍ତ୍ରକ ଡ. ସଞ୍ଜିତ କୁମାର ମହାପାତ୍ର, ଅମ୍ବିକା ପ୍ରସାଦ ରଥ, ଶିକ୍ଷାବିତ ଡ. ଦେବୀପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇଥିଲେ ।

ପ୍ରାରମ୍ଭରେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷ ସଂସ୍କୃତ ଅଧ୍ୟୟନ କେନ୍ଦ୍ର ଉଦଘାଟନ କରିଥିଲେ । ସଂସ୍କୃତ ବିଭାଗ ମୁଖ୍ୟ ବିକାଶ ରଞ୍ଜନ ରଣା ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି କେନ୍ଦ୍ରଦ୍ୱାରା ଶିକ୍ଷାପ୍ରାପ୍ତ ପ୍ରାକ୍ତନ ଛାତ୍ରୀଛାତ୍ର ଜଗବନ୍ଧୁ ସାହୁ, ଜ୍ଞାନରଞ୍ଜନ ସାହୁ, ବିଭୁପ୍ରସାଦ ପାଣି ପ୍ରମୁଖ ନିଜ ସଫଳତାର ବର୍ଣ୍ଣନା କରିଥିଲେ । ସଂସ୍କୃତ ବିଭାଗ ଅଧ୍ୟାପିକା ଡ. ଚିନ୍ମୟୀ ମିଶ୍ର, କାଦମ୍ବିନୀ ରାଉଳ, ଦୀପାଞ୍ଜଳି ସେଠୀ, ଛାତ୍ରୀ ଶୁଭସ୍ମିତା ପତି, ଦୀପ୍ତିପ୍ରଭା ସାହୁ ପ୍ରମୁଖ ସହଯୋଗ କରିଥିଲେ । ବିଭାଗର ଅତିଥି ଅଧ୍ୟାପକ ଜଗବନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ● ଡିଆଇଇଟିରେ ଜାତୀୟ ସମ୍ବିଧାନ ଦିବସ

# 'ସମ୍ବିଧାନ ନାଗରିକର ରକ୍ଷା କବଚ'




**ଢେଙ୍କାନାଳ, ୨୭ ।୧୧(ସମିସ):** ସ୍ଥାନୀୟ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡିଆଇଇଟି)ରେ ଜାତୀୟ ସମ୍ବିଧାନ ଦିବସ ପାଳିତ ହୋଇଛି । ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ସ୍ନେହଲତା ରାଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଭାରତୀୟ ସମ୍ବିଧାନର ବୈଶିଷ୍ଟ୍ୟ, ରୂପରେଖ ଓ ଏଥିରେ ଥିବା ପ୍ରାବଧାନ ଉପରେ ଶିକ୍ଷକ ପ୍ରଶିକ୍ଷିକା ସ୍ୱାଗତିକା ସ୍ୱାଇଁ, ବିଦ୍ୟୁତପ୍ରଭା ଶତପଥୀ ବକ୍ତବ୍ୟ ରଖିଥିଲେ । ଛାତ୍ର ପ୍ରତିନିଧି ଶୁଭଲକ୍ଷ୍ମୀ ନାୟକ, ସୌମ୍ୟାକାନ୍ତି ବେହେରା, ଆଶାୟୀ ମୁଣ୍ଡା, ସ୍ନିଗ୍ଧା ସୁଚରିତା ବାରିକ, ଯଜ୍ଞପ୍ରସାଦ ଶତପଥୀ, ବିଶ୍ୱଜିତ ମହାପାତ୍ର, ପ୍ରିୟଙ୍କା ତରାଇ, ସ୍ନେହରୂପା କର, ମାତୃପ୍ରସାଦ ଦେହୁରୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ବିଶ୍ୱର ସର୍ବ ବୃହତ ସମ୍ବିଧାନ ଭାବେ ଭାରତୀୟ ସମ୍ବିଧାନ ଅନନ୍ୟ ଓ ଏହା ଭାରତୀୟ ନାଗରିକଙ୍କ ରକ୍ଷାକବଚ ବୋଲି ସଭାପତି ରାଜ ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ସମ୍ବିଧାନ ପ୍ରଣେତା ଡ. ଭୀମରାଓ ଆମ୍ବେଦକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ଅନ୍ୟତମ ପ୍ରଶିକ୍ଷିକା କଲ୍ୟାଣୀ ସାହୁ ଭାରତୀୟ ସମ୍ବିଧାନ ପ୍ରସ୍ତାବନାର ଶପଥପାଠ କରାଇଥିଲେ । ପ୍ରାକସେବା ଶିକ୍ଷକ ଶିକ୍ଷା ବିଭାଗୀୟ ମୁଖ୍ୟ ପ୍ରଶିକ୍ଷିକା ସୁଦୀପ୍ତା ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୁରୁଛାତ୍ର ସୂର୍ଯ୍ୟକାନ୍ତ ବେହେରା ସଭା ସଂଯୋଜନା କରିଥିବା ବେଳେ ସସ୍ମିତା ଖଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଓପିଏସ ମହାବିଦ୍ୟାଳୟରେ ଶୂନ୍ୟ ମୃତାହତ ପକ୍ଷ



**ଖଜୁରିଆକଟା, ୨୭ ।୧୧(ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳରୋଡ୍‌ସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଢେଙ୍କାନାଳ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଦ୍ୱାରା ଶୂନ୍ୟ ମୃତାହତ ପକ୍ଷ ପାଳିତ ହୋଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀ ସାର୍ଥକ ଦତ୍ତ ଯୋଗଦେଇ ଯୁବଶକ୍ତି ସଚେତନ ହେଲେ ସଡ଼କ ଦୁର୍ଘଟଣା ରୋକାଯାଇପାରିବ ବୋଲି କହିଥିଲେ । ଗାଡ଼ି ଚଳାଇବା ସମୟରେ କେଉଁ କେଉଁ ସତର୍କତା ଅବଲମ୍ବନ କରିବା ଦରକାର ସେ ସମ୍ପର୍କରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ବରିଷ୍ଠ ସହାୟକ ରାକେଶ ରଞ୍ଜନ ସାହୁ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ । ଅଧ୍ୟାପକ ଡ. ବଳରାମ ପୃଷ୍ଟି ଓ କ୍ୟାପଟେନ ଅକ୍ଷୟ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ପ୍ରାଧ୍ୟାପକ ଗୁରୁ ଚରଣ ରାଉତରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅଧ୍ୟାପକ ମଙ୍ଗରାଜ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ହିନ୍ଦୋଳରେ ଆଇନ ସଚେତନତା ଶିବିର

**ଖଜୁରିଆକଟା, ୨୭ ।୧୧(ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ହିନ୍ଦୋଳ ଥାନା ବାଉଁଶ ପୋଖରୀ ପଞ୍ଚାୟତ ନୂଆକୋଟ ଗ୍ରାମରେ ଆଇନ ସଚେତନ ଶିବିର ଏବଂ ସମ୍ବିଧାନ ଦିବସ ସଭା ଅନୁଷ୍ଠିତ



ହୋଇଛି । ହିନ୍ଦୋଳ ଥାନା ଅଧିକାରିଣୀ ମମତା ସାମନ୍ତରାୟ, ଇନ୍ସପେକ୍ଟର ମାନିନୀ ପ୍ରଧାନ, ଏଏସଆଇ ଯଶୋବନ୍ତ ପ୍ରଧାନଙ୍କ ସମେତ ଥାନା କର୍ମଚାରୀ ଯୋଗଦେଇ ଆଇନ ସମ୍ବନ୍ଧରେ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ । ଏଥିସହ ବାଲ୍ୟ ବିବାହ, ଶିଶୁଶ୍ରମିକ, ସାଇବର ଠକେଇ, ନିଶା ନିବାରଣ, ୧୮ ବର୍ଷରୁ କମ୍ ବୟସ୍କ ନାବାଳକ ଗାଡ଼ି ଚାଳନା ନ କରିବା ଆଦି ସମ୍ପର୍କରେ ସଚେତନ କରାଇଥିଲେ । ନୂଆକୋଟ ଗ୍ରାମ ସଭାପତି ଭରତ ପ୍ରଧାନ, ସମାଜସେବୀ ଦୁଃଶାସନ ନାଏକ ଓ ଗ୍ରାମବାସୀ ଯୋଗଦେଇଥିଲେ ।

# କଂଗ୍ରେସ ତରଫରୁ ସମ୍ବିଧାନ ବଞ୍ଚାଅ ପଦଯାତ୍ରା




**ଢେଙ୍କାନାଳ, ୨୭ ।୧୧(ସମିସ):** ସ୍ଥାନୀୟ ଗାନ୍ଧୀ ମନ୍ଦିରଠାରେ ଜିଲ୍ଲା କଂଗ୍ରେସ ସଭାପତି ଛବିରାଜ ବିଶ୍ୱାଳଙ୍କ ନେତୃତ୍ୱରେ ସମ୍ବିଧାନ ଦିବସ ପାଳିତ ହୋଇଛି । ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଏବଂ ବାବାସାହେବ ଆମ୍ବେଦକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରି ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଭାରତୀୟ ସମ୍ବିଧାନର ମୁଖବନ୍ଧ ଉପରେ ନେତାଗଣ ଆଲୋକପାତ କରିବା ସହିତ ବର୍ତ୍ତମାନ କେନ୍ଦ୍ରରେ ଥିବା ଦକ୍ଷିଣପନ୍ଥୀ ମୋଦୀ ସରକାର କିପରି ସମ୍ବିଧାନର ମୂଳମନ୍ତ୍ରକୁ ଅବମାନନା କରୁଛନ୍ତି ସେ ବିଷୟରେ ଆଲୋଚନା କରିଥିଲେ । ସେହିପରି ମୋଦୀ ସରକାର କିପରି ଭାରତୀୟ ନିର୍ବାଚନ ଆୟୋଗକୁ ନିଜ ନିୟନ୍ତ୍ରଣରେ ରଖିଛି, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଏବଂ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ଭଳି ତଦନ୍ତକାରୀ ସଂସ୍ଥାଗୁଡ଼ିକୁ ବିରୋଧୀ ନେତାଙ୍କ ବିରୋଧରେ ରାଜନୈତିକ ପ୍ରତିଶୋଧ ନେବା ପାଇଁ ଅସ୍ତ୍ର ଭାବେ ବ୍ୟବହାର କରୁଛି, ନ୍ୟାୟପାଳିକାକୁ ପ୍ରଭାବିତ କରିବା ପାଇଁ କଲେଜିୟମ୍ ବ୍ୟବସ୍ଥା ଦ୍ୱାରା ସୁପାରିସ କରାଯାଇଥିବା ବିଚାରପତିଙ୍କ ନିଯୁକ୍ତିକୁ ବିଳମ୍ବ କରୁଛି ସେ ସମ୍ପର୍କରେ ଆଲୋଚନା କରିଥିଲେ । ପରେ ଶତାଧିକ କଂଗ୍ରେସ ନେତା ଓ କର୍ମୀ ସମ୍ବିଧାନ ବଞ୍ଚାଅ ଶୋଭାଯାତ୍ରାରେ ଯାଇ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ।

## ଟାଟା ପାୱାରର ମନମାନିକୁ ବିରୋଧ

# କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିଶାଳ ଶୋଭାଯାତ୍ରା

**ଢେଙ୍କାନାଳ, ୨୭ ।୧୧(ସମିସ)**




ଢେଙ୍କାନାଳ ଜିଲ୍ଲାରେ ଟାଟା ପାୱାରର ମନମୁଖି କାର୍ଯ୍ୟ ଏବଂ ବିଦ୍ୟୁତ ଯୋଗାଣରେ ସର୍ବନିମ୍ନ ନିୟମାବଳୀ ପାଳନ ନ କରି ସ୍ମାର୍ଟ ମିଟର ଲଗାଇ ଉପଭୋକ୍ତାଙ୍କୁ ଶୋଷଣ ପ୍ରତିବାଦରେ ବିଦ୍ୟୁତ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି ତରଫରୁ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ମୁଖ୍ୟମନ୍ତ୍ରୀ ଏବଂ ଜିଲ୍ଲାପାଳଙ୍କୁ ଏ ନେଇ ଦାବିପତ୍ର ପ୍ରଦାନ କରାଯାଇଛି ।

ଢେଙ୍କାନାଳ ଜିଲ୍ଲାରେ ଟିପିସିଓଡିଏଲ ତରଫରୁ ସ୍ମାର୍ଟ ମିଟର ଲଗାଇବାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ପ୍ରଥମେ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ନ କରିବା, ଉପଯୁକ୍ତ ଭୋଲଟେଜ ବ୍ୟବସ୍ଥା, ଆର୍ଥି ବ୍ୟବସ୍ଥା ସହିତ ବିଦ୍ୟୁତ ଯୋଗାଣ ଠିକ ନ କରିବା ଦ୍ୱାରା ଉପଭୋକ୍ତାମାନେ ଶୋଷଣର ଶିକାର ହେଉଛନ୍ତି । ଏହାର ପ୍ରତିବାଦରେ ବିଦ୍ୟୁତ ଉପଭୋକ୍ତା କମିଟି ଗଠନ କରାଯାଇଛି । ଏହି କମିଟିରେ ଜିଲ୍ଲା ବାର ଆସୋସିଏସନ, ସାମ୍ବାଦିକ ସଙ୍ଘ, ବିଭିନ୍ନ ରାଜନୈତିକ ଦଳ, ଚାମ୍ବର ଅଫ କମର୍ସ, ବସ ଓ ଟ୍ରକ ମାଲିକ ସଂଘ ସମେତ ବିଭିନ୍ନ ସଙ୍ଗଠନ ସାମିଲ ହୋଇଛନ୍ତି । ଗୁରୁବାର କମିଟିର ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । କ୍ରିୟାନୁଷ୍ଠାନ କମିଟିର ଶତାଧିକ କର୍ମକର୍ତ୍ତା

**ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ ଦାବିପତ୍ର**

ଓ ଜନସାଧାରଣ ବାର ଆସୋସିଏସନ କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ସେଠାରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଦାବିପତ୍ର ପ୍ରଦାନ କରାଯାଇଥିଲା ।

# ବରିଷ୍ଠ ନାଗରିକ ମଞ୍ଚ କର୍ମକର୍ତ୍ତା ନିର୍ବାଚିତ

**ଗଁଦିଆ, ୨୭ ।୧୧(ସମିସ):** ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ବରିଷ୍ଠ ନାଗରିକ ମଞ୍ଚର ବୈଠକ ପୋରୁହଖୋଜ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ଅବସରପ୍ରାପ୍ତ ବିଚାରପତି ଭିକାରୀ ଚରଣ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ବୈଠକରେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସାହୁଙ୍କ ସହ ବିଭିନ୍ନ ଅଞ୍ଚଳରୁ ବହୁ ବରିଷ୍ଠ ନାଗରିକ ଯୋଗଦେଇଥିଲେ । ଦିବଙ୍ଗତ ବରିଷ୍ଠ ନାଗରିକ ଅନନ୍ତ ଚରଣ ଶତପଥୀ, ମୁରଲୀଧର ରାଉତ, ରାଜକିଶୋର ରାଉତଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇ



ବୈଠକ ଆରମ୍ଭ ହୋଇଥିଲା । ଏହି ଅବସରରେ ସଂଘର କର୍ମକର୍ତ୍ତା ନିର୍ବାଚନ ହୋଇଥିଲା । ସଭାପତି ଭାବେ ବିଜୟ କୁମାର ସାମନ୍ତ, କାର୍ଯ୍ୟକାରୀ ସଭାପତି ପ୍ରକୃତିବନ୍ଧୁ ହରିହର ସାହୁ, ଉପସଭାପତି ପୀତବାସ ରାଉତ, ଡମ୍ବରୁଧର ସେଠୀ, ଗୋପାଳ ଚନ୍ଦ୍ର ରାଉତ, ଶରତ ଚନ୍ଦ୍ର ରାଉତ, ସାଧାରଣ ସମ୍ପାଦକ ରାଘବ ଚନ୍ଦ୍ର ମହାରଣା, ସହସମ୍ପାଦକ ରଞ୍ଜନ କୁମାର ନାୟକ, ଅନନ୍ତ ନାରାୟଣ ଶତପଥୀ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ସ୍ୱାଇଁ ସମୀକ୍ଷକ ଉପେନ୍ଦ୍ର କୁମାର ରାଉତ, ସଂଗଠନ ସମ୍ପାଦକ ଶ୍ରୀକାନ୍ତ କୁମାର ଭୂତିଆ, ପ୍ରବକ୍ତା ଯୁଧିଷ୍ଠିର ମହାନ୍ତି, ହୃଦାନନ୍ଦ ପ୍ରଧାନ, କାର୍ଯ୍ୟକାରିଣୀ ସଦସ୍ୟ ଭାବେ ନଟବର ଗୁରୁ, ଗଣେଶ୍ୱର ପ୍ରଧାନ, ଦୁର୍ଲଭ ରାଉତଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଛି । ସେହିପରି ଉପଦେଷ୍ଟା ଭାବେ ଭିକାରୀ ଚରଣ ରାଉତ, ବିଚିତ୍ରାନନ୍ଦ ମହାନ୍ତି, ଦଣ୍ଡଧର ସାହୁ, ବିଶ୍ୱନାଥ ଜେନା, ବୁଦ୍ଧଦେବ ପ୍ରଧାନ, ମଙ୍ଗୁଳି ଚରଣ ବିଶ୍ୱାଳ, ସୁଧାକର ଦଳାଇ ମନୋନୀତ ହୋଇଛନ୍ତି । ସଭାପତି, କାର୍ଯ୍ୟକାରୀ ସଭାପତି, ସାଧାରଣ ସମ୍ପାଦକ, ସଂଗଠନ ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କୁ ନେଇ ଏକ ତ୍ୱରିତ କାର୍ଯ୍ୟକ୍ରମ ସମ୍ପାଦନା ମଣ୍ଡଳୀ ଗଠନ କରାଯାଇଛି ।



ବିଧାନସଭା ଶୀତ ଅଧିବେଶନର ପ୍ରଥମ ଦିନରେ ଉପସ୍ଥିତ ରାଷ୍ଟ୍ରପତିଙ୍କ ଗହଣରେ ବାଚସ୍ପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତା ଏବଂ ପୂର୍ବତନ ଓ ବର୍ତ୍ତମାନର ଜନ ପ୍ରତିନିଧିଗଣ

## ଏମ୍‌କେସିଜି ହସ୍ପିଟାଲ ଇତିହାସରେ ପ୍ରଥମ

# ସଫଳ ହେଲା ଓପନ୍ ହାର୍ଟ ବାଇପାସ୍ ସର୍ଜରୀ

### ନୂତନ ଜୀବନ ପାଇଲେ ଗଞ୍ଜାମର ଶାନ୍ତିଲତା

ବ୍ରହ୍ମପୁର,୨୭।୧୧(ସମିସ): ଏମ୍‌କେସିଜି ମେଡିକାଲର କାର୍ଡିଓ ଥୋରାସିସ୍ ଏବଂ ଭାସ୍କୁଲାର୍ (ସିଟିଭିଏସ୍) ବିଭାଗ ବିରଳ ଅସ୍ତ୍ରୋପଚାର କରି ଚର୍ଚ୍ଚାକୁ ଆସିଥିବା ବେଳେ ଏବେ ଏଥିରେ ଆଉ ଏକ ଅଧ୍ୟାୟ ଯୋଡ଼ି ହୋଇଛି। ଜଣେ ୫୫ ବର୍ଷୀୟ ମହିଳାଙ୍କ ସଫଳ ଓପନହାର୍ଟ ବାଇପାସ୍ ସର୍ଜରୀ କରାଯାଇଛି। ଏମ୍‌କେସିଜି ମେଡ଼ିକାଲରେ ଏଭଳି ବିରଳ ଅସ୍ତ୍ରୋପଚାର ପ୍ରଥମଥର ପାଇଁ ହୋଇଥିବା ବିଭାଗ ମୁଖ୍ୟ ତଥା ଆସୋସିଏଟ୍ ପ୍ରଫେସର୍ ଡା. ସାରଦା ପ୍ରସନ୍ନ ସାହୁ ଦାବି କରିଛନ୍ତି।

ରୋଗୀଙ୍କ କରୋନାରି ଆର୍ଟେରୀ ବାଇପାସ୍ ଗ୍ରାଫ୍ଟିଂ(ସିଏବିଜି) ପଦ୍ଧତିରେ ଏହି ଅସ୍ତ୍ରୋପଚାର କରାଯାଇଥିଲା। ଯେଉଁଥିରେ ହୃତ୍‌ପିଣ୍ଡ କାମ କରୁଥିବା ସମୟରେ ଏହି ଅସ୍ତ୍ରୋପଚାର କରାଯାଇଛି। ଅସ୍ତ୍ରୋପଚାର ପରେ ରୋଗୀ ଶାନ୍ତିଲତା ବର୍ତ୍ତମାନ ଡାକ୍ତରୀ ଟିମର ସ୍ୱତନ୍ତ୍ର ତଦାରଖରେ ଆଇସିୟୁରେ ଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଥିବା ଡା. ସାହୁ କହିଛନ୍ତି।



ସୂଚନାଯୋଗ୍ୟ, ଗଞ୍ଜାମ ଜିଲ୍ଲା କଞ୍ଚୁରୁ ଗ୍ରାମର ଶାନ୍ତିଲତା ନାୟକ(୫୫) କିଛିଦିନ ତଳେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାରଲୋକ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଇଥିଲେ। ପରୀକ୍ଷାନିରୀକ୍ଷା ପରେ ରୋଗୀଙ୍କ ଧମନୀରେ ବ୍ଲକେଜ୍ ଥିବା ଜଣାପଡ଼ିଥିଲା। ହୃତ୍‌ପିଣ୍ଡରେ ଥିବା ୩ଟି ଧମନୀ ମଧ୍ୟରୁ ଗୋଟିଏ ସମ୍ପୂର୍ଣ୍ଣ ବ୍ଲକ୍ ହୋଇ ରକ୍ତ ସଞ୍ଚାଳନର ପ୍ରବାହରେ ବାଧକ ସାଜିଥିଲା। ତେଣୁ, ରୋଗୀଙ୍କୁ ହୃଦ୍‌ଘାତର ଆଶଙ୍କା ଥିଲା। ବିଳମ୍ବ ନକରି ରୋଗୀଙ୍କ ଉତ୍ତମ ଚିକିତ୍ସା ନିମନ୍ତେ ସିଟିଭିଏସ୍ ବିଭାଗକୁ ପଠାଇ ଦିଆଯାଇଥିଲା। ରୋଗୀଙ୍କ ତୁରନ୍ତ ଅସ୍ତ୍ରୋପଚାର କରିବାକୁ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ବିଭାଗୀୟ ମୁଖ୍ୟ ଡା. ସାହୁଙ୍କ ନେତୃତ୍ୱରେ ଆସିଷ୍ଟାଣ୍ଟ ପ୍ରଫେସର ଡା. ବେରିୟନ ସ୍ୱାଇଁ, ଏସଆର ଡା. ପ୍ରଦୀପ୍ତ କୁମାର ସାହୁ, ନିଶ୍ଚେତକ ବିଭାଗର ଆସୋସିଏଟ୍ ପ୍ରଫେସର ଡା. ଏସ୍ ସଞ୍ଜୀବ ପାତ୍ର, ଡା. ଜଗଦୀପ ନାୟକ, ଡା. ନିବେଦିତା ଓ ନର୍ସି ଅଫିସର୍ ପ୍ରମୁଖଙ୍କ ସହଯୋଗରେ ଶାନ୍ତିଲତାଙ୍କ ଅସ୍ତ୍ରୋପଚାର କରାଯାଇଥିଲା। ଏମ୍‌କେସିଜି ମେଡିକାଲରେ ଗତ ୫ମାସ ମଧ୍ୟରେ ୧୦ଟି ଓପନ୍‌ହାର୍ଟ ସର୍ଜରୀ ସଫଳତାର ସହ ଅସ୍ତ୍ରୋପଚାର କରାଯାଇଥିବା ଜଣାଯାଇଛି।

■ ଆରମ୍ଭ ହେଲା ଶୀତ ଅଧିବେଶନ

## ଗୃହରେ ଦିବଂଗତଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୨୭।୧୧(ସମିସ): ସପ୍ତଦଶ ବିଧାନସଭାର ପଞ୍ଚମ ତଥା ଶୀତ ଅଧିବେଶନ ଗୁରବାର ଆରମ୍ଭ ହୋଇଛି। ଗୃହକାର୍ଯ୍ୟ ପ୍ରାରମ୍ଭରେ ଦିବଂଗତ ସଦସ୍ୟମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିବଂଗତ ପୂର୍ବତନ ସଦସ୍ୟ ହେମେନ୍ଦ୍ର ପ୍ରସାଦ ମହାପାତ୍ର, କୃଷ୍ଣଚନ୍ଦ୍ର ମଲ୍ଲିକ ଏବଂ ଓଡ଼ିଶା ପୁଲିସର ପୂର୍ବତନ କନେଷ୍ଟବଲ ସରୋଜ କୁମାର ପ୍ରଧାନଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ କରିଥିଲେ। ପରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ସିପିଆଇଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ଶୋକ ପ୍ରସ୍ତାବକୁ ସମର୍ଥନ କରି ଦିବଂଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶେଷରେ ବାଚସ୍ପତି ସୁରମା ପାଢ଼ୀ ଦିବଂଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଶୋକବ୍ୟକ୍ତ କରିବା ପରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇ ଗୃହକୁ ଅପରାହ୍ନ ୪ଟା ଯାଏଁ ମୁଲତବୀ ରଖାଯାଇଥିଲା। ଏହାପରେ ରାଷ୍ଟ୍ରପତି ଗୃହକୁ ସମ୍ବୋଧନ କରିଥିଲେ।

# ରାଜଭବନରେ ନବନିର୍ମିତ କଳିଙ୍ଗ ଅତିଥି ନିବାସର ଉଦ୍‌ଘାଟନ କଲେ ରାଷ୍ଟ୍ରପତି

ଭୁବନେଶ୍ୱର,୨୭।୧୧(ସମିସ): ଦୁଇ ଦିନିଆ ଗସ୍ତରେ ଓଡ଼ିଶା ଆସିଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ରାଜଭବନ ପରିସରରେ ନବନିର୍ମିତ କଳିଙ୍ଗ ଅତିଥି ନିବାସର ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନ ଉତ୍ସବରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି, ରାଜ୍ୟପାଳଙ୍କ ସହଧର୍ମିଣୀ ଜୟଶ୍ରୀ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ବାଚସ୍ପତି ସୁରମା ପାଢ଼ୀଙ୍କ ସମେତ ଅନ୍ୟାନ୍ୟ ମନ୍ତ୍ରୀ ଏବଂ ଉଚ୍ଚ ପଦାଧିକାରୀମାନେ ଯୋଗ ଦେଇଥିଲେ। ରାଜଭବନର ସବୁଜ ପରିବେଶ ମଧ୍ୟରେ ଅବସ୍ଥିତ କଳିଙ୍ଗ ଅତିଥି ନିବାସରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ପାରମ୍ପରିକ ସ୍ଥାପତ୍ୟର ପ୍ରତିଫଳନ ହୋଇଛି। କଳିଙ୍ଗ ଅତିଥି ନିବାସରେ ବାହ୍ୟ ଏବଂ ଭିତରପାର୍ଶ୍ୱ ଉଭୟ ଶାସ୍ତ୍ରୀୟ ଓଡ଼ିଆ କାରିଗରୀ ଆଧାରିତ ମୋଟିଫ୍, ଭାସ୍କର୍ଯ୍ୟ ଏବଂ ଡିଜାଇନ୍ ପ୍ରଦର୍ଶିତ କରାଯିବା ସହ ପ୍ରତ୍ୟେକ କୋଠରିକୁ ଓଡ଼ିଶାର ପରିଚୟ ଏବଂ ସାଂସ୍କୃତିକ ଐତିହ୍ୟକୁ ପ୍ରତିଫଳିତ କରିବା ପାଇଁ ଚିନ୍ତନଶୀଳ ଭାବେ ଡିଜାଇନ୍ କରାଯାଇଛି। ପୂର୍ବରୁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।



# ଏସସିବିରେ ଓପନ୍ ହାର୍ଟ ସର୍ଜରୀ ମୃତ୍ୟୁହାର ହ୍ରାସ ପାଇଁ ପଦକ୍ଷେପ ନିଅ: ହାଇକୋର୍ଟ

**ଜାତୀୟ ହାର ୭ ପ୍ରତିଶତ ସ୍ଥଳେ ଏସସିବିରେ ୧୭ ପ୍ରତିଶତ**

କଟକ,୨୭ ।୧୧(ସମିସ): ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର କାର୍ଡିଓ ଥେରାସିସ୍ ଭସ୍କୁଲାର ସର୍ଜରୀ ବିଭାଗରେ ରୋଗୀମାନଙ୍କର ହୋଇଥିବା ଓପନ ହାର୍ଟ ସର୍ଜରୀ ସମ୍ପର୍କିତ ସମସ୍ୟାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରିଆସୁଛନ୍ତି। ଏଠାରେ ଓପନହାର୍ଟ ସର୍ଜରୀ ମୃତ୍ୟୁହାର ଜାତୀୟ ହାରଠାରୁ ଯଥେଷ୍ଟ ଅଧିକ ରହିଥିବାରୁ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିବା ସହ ଏହାକୁ କିଭଳି ହ୍ରାସ କରାଯାଇପାରିବ, ସେ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। କଟକ ସହର ସମସ୍ୟା ଶୁଣାଣି ବେଳେ ଜଷ୍ଟିସ୍ ସଂଗମ କୁମାର ସାହୁ ଓ ଜଷ୍ଟିସ୍ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ସମୟରେ ଏ ସମ୍ପର୍କିତ ପଦକ୍ଷେପ ସଂକ୍ରାନ୍ତରେ ଜଣାଇବାକୁ କହିଛନ୍ତି ଖଣ୍ଡପୀଠ।

ମାମଲା ଶୁଣାଣି ବେଳେ ଏସ୍‌ସିବି ମେଡିକାଲ ଅଧୀକ୍ଷକଙ୍କ ପକ୍ଷରୁ ଦାଖଲ ରିପୋର୍ଟ ଉପସ୍ଥାପନ ହୋଇଥିଲା। ସେଥିରେ, ଗତ ଜାନୁଆରିରୁ ଅଗଷ୍ଟ ମାସ ମଧ୍ୟରେ ଏସ୍‌ସିବି ମେଡିକାଲ କଲେଜ ଓ ହସପିଟାଲର କାର୍ଡିଓ ଥେରାସିସ୍ ଭସ୍କୁଲାର ସର୍ଜରୀ ବିଭାଗରେ ରୋଗୀମାନଙ୍କର ହୋଇଥିବା ଓପନ ହାର୍ଟ ସର୍ଜରୀ ମୃତ୍ୟୁହାର ୩୧ ପ୍ରତିଶତ ଥିଲା। ତେବେ ସେପ୍ଟେମ୍ବର-ଅକ୍ଟୋବରରେ ଏହା ୧୭ ପ୍ରତିଶତକୁ ହ୍ରାସ ପାଇଥିବା କୁହାଯାଇଥିଲା। ଏହି ସମୟରେ ମୋଟ ୨୯ ଜଣଙ୍କ ସର୍ଜରୀ ହୋଇଥିବା ବେଳେ ୫ଜଣ ମୃତ୍ୟୁବରଣ କରିଥିବା କୁହାଯାଇଥିଲା।

ଜାତୀୟସ୍ତରରେ ଏଭଳି ଓପନ୍‌ହାର୍ଟ ସର୍ଜରୀ ମୃତ୍ୟୁ ହାର ମାତ୍ର ୫ରୁ୭ ପ୍ରତିଶତ ଥିବା ବେଳେ ଏଠାରେ ୧୭ ପ୍ରତିଶତ ରହିବା ନେଇ ଅଦାଲତ ଉଦବେଗ ପ୍ରକାଶ କରିଥିଲେ। ତେବେ, ଏସ୍‌ସିବି ମେଡିକାଲରୁ ୭ଦିନିଆ ପ୍ରଶିକ୍ଷଣ ନିମନ୍ତେ ଦିଲ୍ଲୀ ଏମ୍ସକୁ ଡାକ୍ତର ଓ ପାରାମେଡିକାଲ କର୍ମଚାରୀ ଯିବେ ଓ ଏମ୍ସରୁ କେତେକ ବିଶେଷଜ୍ଞ ଏଠାକୁ ଆସି ମାର୍ଗଦର୍ଶନ କରିବେ ବୋଲି ସରକାରଙ୍କ ପକ୍ଷରୁ ଅବଗତ କରାଯାଇଥିଲା। ଏ ସମ୍ପର୍କରେ ଏମ୍ସ ନିର୍ଦ୍ଦେଶକଙ୍କୁ ମଧ୍ୟ ଚିଠି ହୋଇଥିବା କୁହାଯାଇଥିଲା। ସେହିଭଳି ବିଭାଗୀୟ ମୁଖ୍ୟଙ୍କ ତରଫରୁ ଓପନହାର୍ଟ ସର୍ଜରୀ ପାଇଁ ବିଶେଷଜ୍ଞ ହୃଦ୍‌ରୋଗ ନିଶ୍ଚେତକଙ୍କ ଆବଶ୍ୟକତା ରହିଥିବା ନେଇ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହି ପ୍ରସଙ୍ଗରେ ମଧ୍ୟ ପରବର୍ତ୍ତୀ ଶୁଣାଣି ସମୟରେ ତଥ୍ୟ ଉପସ୍ଥାପନ ପାଇଁ କହିଛନ୍ତି ହାଇକୋର୍ଟ।

ପ୍ରକାଶଥାଉକି, ଗତ ୨୦୨୩ରେ ଓପନ୍‌ହାର୍ଟ ସର୍ଜରୀ ହୋଇଥିବା ୧୬୫ଜଣଙ୍କ ମଧ୍ୟରୁ ୧୫ଜଣଙ୍କର ମୃତ୍ୟୁ ହୋଇଥିବା ଦର୍ଶାଯାଇଥିଲା। ସେହିଭଳି ୨୦୨୪ରେ ୧୩୫ଜଣଙ୍କ ମଧ୍ୟରୁ ୨୪ଜଣ ଓ ୨୦୨୫ ଜାନୁଆରିରୁ ଅଗଷ୍ଟ ମଧ୍ୟରେ ମାତ୍ର ୮୫ ଜଣଙ୍କ ମଧ୍ୟରୁ ୨୬ଜଣ ରୋଗୀଙ୍କ ଓପନ୍‌ହାର୍ଟ ସର୍ଜରୀ ପରେ ମୃତ୍ୟୁ ଘଟିଥିଲା ବୋଲି ପୂର୍ବ ସତ୍ୟପାଠରେ କୁହାଯାଇଥିଲା।

■ ଅଭିଯୋଗ ସମାଧାନରେ ଅବହେଳା

## ୩୬ ଅଧିକାରୀଙ୍କ ଦରମା ବନ୍ଦ ନିର୍ଦ୍ଦେଶ

କଟକ, ୨୭ ।୧୧(ସମିସ): ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଇଥିବା ଅଭିଯୋଗଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ସମାଧାନ ନକରିବା କଟକ ଜିଲ୍ଲାର ୩୬ଜଣ ଅଧିକାରୀଙ୍କ ପାଇଁ ମହଙ୍ଗା ପଡ଼ିଛି। ଅଭିଯୋଗ ସମାଧାନରେ ଅବହେଳା ପାଇଁ କଟକ ଜିଲ୍ଲାର ୩୬ଜଣ ଅଧିକାରୀଙ୍କ ନଭେମ୍ବର ମାସର ଦରମା ବନ୍ଦ ପାଇଁ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଜିଲ୍ଲା ଟ୍ରେଜେରି ଅଫିସର, ସ୍ୱତନ୍ତ୍ର ଟ୍ରେଜେରି ଅଫିସର ଓ ଜିଲ୍ଲାର ସମସ୍ତ ସବ୍ ଟ୍ରେଜେରି ଅଫିସରଙ୍କୁ ଚିଠି ଲେଖିଛନ୍ତି। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଖିଲାପି ଅଧିକାରୀଙ୍କ ଦରମା ସ୍ଥଗିତ ରହିବ ବୋଲି କୁହାଯାଇଛି। ଏହି ୩୬ଜଣ ଅଧିକାରୀଙ୍କ ମଧ୍ୟରେ କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ), କଟକ ଉପ-ଜିଲ୍ଲାପାଳ, ଆଠଗଡ଼ ଉପ ଜିଲ୍ଲାପାଳ, କଟକ ଜିଲ୍ଲା ଶିକ୍ଷା ଅଧିକାରୀ(ଡିଇଓ), ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ(ସିଡିଭିଓ), ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ, ଡିଏସ୍‌ଡବ୍ଲୁଓଙ୍କ ସମେତ ୧୧ ଜଣ ବିଡିଓ ଓ ୮ଜଣ ତହସିଲଦାର ପ୍ରମୁଖ ରହିଛନ୍ତି। ଜନଶୁଣାଣି ପୋର୍ଟାଲ୍ ମାଧ୍ୟମରେ ପ୍ରାପ୍ତ ଅଭିଯୋଗଗୁଡ଼ିକର ସମାଧାନ ସମୟସୀମା ମଧ୍ୟରେ କରାଯାଉ ନଥିବା ନେଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ବାରମ୍ବାର ସମୀକ୍ଷା କରୁଛନ୍ତି। ଏହାସତ୍ତ୍ୱେ ସମାଧାନର ଅଗ୍ରଗତି କ୍ଷେତ୍ରରେ କଟକ ଜିଲ୍ଲାର ସ୍ଥାନ ଉତ୍ସାହଜନକ ନଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଘୋର୍ ଅସନ୍ତୋଷ ପ୍ରକାଶ କରିଛି। ଏହାକୁ ନେଇ ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀମାନଙ୍କ ଦରମା ବନ୍ଦ ପାଇଁ ଚିଠି ଲେଖିଛନ୍ତି। ତେବେ ପ୍ରଥମେ ୯୧ଜଣ ଅଧିକାରୀଙ୍କ ତାଲିକା ପ୍ରସ୍ତୁତ କରାଯାଇଥିବା ବେଳେ ପରେ ଏହାକୁ ସଂଶୋଧନ କରି ୩୬ଜଣଙ୍କ ତାଲିକା ପ୍ରକାଶ ପାଇଛି।

■ ଅନ୍ୟ ଜାତିରେ ବିବାହ

## ଅତିରିକ୍ତ ତହସିଲଦାର ବାସନ୍ଦ

ଛତ୍ରପୁର, ୨୭ ।୧୧(ସମିସ): ଆସିକାର ଅତିରିକ୍ତ ତହସିଲଦାର ସୌଦାଗର ବେହେରା ଅନ୍ୟ ଜାତିର ଝିଅକୁ ବିବାହ କରିବାରୁ ତାଙ୍କୁ ଏବଂ ତାଙ୍କ ପରିବାରକୁ କୈବର୍ତ୍ତ ସମାଜ କୁଳରୁ ବାସନ୍ଦ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଗୁରୁବାର ଅତିରିକ୍ତ ତହସିଲଦାରଙ୍କ ବାପା ବିଜୟ ବେହେରା ଛତ୍ରପୁର ଥାନାରେ ଅଭିଯୋଗ କରିଛନ୍ତି।



ଅତିରିକ୍ତ ତହସିଲଦାର ଶ୍ରୀ ବେହେରାଙ୍କ ଘର ଛତ୍ରପୁର ଥାନା ଅଧୀନ ମୁନିଷିପେଣ୍ଠ ଗ୍ରାମରେ। ସେ ଗତ ଫେବ୍ରୁଆରୀରେ ଅନ୍ୟ ଏକ ଜାତିର ଝିଅକୁ ବିବାହ କରିଥିବାରୁ କୈବର୍ତ୍ତ ସମାଜ ପକ୍ଷରୁ ତାଙ୍କ ପରିବାରକୁ ବାସନ୍ଦ କରାଯାଇଥିଲା। ଚଳିତ ମାସ ୨୩ ତାରିଖରେ ତାଙ୍କ ବାପା ବିଜୟ ଗାଁରେ ଏକ ବିବାହ ଭୋଜି ଖାଉଥିବା ବେଳେ ତାଙ୍କ ଖଲିପତ୍ର ଝିଙ୍କି ନେଇ ତାଙ୍କୁ ଅପମାନିତ କରାଯାଇଥିଲା। ତେଣୁ, ଏ ସଂପର୍କରେ ସେ ଛତ୍ରପୁର ଥାନାର ଦ୍ୱାରସ୍ଥ ହୋଇଥିଲେ। ଅନ୍ୟପକ୍ଷରେ କୈବର୍ତ୍ତ ସମାଜ ପକ୍ଷରୁ ତାଙ୍କ ପରିବାରକୁ କୁଳରୁ ବାସନ୍ଦ କରାଯାଇନାହିଁ ବୋଲି କହିଥିଲେ। ଛତ୍ରପୁର ଥାନାରେ ଉଭୟ ପକ୍ଷକୁ ନେଇ ଗୁରୁବାର ଆଲୋଚନା ହୋଇଛି। ଦୀର୍ଘ ସମୟ ଆଲୋଚନା ପରେ ମଧ୍ୟ ସମାଧାନର ବାଟ ଫିଟିନଥିଲା। ପରବର୍ତ୍ତୀ ସମୟରେ କୈବର୍ତ୍ତ ସମାଜ ମହାସଭାର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଘଟଣା ସମ୍ପର୍କରେ ଆଲୋଚନା କରାଯିବ ବୋଲି ସୂଚନା ମିଳିଛି। ସେହିପରି ଛତ୍ରପୁର ଥାନାରେ ଏ ସଂକ୍ରାନ୍ତରେ କୌଣସି ମାମଲା ରୁଜୁ ହୋଇ ନଥିବା ଥାନାଧିକାରୀ ସବ୍ୟସାଚୀ ମଲ୍ଲ କହିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଉଚ୍ଚାରଣ, ଆଚରଣରେ...

ଭାଷାଭିତ୍ତିକ ରାଜ୍ୟ ପୁନର୍ଗଠନ ପାଇଁ ପ୍ରେରଣାର ଉତ୍ସ ହୋଇଥିଲା। ଦେଶୀୟ ରାଜ୍ୟ ଗୁଡ଼ିକର ମିଶ୍ରଣ ପ୍ରକ୍ରିୟା ଓଡ଼ିଶାରୁ ଆରମ୍ଭ ହୋଇଥିବା ବେଳେ ଏହାର ନେତୃତ୍ୱ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହାତାବ ନେଇଥିଲେ। ବରେଣ୍ୟ ଜନନେତା ବିଜୁ ପଟ୍ଟନାୟକଙ୍କ ସାହସ ଓ ସଂଗ୍ରାମ ଦେଶବାସୀଙ୍କ ସ୍ମୃତିରେ ସର୍ବଦା ଜୀବନ୍ତ ହୋଇ ରହିବ। ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ ଜନ୍ମଦେଇ ଓଡ଼ିଶା ଧନ୍ୟ ହୋଇଛି। ଭାରତ ନିର୍ମାଣରେ ଓଡ଼ିଶାର ଅବଦାନ କାଳେକାଳେ ରହି ଆସିଛି। ଓଡ଼ିଶାରେ ନାରୀ ସଶକ୍ତିକରଣର ଏକ ପ୍ରାଚୀନ ପରମ୍ପରା ରହି ଆସିଛି। ରମାଦେବୀ, ସରଳା ଦେବୀ, କୁନ୍ତଳା କୁମାରୀ ସାବତ, ପାର୍ବତୀ ଗିରି ଏବଂ ଅନେକ ନେତ୍ରୀଙ୍କର ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ ରହିଥିଲା। ୧୫ ଜଣ ମହିୟସୀ ମହିଳା ଭାରତର ସମ୍ବିଧାନ ସଭାରେ ସଦସ୍ୟ ଥିବାବେଳେ ଏଥିରେ ଓଡ଼ିଶାର ମାଳତୀ ଦେବୀ ରହିଥିଲେ। ଓଡ଼ିଶା ବିଧାନସଭାରେ ମହିଳା ପ୍ରତିନିଧିତ୍ୱର ଦୀର୍ଘ ଇତିହାସ ରହିଛି। ସ୍ୱାଧୀନତା ପୂର୍ବବତି ଏବଂ ପରବର୍ତ୍ତୀ ଏପରି କୌଣସି ବିଧାନସଭା ଗଠନ ହୋଇନାହିଁ, ଯେଉଁଥିରେ ମହିଳା ନାହାନ୍ତି । ନନ୍ଦିନୀ ଶତପଥୀ ଭାରତର ଦ୍ୱିତୀୟ ମହିଳା ମୁଖ୍ୟମନ୍ତ୍ରୀ ଭାବେ ଜଣାଶୁଣା ବୋଲି ରାଷ୍ଟ୍ରପତି କହିଛନ୍ତି।

ସେ କହିଛନ୍ତି ଯେ ଓଡ଼ିଶାରେ ପ୍ରକୃତି ସବୁ ପ୍ରକାରର ପ୍ରାଚୁର୍ଯ୍ୟ ଅଜାଡ଼ି ଦେଇଛି। ବିପୁଳ ଖଣିଜ ସମ୍ପଦ, ଜଙ୍ଗଲ ଓ ଜଳ ସମ୍ପଦରେ ରାଜ୍ୟ ପରିପୂର୍ଣ୍ଣ ସବୁ ବର୍ଗର ମାନ ସମ୍ବଳରେ ଓଡ଼ିଶା ସମୃଦ୍ଧ। ଓଡ଼ିଶାରେ ସୁଦୀର୍ଘ ବେଳାଭୂମି ଓ ଉର୍ବର ଚାଷଜମି ରହିଛି। କୃଷି, ଶିଳ୍ପ ଏବଂ ବାଣିଜ୍ୟର ବିକାଶ ପାଇଁ ଓଡ଼ିଶାର ପରିବେଶ ଖୁବ ଅନୁକୂଳ। ଏସବୁ ସମ୍ପଦର ସଦୁପଯୋଗ କରାଯାଇ ଓଡ଼ିଶାକୁ ଦେଶର ଅଗ୍ରଣୀ ପ୍ରଦେଶରେ ପରିଣତ କରାଯାଇପାରିବ। ୨୦୪୭ ମସିହା ବେଳକୁ ଭାରତ ବିକଶିତ ଦେଶରେ ପରିଣତ ହୋଇ ସାରିଥିବ ବୋଲି ଆମ ସଭିଙ୍କର ବିଶ୍ୱାସ। ୨୦୩୬ ମସିହାରେ ଓଡ଼ିଶା ଗଠନର ଶତବାର୍ଷିକ ପୂରଣ ହେବ। ଆପଣମାନେ ସମ୍ମିଳିତ ଭାବରେ ୨୦୩୬ ମସିହା ସୁଦ୍ଧା ଏକ ସମୃଦ୍ଧ ଓଡ଼ିଶା ଗଠନ କରିପାରିଲେ ତାହା ବିକଶିତ ଭାରତ ଗଠନ ପାଇଁ ଓଡ଼ିଶାର ଶ୍ରେଷ୍ଠ ଅବଦାନ ହେବ।ସେ ଆହୁରି ମଧ୍ୟ କହିଥିଲେ ଯେ ଗଣତନ୍ତ୍ରର ଭିତ୍ତି ହେଉଛନ୍ତି ଜନ ସାଧାରଣ। ଗଣ ବିନା ଗଣତନ୍ତ୍ର କିମ୍ବା ଗଣରାଜ୍ୟ ନାହିଁ। ଭାରତୀୟ ସଂସ୍କୃତିରେ ଲୋକଶକ୍ତିକୁ ସର୍ବଦା ଗୁରୁତ୍ୱାରୋପ କରାଯାଇଛି। ଜନମତକୁ ସର୍ବଦା ସମ୍ମାନ ଦିଆଯାଇଛି। ଆପଣମାନେ ହେଉଛନ୍ତି ଜନଗଣର ପ୍ରତିନିଧି। ସେମାନଙ୍କର ସେବକ। କେତେ ଆଶା, ବିଶ୍ୱାସ, ଭରଷା ନେଇ ଆପଣଙ୍କ ହାତରେ ସେମାନେ କ୍ଷମତା ଅର୍ପଣ କରିଛନ୍ତି। ସେମାନଙ୍କର ଆଶା ପୂରଣ କରିବା, ସେମାନଙ୍କର ସ୍ୱପ୍ନକୁ ସାକାର କରିବା ଏବଂ ସେମାନଙ୍କ ମୁହଁରେ ହସ ଫୁଟାଇବା ଆପଣମାନଙ୍କର କର୍ତ୍ତବ୍ୟ। ଆପଣମାନେ ଏପରି କାର୍ଯ୍ୟ କରିବେ ଯାହା ସାଧାରଣ ଲୋକଙ୍କ ହିତ ପାଇଁ ଉଦ୍ଦିଷ୍ଟ। ଦେଶର ଦରିଦ୍ରତମ ଲୋକଙ୍କ ପାଇଁ କାମ କରିବାକୁ ସେ ଏହି ଅବସରରେ ଆହ୍ୱାନ ଦେଇଛନ୍ତି।

## ରାଷ୍ଟ୍ରପତିଙ୍କ ସାମଗ୍ରିକ...

ତଥା ପ୍ରଥମ ନାଗରିକ ଭାବେ ସେବା କରିବା ପାଇଁ ଦ୍ରୌପଦୀ ମୁର୍ମୁଙ୍କୁ ଏବଂ ମୁଖ୍ୟମନ୍ତ୍ରୀ ଭାବେ ରାଜ୍ୟର ସେବା କରିବା ପାଇଁ ସୁଯୋଗ ମିଳିବା କେବଳ ଆମ ଭାରତୀୟ ସମ୍ବିଧାନ ପାଇଁ ସମ୍ଭବ ହୋଇପାରିଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜି ରାଷ୍ଟ୍ରପତିଙ୍କ ଅଭିଭାଷଣ କେବଳ ଏହି ପବିତ୍ର ଗୃହର ନୀତି ଆଦର୍ଶକୁ ମାର୍ଗଦର୍ଶନ କରିବ ନାହିଁ; ବରଂ ସାଢ଼େ ଚାରି କୋଟି ଓଡ଼ିଆ'ଙ୍କ ଅଦମ୍ୟ ଭାବନାକୁ ପ୍ରୋତ୍ସାହିତ କରିବ। ଶାନ୍ତି, ମୈତ୍ରୀ, ସମତା ଓ ସଦ୍‌ଭାବନା, ଏକତାର ମନ୍ତ୍ରରେ ସମୃଦ୍ଧ ଓଡ଼ିଶା ଓ ବିକଶିତ ଓଡ଼ିଶା ଗଠନ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ।

## ରାଷ୍ଟ୍ରପତି ଏ ମାଟିର...

ସୁଦୃଢ଼ କରିବାରେ ବିଭିନ୍ନ ଭାଷା, ଜୀବନଶୈଳୀ, ରୀତିନୀତି, ସଂସ୍କୃତି ଏବଂ ଚିନ୍ତାଧାରାର ଉଲ୍ଲେଖନୀୟ ଯୋଗଦାନ ରହିଛି। ସ୍ୱାଧୀନତା ପରେ ଦେଶୀୟ ରାଜ୍ୟଗୁଡ଼ିକର ମିଶ୍ରଣ ଏକ ବଡ଼ ରାଜନୈତିକ ଆହ୍ୱାନ ଥିଲା। ୧୯୪୭ ମସିହା ନଭେମ୍ବର ୧୪ ତାରିଖରେ ନୀଳଗିରି ଏବଂ ଅନ୍ୟରାଜ୍ୟଗୁଡ଼ିକ ଭାରତରେ ଯୋଗଦେବା ସହିତ ଭାରତର ଦେଶୀୟ ରାଜ୍ୟଗୁଡ଼ିକର ମିଶ୍ରଣ ପ୍ରଥମେ ଓଡ଼ିଶାରେ ଆରମ୍ଭ ହୋଇଥିଲା। ଏପରି କରି ଓଡ଼ିଶା ଅବଶିଷ୍ଟ ରାଜ୍ୟଗୁଡ଼ିକୁ ଏକତ୍ର କରି ଭାରତୀୟ ରାଷ୍ଟ୍ରକୁ ଏକଜୁଟ ଏବଂ ସୁଦୃଢ଼ କରିବା ପାଇଁ ନେତୃତ୍ୱ ନେଇଥିଲା।

ନବୀନ ଆହୁରି କହିଛନ୍ତି ଯେ ଭାଷା ଆଧାରରେ ଭାରତର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ଗଠନ ହୋଇଥିଲା। ଓଡ଼ିଶା ପ୍ରଦେଶ ସୃଷ୍ଟି କରିବାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଅବଦାନକୁ ଏଠାରେ ସ୍ମରଣ କରିବାର ଆବଶ୍ୟକତା ରହିଛି। ସାମ୍ବିଧାନିକ ପଦ୍ଧତି ଅବଲମ୍ବନ କରି ସେ ଅନ୍ୟ ଜାତୀୟସ୍ତରର ନେତାଙ୍କ ସହ ମିଶି ଏହି ଐତିହାସିକ ଲକ୍ଷ୍ୟ ହାସଲ କରିଥିଲେ। ଏହି ମହାନ ଦେଶର ରାଷ୍ଟ୍ରପତି ଭାବେ ଆପଣ ଭାରତ ସମ୍ବିଧାନର 'ସଂରକ୍ଷଣ, ସୁରକ୍ଷା ଏବଂ ପ୍ରତିରକ୍ଷା' କରନ୍ତି, ଯାହାର ୭୫ ତମ ବାର୍ଷିକୀ ନିକଟରେ ପାଳନ କରାଯାଇଛି। ଭାରତର ଆତ୍ମାକୁ ବଞ୍ଚାଇ ରଖିବାରେ ପ୍ରେରଣା ଏବଂ ମାର୍ଗଦର୍ଶନ ପାଇଁ ସମଗ୍ର ଦେଶ ରାଷ୍ଟ୍ରପତିଙ୍କ ଆଡ଼କୁ ଚାହିଁ ରହିଛି। ଗତ ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶା ଅନେକ କ୍ଷେତ୍ରରେ ଇତିହାସ ରଚିଛି। ବିପର୍ଯ୍ୟୟ ପରିଚାଳନା, ଖାଦ୍ୟ ଉତ୍ପାଦନ, ମହିଳା ସଶକ୍ତିକରଣ, ଦାରିଦ୍ର୍ୟ ଦୂରୀକରଣ, ଭିତ୍ତିଭୂମି ବିକାଶ, ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଏବଂ ଶିଳ୍ପ ଅଭିବୃଦ୍ଧିର ପରିବେଶ ସୃଷ୍ଟି କ୍ଷେତ୍ରରେ ଓଡ଼ିଶା ଏକ ପ୍ରେରଣାଦାୟୀ କାହାଣୀ ସୃଷ୍ଟି କରିଛି। ଏଭଳି ଅଭୂତପୂର୍ବ ଅଭିବୃଦ୍ଧିର ସମସ୍ତ ଶ୍ରେୟ ଓଡ଼ିଶାର ଜନସାଧାରଣଙ୍କ ଅତୁଟ ସମର୍ଥନ ଏବଂ ଆଶୀର୍ବାଦ ଯୋଗୁଁ ସମ୍ଭବ ହୋଇପାରିଛି। ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ନୀତି ସମଗ୍ର ଦେଶ ପାଇଁ ଏକ ଆଦର୍ଶ ପାଲଟିଛି। ବିପର୍ଯ୍ୟୟ ପରିଚାଳନାରେ ଉତ୍ତମ କାର୍ଯ୍ୟ ପାଇଁ ଓଡ଼ିଶାକୁ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତି ମିଳିଛି। ସମୃଦ୍ଧ ପ୍ରାକୃତିକ ସମ୍ବଳ ଏବଂ କୁଶଳୀ ଶ୍ରମଶକ୍ତି ସହିତ ଓଡ଼ିଶାରେ ଅଭିବୃଦ୍ଧିର ବିପୁଳ ସମ୍ଭାବନା ରହିଛି। ଓଡ଼ିଶାକୁ ଗୌରବର ନୂତନ ଶିଖରରେ ପହଞ୍ଚାଇବା ପାଇଁ ଆମେ ସମସ୍ତେ ପ୍ରୟାସ କରିବା ଉଚିତ ବୋଲି ନବୀନ କହିଛନ୍ତି।

## ୪ ସପ୍ତାହ ମଧ୍ୟରେ...

ଆଶା। ପାଣ୍ଠି ସଂଗ୍ରହର ଦାୟିତ୍ୱ କୋର୍ଟ ହାସ୍ୟ ଅଭିନେତାଙ୍କୁ ଦେଉଛନ୍ତି। ଏହା କୌଣସି ଦଣ୍ଡ ନୁହେଁ, ବରଂ ଏକ ସାମାଜିକ ଦାୟିତ୍ୱ।

ସମୟ ରୈନାଙ୍କ ଶୋ'ରେ ଅଶ୍ଳୀଳ ବିଷୟବସ୍ତୁକୁ ପ୍ରୋତ୍ସାହନ ଦିଆଯାଉଛି। ଗତ ଫେବୃଆରୀରେ ମୁକ୍ତିଲାଭ କରିଥିବା ଏହାର ଦୁଇଟି ଶୋ'କୁ ନେଇ ବିବାଦ ହୋଇଥିଲା। ମହିଳା ଏବଂ ଦିବ୍ୟାଙ୍ଗଙ୍କୁ ନେଇ ଏଭଳି ଅଭଦ୍ର ଟିପ୍ପଣୀ ଦିଆଯାଇଥିଲା ଯାହାକୁ ନେଇ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହାକୁ ନେଇ ସମୟ ରୈନା, ରଣବୀର ଆହ୍ଲାବାଦିଆ ଓ ଅନ୍ୟମାନଙ୍କ ବିରୋଧରେ ଅନେକ ରାଜ୍ୟରେ ଏତଲା ରୁଜୁ କରାଯାଇଥିଲା। ଏହି ସବୁ ଏତଲା ରଦ୍ଦ କରିବାକୁ ରଣବୀର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ କୋର୍ଟ ଏହା ଉପରେ କୌଣସି ଆଶ୍ୱସ୍ତି ଦେଇ ନାହାନ୍ତି। କିନ୍ତୁ କେନ୍ଦ୍ର ସରକାରଙ୍କୁ କଠୋର ନିୟମ ଆଣିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣି ସମୟରେ ଜଷ୍ଟିସ ଜୟମାଲ୍ୟ ବାଗଚୀ କହିଥିଲେ ଯେ ଅଶ୍ଳୀଳ ବିଷୟବସ୍ତୁକୁ ବନ୍ଦ କରିବା ପୂର୍ବରୁ ଏହା ଭାଇରାଲ ହୋଇ ଲକ୍ଷ ଲକ୍ଷ ଲୋକ ଦେଖି ସାରୁଛନ୍ତି। ତେଣୁ ଏହାର ସମାଧାନ କରିବା ପାଇଁ ସୁପ୍ରିମକୋର୍ଟ ବିଚାରବିମର୍ଶ କରିଛନ୍ତି।

ଶୁଣାଣି ସମୟରେ ସଲିସିଟର ଜେନେରାଲ (ଏସଜି) ତୁଷାର ମେହେଟା କହିଥିଲେ ଯେ ଏହି ମାମଲା କେବଳ ଅଶ୍ଳୀଳତା ନୁହେଁ, ବରଂ ଅପବ୍ୟବହାର ସମ୍ବନ୍ଧିତ ମଧ୍ୟ। ବ୍ୟବହାରକାରୀଙ୍କ ପାଇଁ ଉଦ୍ଦିଷ୍ଟ ବିଷୟବସ୍ତୁରେ ଏହି ସବୁ ସମସ୍ୟା ରହିଛି। ମତ ପ୍ରକାଶ ହେଉଛି ଏକ ଅମୂଲ୍ୟ ଅଧିକାର, କିନ୍ତୁ ଖରାପ କାମ ପାଇଁ ଏହାକୁ ବ୍ୟବହାର କରାଯାଇପାରିବ ନାହିଁ। ଉତ୍ତରରେ ସିଜେଆଇ କହିଥିଲେ ଯେ ଏହା ହିଁ ସମସ୍ୟା। ଯଦି ମୁଁ ନିଜର ଚ୍ୟାନେଲ ଖୋଲୁଛି ତେବେ ବି କାହା ପାଇଁ ଉତ୍ତରଦାୟୀ ନୁହେଁ। କେହି ତ ଜଣେ ଉତ୍ତରଦାୟୀ ହେବା ଦରକାର।

ଏହି ମାମଲାକୁ ଦେଶ ବିରୋଧୀ ଭାବେ ମଧ୍ୟ ଦେଖାଯାଉଛି। ଏହାକୁ ନେଇ ଜଷ୍ଟିସ ବାଗଚୀ କହିଥିଲେ ଯେ ବିଷୟବସ୍ତୁ ଦେଶବିରୋଧୀ ହୋଇଥିଲେ ଏହାକୁ ପ୍ରସ୍ତୁତ କରିଥିବା ବ୍ୟକ୍ତି ଦାୟୀ ହେବେ କି? ଅଶ୍ଳୀଳ ବିଷୟବସ୍ତୁକୁ କେମିତି ରୋକିବେ ବୋଲି ସେ ଏସ୍‌ଜିଙ୍କୁ ପଚାରି ଥିଲେ। ଏହା ଉପରେ ରୋକ୍ ଲଗାଇବା ପାଇଁ ସ୍ୱୟଂଶାସିତ ସଂଗଠନ ଗଠନ କରିବାକୁ ସିଜେଆଇ ପ୍ରସ୍ତାବ ଦେଇଥିଲେ। ଏହି ସମାଜରେ ଶିଶୁଙ୍କର ବି ମୌଳିକ ଅଧିକାର ରହିଛି ବୋଲି କହିଥିଲେ। ସଲିସିଟର ଜେନେରାଲଙ୍କୁ ସିଜେଆଇ ପଚାରି ଥିଲେ ଯେ ଯଦି ସବୁ କିଛି ପ୍ରସାରଣ କରିବାକୁ ଦିଆଯିବ ତେବେ ସରକାର କ'ଣ କରିବେ। ନିରୀହ ଲୋକେ ନିଜେ ନିଜକୁ ସୁରକ୍ଷା ଯୋଗାନ୍ତୁ ବୋଲି ଆପଣ ଚାହୁଁଛନ୍ତି କି? ସମସ୍ତଙ୍କୁ କୋର୍ଟ ଆସିବାକୁ ସୁଯୋଗ ମିଳିବ ନାହିଁ। ତେଣୁ ଏହାର ସମାଧାନ ଲାଗି କୋର୍ଟ ନୂଆ ବ୍ୟବସ୍ଥା ଆଣିବାକୁ କେନ୍ଦ୍ରକୁ କହିଥିଲେ। ଏଥିପାଇଁ ଚାରି ସପ୍ତାହ ସମୟ ଦେଇଛନ୍ତି।

## ରେକର୍ଡ ଭାଙ୍ଗିଲା...

ଦାରିଙ୍ଗବାଡି ୯.୫, ଅନୁଗୁଳ ୧୦, କେନ୍ଦୁଝର ୧୦.୩, ସୁନ୍ଦରଗଡ ୧୦.୬, ଭୁବନେଶ୍ୱର ୧୩.୫ ଏବଂ କଟକରେ ପାରଦ ୧୩.୪ ଡିଗ୍ରୀ ରେକର୍ଡ ହୋଇଛି।

ପାଣିପାଗ କେନ୍ଦ୍ର ସୂଚନା ଅନୁସାରେ ଆସନ୍ତା ୭ ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ଏହାସହିତ ଆସନ୍ତା ୨ ଦିନ ମଧ୍ୟରେ ରାଜ୍ୟରେ ତାପମାତ୍ରା ଆହୁରି ୨-୩ ଡିଗ୍ରୀ ତଳକୁ ଖସିବ। ଏଥିପାଇଁ ରାଜ୍ୟରେ ଜାରି ରହିଥିବା ଶୀତର ସ୍ଥିତି ଜାରି ରହିବ। ବର୍ତ୍ତମାନ ରାଜ୍ୟକୁ ଉତ୍ତର-ପଶ୍ଚିମ ଦିଗରୁ ଶୁଷ୍କ ଓ ଥଣ୍ଡା ବାୟୁର ପ୍ରବାହ ଅଧିକ ରହୁଛି। ଏହି ସ୍ଥିତି ଆହୁରି ପ୍ରାୟ ୨-୩ ଦିନ ପର୍ଯ୍ୟନ୍ତ ଲାଗି ରହିବାର ସମ୍ଭାବନା ଥିବା ବେଳେ ଏହି ସମୟରେ କିଛି ସ୍ଥାନରେ ଶୀତ ଲହରୀ ସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହୁଛଏ

ଅନ୍ୟପଟେ ବଙ୍ଗୋପସାଗରରେ ପୁଣି ଏକ ବାତ୍ୟା ସୃଷ୍ଟି ହୋଇଛି। ଦକ୍ଷିଣପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଶ୍ରୀଲଙ୍କା ଉପକୂଳରେ ଏହି ବାତ୍ୟା ଆଜି ସୃଷ୍ଟି ହୋଇଛି। ବାତ୍ୟାର ନାମ 'ଡିଟୱା' ରହିଛି। ଏହି ବାତ୍ୟାଟି ପରବର୍ତ୍ତୀ ୪୮ ଘଣ୍ଟାରେ ଏହା ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତିକରି ଉତ୍ତର ୩୦ ତାରିଖ ସୁଦ୍ଧା ତାମିଲନାଡୁ-ପୁଡୁଚେରୀ ଏବଂ ଦକ୍ଷିଣ ଆନ୍ଧ୍ରପ୍ରଦେଶ ମୁହାଁ ହେବ। ଓଡ଼ିଶା ଉପରେ ଏହାର କୌଣସି ସିଧାସଳଖ ପ୍ରଭାବ ପଡ଼ିବ ନାହିଁ। ବାତ୍ୟାଟି ଆନ୍ଧ୍ର ନିକଟବର୍ତ୍ତୀ ହେବା ପୂର୍ବରୁ ଦୁର୍ବଳ ହୋଇଯିବାର ଯଥେଷ୍ଟ ସମ୍ଭାବନା ରହିଛି। ମାତ୍ର ଯଦି ଏହା ଆନ୍ଧ୍ର ନିକଟବର୍ତ୍ତୀ ହୁଏ ତେବେ ୧ ତାରିଖ ବେଳକୁ ଦକ୍ଷିଣ ଓଡ଼ିଶାର କିଛି କାଁ ଭାଁ ଜିଲ୍ଲାରେ ବର୍ଷା ହେବାର ଆଶଙ୍କା କରାଯାଉଛି।

## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଜୀବନସାଥୀଙ୍କ ବ୍ୟବହାରରେ ଖୁସି ହେବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ।

**ବୃଷ:** ବିବାହ ପ୍ରସ୍ତାବ ସ୍ଥିର ହେବ। ସମାଜରେ ପ୍ରତିଷ୍ଠା ବଢ଼ିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। କୋର୍ଟ ମାମଲାରେ ସଫଳତା ହାସଲ କରିବେ। ମହିଳାମାନେ କିଣାକିଣିରେ ଅଧିକ ଖର୍ଚ୍ଚ କରିବେ।

**ମିଥୁନ:** ରାଜନୀତିରେ ସଫଳତା ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ବାଦବିବାଦ ତଥା ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ଏକାଗ୍ରତାର ସହ କାମ କରିବେ। ସନ୍ତାନ ସୁଖ ପ୍ରାପ୍ତ ହେବ।

**ସିଂହ:** ବନ୍ଧୁ ମିଳନ ଯୋଗ ଅଛି। ଘରେ ପୂଜାପାଠ ଆୟୋଜନ କରିବେ। ପ୍ରେମ ସମ୍ବନ୍ଧରେ ତିକ୍ତତା ଦେଖା ଦେବ। ଜୀବନସାଥୀଙ୍କଠାରୁ ଉପହାର ପାଇବେ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦୂର ହେବ।

**କନ୍ୟା:** ଭାଇଭଉଣୀଙ୍କ ମଧ୍ୟରେ ଭୁଲ ବୁଝାମଣା ଦୂର ହେବ। ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ କରିବେ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଛାତ୍ରଛାତ୍ରୀଙ୍କୁ ପରିଶ୍ରମର ଉଚିତ ଫଳ ମିଳିବ।

**ତୁଳା:** ବୁଝିବିଚାରି ନିଷ୍ପତ୍ତି ନିଅନ୍ତୁ। କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସରକାରୀ ଚାକିରି ପାଇଁ ସମୟ ଲାଗିବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହେବ।

**ବିଛା:** ଅଫିସ୍ କାର୍ଯ୍ୟ ଠିକ୍ ସମୟରେ ପୂରା କରିବେ। ବରିଷ୍ଠ ଅଧିକାରୀ କାମ ପାଇଁ ପ୍ରଶଂସା କରିବେ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। ତୈଳାକ୍ତ ଖାଦ୍ୟ ପଦାର୍ଥରୁ ଦୂରେଇ ରହିବେ।

**ଧନୁ:** ଶାନ୍ତ ମନରେ କାର୍ଯ୍ୟ କରିବେ। ବ୍ୟବସାୟରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ଆର୍ଥିକ ସ୍ଥିତି ମଜଭୁତ ହେବ। ପରିବାର ସଦସ୍ୟଙ୍କୁ ସମୟ ଦେବେ।

**ମକର:** ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

**କୁମ୍ଭ:** ଇଚ୍ଛା ପୂରଣ ହେବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବିରୋଧୀଙ୍କଠାରୁ ଦୂରେଇ ରହିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

**ମୀନ:** ମନ ପ୍ରସନ୍ନ ରହିବ। ନୂଆ ଯୋଜନା ସହ କାମ ଆରମ୍ଭ କରିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୬୬୦: ଲଣ୍ଡନରେ ଦ ରୟାଲ ସୋସାଇଟିର ଗଠନ।
- ୧୮୧୪: ଦ ଟାଇମ୍ସ ଅଫ୍ ଲଣ୍ଡନକୁ ପ୍ରଥମଥର ସ୍ୱଚାଳିତ ପ୍ରିଣ୍ଟିଂ ମେସିନ୍‌ରେ ଛପାଗଲା।
- ୧୮୯୦: ସମାଜସେବୀ ଜ୍ୟୋତିବା ଫୁଲେଙ୍କ ପରଲୋକ।
- ୧୯୪୫: ସାହିତ୍ୟିକ ଅମର ଗୋସ୍ୱାମୀଙ୍କ ଜନ୍ମ।
- ୧୯୯୬: ଏୟାରବସ୍ ଏ-୩୦୦ ବିମାନକୁ କମାଣ୍ଡ କରିବା ପ୍ରଥମ ମହିଳା ହେଲେ କ୍ୟାପ୍ଟେନ୍ ଇନ୍ଦ୍ରାଣି ସିଂହ।

# ମେସିନ୍ କାଟୁଛି କେଶ



ସାମାଜିକ ଗଣମାଧ୍ୟମରେ ଏବେ ଏକ ଭିଡିଓ ଖୁବ୍ ଭାଇରାଲ ହେଉଛି। ଏଥିରେ ଦେଖିବାକୁ ମିଳିଛି, ରାସ୍ତାକଡ଼ରେ ଏକ ମେସିନ୍ ଲୋକଙ୍କର ଖୁବ୍ କମ୍ ସମୟ ମଧ୍ୟରେ କେଶ କାଟି ଦେଉଛି। ଭିଡିଓରେ ଦେଖା ଯାଇଛି, ଜଣେ ଯୁବକ ମେସିନ୍‌କୁ ଟେପର୍ଡ ଫେଡ୍ ହେୟାରକଟ୍ କରିବାକୁ କହିଛନ୍ତି। ମେସିନ୍ ଉତ୍ତରରେ ଯୁବକଙ୍କୁ ମୁଣ୍ଡ ରଖିବାକୁ କହିଛି। ବହୁତ କମ୍ ସମୟ ମଧ୍ୟରେ ସମ୍ପୃକ୍ତ ଯୁବକ ଜଣକ ଯେତେବେଳେ ନିଜ ମୁଣ୍ଡକୁ ମେସିନ୍‌ରୁ ବାହାର କରିଛନ୍ତି, ତାଙ୍କୁ ସଂପୂର୍ଣ୍ଣ ଭାବେ ଏକ ନୂଆ ଲୁକ୍‌ରେ ଦେଖିବାକୁ ମିଳିଛି। ଭିଡିଓରେ ଦାବି କରାଯାଇଛି ଯେ, ଏହି ମେସିନ୍ ନରୱେ ରାଜଧାନୀ ଓସ୍‌ଲୋରେ ଲାଗିଛି। ଭିଡିଓରେ ତିନି ଜଣ ଯୁବକ ଜଣକ ପରେ ଜଣେ କେଶ କାଟିଥିବା ଦେଖାଯାଇଛି। ଅନ୍ୟପଟେ ଭିଡିଓର ଶୀର୍ଷକରେ ଲେଖାଯାଇଛି, 'ଆଉ ଅପେକ୍ଷା କରନ୍ତୁ ନାହିଁ। ଏବେ ରାସ୍ତାକଡ଼ରେ କେଶ କାଟିବା ସୁବିଧା ଅଟୋପାଇଲଟ୍ ପର୍ଯ୍ୟାୟରେ ଅଛି। ସେହିପରି ଲୋକଙ୍କୁ ହେୟାର ଷ୍ଟାଇଲିଷ୍ଟ ବିନା ରାସ୍ତାକଡ଼ରେ କେଶ କାଟିବା ସୁଯୋଗ ମିଳିପାରିବ।' ତେବେ ଏହି ଭିଡିଓ ଅସଲି ନୁହେଁ, ବରଂ ଏହାକୁ ଏଆଇ ଦ୍ୱାରା ପ୍ରସ୍ତୁତ କରାଯାଇଛି ବୋଲି କୁହାଯାଉଛି। ଇନ୍‌ଷ୍ଟାଗ୍ରାମ ପେଜ୍ ଆକ୍ସ ଡ୍ରପ୍ ଏକ୍ସ ଏଆଇ ଏହାକୁ ତିଆରି କରିଛି। ଏହା ଏଭଳି ଭବିଷ୍ୟବାଦୀ ଏବଂ କାଳ୍ପନିକ ଭିଡିଓ ପୋଷ୍ଟ କରିଥାଏ। ଏହି ଭିଡିଓ ମାଧ୍ୟମରେ ଲୋକଙ୍କ କଳ୍ପନାକୁ ବାସ୍ତବରେ ଦେଖାଇବାକୁ ପ୍ରୟାସ କରାଯାଇଛି। ସେହିପରି ଲୋକେ ବି ଚିନ୍ତା କରୁଛନ୍ତି କ'ଣ ସତରେ ଭବିଷ୍ୟତରେ ଏମିତି ମେସିନ୍ ଆସିବା ସମ୍ଭବ, ଯାହା ମଣିଷଙ୍କ ଭଳି କେଶ କାଟିବ। ଅନ୍ୟପଟେ ଭିଡିଓଟି ସତ ନ ହେଲେ ବି ଏହା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ଯେ, କ'ଣ ଆଗାମୀ ଦିନରେ ମଣିଷର କାମ ମେସିନ୍ କରିବ? ଯଦି ଏଆଇର ପ୍ରଗତି ଏମିତି ଚାଲିବ, ତେବେ ଭବିଷ୍ୟତରେ ମେସିନ୍ ହେୟାର ଷ୍ଟାଇଲିଷ୍ଟଙ୍କ ସ୍ଥାନ ନେବ ଏଥିରେ ଦ୍ୱିମତ ନାହିଁ। ଅନ୍ୟପଟେ ଏହି ଭିଡିଓରେ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।



# 'ବର୍ଡର ୨' ନୂଆ ରୂପରେ ଆସିବ 'ସନ୍ଦେଶେ ଆତେ ହେଁ'

ବଲିଉଡ୍ ଅଭିନେତା ସନ୍ନି ଦେଓ୍ୱଲ ତାଙ୍କ ଆଗାମୀ ଫିଲ୍ମ 'ବର୍ଡର ୨'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏବେ ଫିଲ୍ମର ପ୍ରଯୋଜକ ମୂଳ ଫିଲ୍ମର ଆଇକନିକ୍ ଗୀତ 'ସନ୍ଦେଶେ ଆତେ ହେଁ'କୁ ରିକ୍ରିଏଟ୍ କରିବା ପାଇଁ ଯୋଜନା କରିଛନ୍ତି। ପୂର୍ବରୁ ଏହି ଗୀତକୁ ସୋନୁ ନିଗମ୍ ଓ ଅରିଜିତ୍ ସିଂହ ଗାଇବେ ବୋଲି କୁହାଯାଉଥିଲା। ଏବେ ଏଥିରେ ଆଉ ଜଣେ ଜଣାଶୁଣା ଗାୟକଙ୍କ ଏଣ୍ଟ୍ରି ହୋଇଛି। ପଞ୍ଜାବୀ ଅଭିନେତା ତଥା ଗାୟକ ଦିଲଜିତ୍ ଦୋସାଞ୍ଜ ଏଥିରେ ଗୀତ ଗାଇବେ। ତେବେ ଫିଲ୍ମ ନିର୍ମାତା ଏପରି ଜଣେ ଗାୟକ ଚାହୁଁଥିଲେ ଯାହାଙ୍କଠାରେ ଆଧୁନିକ ଓ ପୁରୁଣା ଗୀତ ସୁଟ୍ କରୁଥିବ। ଏଥିପାଇଁ ଦିଲଜିତ୍‌ଙ୍କୁ ବଛାଯାଇଥିଲା। ଏହି ଗୀତକୁ ବେଶ୍ ବଡ଼ ଆକାରରେ ପ୍ରମୋଟ୍ ମଧ୍ୟ କରାଯିବ। 'ବର୍ଡର ୨'ରେ ସନ୍ନି ଦେଓ୍ୱଲଙ୍କ ସହ ବରୁଣ ଧୱନ, ଦିଲଜିତ୍ ଦୋସାଞ୍ଜ, ଅହାନ୍ ସେଟ୍ଟୀ, ସୋନମ୍ ବାଜୱା, ମେଘା ରାଣା ପ୍ରମୁଖ ନଜର ଆସିବେ। ଏହା ଆସନ୍ତା ଜାନୁୟାରୀ ୨୩ରେ ମୁକ୍ତିଲାଭ କରିବ।

# ଛିଙ୍କ ରୋକିବା ଘାତକ

କିଛି ଲୋକ ସର୍ବସାଧାରଣ ସ୍ଥାନ ତଥା ଆଖପାଖରେ ଲୋକ ଥିଲେ ଛିଙ୍କ ରୋକିବାକୁ ଚେଷ୍ଟା କରିଥାନ୍ତି। ହେଲେ ଏଭଳି କରିବା ବିପଜ୍ଜନକ। କାରଣ ଛିଙ୍କ ଆସିବା ହେଉଛି ଶରୀରକୁ ଜୀବାଣୁ କିମ୍ବା ଧୂଳିକଣିକାରୁ ଶ୍ୱାସନଳୀକୁ ରକ୍ଷା କରିବାର ଏକ ଉପାୟ। ଏହା ଏକ ସ୍ୱାଭାବିକ ପ୍ରକ୍ରିୟା। ହେଲେ ଛିଙ୍କକୁ ରୋକି ବ୍ରିଟେନ୍‌ର ଜଣେ ଯୁବକଙ୍କୁ ଅସହ୍ୟ ଯନ୍ତ୍ରଣା ଭୋଗିବାକୁ ପଡ଼ିଛି। ଏହି ଘଟଣା ଦୁଇ ବର୍ଷ ପୂର୍ବରୁ ଅର୍ଥାତ୍ ୨୦୨୩ ମସିହାରେ ଘଟିଥିଲା। ଜଣେ ୩୦ ବର୍ଷୀୟ ଯୁବକ କାର୍ ଚଳାଉ ଥିଲେ। ଏହି ସମୟରେ ଆଲର୍ଜି ଯୋଗୁଁ ତାଙ୍କୁ ଛିଙ୍କ ଆସିଥିଲା। ହେଲେ ଲଜ୍ୟା ଓ ଭୟ ଯୋଗୁଁ ନ ଛିଙ୍କି ତାକୁ ରୋକିବାକୁ ଚେଷ୍ଟା କଲେ। ଏପରିକି ନାକକୁ ବନ୍ଦ କରିବା ସହିତ ପାଟି ମଧ୍ୟ ଖୋଲିଲେ ନାହିଁ। ଏହାପରେ ସେ ଭାବିଲେ ଛିଙ୍କ ଅଟକିଗଲା। ହେଲେ ଗଳାରେ ତାଙ୍କର ଅଚାନକ ଯନ୍ତ୍ରଣା ହେଲା। ତାଙ୍କୁ ଲାଗୁଥିଲା ଯେମିତି ଗଳାରେ କିଛି ଫାଟିଗଲା। ଏହି ସମୟରେ ଶ୍ୱାସକ୍ରିୟାରେ ବି ତାଙ୍କୁ ସମସ୍ୟା ସାମ୍ନା କରିବାକୁ ପଡ଼ିଲା। ସେ ତୁରନ୍ତ ଡାକ୍ତରଙ୍କ ପାଖରେ ପହଞ୍ଚିବାରୁ ସେଠାରେ ସିଟି ସ୍କାନ କରାଯିବାରୁ ଯୁବକଙ୍କ ଶ୍ୱାସନଳୀରେ ଛେଦ ହୋଇଯାଇଥିବା ଜଣାପଡ଼ିଲା। ଛିଙ୍କ ଆସିବାରୁ ଯେଉଁ ପବନ ପାଟି ଓ ନାକରୁ ବାହାରକୁ ଆସିବାର ଥିଲା, ତାହା ତାଙ୍କ ଛାତି ଓ ଫୁସ୍‌ଫୁସ୍‌ରେ ଜମା ହୋଇଯାଇଥିଲା। ଛିଙ୍କ ରୋକିବାରୁ ଶ୍ୱାସନଳୀରେ ବାୟୁର ଚାପ ୨୦ ଗୁଣ ଅଧିକ ହେଲା। ଫଳରେ ତାଙ୍କ ଗଳାରେ ଛେଦ ହୋଇଯାଇଥିଲା। ସେହିପରି ଏହି ଛେଦ ଯଦି ବଡ଼ ହୋଇଥାନ୍ତା, ତେବେ ରକ୍ତସ୍ରାବ, ସଂକ୍ରମଣ ନଚେତ ଶ୍ୱାସକ୍ରିୟା ବନ୍ଦ ହୋଇ ଜୀବନ ଯାଇଥାନ୍ତା। ଏହି ଘଟଣା ପରେ ବ୍ୟକ୍ତିଙ୍କୁ ପେନକିଲର ଦିଆଯାଇ ଅବଜରଭେସନରେ ରଖାଯାଇଥିଲା। ସୌଭାଗ୍ୟରୁ ତାଙ୍କ ଶ୍ୱାସନଳୀର ଛେଦ ଆପେ ଆପେ ଭରିଗଲା। ଏହି ଘଟଣା ପରେ ଛିଙ୍କ ନ ରୋକିବାକୁ ଡାକ୍ତର ଲୋକଙ୍କୁ ଚେତାବନୀ ଦେଇଛନ୍ତି। ଅନ୍ୟପଟେ ଛିଙ୍କକୁ ନେଇ ଏହା ଥିଲା ବିଶ୍ୱର ପ୍ରଥମ ଘଟଣା। ଯାହାକି ବିଏମ୍‌ଜେ କେସ୍ ରିପୋର୍ଟ ଜର୍ଣ୍ଣାଲରେ ପ୍ରକାଶିତ।





# ସଞ୍ଜୀବନୀ

'ସକାଳ'ର ସ୍ୱାସ୍ଥ୍ୟ

# ଶୀତଦିନେ ହୃଦ୍‌ରୋଗୀଙ୍କ ପାଇଁ ସତର୍କତା




**ଶୀତଋତୁରେ ବାୟୁମଣ୍ଡଳର ତାପମାତ୍ରା କମିଯାଏ। ଏହି ପରିବର୍ତ୍ତନ ମନୁଷ୍ୟର ଶରୀର ଉପରେ ପ୍ରଭାବ ପକାଇଥାଏ। ତାପମାତ୍ରା ସର୍ବାଧିକ ହ୍ରାସ ପାଇଲେ, ଧମନୀ ସଙ୍କୁଚିତ ହୁଏ। ଏହାଦ୍ୱାରା ରକ୍ତଚାପସ୍ତର ବଢ଼ିଯାଇଥାଏ। ରକ୍ତଚାପ ବଢ଼ିଲେ ହୃଦୟ ଉପରେ ପ୍ରଭାବ ପଡ଼ିପାରେ। ତେଣୁ ଉଚ୍ଚରକ୍ତଚାପରେ ପୀଡ଼ିତ ଓ ହୃଦ୍‌ରୋଗୀ ଥଣ୍ଡା ସମୟରେ ସତର୍କ ରହିବା ଜରୁରି।**

ଶୀତଋତୁରେ ବୟସ୍କ ବ୍ୟକ୍ତି, ମଧୁମେହ, ଉଚ୍ଚରକ୍ତଚାପ, କୋଲେଷ୍ଟ୍ରଲରେ ପୀଡ଼ିତ, ହୃଦ୍‌ଜନିତ ସମସ୍ୟାରେ ପୀଡ଼ିତ ବ୍ୟକ୍ତି ଥଣ୍ଡା ପବନରେ ବୁଲିବା ଅନୁଚିତ। ଏହା ଦ୍ୱାରା ରକ୍ତ ଜମାଟ ବାନ୍ଧିଥାଏ। ରକ୍ତସଞ୍ଚାଳନରେ ବାଧାପ୍ରାପ୍ତ ହୋଇ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ତେଣୁ ବାହାରକୁ ଯାଉଥିଲେ, ଗରମ ପୋଷାକ, ମୋଜା, ଟୋପି, ହ୍ୟାଣ୍ଡ ଗ୍ଲୋବ୍‌ସ ଆଦି ପିନ୍ଧନ୍ତୁ। ଏହାଦ୍ୱାରା ରକ୍ତଚାପ ନିୟନ୍ତ୍ରଣ ରହିପାରେ।

**କଠିନ ବ୍ୟାୟାମ ଅନୁଚିତ:** ନିୟମିତ ୨୦ରୁ ୩୦ ମିନିଟ୍ ଚାଲିବା, ବ୍ୟାୟାମ ଓ ଯୋଗ ଦ୍ୱାରା ରକ୍ତଚାପ ନିୟନ୍ତ୍ରଣ ହୁଏ। ମାଂସପେଶୀରେ ରକ୍ତସଞ୍ଚାଳନ ହୋଇଥାଏ। ଏହା ହୃଦୟ ପାଇଁ ଭଲ। ତେବେ ହୃଦ୍‌ରୋଗୀ ଥଣ୍ଡା ସମୟରେ ଅଧିକ କଠିନ ବ୍ୟାୟାମ କରିବା ଅନୁଚିତ।

**ଜୀବନଶୈଳୀରେ ପରିବର୍ତ୍ତନ :** ଶୀତଦିନେ ଶରୀରରେ ଜଳୀୟ ଅଂଶ କମ୍ ହୁଏ। ଦିନକୁ ୩ଲିଟର ପାଣି ପିଇ ହୃଦ୍‌ପିଣ୍ଡକୁ ସୁସ୍ଥ ରଖିପାରିବେ। ମାସ୍କ ଲଗାଇବା ଉଚିତ। ଧୂମପାନଠାରୁ ଦୂରେଇ ରୁହନ୍ତୁ। କମ୍ ଲୁଣଯୁକ୍ତ ସନ୍ତୁଳିତ ଖାଦ୍ୟ ଗ୍ରହଣ ସହ ଖାଦ୍ୟରେ ଓମେଗା-୩ଯୁକ୍ତ ଖାଦ୍ୟ, ଫାଇବର, ଭିଟାମିନ୍ ଡି ଆଦି ସାମିଲ କରିପାରିବେ। ମୁଣ୍ଡବିନ୍ଧା, ଛାତିରେ ଯନ୍ତ୍ରଣା ଆଦି ଲକ୍ଷଣ ଦେଖିବା ମାତ୍ରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଜରୁରି। ନିୟମିତ ଉଚ୍ଚରକ୍ତଚାପସ୍ତର, ରକ୍ତ ଶର୍କରା, କୋଲେଷ୍ଟ୍ରଲ ଆଦିକୁ ପରୀକ୍ଷା କରାଇ ଚିକିତ୍ସକଙ୍କ ପରାମର୍ଶ ଅନୁସାରେ ଔଷଧ ସେବନ କରିବା ଜରୁରି।

# ଚକ୍ଷୁ କର୍କଟ



**ଆଖି ମନୁଷ୍ୟ ଶରୀରର ସବୁଠୁ ସୂକ୍ଷ୍ମ ଅଙ୍ଗ। ହେଲେ ଜୀବନଶୈଳୀ, ବଂଶାନୁଗତ ଆଦି କାରଣରୁ ଚକ୍ଷୁଜନିତ କର୍କଟ ଦେଖାଯାଉଛି। ଆଖି ଭିତରେ କିମ୍ବା ଏହାର ଆଖପାଖରେ ଅସାମାନ୍ୟ ଭାବେ କୋଷ ବୃଦ୍ଧି ପାଇ ଏହା ଟ୍ୟୁମରର ରୂପ ନିଏ। ସଠିକ୍ ସମୟରେ ଟ୍ୟୁମରର ଚିହ୍ନଟ ହୋଇ ନ ପାରିଲେ ଏହା ଲିମ୍ଫ ନୋଡ୍‌ସ ଯାଏଁ ବ୍ୟାପିପାରେ। ତେବେ ଚକ୍ଷୁ କର୍କଟର କାରଣ, ଲକ୍ଷଣ ଓ ପ୍ରତିକାର ବିଷୟରେ ଜାଣିବା।**

ବୟସ୍କ, ସମ୍ବେଦନଶୀଳ ତ୍ୱଚା, ବଂଶାନୁଗତ, ଅତି ବାଇଗଣୀ ରଶ୍ମୀ ସମ୍ପର୍କରେ ଅଧିକ ଆସିବା ଯୋଗୁଁ ଏହି ଚକ୍ଷୁ କର୍କଟ ହୋଇଥାଏ। ଚକ୍ଷୁ କର୍କଟ ଇଣ୍ଟ୍ରାଅକୁଲାର ମେଲାନୋମା, କଞ୍ଜକ୍ଟିଭାଲ ମେଲାନୋମା, ଅରବିଟାଲ କ୍ୟାନସ୍‌ର, ରେଟିନୋବ୍ଲାଷ୍ଟମା (ପିଲାଙ୍କଠାରେ), ଇଣ୍ଟ୍ରାଅକୁଲାର ଲିମ୍ଫୋମା (ବୟସ୍କ ଏବଂ ଦୁର୍ବଳ ରୋଗପ୍ରତିରୋଧକ ଶକ୍ତି ବ୍ୟକ୍ତିଙ୍କୁ ବିପଦ) ପ୍ରକାରର ରହିଛି। କର୍କଟ ଆଖିର ଡୋଳା, ପଲକ, ଚକ୍ଷୁର ଅନ୍ୟାନ୍ୟ ଅଂଶରେ ହୋଇଥାଏ। ପ୍ରାରମ୍ଭିକ ଅବସ୍ଥାରୁ କିଛି ଲକ୍ଷଣ ଜଣାପଡ଼େ ନାହିଁ। ଚକ୍ଷୁ କର୍କଟକୁ ଆରମ୍ଭରୁ ଚିହ୍ନଟରେ ସମସ୍ୟା ହୁଏ। ଯାହାଫଳରେ ଏହା ଧୀରେ ଧୀରେ ଶରୀରର ଅନ୍ୟ ଅଙ୍ଗକୁ ବ୍ୟାପି ସମସ୍ୟା ସୃଷ୍ଟି କରେ।

**ଲକ୍ଷଣ:** ଆଖିକୁ ଝାପ୍‌ସା ଦିଶିବା, ଧୀରେ ଧୀରେ ଦୃଷ୍ଟିଶକ୍ତି ହ୍ରାସ ପାଇବା ଆଦି ଚକ୍ଷୁ କର୍କଟର ସଙ୍କେତ। ବିନା କାରଣରେ ଆଖି ଭିତରେ ପରିବର୍ତ୍ତନ, ଆଖି ବାହାରକୁ ବାହାରିବା ପରି ଦିଶିବା, କୁଣ୍ଡାଇ ହୋଇ ଜଳାପୋଡ଼ା ଏହି ରୋଗର ଲକ୍ଷଣ।

**ପ୍ରତିକାର:** ଏହି କର୍କଟ ଅଧିକ ବିପଜ୍ଜନକ। ଆଖିରେ ଅସ୍ୱାଭାବିକ ପରିବର୍ତ୍ତନ ଓ ଉପରୋକ୍ତ ଲକ୍ଷଣ ଦେଖିଲେ ଚକ୍ଷୁ ବିଶେଷଜ୍ଞଙ୍କ ପରାମର୍ଶରେ ଚକ୍ଷୁ ପରୀକ୍ଷା କରିବା ଆବଶ୍ୟକ। ଏହି କର୍କଟ ପାଇଁ ବିକିରଣ ଥେରାପି, ଲେଜର ଥେରାପି, ଇମ୍ୟୁନୋଥେରାପି, ଟାରଗେଟେଡ୍ ଥେରାପି, ଅସ୍ତ୍ରୋପଚାର ଆଦି ସୁବିଧା ରହିଛି। ସଠିକ୍ ସମୟରେ ରୋଗ ଚିହ୍ନଟ ଏବଂ ଚିକିତ୍ସା ଦ୍ୱାରା ଦୃଷ୍ଟିଶକ୍ତି ଏବଂ ଜୀବନ ଉଭୟ ବଞ୍ଚିପାରିବ।

# ଦିବ୍ୟାଙ୍ଗଙ୍କ ପାଇଁ ବରଦାନ ୱାଇଡି ୱାନ୍



ରୋଗାଗ୍ରସ୍ତ ବ୍ୟକ୍ତି, ବୟସ୍କ କିମ୍ବା ଆଘାତ ଲାଗି ଚାଲିବାକୁ ଅସମର୍ଥ ଲୋକ ହ୍ୱିଲ୍‌ଚେୟାର ବ୍ୟବହାର କରିଥାନ୍ତି। ଦିବ୍ୟାଙ୍ଗଙ୍କ ପାଇଁ ହ୍ୱିଲ୍‌ଚେୟାର ସାହାରା ସଦୃଶ ହୋଇଥାଏ। ଏହି କ୍ରମରେ ଏବେ ଆଇଆଇଟି ମାଡ୍ରାସ ସବୁଠୁ ହାଲୁକା ଓ ସକ୍ରିୟ ହ୍ୱିଲଚେୟାର ବିକଶିତ କରିଛନ୍ତି। ଏହାର ନାଁ ହେଉଛି 'ୱାଇଡି ୱାନ୍'। ଓଜନ ମାତ୍ର ୯ କିଲୋ। ଏହାକୁ ପରିଚାଳନା କରିବା ସହଜ। ଏହାକୁ କାର୍, ଅଟୋ, ସାଧାରଣ ଯାନବାହନରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସହଜରେ ନେଇ ହେବ। ବ୍ୟବହାରକାରୀଙ୍କ ଶରୀର, ଅଙ୍ଗଭଙ୍ଗୀ ଏବଂ ଗତିଶୀଳତାର ଆବଶ୍ୟକ ଅନୁଯାୟୀ ଏହାକୁ କଷ୍ଟମାଇଜ୍ କରାଯାଇଛି। ଏହା ୧୨୦ କେଜି ଭାର ଉଠାଇ ପାରିବ। ଏହା ମୋନୋ ଟ୍ୟୁବ୍ ରିଜିଡ ଡିଜାଇନ୍ ଫ୍ରେମ୍ ହ୍ୱିଲଚେୟାର। ଏୟରୋସ୍ପେସ-ଗ୍ରେଡ ସାମଗ୍ରୀରୁ ବନାଯାଇଛି। ଏହି ହ୍ୱିଲଚେୟାରଟି ସ୍ୱତନ୍ତ୍ରତା, ଆତ୍ମ-ସମ୍ମାନ ଏବଂ ସାମାଜିକ ଭାଗୀଦାରିର ପ୍ରତୀକ ହୋଇଥାଏ। ଆଇଆଇଟି ମାଡ୍ରାସର ନିର୍ଦ୍ଦେଶକ ପ୍ରଫେସର ବି କମକୋଟି ଏହି ନୂତନ ଚେୟାରଟି ଦୁର୍ବଳ, ଅସୁସ୍ଥ, ଦିବ୍ୟାଙ୍ଗଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ ବୋଲି ମତ ରଖିଛନ୍ତି। ଏହି ହ୍ୱିଲ୍‌ଚେୟାରକୁ ତାଙ୍କର ଟିମ୍ ଏବଂ ଆଇଆଇଟି ମାଡ୍ରାସ- ଇନ୍‌କ୍ୟୁବେଟେଡ୍ ଷ୍ଟାର୍ଟଅପ୍ ଥ୍ରଭ୍ ମୋବିଲିଟି ସହଯୋଗରେ ପ୍ରସ୍ତୁତ କରାଯାଇଛି।

# ସ୍ୱାସ୍ଥ୍ୟକୁ ପ୍ରଭାବିତ କରିପାରେ ଅଦା



**ଅଦା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ଏଥିରେ ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ୍-ସି, ବି୬ ଆଦି ରହିଛି। ଅଦାରେ ଥିବା ଔଷଧୀୟ ଗୁଣ ଥଣ୍ଡା, କାଶ, ପେଟଜନିତ ସମସ୍ୟା ଦୂର କରେ। ଓଜନ ହ୍ରାସ, ରକ୍ତଚାପ ନିୟନ୍ତ୍ରଣ, ମୁଣ୍ଡବିନ୍ଧା ପାଇଁ ମଧ୍ୟ ଅଦା ହିତକର। ହେଲେ ଅଦାକୁ ସଠିକ୍ ମାତ୍ରାରେ ବ୍ୟବହାର କରା ନ ଗଲେ, ସ୍ୱାସ୍ଥ୍ୟ ପ୍ରଭାବିତ ହୋଇପାରେ।**

**ଅଦାକୁ ଅଧିକ ଫୁଟାନ୍ତୁନି:** ଅଦା ଖଣ୍ଡକୁ ଉଷୁମ ପାଣିରେ ଫୁଟାଇ ପିଇଲେ ଚର୍ବି ହ୍ରାସ ହୁଏ। ହେଲେ ଅଦାକୁ ଅଧିକ ସମୟ ଫୁଟାଇବା ଅନୁଚିତ। ଏହାଦ୍ୱାରା ଅଦାର ପୋଷକତତ୍ତ୍ୱ ହ୍ରାସ ପାଏ। ଏହା ପାଚନତନ୍ତ୍ର ଉପରେ କୁପ୍ରଭାବ ପକାଏ। ଛାତି ଜଳାପୋଡ଼ା, ପେଟ ଗ୍ୟାସ୍ ହେବା ସହ ପେଟ ଯନ୍ତ୍ରଣା ମଧ୍ୟ ହୋଇପାରେ।

**ସଠିକ୍ ମାତ୍ରା ବ୍ୟବହାର:** କାଶ, ଥଣ୍ଡା ଆଦି ପାଇଁ ଦିନକୁ ମାତ୍ର ୨ ଗ୍ରାମ୍ ଅଦା ସେବନ ଜରୁରି। ଅଧିକ ମାତ୍ରାର ଅଦା ଖାଇଲେ ରକ୍ତ ପତଳା ହୋଇପାରେ। ରକ୍ତଚାପ, ଗ୍ଲୁକୋଜ୍ କମିଯାଇ ପାରେ। ତେଣୁ ଚିକିତ୍ସକଙ୍କ ପରାମର୍ଶରେ ଅଦା ସେବନ କରିବା ନିହାତି ଜରୁରି।

ଅଦାକୁ ଦୁଗ୍ଧ, ଦହି କିମ୍ବା ଦୁଗ୍ଧଜାତୀୟ ଉତ୍ପାଦ ସହିତ ମିଶାଇ ଖାଇବା ଅନୁଚିତ। ଅଦାକୁ ଖାଇବା ପରେ କିମ୍ବା ଖାଇବା ସହିତ ଅଳ୍ପ ଲୁଣ ମିଶାଇ ଚୋବାଇ ଖାଇଲେ ହଜମଶକ୍ତି ସକ୍ରିୟ ରୁହେ। ଅଦାର ପୋଷକତତ୍ତ୍ୱ ଶରୀରକୁ ଭଲ କାମ ଦିଏ।

### ସୁଲତାନ ଆଜଲାନ ଶାହ କପ୍ ହକି

## ଭାରତର ତୃତୀୟ ବିଜୟ

ଇପୋ,୨୭।୧୧(ଏଜେନ୍ସି): ନ୍ୟୁଜିଲାଣ୍ଡକୁ ୩-୨ ଗୋଲରେ ପରାସ୍ତ କରି ଭାରତ ଏଠାରେ ଚାଲିଥିବା ସୁଲତାନ ଆଜଲାନ ଶାହ କପ୍ ହକି ପ୍ରତିଯୋଗିତାରେ ତୃତୀୟ ବିଜୟ ହାସଲ କରିଛି। ଏହି ବିଜୟ ଫଳରେ ଭାରତ ୪ର୍ଥ ମ୍ୟାଚ୍‌ରୁ ତୃତୀୟ ବିଜୟ ସହ ୯ ପଏଣ୍ଟ ସଂଗ୍ରହ କରି ପ୍ରଥମ ବେଲଜିୟମ ପଛକୁ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। କାନାଡା ସହ ଦଳ ଶେଷ ଲିଗ୍ ମ୍ୟାଚ୍ ଖେଳିବ। ଆସନ୍ତାକାଲିର ସମସ୍ତ ୩ଟି ଯାକ ଲିଗ୍ ମ୍ୟାଚ୍ ଶେଷ ହେବା ପରେ କେଉଁ ଦୁଇ ଦଳ ଫାଇନାଲକୁ ଉନ୍ନୀତ ହେବେ ତାହା ଜଣାପଡ଼ିବ। କିନ୍ତୁ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ବିଜୟୀ ହେବା ପରେ ଫାଇନାଲ ଖେଳିବା ରାସ୍ତା ଏକପ୍ରକାର ପରିଷ୍କାର ହୋଇଯାଇଛି। ଭାରତ ପକ୍ଷରୁ ଅମିତ ରୋହିଦାସ, ଅଧିନାୟକ ସଞ୍ଜୟ ଓ ସେଲଭାମ କାର୍ତ୍ତି ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ନ୍ୟୁଜିଲାଣ୍ଡର ଜର୍ଜ ବାକର ୨ଟି ଯାକ ଗୋଲ ଶୁଝାଇଥିଲେ। ଆଜିର ଅନ୍ୟ ମ୍ୟାଚ୍‌ରେ କାନାଡା ୩-୨ ଗୋଲରେ ଦକ୍ଷିଣ କୋରିଆକୁ ଓ ବେଲଜିୟମ ୯-୧ ଗୋଲରେ ମାଲେସିଆକୁ ପରାସ୍ତ କରିଛି। ବେଲଜିୟମ, ଭାରତ, ମାଲେସିଆ ଓ କାନାଡା ପ୍ରଥମ ୪ଟି ସ୍ଥାନରେ ରହିଛନ୍ତି।

## କେଆଇୟୁଜିରେ ଓଡ଼ିଶାକୁ ୪ ପଦକ

ଭୁବନେଶ୍ୱର, ୨୭।୧୧ (ସମିସ): ରାଜସ୍ଥାନରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା(କେଆଇୟୁଜି)ର ୪ର୍ଥ ଦିବସରେ ଗୁରୁବାର ଓଡ଼ିଶା ମୋଟ୍ ୪ଟି ପଦକ ମିଳିଛି। ଯେଉଁଥିରେ ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ରୀ ପ୍ରତ୍ୟାଶା ରାୟ ମହିଳା ସନ୍ତରଣ ୨୦୦ ମିଟର ଫ୍ରିଷ୍ଟାଇଲରେ ରୌପ୍ୟ ବିଜୟୀ ହୋଇଛନ୍ତି। ପ୍ରତିଯୋଗିତାରେ ପ୍ରତ୍ୟାଶାଙ୍କ ଏହା ୪ର୍ଥ ପଦକ। ଅପରପକ୍ଷରେ କିଟ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ାବିତ୍ ଗୁରୁବାର ସନ୍ତରଣରେ ୩ଟି କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଦିବ୍ୟାଙ୍କା ଦିବ୍ୟଜ୍ୟୋତି ପ୍ରଧାନ ମହିଳା ୨୦୦ ମିଟର ବଟରଫ୍ଲାଏରେ, ନୀଳବଜା ଘୋଷ ୧୦୦ ମିଟର ବଟରଫ୍ଲାଏରେ ଏବଂ ୪ ଗୁଣା ୧୦୦ ମିଟର ମିଡଲେ ରିଲେରେ କିଟ୍ ଦଳ ଏହି ପଦକ ଜିତିଥିଲେ।

### ମହିଳା ପ୍ରିମିୟର ଲିଗ୍ ମେଗା ନିଲାମ

# ୩.୨ କୋଟିରେ ଦୀପ୍ତି ସବୁଠୁ ଦାମୀ

ନୂଆଦିଲ୍ଲୀ,୨୭।୧୧(ଏଜେନ୍ସି):

ବିସିସିଆଇ ପକ୍ଷରୁ ମହିଳା ପ୍ରିମିୟର ଲିଗ୍‌ର ପ୍ରଥମ ମେଗା ନିଲାମ ଆଜି ଏଠାରେ ଆରମ୍ଭ ହୋଇଛି। ଦୁଇଦିନ ଧରି ହେବାକୁ ଥିବା ଏହି ଅକ୍ସନର ପ୍ରଥମ ଦିନରେ ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ଭାରତର ତାରକା ଅଲରାଉଣ୍ଡର ଦୀପ୍ତି ଶର୍ମା ସବୁଠୁ ଦାମି ଖେଳାଳି ବିବେଚିତ ହୋଇଛନ୍ତି। ୟୁପି ୱାରିୟର୍ଜ ତାଙ୍କୁ ୩.୨ କୋଟି ଟଙ୍କାରେ କିଣିଛି। ଦୀପ୍ତିଙ୍କ ବ୍ୟତୀତ ନ୍ୟୁଜିଲାଣ୍ଡର ଆମେଲିଆ କେରଙ୍କୁ ୩ କୋଟି ଟଙ୍କାରେ କିଣିଛି ମୁମ୍ବଇ ଇଣ୍ଡିଆନ୍ସ। ନ୍ୟୁଜିଲାଣ୍ଡର ଅନ୍ୟତମ ଖେଳାଳି ସୋଫି ଡିଭାଇନ୍‌ଙ୍କୁ ଗୁଜରାଟ ଜାଏଣ୍ଟସ ୨ କୋଟି ଓ ଅଷ୍ଟ୍ରେଲିଆର ମେଗ୍ ଲାନିଙ୍ଗ୍‌ଙ୍କୁ ୟୁପି ୱାରିୟର୍ଜ ୧.୯ କୋଟି ଟଙ୍କାରେ କିଣିଛି। ଏହି ୪ ଖେଳାଳିଙ୍କ ବେସ୍ ପ୍ରାଇସ୍ ୫୦ ଲକ୍ଷ ଟଙ୍କା ରହିଥିଲା। ଫ୍ରାଞ୍ଚାଇଜ୍‌ଗୁଡିକ ଯେଉଁ ଖେଳାଳିଙ୍କୁ ରିଟେନ କରିଛି, ସେମାନଙ୍କ ଦାମ୍ ପ୍ରକାଶ ପାଇନାହିଁ। ହରମନପ୍ରୀତ୍ କୌର ଓ ସ୍ମୃତି ମନ୍ଧାନାଙ୍କ ପରି ଖେଳାଳି କୋଟିପତି ତାଲିକାରେ ରହିଛନ୍ତି।



ଦିଲ୍ଲୀ କ୍ୟାପିଟାଲ୍ସ ୧.୩ କୋଟି ଲେଖାଏଁ ଟଙ୍କାରେ ଦକ୍ଷିଣ ଆଫ୍ରିକାର ଚିନେଲେ ହେନରୀ ଓ ଭାରତର ସ୍ପିନର ଶ୍ରୀଚରଣିଙ୍କୁ ଦଳରେ ସାମିଲ କରିଛି। ଅଷ୍ଟ୍ରେଲିଆର ଫୋଏବି ଲିଚ୍‌ଫିଲ୍ଡଙ୍କୁ ୧.୨ କୋଟି ଓ ଆଶା ଶୋଭନାଙ୍କୁ ୧.୧ କୋଟି ଟଙ୍କାରେ ୟୁପି ୱାରିୟର୍ଜ, ଦକ୍ଷିଣ ଆଫ୍ରିକାର ଲୌରା ୱଲଭାର୍ଟଙ୍କ ୧.୧ କୋଟି ଟଙ୍କାରେ ଦିଲ୍ଲୀ କ୍ୟାପିଟାଲ୍ସ, ଇଂଲଣ୍ଡର ଫାଷ୍ଟ ବୋଲର ଲୌରେନ ବେଲ୍‌ଙ୍କୁ ୯୦ ଲକ୍ଷ ଟଙ୍କାରେ ଆର୍‌ସିବି କିଣିଛି। କିନ୍ତୁ ପ୍ରଥମ ଦିନରେ ଅଷ୍ଟ୍ରେଲିଆ ଅଧିନାୟିକା ଆଲିସା ହିଲୀଙ୍କୁ କେହି କିଣି ନାହାନ୍ତି। ସୋଫି ଇକ୍ଲେଷ୍ଟନଙ୍କୁ ୮୫ ଲକ୍ଷ ଟଙ୍କାରେ ୟୁପି, ଭାରତୀ ଫୁଲମାଳିଙ୍କୁ ୭୦ ଲକ୍ଷ ଟଙ୍କାରେ ଗୁଜରାଟ, ଦ. ଆଫ୍ରିକାର ନାଦିନ ଡି କ୍ଲର୍କ ଓ ଭାରତର ରାଧା ଯାଦବଙ୍କୁ ୬୫ ଲକ୍ଷ ଲେଖାଏଁ ଟଙ୍କାରେ ଆର୍‌ସିବି, ରେଣୁକା ସିଂ ଠାକୁରଙ୍କୁ ଗୁଜରାଟ, ଜର୍ଜିଆ ଭୋଲଙ୍କୁ ଆର୍‌ସିବି, କିରଣ ନାଗଭିରେଙ୍କୁ ୟୁପି, ଦକ୍ଷିଣ ଆଫ୍ରିକାର ସବ୍‌ନିମ ଇସ୍‌ମାଏଲଙ୍କୁ ମୁମ୍ବଇ ୬୦ ଲକ୍ଷ ଲେଖାଏଁ ଟଙ୍କା ଦେଇ ଦଳରେ ସାମିଲ କରିଛି। ୫୦ ଲକ୍ଷ ଲେଖାଏଁ ଟଙ୍କାରେ ୩ଜଣ ଖେଳାଳି ଯଥା ସ୍ନେହ ରାଣାଙ୍କୁ ଦିଲ୍ଲୀ, ହର୍ଲିନ ଦେଓଲ ଓ କ୍ରାନ୍ତି ଗୌଡ଼ଙ୍କୁ ୟୁପି ଟିମ୍‌ରେ ସାମିଲ କରିଛି।

ମହିଳା ପ୍ରିମିୟର ଲିଗ୍‌ର ଚତୁର୍ଥ ସଂସ୍କରଣ ନଭି ମୁମ୍ବଇ ଓ ଭଦୋଦରାରେ ଆସନ୍ତାବର୍ଷ ଜାନୁଆରୀ ୯ରୁ ଆରମ୍ଭ ହୋଇ ଫେବୃଆରୀ ୭ରେ ଶେଷ ହେବ। ନଭି ମୁମ୍ବଇରେ ଉଦ୍‌ଘାଟନୀ ସହ ପ୍ରଥମ ପର୍ଯ୍ୟାୟ ଓ ଭଦୋଦରାରେ ଦ୍ୱିତୀୟ ପର୍ଯ୍ୟାୟ ସହ ଫାଇନାଲ ମୁକାବିଲା ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

## ୨୦୨୭ ବିଶ୍ୱକପ୍ ପର୍ଯ୍ୟନ୍ତ ଗମ୍ଭୀର କୋଚ୍

ମୁମ୍ବଇ, ୨୭।୧୧ (ଏଜେନ୍ସି): ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜକୁ ଲଜ୍ଜାଜନକ ଭାବେ ୨-୦ ହାରିବା ପରେ ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ନିଶାଣକୁ ଆସିଯାଇଛନ୍ତି। ଗମ୍ଭୀରଙ୍କୁ ତୁରନ୍ତ କୋଚ୍ ପଦରୁ ହଟାଯାଉ ବୋଲି ସାମାଜିକ ଗଣମାଧ୍ୟମରେ ଦାବି ହୋଇଛି। ତେବେ ବିସିସିଆଇ ବର୍ତ୍ତମାନ ଗମ୍ଭୀରଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେବନି ବୋଲି ଜଣାପଡ଼ିଛି। ଆଗାମୀ ଦୁଇ ବର୍ଷ ମଧ୍ୟରେ ଦୁଇ ଦୁଇଟି ବିଶ୍ୱକପ୍ ମୁଣ୍ଡ ଉପରେ ରହିଛି। ତେଣୁ ଚୁକ୍ତି ଅନୁସାରେ ୨୦୨୭ ପର୍ଯ୍ୟନ୍ତ ଗମ୍ଭୀର ତାଙ୍କ ପଦ ବଜାୟ ରଖିବେ ବୋଲି ଜଣାପଡ଼ିଛି। ଏକ ଜାତୀୟ ଗଣମାଧ୍ୟମକୁ ନାମ ଗୋପନ ରଖିବା ସର୍ତ୍ତରେ ବିସିସିଆଇର ଜନୈକ ଅଧିକାରୀ କହିଛନ୍ତି, 'ଦଳ ବର୍ତ୍ତମାନ ଏକ ପରିବର୍ତ୍ତନ ପର୍ଯ୍ୟାୟରେ ରହିଛି। ତେଣୁ ବିସିସିଆଇ କୌଣସି ନିଷ୍ପତ୍ତି ତରତର ଭାବେ ନେବନାହିଁ। ମୁଖ୍ୟ ପ୍ରଶିକ୍ଷକ ଗମ୍ଭୀରଙ୍କ ଭବିଷ୍ୟତ ସମ୍ପର୍କ କୌଣସି ନିଷ୍ପତ୍ତି ନେବୁନାହିଁ। କାରଣ ବିଶ୍ୱକପ୍ ପାଖେଇ ଆସୁଛି ଏବଂ ତାଙ୍କ ଚୁକ୍ତି ୨୦୨୭ ବିଶ୍ୱକପ୍ ପର୍ଯ୍ୟନ୍ତ ରହିଛି। ବିସିସିଆଇ ଚୟନକର୍ତ୍ତା ଓ ଟିମ୍ ମ୍ୟାନେଜମେଣ୍ଟ ସହ ଆଲୋଚନା କରିବ, କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯିବନି।' ଏହି ବୟାନରୁ ଗମ୍ଭୀରଙ୍କ ପଦ ବର୍ତ୍ତମାନ ସୁରକ୍ଷିତ ରହିଥିବା ସ୍ପଷ୍ଟ ହୋଇଛି।

## ଧୋନିଙ୍କ ଘରେ ଡିନର୍ କଲେ କୋହଲି

ରାଞ୍ଚି, ୨୭।୧୧ (ଏଜେନ୍ସି): ଟେଷ୍ଟ ସିରିଜକୁ ହାରିବା ପରେ ଏବେ ଘରୋଇ ଭାରତୀୟ ଦଳ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୩ ମ୍ୟାଚବିଶିଷ୍ଟ ଦିନିକିଆ ସିରିଜ ଖେଳିବ। ନଭେମ୍ବର ୩୦ରୁ ରାଞ୍ଚିରେ ସିରିଜର ପ୍ରଥମ ମ୍ୟାଚ୍ ଖେଳାଯିବ। ଏଥିଲାଗି ଭାରତୀୟ କ୍ରିକେଟ୍ ଦଳର ଦୁଇ ତାରକା ଖେଳାଳି ବିରାଟ କୋହଲି ଓ ରୋହିତ୍ ଶର୍ମା ଦୁଇ ଦିନ ହେବ ରାଞ୍ଚିରେ ପହଞ୍ଚି ସାରିଛନ୍ତି। ଏପରିକି ଗୁରୁବାର ଉଭୟ କୋହଲି ଓ ରୋହିତ ରାଞ୍ଚିର ଜେଏସ୍‌ସିଏ ଷ୍ଟାଡିୟମରେ ଜୋରଦାର ଅଭ୍ୟାସ କରିଛନ୍ତି। ଯେହେତୁ ମହେନ୍ଦ୍ର ସିଂ ଧୋନିଙ୍କ ଘରୋଇ ସହର ରାଞ୍ଚି ତେଣୁ କୋହଲି ଏହି ଅବସରରେ ନିଜ ପୂର୍ବତନ ଅଧିନାୟକଙ୍କ ଘରକୁ ଯିବାକୁ ଭୁଲି ନ ଥିଲେ। ଗୁରୁବାର ରାତିରେ ଧୋନିଙ୍କ ଘରେ ଡିନର୍ କରିଥିଲେ କୋହଲି। କଡ଼ା ସୁରକ୍ଷାବଳୟ ମଧ୍ୟରେ କୋହଲି ହୋଟେଲରୁ ଏକ କାର ଯୋଗେ ଧୋନିଙ୍କ ଘରକୁ ଯାଇଥିଲେ। କୋହଲିଙ୍କ ଝଲକ ଟିକେ ପାଇବାକୁ ରାସ୍ତାରେ କ୍ରିକେଟ୍‌ପ୍ରେମୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା।

### ଉତ୍ତରପୂର୍ବ-ଅସ୍ମିତା ଭାରୋତ୍ତୋଳନ

## ୧ ସ୍ୱର୍ଣ୍ଣ ସହ ଓଡ଼ିଶାକୁ ୫ ପଦକ

ଭୁବନେଶ୍ୱର, ୨୭।୧୧ (ସମିସ): କୋଲକାତାରେ ଆଜି ଆରମ୍ଭ ହୋଇଛି ଉତ୍ତର-ପୂର୍ବାଞ୍ଚଳ ଅସ୍ମିତା ଭାରୋତ୍ତୋଳନ ଚାମ୍ପିଅନସିପ୍। ପ୍ରତିଯୋଗିତାର ପ୍ରଥମ ଦିନରେ ବନିତା ନାଏକ ୩ଟି ପଦକ ଜିତିଛନ୍ତି। ସେ ୪୮ କିଲୋଗ୍ରାମ୍ ଶ୍ରେଣୀରେ ଭାଗନେଇ ଯୁବବର୍ଗରେ ସ୍ୱର୍ଣ୍ଣ, କନିଷ୍ଠ ବର୍ଗରେ ରୌପ୍ୟ ଓ ବରିଷ୍ଠ ବର୍ଗରେ କାଂସ୍ୟ ପଦକ ହାସଲ କରିଛନ୍ତି। ମିନା ସିଂ ଉଭୟ କନିଷ୍ଠ ଓ ବରିଷ୍ଠ ବିଭାଗ ୫୩ କେଜିରେ ୨ଟି କାଂସ୍ୟ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ୧୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି। ଉଭୟ ବନିତା ଓ ମିନା କଳିଙ୍ଗ ଷ୍ଟାଡିୟମ୍ ଭାରୋତ୍ତୋଳନ ହାଇ ପରଫର୍ମାନ୍ସ ସେଣ୍ଟରରେ ପ୍ରଶିକ୍ଷଣ ନେଉଛନ୍ତି। ଏହି ସଫଳତା ଲାଗି ଉଭୟଙ୍କୁ ଓଡ଼ିଶା ଭାରୋତ୍ତୋଳନ ସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ ଓ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।


ବନିତା ନାଏକ


ମିନା ସିଂ

## ଦିବ୍ୟାଙ୍ଗ ହ୍ୱିଲ୍‌ଚେୟାର କ୍ରିକେଟ: ଓଡ଼ିଶା ଚାମ୍ପିଅନ

ଭୁବନେଶ୍ୱର, ୨୭।୧୧ (ସମିସ): ଗୁଜରାଟରେ ଖେଳାଯାଇଥିବା ପ୍ରଥମ ଦିବ୍ୟାଙ୍ଗ ହ୍ୱିଲଚେୟାର ଟି-୧୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ। ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଆୟୋଜକ ଗୁଜରାଟକୁ ହରାଇ ଓଡ଼ିଶା ଦଳ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଖରାପ ହ୍ୱିଲଚେୟାର ସତ୍ତ୍ୱେ ଏହି ବିଭାଗରେ ବିତ୍ତ ଓ ଶକ୍ତିଶାଳୀ ଗୁଜରାଟକୁ ହରାଇ ଓଡ଼ିଶା ଚାମ୍ପିଅନ ହେବା ନିଶ୍ଚିତଭାବେ ଏକ ଉଲ୍ଲେଖନୀୟ ପ୍ରଦର୍ଶନ ବୋଲି କନ୍ଧମାଳର ମାଧବ ବଡ଼ସେଠ କହିଛନ୍ତି। କଳାହାଣ୍ଡିର ସରୋଜକାନ୍ତ କୁମାର ଉପଅଧିନାୟକ ରହିଥିଲେ। ସୁରେଶ କୁମାର ନାଗଙ୍କ ତତ୍ତ୍ୱବଧାନରେ ଏହି ଦଳ ଗୁଜରାଟ ଯାଇଥିଲା।



## ଆଇକନିକ୍ ଇଣ୍ଟରନ୍ୟାସନାଲ ଓପନ୍ ଗେଟ୍‌ବଲ୍ ୩୦ରୁ



ଭୁବନେଶ୍ୱର, ୨୭।୧୧ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚଳିତ ମାସ ୩୦ ତାରିଖରୁ ଆଇକନିକ ଇଣ୍ଡିଆ ଇଣ୍ଟରନ୍ୟାସନାଲ ଓପନ୍ ଗେଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଆଇକନିକ ସ୍ପୋର୍ଟ୍ସ ଫାଉଣ୍ଡେସନ (ଆଇଏସ୍‌ଏଫ୍) ଓ ଭାରତୀୟ ଗେଟ୍‌ବଲ ୟୁନିୟନ (ଆଇଜିୟୁ)ର ମିଳିତ ସହଯୋଗରେ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୪୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିବେ। ଯେଉଁଥିରେ ଜାପାନ, ଥାଇଲାଣ୍ଡ, ଇଣ୍ଡୋନେସିଆ ଓ ତାଇୱାନର ୩୦ଜଣ ଖେଳାଳି ରହିଛନ୍ତି। ସେହିଭଳି ଆୟୋଜକ ଓଡ଼ିଶା ସମେତ ୧୮ ଟି ରାଜ୍ୟର ଖେଳାଳି ମଧ୍ୟ ଏହି ଦୁଇଦିନିଆ ପ୍ରତିଯୋଗିତାରେ ଭାଗନେବେ ବୋଲି ଆଇଜିୟୁ ତଥା ଆୟୋଜକ କମିଟିର ଦ୍ୱୀପାୟନ ପଟ୍ଟନାୟକ ଗୁରୁବାର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ଅବସରରେ ଟ୍ରଫି ଓ ଜର୍ସି ଉନ୍ମୋଚନ କରାଯାଇଥିଲା। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆଇଏସ୍‌ଏଫ୍‌ର ଡିରେକ୍ଟର ସଞ୍ଜୟ ଚୌଧୁରୀ, ଚିଦାତମିକା ଖଟୁଆ, ଶେଖ ଅବଦୁଲ ସମିସ, ଆୟୋଜକ କମିଟିର ଅଧ୍ୟକ୍ଷ ତାରିଣୀ ପ୍ରସାଦ ମହାନ୍ତି, ଆଇଜିୟୁ ସଭାପତି ଉମାକାନ୍ତ ପାଣି ପ୍ରମୁଖ ଉପସ୍ଥିତ ରହିଥିଲେ।

## ଶୁଭଶ୍ରୀଙ୍କୁ ଡବଲ ସ୍ୱର୍ଣ୍ଣ

ଭୁବନେଶ୍ୱର,୨୭।୧୧(ସମିସ): ଅଡଶପୁରଠାରେ ଆଜି ଶେଷ ହୋଇଥିବା ଉତ୍କଳ ବିଶ୍ୱବିଦ୍ୟାଳୟ ଆନ୍ତଃବିଶ୍ୱବିଦ୍ୟାଳୟ ଆଥଲେଟିକ ମିଟ୍‌ରେ ଏକାମ୍ର କଲେଜ୍‌ରେ ଶୁଭଶ୍ରୀ ପରିଡ଼ା ଡବଲ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ସେ ମହିଳା ୧୦୦ ଓ ୪୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ, ୨୦୦ ମିଟର ଦୌଡ଼ରେ ରୌପ୍ୟ ପଦକ ଜିତିଛନ୍ତି। ସେହିପରି କୃଷ୍ଣପ୍ରିୟା ବରିସାଲ ୧୦୦ ଓ ୨୦୦ ମିଟର ଦୌଡ଼ରେ କାଂସ୍ୟ ପଦକ ହାସଲ କରିଛନ୍ତି। ଖେଳ ଶିକ୍ଷକ ମନୋଜ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଉଭୟ ପ୍ରତିଯୋଗୀ ସଫଳ ହୋଇଛନ୍ତି।



## 'ସଟଲ୍'ରେ ୧ରୁ ଜାତୀୟ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ

ଭୁବନେଶ୍ୱର,୨୭।୧୧(ସମିସ):

ଆଇକନିକ୍ କଳିଙ୍ଗ ଷ୍ଟାଡିୟମ୍ 'ସଟଲ'ରେ ଡିସେମ୍ବର ୧ରୁ ୬ ତାରିଖ ଯାଏ ୧୫ ଓ ୧୭ ବର୍ଷରୁ କମ୍ ଜାତୀୟ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଆୟୋଜିତ ହେବ। କ୍ରମାଗତ ୨ ବର୍ଷରେ କଳିଙ୍ଗ ୨ଟି ଜାତୀୟ ଚାମ୍ପିଅନସିପ୍ ଆୟୋଜନ କରିବାର ଅଧିକାର ପାଇଛି। ଏଥର ସବ୍‌ଜୁନିଅର ଚାମ୍ପିଅନସିପ୍‌ରେ ୩୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ରେକର୍ଡ ସଂଖ୍ୟକ ପ୍ରତିଯୋଗୀ ଅଂଶଗ୍ରହଣ କରିବାର ସୂଚନା ମିଳିଛି। ଏହା ମଧ୍ୟରୁ ବାଳିକା ବିଭାଗରେ ୨୫୬ ଓ ବାଳକ ବିଭାଗରେ ୩୨୪ ଜଣ ପ୍ରତିଯୋଗୀ ଭାଗ ନେବାର ସମ୍ଭାବନା ରହିଛି।

### ନଜରରେ ତନ୍‌ଭୀ ପତ୍ରୀ

ଓଡ଼ିଶାର ଜୁନିଅର ସୁପରଷ୍ଟାର ତନ୍‌ଭୀ ପତ୍ରୀଙ୍କୁ ଏହି ଟୁର୍ଣ୍ଣାମେଣ୍ଟର ବାଳିକା ବିଭାଗରେ ଫେବରାଇଟ୍ ବିବେଚନା କରାଯାଇଛି। ଉଭୟ ର୍‍ୟାଙ୍କିଙ୍ଗ୍ ଓ ଫର୍ମକୁ ଦେଖିଲେ ବାଲେଶ୍ୱରର ଏହି ଖେଳାଳି ଜଣଙ୍କ ଉଭୟ ୧୫ ଓ ୧୭ ବର୍ଷରୁ କମ୍ ବିଭାଗରେ ଏକକ ଟାଇଟଲ ଜିତିବାର ଦୃଢ଼ ଦାବିଦାର ରହିଛନ୍ତି। ଗତ ୬ ମାସରେ ସେ ୬ଟି ଟୁର୍ଣ୍ଣାମେଣ୍ଟରେ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ୩୫ତମ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ସେ ଉଭୟ ୧୩ ଓ ୧୫ ବର୍ଷରୁ କମ୍ ବିଭାଗରେ ଏକକ ଟାଇଟଲ ଜିତିଥିଲେ। ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବା ପୂର୍ବରୁ କ୍ରୀଡ଼ାମନ୍ତ୍ରୀ ତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ମନୋବଳ ବଢ଼ାଇବାକୁ ଉତ୍ସାହ ଦେଇଛନ୍ତି। ଆନ୍ଧ୍ରପ୍ରଦେଶର ପି. ରାମକ୍ରିଷ୍ଣା ଚିଫ୍ ରେଫରୀ ଭାବେ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିବେ।



## ଓଡ଼ିଶା ମାଷ୍ଟର୍ସରେ ୨୨ ଦେଶ

ଡିସେମ୍ବର ୯ରୁ ୧୪ ତାରିଖଯାଏ କଟକର ଇଣ୍ଡୋର ଷ୍ଟାଡିୟମ୍‌ରେ ଖେଳାଯିବ ଓଡ଼ିଶା ମାଷ୍ଟର୍ସ ବିଡବ୍ଲ୍ୟୁଏଫ୍ ଟୁର ସୁପର ୧୦୦ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ। ବିଶ୍ୱ ଓ ଭାରତୀୟ ବ୍ୟାଡମିଣ୍ଟନ ସଂଘ ଦ୍ୱାରା ଅନୁମୋଦିତ ଏହି ଟୁର୍ଣ୍ଣାମେଣ୍ଟର ଚତୁର୍ଥ ସଂସ୍କରଣରେ ଏଥର ୨୨ଟି ଦେଶ ଅଂଶଗ୍ରହଣ କରିବେ। ବିଶ୍ୱ ବ୍ୟାଡ୍‌ମିଣ୍ଟନରେ ପ୍ରାଧାନ୍ୟ ବିସ୍ତାର କରିଥିବା ଏସୀୟ ଖେଳାଳିମାନେ ଏଥିରେ ଅଂଶଗ୍ରହଣ କରିବେ ବୋଲି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଆୟୋଜକ ଓଡ଼ିଶା ବ୍ୟାଡମିଣ୍ଟନ ସଂଘ ସଭାପତି ରାଜେଶ ପ୍ରଭାକର ପାଟିଲ ଏକ ସମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ଓଡ଼ିଶାକୁ ଅନ୍ତର୍ଜାତୀୟ ସ୍ତରରେ ପରିଚିତ କରାଇଥିବାରୁ ରାଜ୍ୟ ସଂଘ ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ନିର୍ଦ୍ଦେଶାଳୟ ଏହାକୁ ସମ୍ମାନର ସହ ଆୟୋଜନ କରିବାକୁ ସମସ୍ତ ପ୍ରକାର ଯୋଜନା କରିଛନ୍ତି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS